# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ (୧୬ ପୃଷ୍ଠା) Sambalpur, Monday, September 24/ 2018 ★★

୧୪ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଶିଳ୍ପାଙ୍କୁ ଜାତିଗତ ଆକ୍ଷେପ ଅଭିଯୋଗ**

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ରବିବାର ସିଡ୍‌ନୀ ବିମାନବନ୍ଦରରେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ପ୍ରତି ଜାତିଗତ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

୦୪

୧୫

**ଜୋଶୁଆଙ୍କୁ ବିଶ୍ୱ ହେଭିଓ୍ୱେଟ୍ ବକ୍ସିଂ ଟାଇଟଲ**

ରୁଷିଆର ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କୁ ପରାସ୍ତ କରି ବ୍ରିଟେନର ଅନ୍ଥୋନୀ ଜୋଶୁଆ ବିଶ୍ୱ ହେଭିଓ୍ୱେଟ୍ ବକ୍ସିଂ ଟାଇଟଲ ବଜାୟ ରଖିଛନ୍ତି।






@Naveen_Odisha CMO.Odisha @CMO_Odisha

## କେବଳ ଓଡ଼ିଶା ଦେଉଛି ପକ୍କାଘର ପାଇଁ ପୁରସ୍କାର

- ମୟୂରଭଂଜ ଜିଲ୍ଲାର ବାରିପଦା ସଦର ବ୍ଲକର ବୁଧୁନି ମାରାଣ୍ଡି ବିଜୁ ପକ୍କାଘର ଯୋଜନାରେ ପାଇଲେ ଖଣ୍ଡେ ଘର। ତାକୁ ୪ ମାସରେ ସାରି ପାଇଲେ **୨୦ ହଜାର** ଟଙ୍କାର ପୁରସ୍କାର। ବୁଧୁନି ଏବେ ଭାରି ଖୁସି। ପକ୍କାଘର ପାଇଲେ ଆଉ ତା ସହିତ ମନଲାଖି ଘରକରଣା ଜିନିଷ କିଣିବା ପାଇଁ ଟଙ୍କା।
- ବୁଧୁନିଙ୍କ ଭଳି **୨ଲକ୍ଷ ୨୫ହଜାରରୁ** ଊର୍ଦ୍ଧ୍ୱ ହିତାଧିକାରୀ ୪ମାସରେ ପକ୍କାଘର ତିଆରି କରି **୨୦ ହଜାର** ଆଉ ୬ ମାସରେ ଶେଷ କରି **୧୦ ହଜାର ଟଙ୍କାର** ପୁରସ୍କାର ପାଇଛନ୍ତି।

**ଠିକ୍ ସମୟରେ ସାରିଲେ ତାଙ୍କ ପକ୍କାଘର। ସେଥିପାଇଁ ମୁଖ୍ୟମନ୍ତ୍ରୀ ଦେଲେ ପୁରସ୍କାର।**

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

DADLS-113

15001/13/0242/1819


■ ସୀମାନ୍ତରେ ମାଓବାଦୀଙ୍କ ତାଣ୍ଡବ

# ଟିଡିପି ବିଧାୟକଙ୍କୁ ହତ୍ୟା

■ ପ୍ରତିବାଦରେ ଥାନା ପୋଡ଼ିଦେଲେ ଟିଡିପି ସମର୍ଥକ

■ କୋରାପୁଟ ସୀମାନ୍ତରେ ହାଇଆଲର୍ଟ



କିଡାରୀ ସର୍ବେଶ୍ୱର ରାଓ ସିବେରୀ ସୋମା

ନନ୍ଦପୁର/ପଟ୍ଟାଙ୍ଗି,୨୩।୯(ଡି.ଏନ୍.ଏ.)

ମାଓବାଦୀଙ୍କ ପ୍ରତିଷ୍ଠା ସପ୍ତାହ ଚାଲିଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ସୀମାନ୍ତ ଆନ୍ଧ୍ରରେ ରବିବାର ଲାଲ ତାଣ୍ଡବ ରଚାଇଛି ଲାଲବାହିନୀ। ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ସେମାନେ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରିଛନ୍ତି। ମୃତ ଦୁଇ ନେତା ହେଲେ ଆରାକୁ ନିର୍ବାଚନମଣ୍ଡଳୀର ବିଧାୟକ କିଡାରୀ ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିବେରୀ ସୋମା। ଏଭଳି ବଡ଼ଧରଣର ଆକ୍ରମଣ ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଦେଇଛି। ଏହି ଘଟଣାର ପ୍ରତିବାଦରେ ନିହତ ନେତାଙ୍କ ସମର୍ଥକମାନେ ଡୁମ୍ବରିଗୁଡ଼ା ଥାନାରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ୨ ନେତାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଆରାକୁରୁ ବିଶାଖାପାଟଣା ନେବା ପାଇଁ ସେମାନେ ପୋଲିସକୁ ବାଟ ଛାଡ଼ି ନ ଥିଲେ। ଫଳରେ ସେଠାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ମାଓବାଦୀଙ୍କ ହାଇପ୍ରୋଫାଇଲ ଡବଲ ମର୍ଡର ପରେ କୋରାପୁଟ ଜିଲା ସୀମାନ୍ତରେ ହାଇଆଲର୍ଟ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଶାସକ ଟିଡିପିର ଏହି ଦୁଇନେତା କିଡାରୀ ସର୍ବେଶ୍ୱର ରାଓ ଓ ସିବେରୀ ସୋମା ରବିବାର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଶାଖାପାଟଣା ଜିଲାର ଡୁମ୍ବରିଗୁଡ଼ା ଯାଇଥିଲେ। ସେଠାରୁ ଫେରିବା ବେଳେ ଅପରାହ୍ନ ଗୋଟାଏ ବେଳେ ଡୁମ୍ବରିଗୁଡ଼ା ଥାନା ଲିପିଟିପୁଟ ନିକଟରେ ୫୦ରୁ ୬୦ ଜଣ ମାଓବାଦୀ ସେମାନଙ୍କୁ ଘେରିଯାଇ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା କ୍ୟାଡର ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଡାରୀ ସର୍ବେଶ୍ୱର ରାଓ ଓ୍ୱାଇ.ଏସ୍.ଆର୍ କଂଗ୍ରେସ ଦଳରୁ ଟିକେଟ ପାଇ ୨୦୧୪ରେ ଆରାକୁ ନିର୍ବାଚନମଣ୍ଡଳୀରୁ ଟିଡିପି ପ୍ରାର୍ଥୀ ସିବେରୀ ସୋମାଙ୍କୁ ହରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୬ରେ ସେ ଟିଡିପିରେ ଯୋଗ ଦେଇଥିଲେ। ସିବେରୀ ସୋମା ହେଉଛନ୍ତି ଆରାକୁ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ। ସର୍ବେଶ୍ୱରଙ୍କ ନାମରେ ☞ପୃଷ୍ଠା-୪

# ଗଛରେ ପିଟିହୋଇ ଜଳିଗଲା କାର୍, ୩ ଗୁରୁତର

ଲଖନପୁର,୨୩।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ମଟିଦା ପଞ୍ଚାୟତ ଇନ୍ଦରପୁର ଗ୍ରାମ ନିକଟରେ ଏକ କାର୍ ରାସ୍ତାପାର୍ଶ୍ୱରେ ଥିବା ମହୁଲ ଗଛରେ ପିଟି ହୋଇ ନିଆଁ ଲାଗିଯାଇଥିଲା। ଫଳରେ କାର୍ ଭିତରେ ଚାଳକଙ୍କ ସମେତ ୩ଜଣ ଗୁରୁତର ହୋଇଥିଲେ। ଇନ୍ଦରପୁର ଗ୍ରାମର ରକ୍ମଣ ସାମଲ ନାମକ ଜଣେ ବ୍ୟକ୍ତି ଦେବଦୂତ ସାଜି ପ୍ରଥମେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଳନ୍ତା କାର୍‌ରୁ ସେ ଆହତମାନଙ୍କୁ ଉଦ୍ଧାର କରିଥିଲେ। ଫଳରେ ୩ଜଣଯାକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନେ ହେଲେ ମଟିଦା ଗ୍ରାମର ଚିନ୍ତାମଣି ଭୋଇ (୩୦), ଶୁକ୍ଳାମ୍ବର ଭୋଇ (୨୨) ଓ କାର୍ ଚାଳକ ଆର୍. କଣ୍ଟାପାଲି ଗ୍ରାମର ସମୀର ପ୍ରଧାନ (୨୮)। ଶୁକ୍ଳାମ୍ବର ଓ ସମୀରଙ୍କ ଜଙ୍ଘ ହାଡ଼ ଭାଙ୍ଗି ଯାଇଥିବାବେଳେ ଚିନ୍ତାମଣିଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସେମାନଙ୍କୁ ପ୍ରଥମେ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ଦୁର୍ଘଟଣା ପରେ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା କାର୍।

ଲଖନପୁର ଅଗ୍ନିଶମ ବିଭାଗ କର୍ମଚାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଓଡି୨୩-ଡି୫୫୫୫ କାର୍ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଆର୍. କଣ୍ଟାପାଲି ଗ୍ରାମର ସମୀର ନିଜ ଭିଣୋଇଙ୍କ କାର୍ ଧରି ପରିବାର ସହିତ ମାଉସୀ ଘର ମଟିଦା ଗ୍ରାମକୁ ଆସିଥିଲେ। ସେଠାରେ ପରିବାର ଲୋକଙ୍କୁ ଛାଡ଼ି ୨ ସମ୍ପର୍କୀୟଙ୍କୁ କାର୍‌ରେ ବସାଇ ଇନ୍ଦରପୁର ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ହଠାତ୍ ନିଆଁ ଲାଗିଯାଇଥିଲା।

## ଡଙ୍ଗା ବୁଡ଼ି ଜଣେ ନିଖୋଜ

ଲହୁଣୀପଡ଼ା, ୨୩।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜିଂ ପଞ୍ଚାୟତ ଲୁଧୁଣୀ ଗ୍ରାମଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ରବିବାର ଅପରାହ୍ନ ୪ଟାରେ ଡଙ୍ଗା ବୁଡ଼ି ଜଣେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ମୁଣ୍ଡାଗାଁର ଟଙ୍କଧର ମାହାନ୍ତଙ୍କ ସ୍ତ୍ରୀ ବାସନ୍ତୀ (୪୨)। ଏହି ଦୁର୍ଘଟଣାରୁ ଅନ୍ୟ ୫ଜଣଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବାସନ୍ତୀ ଝିଅ ଧନେଶ୍ୱରୀ (୧୨)ଙ୍କ ସହ କୌଣସି କାମରେ ଲୁଧୁଣୀ ଗ୍ରାମକୁ ଯାଇଥିଲେ। ☞ପୃଷ୍ଠା-୪

■ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ

# ‘ମୋଦି କେୟାର ନୁହେଁ, ଦରିଦ୍ର ନାରାୟଣ ସେବା’



■ ଦେଶରେ ୧.୫ ଲକ୍ଷ ଓ୍ୱେଲନେସ ସେଣ୍ଟର ଖୋଲାଯିବ

■ ୫୦ କୋଟି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା

■ ଯୋଜନାରେ ୧୩୦୦ ପ୍ରକାର ରୋଗ ସାମିଲ

■ ଅଦ୍ୟାବଧି ୧୩୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା

ରାଞ୍ଚି,୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଠାରେ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସେବା ଯୋଗାଣକାରୀ ଯୋଜନା ଆୟୁଷ୍ମାନ ଭାରତର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏଓ୍ୱାଇ) ନାମରେ ନାମିତ ଏହି ଫ୍ଲାଗଶିପ୍ ସ୍କିମ୍ ଜରିଆରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୦ କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଗରିବଙ୍କ ଲାଗି ଉଦ୍ଦିଷ୍ଟ ଏହି ଯୋଜନା ମାଷ୍ଟରଷ୍ଟ୍ରୋକ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଲୋକେ ଏହି ଯୋଜନାକୁ ମୋଦି କେୟାର କହୁଥିବା ବେଳେ ସେ ଏହାକୁ ଦରିଦ୍ର ନାରାୟଣ ସେବା କହିବାକୁ ପସନ୍ଦ କରୁଛନ୍ତି। ୟୁରୋପୀୟ ସଂଘ, ଆମେରିକା, କାନାଡା ଏବଂ ମେକ୍ସିକୋର ମୋଟ୍ ଜନସଂଖ୍ୟାଠାରୁ ଅଧିକ ଲୋକଙ୍କୁ ଏହି ଯୋଜନାର ଫାଇଦା ମିଳିବ। କଂଗ୍ରେସର ନାମ ଉଲ୍ଲେଖ ନ କରି ମୋଦି କହିଛନ୍ତି, କିଛି ଲୋକ ଗରିବଙ୍କ ନାମରେ ମାଳା ଜପୁଛନ୍ତି। ଦାରିଦ୍ର୍ୟ ହଟାଅ ସ୍ଲୋଗାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ରାଫାଲ ଧୂଆଁ

**ଆଜିର ମନ୍ତବ୍ୟ**

“ ସର୍ଜିକାଲ୍ ଷ୍ଟ୍ରାଇକ୍ ଏକ ବିସ୍ମୟକର ଅସ୍ତ୍ର।

-ଜେନେରାଲ ବିପିନ ରାଓ୍ୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

୨୦୦୫ ବେଳକୁ ଦେଶରେ ୧୯୬ ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି) ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୫୬କୁ ହ୍ରାସ ପାଇଛି।

-ଅର୍ଥ ମନ୍ତ୍ରଣାଳୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 23.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 58 | 103 | 113 |
| DKL | 59 | 105 | 115 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 59 | 105 | 115 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers






ODISHA ONE

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**
**ମାଗଣା ସ୍ୱାସ୍ଥ୍ୟ ସେବା**
**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ**
**ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ**

10001/13/0026/1819



ଭାଜପା ବୃହତ୍ ସଂଖ୍ୟାଗରିଷ୍ଠତା ହାସଲ କରି ଅନ୍ୟଦଳର ସଂଖ୍ୟା ହ୍ରାସ କରିପାରେ। କିନ୍ତୁ କେବେବି ଆମର ବିଚାରଧାରାକୁ ନିଶ୍ଚିହ୍ନ କରିପାରିବ ନାହିଁ।
-ରାଜ୍ ବବ୍ବର, କଂଗ୍ରେସ ନେତା



### ■ ୨ ଟିଡିପି ନେତାଙ୍କୁ ମାଓବାଦୀଙ୍କ ହତ୍ୟା

# ସୀମାନ୍ତରେ ଲାଲ ଆତଙ୍କ

**ବିଶାଖାପାଟଣାମ୍/ ହାଇଦ୍ରାବାଦ,୨୩।୯**



ଓଡ଼ିଶା-ଆନ୍ଧ୍ର ସୀମାରେ ପୁଣି ରକ୍ତମୁଖା ହୋଇଉଠିଛନ୍ତି ମାଓବାଦୀ। ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ରବିବାର ମାଓବାଦୀମାନେ ଗୋଷ୍ଠୀବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହାକୁ ଉଭୟ ଆନ୍ଧ୍ର ଓ ଓଡ଼ିଶା ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ଆରାକୁରେ ଟିଡିପି ସମର୍ଥକମାନେ ଏହି ହତ୍ୟାକାଣ୍ଡର ପ୍ରତିବାଦରେ ଥାନା ପୋଡିଦେଇଛନ୍ତି। ଏହାକୁନେଇ ପୁଣିଥରେ ଅଶାନ୍ତ ହୋଇପଡ଼ିଛି ସୀମାନ୍ତ ଅଞ୍ଚଳ।

ମାଓବାଦୀମାନେ ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନାକୁ ନେଇ ଗଠିତ ସେମାନଙ୍କ ନିୟମିତ ଅପରେଶନାଲ ଜୋନ୍‌କୁ ଛାଡ଼ି ଆନ୍ଧ୍ର ସୀମାରେ ରକ୍ତର ହୋରି ଖେଳିଛନ୍ତି। ଏଥର ସେମାନେ ଟାର୍ଗେଟ କରିଛନ୍ତି ଶାସକ ଦଳର ଦୁଇଜଣ ନେତାଙ୍କୁ। ସେମାନେ ହେଲେ ଆରାକୁ (ଏସ୍‌ଟି ସଂରକ୍ଷିତ ଆସନ)ର ବିଧାୟକ କିଦାରି ସର୍ବେଶ୍ୱର ରାଓ (୪୫) ଓ ପୂର୍ବତନ ବିଧାୟକ ସିଭେରି ସୋମା(୪୫)। ଉଭୟେ ବିଶାଖାପାଟଣାମ୍‌ରୁ ୧୨୫ କି.ମି. ଦୂର ଆରାକୁର ଏକ ଆଦିବାସୀ ବହୁଳ ଗ୍ରାମରେ ଗ୍ରାମଦର୍ଶିନୀ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଦୁଇଟି ଗାଡ଼ିରେ ଓଡ଼ିଶା ସୀମାରୁ ୧୫ କି.ମି. ଦୂର ଥୁଟାଙ୍ଗି ଗ୍ରାମରେ ପହଞ୍ଚିଥିଲେ।

- ■ଆକ୍ରମଣର ନେତୃତ୍ୱ ନେଇଥିଲେ ମହିଳା କ୍ୟାଡର
- ■ଆନ୍ଧ୍ର, ଓଡ଼ିଶା ପୋଲିସ ପାଇଁ ଚ୍ୟାଲେଞ୍ଜ

ଏତିକିବେଳେ କେତେଜଣ ମହିଳାଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ସେମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେବା ପରେ ମାଓବାଦୀମାନେ ଦୁହିଙ୍କ ସୁରକ୍ଷା କର୍ମୀଙ୍କ ଏକେ-୪୭ ରାଇଫଲ୍ସ ଛଡ଼ାଇନେଇଥିଲେ। ଏହାସହ ସେମାନେ ସିଭେରି ଏବଂ କିଦେରିଙ୍କୁ ଅତି ନିକଟରୁ ଗୁଳି ମାରିଥିଲେ। ଛାତି ଓ ମୁଣ୍ଡରେ ଗୁଳି ବାଜିବା ପରେ ଘଟଣାସ୍ଥଳରେ ଦୁହିଙ୍କ ମୃତ୍ୟୁ ଘଟିଥିଲା। ଜଣେ ମହିଳା ମାଓବାଦୀ ଏହି ଆକ୍ରମଣର ନେତୃତ୍ୱ ନେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସିଭେରି ଓ କିଦେରିଙ୍କୁ ପୂର୍ବରୁ ହତ୍ୟା କରିବା ପାଇଁ ମାଓବାଦୀମାନେ ଧମକ ଦେଇଥିଲେ। ଏହି ହାଇପ୍ରୋଫାଇଲ ଡବଲ ମର୍ଡର ପରେ ସମ୍ପୃକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ଏବଂ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ଏନ୍. ରଘୁବୀରା ରେଡ୍ଡୀଙ୍କ ସମେତ ଅନ୍ୟ ନେତାମାନେ ମାଓବାଦୀଙ୍କ ଏହି ବର୍ବରକାଣ୍ଡର ଦୃଢ଼ନିନ୍ଦା କରିଛନ୍ତି। ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହନ୍ ଶୋକବ୍ୟକ୍ତ କରି ଦୁଇନେତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସିପିଆଇ (ଏମ୍)ର ହାତ

ଏହି ହତ୍ୟାକାଣ୍ଡ ପଛରେ ସିପିଆଇ (ମାଓବାଦୀ)ର ହାତ ରହିଥିବା ସନ୍ଦେହ କରାଯାଉଛି। ଗତ କିଛିମାସ ହେବ ଆରାକୁ ଉପତ୍ୟକା ନକ୍ସଲ ନେତାମାନଙ୍କ ଦୁର୍ଗ ପାଲଟିଥିବା ସୁରକ୍ଷା ବଳ ପକ୍ଷରୁ କୁହାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାକୁ ମାଓବାଦୀମାନେ ନିରାପଦ କରିଡର ଭାବେ ବ୍ୟବହାର କରୁଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି।

## ହତ୍ୟା ପଛରେ ଖଣି କାରବାର

ଓଡ଼ିଶା-ଆନ୍ଧ୍ର ସୀମାରେ ଟିଡିପି ବିଧାୟକ କିଦାରି ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିଭେରି ସୋମାଙ୍କୁ ମାଓବାଦୀମାନେ ହତ୍ୟାକରିବା ପଛରେ ବେଆଇନ ଖଣି କାରବାରକୁ ଦାୟୀ କରାଯାଉଛି। ଦୁହେଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣି ଉତ୍ତୋଳନ କରୁଥିଲେ। ଏଥିଯୋଗୁ ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିଲା ବୋଲି କୁହାଯାଉଛି। ସର୍ବେଶ୍ୱରଙ୍କ ବିରୋଧରେ ଗତ ଜୁଲାଇରେ ଆଦିବାସୀମାନେ ଆନ୍ଦୋଳନ ମଧ୍ୟ କରିଥିଲେ। ବେଆଇନ ଖଣି କାରବାରକୁ ନେଇ ଦୁହିଙ୍କ ଉପରେ କ୍ଷୁବ୍ଧ ମାଓବାଦୀମାନେ ଶେଷରେ ସେମାନଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ମାନବିକତା ପାଇଁ କଳଙ୍କ: ଚନ୍ଦ୍ରାବାବୁ



ଆମେରିକାର ନ୍ୟୁୟର୍କ ଗସ୍ତରେ ଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଏହି ଆକ୍ରମଣର ନିନ୍ଦା କରିଛନ୍ତି। ଏଭଳି ଆକ୍ରମଣ ଓ ହତ୍ୟା ମାନବିକତା ଉପରେ ଏକ କଳଙ୍କ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ସମସ୍ତ ବ୍ୟକ୍ତି ଏହାକୁ ନିନ୍ଦା କରିବା ଉଚିତ। ଆଦିବାସୀଙ୍କ ବିକାଶରେ କିଦାରି ଓ ସିଭେରିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ଚନ୍ଦ୍ରାବାବୁ କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ବିଶାଖାପାଟଣାମ୍ ଜିଲାପାଳଙ୍କ ସହ ଫୋନ୍‌ରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା ଏବଂ ପୋଲିସ ମହାନିର୍ଦ୍ଦେଶକ ଆକ୍ରମଣ ସ୍ଥଳ ପରିଦର୍ଶନ କରିଛନ୍ତି।




## ଥାନା ପୋଡ଼ିଦେଲେ ସମର୍ଥକ

ଟିଡିପିର ଦୁଇ ଆଦିବାସୀ ନେତାଙ୍କୁ ମାଓବାଦୀମାନେ ରବିବାର ହତ୍ୟା କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ବିଶାଖାପାଟଣାମ୍‌ସ୍ଥିତ କିଙ୍ଗ୍ ଜର୍ଜ ହସ୍ପିଟାଲକୁ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ହତ୍ୟାକାଣ୍ଡର ପ୍ରତିବାଦରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିବାରୁ ମୃତଦେହ ପଠାଇବା ସମ୍ଭବ ହୋଇନାହିଁ। ଟିଡିପି ସମର୍ଥକମାନେ ହତ୍ୟାକାଣ୍ଡ ପାଇଁ ପୋଲିସର ବିଫଳତାକୁ ଦାୟୀ କରି ଡୁମ୍ବୁରିଗୁଡ଼ା ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଆରାକୁ ଥାନାରେ ମଧ୍ୟ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଲୋକଙ୍କ ଆକ୍ରମଣରେ ଜଣେ କନଷ୍ଟେବଳ ଆହତ ହୋଇଛନ୍ତି।

## ନେତାଙ୍କୁ ଟାର୍ଗେଟ କେବେ, କେଉଁଠି

**୧୯୯୯ ଏପ୍ରିଲ ୧୩:** ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ଦୁଦ୍ଦିଲା ଶ୍ରୀପଦ ରାଓଙ୍କୁ କରିମନଗର ଜିଲାର ଆନ୍ନାରାମଠାରେ ପିପୁଲ୍ସ ୱାର୍ ଗ୍ରୁପ୍ (ପିଡବ୍ଲ୍ୟୁଜି)ର ୪ ମାଓବାଦୀ ଗୁଳିକରି ହତ୍ୟା କରିଥିଲେ।

**୨୦୦୧ ଡିସେମ୍ବର ୨୯:** ଆନ୍ଧ୍ରପ୍ରଦେଶସ୍ଥିତ ଦେବରାକୋଣ୍ଡାର କଂଗ୍ରେସ ବିଧାୟକ ରାଗ୍ୟା ନାଏକଙ୍କୁ ମଦ୍ଦିମାଗୁଡ୍ଡୁରେ ଏକ ହୋଟେଲ ବାହାରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

**୨୦୦୩ ଅକ୍ଟୋବର ୨:** ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଉପରେ ମାଓବାଦୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ତିରୁମାଲା ଘାଟରେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ଗୁରୁତର ହୋଇଥିଲେ। ଚନ୍ଦ୍ରାବାବୁଙ୍କୁ ହତ୍ୟା କରିବା ପାଇଁ ଏହା ପରେ ମଧ୍ୟ ଏକାଧିକ ଥର ମାଓବାଦୀମାନେ ଧମକ ଦେଇଛନ୍ତି।

**୨୦୦୫ ଅଗଷ୍ଟ ୧୫:** ତେଲେଙ୍ଗାନାର ନାରାୟଣପେଟରେ ବରିଷ୍ଠ କଂଗ୍ରେସ ବିଧାୟକ ଚିଟ୍ଟେମ୍ ନର୍ସି ରେଡ୍ଡୀ ଓ ତାଙ୍କର ୧୦ ସମର୍ଥକଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

**୨୦୦୭ ମାର୍ଚ୍ଚ ୪:** ଝାଡ଼ଖଣ୍ଡର ଜେଏମ୍‌ଏମ୍ ଏମ୍‌ପି ସୁନିଲ ମହତୋ ଘାଟଶିଳାରେ ମାଓବାଦୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ।

**୨୦୦୭ ମାର୍ଚ୍ଚ ୭:** ତତ୍କାଳୀନ ଟିଡିପି ସରକାରରେ ପଞ୍ଚାୟତିରାଜ ମନ୍ତ୍ରୀଥିବା ଏ.ମାଧବ ରାଡ୍ଡୀଙ୍କ ଉପରେ ପିଡବ୍ଲ୍ୟୁଜି ଆକ୍ରମଣ କରିଥିଲା। ଘାଟକେଶ୍ୱରରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ନିହତ ହୋଇଥିଲେ।

**୨୦୦୯ ସେପ୍ଟେମ୍ବର ୧୫:** ଆନ୍ଧ୍ରପ୍ରଦେଶର ସରିପୁର ବିଧାୟକ ପଲଭାଇ ପୁରୁଷୋତ୍ତମ ରାଓ ଏବଂ ୩ ସୁରକ୍ଷା କର୍ମୀଙ୍କୁ କାଗଜନଗରସ୍ଥିତ ଦଳୀୟ କାର୍ଯ୍ୟାଳୟ ଭିତରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

**୨୦୦୯ ସେପ୍ଟେମ୍ବର ୨୬:** ଛତିଶଗଡ଼ର ଜଗଦଲପୁରସ୍ଥିତ ପୈରାଗୁଡ଼ା ଗ୍ରାମରେ ମାଓବାଦୀଙ୍କ ଆକ୍ରମଣରେ ଭାଜପା ଏମ୍‌ପି ବଲିରାମ କାଶ୍ୟପଙ୍କ ଦୁଇପୁଅ ଦୀନେଶ ଓ ତାନ୍‌ସେନଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

**୨୦୧୩ ମେ ୨୫:** ଛତିଶଗଡ଼ର ସୁକ୍‌ମା ଜିଲା ଦର୍ଭ ଉପତ୍ୟକାରେ ସିପିଆଇ (ମାଓବାଦୀ) ପକ୍ଷରୁ ଆକ୍ରମଣ ହୋଇଥିଲା। ଏଥିରେ ରାଜ୍ୟ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲ ଓ ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର କର୍ମାଙ୍କ ସମେତ ୨୮ ଜଣ ନିହତ ହୋଇଥିଲେ।



### ଇତିହାସର ଆଇନାରେ
**ସେପ୍ଟେମ୍ବର ୨୪ର ପ୍ରମୁଖ ଘଟଣା**

୧୯୪୮ ସେପ୍ଟେମ୍ବର ୨୪ରେ ଜାପାନରେ ହୋଣ୍ଡା ମୋଟର କମ୍ପାନୀ ସ୍ଥାପିତ ହୋଇଥିଲା। ୧୯୫୯ରୁ ଏହା ବିଶ୍ୱର ବୃହତ୍ତ ଅଟୋମୋବାଇଲ କମ୍ପାନୀ ଭାବେ ପରିଚିତ। ବିଶ୍ୱର ୮ଟି ବଡ ଅଟୋମୋବାଇଲ କମ୍ପାନୀ ମଧ୍ୟରେ ଏହା ରହିଛି।

୨୦୦୭ ସେପ୍ଟେମ୍ବର ୨୪ରେ ମିଆଁମାରର ୟାଙ୍ଗୁନରେ ଲକ୍ଷାଧିକ ଲୋକ ସରକାର ବିରୋଧୀ ବିକ୍ଷୋଭ କରିଥିଲେ। ଏହାକୁ ସାଫ୍ରୋନ୍ ବିପ୍ଳବ ବୋଲି କୁହାଯାଏ। ଇନ୍ଧନର ବିକ୍ରି ମୂଲ୍ୟ ଉପରେ ସବସିଡି ହଟାଇବା ନିଷ୍ପତ୍ତିକୁ ବିରୋଧ କରି ଏହି ଆନ୍ଦୋଳନ ହୋଇଥିଲା।

## ଭାରତୀୟ ନାବିକ ଠାବ

**କୋଚି,୨୩।୯(ପି.ଟି.)**

'ଗୋଲ୍ଡେନ୍ ଗ୍ଲୋବ୍ ରେସ୍ ୨୦୧୮'ରେ ଭାଗ ନେଇ ବିଶ୍ୱ ଭ୍ରମଣରେ ଯାଇଥିବା ଭାରତୀୟ ନୌସେନାର ଅଧିକାରୀ ଅଭିଲାଷ ଟୋମିଙ୍କ ଜାହାଜର ସନ୍ଧାନ ମିଳିଛି। ଏସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ତାଙ୍କ ବୋଟ୍ ଦକ୍ଷିଣ ଭାରତ ମହାସାଗରରେ ଭୟଙ୍କର ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଏକ ୧୪ ମିଟର ସମୁଦ୍ର ଜୁଆର ମାଡି ଆସିବାରୁ ତାଙ୍କର ଜାହାଜ କ୍ଷତିଗ୍ରସ୍ତ ହେବା ସହ ତାଙ୍କ ପିଠିରେ ଆଘାତ ଲାଗିଥିଲା। ଶନିବାର ଫ୍ରାନ୍ସରେ ଥିବା ପ୍ରତିଯୋଗିତା ଆୟୋଜନକାରୀଙ୍କ ସହ କମାଣ୍ଡର ଟୋମିଙ୍କ ଯୋଗାଯୋଗ ହୋଇପାରିଥିଲା। ସିଗନାଲ ଯୋଗେ ଟୋମି କଥା ହୋଇ ତାଙ୍କ ପାଇଁ ଗୋଟିଏ ଷ୍ଟ୍ରେଚର ମଗାଇଛନ୍ତି। କାରଣ ଆହତ ଥିବା କାରଣରୁ ଏବେ ସେ ଚଲାବୁଲା କରିପାରୁନାହାନ୍ତି। ଭାରତୀୟ ନୌସେନା ଆଇଏନ୍‌ଏସ୍ ଜ୍ୟୋତି ଏବଂ ଆଇଏନ୍‌ଏସ୍ ସତପୁରା ତାଙ୍କୁ ଖୋଜିବାକୁ ରବିବାର ସକାଳେ ମରିସସ୍‌ରେ ପହଞ୍ଚିଛି। ସ୍ଥିତି ଉପରେ ଏବେ ନଜର ରଖାଯାଇଛି ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅଷ୍ଟ୍ରେଲିଆ ନୌସେନାର ଜାହାଜ ମଧ୍ୟ ତାଙ୍କ ସନ୍ଧାନରେ ବାହାରି ପଡ଼ିଛି।

## ଆତଙ୍କବାଦୀ ନିହତ

**ଶ୍ରୀନଗର,୨୩।୯(ପି.ଟି.)**

ଆତଙ୍କବାଦ ନିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ରବିବାର ଏକ ବଡ଼ ସଫଳତା ମିଳିଛି। ଜୈଶ୍-ଇ-ମହମ୍ମଦର ଜଣେ ଶୀର୍ଷସ୍ତରୀୟ କମାଣ୍ଡରକୁ କଶ୍ମୀରରେ ହତ୍ୟା କରିଛି ସେନା। ଆତଙ୍କବାଦୀ ଜଣକ ଜୈଶ୍ କମାଣ୍ଡର ଅଦ୍‌ନାନ୍ ଏବଂ ସେ ପାକିସ୍ତାନୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଏନ୍‌କାଉଣ୍ଟର ବେଳେ ତାଙ୍କୁ ହତ୍ୟା କରାଯାଇଛି। ଜିଲାର ଆରିବାଲ୍ ଅନ୍ତର୍ଗତ ଦର୍ ଗନି ଗୁନ୍ଦ ଗ୍ରାମରେ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇବା ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ ହୋଇଥିଲା। ଗୁଳି ବିନିମୟରେ ଜଣେ ଯବାନ ମଧ୍ୟ ଆହତ ହୋଇଛନ୍ତି ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

## ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ

**ଚଣ୍ଡିଗଡ଼/ରେୱାଡ଼ି,୨୩।୯(ପି.ଟି.)**

ଧରାପଡ଼ିଲେ ରେୱାଡ଼ି ଗଣବଳାତ୍କାର ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍। ଘଟଣାର ୧୦ଦିନ ପରେ ରବିବାର ହରିୟାଣା ପୋଲିସ ରାଜ୍ୟର ମହେନ୍ଦ୍ରଗଡ଼ ଜିଲାର ସତ୍‌ନାଲି ଅଞ୍ଚଳରୁ ସେମାନଙ୍କୁ କାବୁ କରିଛି। ଇତିମଧ୍ୟରେ ପୋଲିସ ଆଖିରେ ଧୂଳି ଦେଇ ବାରମ୍ବାର ସେମାନେ ଠିକଣା ବଦଳାଇ ଚାଲିଥିଲେ। ଫଳରେ ନାକେଦମ୍ ହୋଇ ସାରିଥିଲା ପୋଲିସ ଟିମ୍। ୧୯ ବର୍ଷୀୟା ସିବିଏସ୍‌ଇ ଟପ୍ପର ଛାତ୍ରୀଙ୍କୁ ଗଣବଳାତ୍କାର ପରେ ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍ ଫେରାର ଥିଲେ। ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରି ସାରିଛି। ପଙ୍କଜ ହେଉଛନ୍ତି ଜଣେ ସେନା ଯବାନ। ଗଣବଳାତ୍କାର ଘଟାଇବା ପରେ ସେମାନେ ନିଜ ମୋବାଇଲ୍ ଫୋନ୍‌କୁ କୌଣସି ଏକ ସ୍ଥାନରେ ପୋତି ଦେଇଥିଲେ। ଏହାପରେ ଧର୍ମଶାଳା ଅଞ୍ଚଳରେ ଏକ ଛୋଟ ଗ୍ରାମରେ ଆଶ୍ରୟ ନେଇଥିଲେ। ରାତି ସମୟରେ ପାହାଡ଼ ଏବଂ ବିଲରେ ଆଶ୍ରୟ ନେଉଥିଲେ ବୋଲି ଏସ୍‌ଆଇଟି ମୁଖ୍ୟ ନାଜ୍‌ନିନ୍ ଭାସିନ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଫେରାର ଅଭିଯୁକ୍ତଙ୍କୁ ଯେଉଁମାନେ ସହଯୋଗ କରିଛନ୍ତି ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଭାସିନ୍ କହିଛନ୍ତି।

**ରେୱାଡ଼ି ଗଣବଳାତ୍କାର**





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୩.୭ |
| ଚାନ୍ଦବାଲି | ୩୪.୭ | ୨୫.୫ |
| କଟକ | ୩୩.୩ | ୨୩.୫ |
| ପାରାଦ୍ୱୀପ | ୩୧.୭ | ୨୭.୮ |
| ଭୁବନେଶ୍ୱର | ୩୧.୭ | ୨୪.୦ |
| ଗୋପାଳପୁର | ୩୩.୮ | ୨୫.୪ |
| ପୁରୀ | ୩୩.୨ | ୨୬.୪ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୨.୪ | ୨୪.୬ |
| ଝାରସୁଗୁଡ଼ା | ୩୩.୬ | ୨୩.୮ |
| କେନ୍ଦୁଝର | ୩୨.୦ | ୨୧.୬ |
| ସମ୍ବଲପୁର | ୩୪.୨ | ୨୩.୫ |
| ସୁନ୍ଦରଗଡ଼ | ୩୩.୦ | ୨୧.୦ |
| ହୀରାକୁଦ | ୩୪.୦ | ୨୪.୦ |
| ତାଳଚେର | ୩୪.୧ | ୨୪.୬ |
| ଭବାନୀପାଟଣା | --- | ୨୩.୫ |
| ବଲାଙ୍ଗୀର | ୩୩.୪ | ୨୪.୦ |
| କୋରାପୁଟ | ୨୯.୨ | ୧୯.୮ |
| ଫୁଲବାଣୀ | ୩୧.୦ | ୧୯.୦ |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | ୩୧.୮ | --- |
| ସୋନପୁର | ୩୪.୦ | ୨୨.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଥମୁନି ରାଫାଲ୍ ରଣ

**ନୂଆଦିଲ୍ଲୀ ,୨୩।୯(ପି.ଟି.)**



- ■ଜୋର ଧରିଲା ଜେପିସି ଗଠନ ଦାବି
- ■ଓଲାନ୍ଦେଙ୍କ ମନ୍ତବ୍ୟରେ ତାଳମେଳ ରହୁନାହିଁ: ଅର୍ଥମନ୍ତ୍ରୀ
- ■ମୋଦି, ଜେଟ୍‌ଲୀ ମିଛ କହିବା ବନ୍ଦକରନ୍ତୁ: ରାହୁଲ

"ରାଫାଲ ଚୁକ୍ତି ହେଉଛି ଭାରତର ସର୍ବବୃହତ୍ ପ୍ରତିରକ୍ଷା ଦୁର୍ନୀତି। ଜାତୀୟ ସୁରକ୍ଷା ସହ ସାଲିସ କରାଯାଉଛି।
**-ପ୍ରଶାନ୍ତ ଭୂଷଣ, ବରିଷ୍ଠ ଓକିଲ**



ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦେଙ୍କ ବୟାନ ପରେ ଭାରତରେ ଆରମ୍ଭ ହୋଇଥିବା ରାଫାଲ୍ ରଣ ଥମିବାର ନା ଧରୁନାହିଁ। ଭାଜପା-କଂଗ୍ରେସ ମଧ୍ୟରେ ରବିବାର ମଧ୍ୟ ଜାରି ରହିଛି ଆରୋପ ପ୍ରତ୍ୟାରୋପର ଧାରା। ବିରୋଧୀଙ୍କ ଅଭିଯୋଗର ସଫେଇ ଦେବାକୁ ଯାଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରବିବାର କହିଛନ୍ତି, ଓଲାନ୍ଦଙ୍କ କଥାରେ କିଛି ତାଳମେଳ ରହୁନାହିଁ। ପ୍ରଥମ ମନ୍ତବ୍ୟରେ ଓଲାନ୍ଦେ ଭାରତ ସରକାରଙ୍କୁ ଦାୟୀ କରୁଛନ୍ତି ଏବଂ ଦ୍ୱିତୀୟରେ ଏ ବିଷୟରେ କିଛି ଜଣାନାହିଁ ବୋଲି କହୁଛନ୍ତି। ଏହା କିଭଳି ସମ୍ଭବ ବୋଲି ଜେଟ୍‌ଲୀ ପ୍ରଶ୍ନ କରିଛନ୍ତି। ରାଫାଲ୍ ନିର୍ମାଣ ପାଇଁ ଫ୍ରେଞ୍ଚ କମ୍ପାନୀ ଦାସଲ୍ଟ ସହ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍‌କୁ ଅଂଶୀଦାର କରିବାରେ ଭାରତ କିମ୍ବା ଫ୍ରାନ୍ସ ସରକାରଙ୍କ କୌଣସି ହାତ ନ ଥିବା ସେ କହିଛନ୍ତି। ଓଲାନ୍ଦେଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଅର୍ଥମନ୍ତ୍ରୀ ଟାର୍ଗେଟ୍ କରିଛନ୍ତି। ଓଲାନ୍ଦେଙ୍କ ଏବଂ ରାହୁଲଙ୍କ ମନ୍ତବ୍ୟ ଯୁଗଳବନ୍ଦୀ ଭଳି ଜଣାପଡୁଛି। ଫ୍ରାନ୍ସରେ ବୋମା ବିସ୍ଫୋରଣ ହେବାକୁ ଯାଉଛି ବୋଲି ଅଗଷ୍ଟ ୩୦ରେ ରାହୁଲ ଗାନ୍ଧୀ ଏକ ଟୁଇଟ୍ କରିଥିଲେ। ସମ୍ଭବତଃ ରାଫାଲ୍ ଚୁକ୍ତିକୁ ନେଇ ସେ ଏଭଳି କହିଥିଲେ। ଓଲାନ୍ଦେ ଏଭଳି କିଛି ମନ୍ତବ୍ୟ ଦେବାକୁ ଯାଉଛନ୍ତି ବୋଲି ରାହୁଲ ପୂର୍ବରୁ କିଭଳି ଆଭାସ ପାଇଥିଲେ ବୋଲି ଜେଟ୍‌ଲୀ କହିଛନ୍ତି। ଏହାସହ ରାଫାଲ୍ ଚୁକ୍ତି ରଦ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଜେଟ୍‌ଲୀଙ୍କ ଯୁକ୍ତି ପରେ ରାହୁଲ ପୁଣିଥରେ ଅର୍ଥମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦି ଏବଂ ଜେଟ୍‌ଲୀ ମିଛ କହିବା ବନ୍ଦ କରନ୍ତୁ। ମିଥ୍ୟା ବନ୍ଦ କରିବାର ବେଳ ଆସିଛି। ସତ୍ୟାସତ୍ୟ ସାମ୍ନାକୁ ଆଣିବା ଲାଗି ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରନ୍ତୁ। ସେହିପରି ରାଫାଲ ବିମାନ କିଣାବିକା ତଥ୍ୟ ଅନିଲ ଅମ୍ବାନୀଙ୍କୁ ଲିକ୍ କରି ମୋଦି ଶପଥ ଗୋପନୀୟତାର ଉଲ୍ଲଂଘନ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏସ୍‌ପି ମୁଖ୍ୟ ଅଖିଲେଶ ସିଂ ଯାଦବ ମଧ୍ୟ ଜେପିସି ଗଠନ ଦାବି କରିଛନ୍ତି।

ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ରାଫାଲ ଚୁକ୍ତିକୁ ଦେଶର ସର୍ବବୃହତ୍ ପ୍ରତିରକ୍ଷା ଦୁର୍ନୀତି ଆଖ୍ୟା ଦେଇଛନ୍ତି। ଏହାର ତଦନ୍ତ କରିବା ଲାଗି ତୁରନ୍ତ ଜେପିସି ଗଠନ କରାଯାଉ। ଦାସଲ୍ଟ ଆଭିଏଶନ୍ ସହ ରିଲାଏନ୍ସ ଡିଫେନ୍ସ କିଭଳି ଭାବେ ଅଂଶୀଦାର ହୋଇପାରିବ। ତାଙ୍କର ଅଧିକାଂଶ କମ୍ପାନୀ ଏବେ ଋଣଗ୍ରସ୍ତ। ଏହା ଦେଶର କେବଳ ଏକ ଦୁର୍ନୀତି ନୁହେଁ, ବରଂ ଜାତୀୟ ସୁରକ୍ଷା ସହ ବୃହତ୍ ଭାବେ ସାଲିସ କରାଯାଉଛି। ବାୟୁସେନା ଅଧିକାରୀଙ୍କୁ ମିଛ କୁହାଯାଉଥିବା ଭୂଷଣ ଅଭିଯୋଗ ଆଣିଛନ୍ତି।



ମଧ୍ୟପ୍ରଦେଶ ଗ୍ୱାଲିୟର ବିଲୋଆ ଥାନା ଅନ୍ତର୍ଗତ ଅତ୍ତୁପୁରାରେ ଥିବା ଏକ ଆଶ୍ରୟ ଗୃହରେ ଅନ୍ତେବାସୀ ଯୁବତୀଙ୍କୁ ନିୟମିତ ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଠାରେ ଥିବା ସ୍ନେହାଳୟ ଆଶ୍ରୟ ଗୃହରେ ଏଭଳି ହେଉଥିବା ଅଭିଯୋଗ ପରେ ପୋଲିସ ୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଆଶ୍ରୟ ଗୃହର ସଞ୍ଚାଳକ ଡ. ବି.କେ. ଶର୍ମାଙ୍କ ନିର୍ଦ୍ଦେଶରେ ୧୮ ଜଣ ଯୁବତୀଙ୍କୁ ଏହି ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ୨୫ ଜଣ ଯୁବତୀଙ୍କୁ ପରୀକ୍ଷା ପରେ ଏହା ଜଣାପଡ଼ିଛି।

## ସଂକ୍ଷେପରେ

### ପୁରୀରେ ଏନ୍ଏସ୍ଜି ଟିମ୍
### ଆଜି ଶ୍ରୀମନ୍ଦିରର ସୁରକ୍ଷା ଯାଞ୍ଚ

**ପୁରୀ ଅଫିସ, ୨୩।୯:** ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍ଜି)। ସୋମବାର ଏହି ଯାଞ୍ଚ କରାଯିବ। ଏଥିଲାଗି ଏନ୍ଏସ୍ଜିର ୩ଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସ୍ଥାନୀୟ ସର୍କିଟ ହାଉସରେ ଅବସ୍ଥାନ କରିଛନ୍ତି। ଉକ୍ତ ଟିମ୍ରେ ଏନ୍ଏସ୍ଜିର କର୍ଣ୍ଣେଲ ଅନିଲ କୁମାର, ଆସିଷ୍ଟାଣ୍ଟ କମାଣ୍ଡର-୧ ସୁନୀଲ କୁମାର ସିଂ ଏବଂ କିରନ ବୋଷ ରହିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଦେଶର ଏକ ସମ୍ବେଦନଶୀଳ ଅଞ୍ଚଳ ତାଲିକାରେ ରହିଛି ଶ୍ରୀମନ୍ଦିର। ଗତ କିଛି ବର୍ଷ ହେଲା ଏନ୍ଏସ୍ଜି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଆସୁଛି। ୨୦୧୭ ଅଗଷ୍ଟ ୨୬ରେ ଏନ୍ଏସ୍ଜିର ଏକ ୩ ଜଣିଆ ଟିମ୍ ଆସି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ କେତେକେ ସୁପାରିସ କରିଥିଲେ। ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

# କଂଗ୍ରେସ କାମର ଶ୍ରେୟ ନେଉଛି ଭାଜପା

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଫର୍ଟିଲାଇଜର୍ସର ଶିଳାନ୍ୟାସ କରିଯିବା ପରେ ଶ୍ରେୟ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ଭକ୍ତ ଚରଣ ଦାସ ରବିବାର ମିଳିତ ଭାବେ କେନ୍ଦ୍ର ସରକାର ଉପରେ ଆକ୍ରମଣ କରିଛନ୍ତି। କାମ କଂଗ୍ରେସର, ଶ୍ରେୟ ଭାଜପାର ଅଭିଯୋଗ କରିବା ସହ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ବିଭିନ୍ନ ତଥ୍ୟ ରଖିଛନ୍ତି।

ଶ୍ରୀକାନ୍ତ କହିଛନ୍ତି ଯେ, ବହୁ ପ୍ରତୀକ୍ଷିତ ତାଳଚେର ଫର୍ଟିଲାଇଜର୍ସର ଭିତ୍ତି ୟୁପିଏ ଅମଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ପଡ଼ିଥିଲା। ସାରକାରଖାନା ୨୦୦୦ରେ ବନ୍ଦ ନିଷ୍ପତ୍ତି ନିଆଯିବା ସହ ୨୦୦୨ରେ ବନ୍ଦ ହୋଇଥିଲା। ଏହିପରି ଦେଶର ୮ଟି ଫର୍ଟିଲାଇଜରକୁ ବନ୍ଦ କରାଯାଇଛି। ସେ ସମୟରେ ଏନ୍ଡିଏ ସରକାର ଶାସନରେ ଥିଲା। ରାଜ୍ୟକୁ ୧୮ ବର୍ଷ ଶାସନ କରିଥିବା ବିଜୁ ଜନତା ଦଳ ମଧ୍ୟ ତାଙ୍କର ଅଂଶୀଦାର ରହିଥିଲା। ପରବର୍ତ୍ତୀ ସମୟରେ ୨୦୦୭ରେ ୟୁପିଏ-୧ରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ବନ୍ଦ ହୋଇ ପଡ଼ିଥିବା ଫର୍ଟିଲାଇଜରର ପୁନରୁଦ୍ଧାର ନିଷ୍ପତ୍ତି ନିଆଯାଇଥିଲା। ୫ ସେପ୍ଟେମ୍ବର ୨୦୧୩ରେ ତାହାର ପୁନରୁଦ୍ଧାର ପାଇଁ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ(ଏଫ୍ସିଆଇଏଲ୍), କୋଲଇଣ୍ଡିଆ ଲିଃ(ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ଲିଃ(ଆରସିଏଫ୍) ଏବଂ ଗେଲ୍ ମଧ୍ୟରେ ରାଜିନାମା ହୋଇଥିଲା। ସେ ସମୟରେ ଏଥିପାଇଁ ୯୦୦୦ କୋଟି ଟଙ୍କାର ବ୍ୟୟବରାଦ ଆକଳନ କରାଯାଇଥିବା ଶ୍ରୀକାନ୍ତ କହିଛନ୍ତି। ୨୦୧୪ରେ ଏନ୍ଡିଏ ସରକାର ଆସିବା ପରେ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଭୁଲିଯାଇଥିଲା। ଯେମିତି ନିର୍ବାଚନ ବର୍ଷ ପାଖେଇ ଆସିଛି, ସେପରି ଭାବେ ପରକାମର ଶ୍ରେୟ ନେବାକୁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଆସିଛନ୍ତି। ୨୦୧୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବା କଥା। କେନ୍ଦ୍ର ସରକାର ନିଜର ଦାୟିତ୍ୱ ଠିକ୍ ସମୟରେ ପାଳନ କରି ନ ଥିଲେ। ଏଥିସହ ରାଜ୍ୟ ସରକାର ମଧ୍ୟ ଏ ବିଷୟରେ ପଦେ ପାଟି ଫିଟାଇ ନ ଥିବା ସେ କହିଛନ୍ତି। ୮ରୁ ୯ ହଜାର କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିବା ଏହି ପ୍ରକଳ୍ପର ମୂଲ୍ୟ ଏବେ ୧୩,୦୦୦ କୋଟିରେ ପହଞ୍ଚିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ଦାୟୀ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଥିଲେ।



କଂଗ୍ରେସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ ଚରଣ ଦାସ ଏବଂ ଶ୍ରୀକାନ୍ତ ଜେନା।

- ରାଜ୍ୟ ସରକାରଙ୍କୁ ଟାର୍ଗେଟ
- ଏନ୍ଡିଏ ବନ୍ଦ କରିଥିଲା ସାର କାରଖାନା
- ବିମାନବନ୍ଦର ନିଷ୍ପତ୍ତି ୟୁପିଏର

ସେହିପରି ଝାରସୁଗୁଡାରେ ଦୀର୍ଘଦିନ ଧରି ଅବ୍ୟବହୃତ ହୋଇଥିବା ଏୟାରପୋର୍ଟର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବିଧାୟକ ନବ ଦାସ ୟୁପିଏ-୨ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ପଟେଲଙ୍କୁ ଅନୁରୋଧ କରିଥିଲେ। ଏହା ପରେ ମନ୍ତ୍ରଣାଳୟ ପକ୍ଷରୁ ବୈଷୟିକ ରିପୋର୍ଟ ସଂଗୃହୀତ ହୋଇଥିଲା। ରିପୋର୍ଟ ପାଇବା ପରେ ୨୦୧୩ରେ ନବୀକରଣ ନିଷ୍ପତ୍ତି ନିଆଯାଇଥିଲା ଏବଂ ପ୍ରାଥମିକ କାର୍ଯ୍ୟକ୍ଷମ ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏମିତିକି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଜାଣି କାହାର ଅବଦାନ ବକ୍ତବ୍ୟ ନ ରଖିବା ଦୁର୍ଭାଗ୍ୟଜନକ। ଜାତୀୟ ରାଜନୀତିରେ ବିଜେଡି କେଉଁ ପଟର ହେବ, ସେଥିନେଇ ଦ୍ୱନ୍ଦ୍ୱ ରହିଥିବାରୁ ଏପରି ହୋଇଥିବା ଶ୍ରୀକାନ୍ତ କହିଛନ୍ତି। ସେହିପରି ରାଜ୍ୟ ହେଉ କି କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସୁବିଧା ଯୋଜନା ନାଁରେ ବୀମା କମ୍ପାନୀଙ୍କ ପକେଟକୁ ଗରମ କରୁଥିବା ଭକ୍ତ ଦାସ ଅଭିଯୋଗ କରିଛନ୍ତି।

# ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**କଟକ ଅଫିସ, ୨୩।୯**

ଟଙ୍କା ଦେଣନେଣକୁ ନେଇ ରବିବାର ସ୍ପଷ୍ଟ ଦିବାଲୋକରେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର କୋଠାସାହି ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବ୍ୟବସାୟୀ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳର ଦିଲୀପ ସାହୁ(୩୫)। ପୋଲିସ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍ସିବି ମେଡିକାଲ ପଠାଇଛି। ରିପୋର୍ଟ ପ୍ରସ୍ତୁତି ଯାଏ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଯଦି ରାତିସୁଦ୍ଧା କୌଣସି ଅଭିଯୋଗ ନ ହୁଏ ତେବେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ସୂଚନା ଦେଇଛି।

- ସୁଧ କାରବାରରୁ ଜୀବନ ଗଲା
- ଅଭିଯୁକ୍ତ ଫେରାର

ଦିଲୀପଙ୍କ କଟକ ମାଲଗୋଦାମ ଅଞ୍ଚଳରେ ବ୍ୟବସାୟ ଥିବାବେଳେ ସେ ଲୋକମାନଙ୍କୁ ସୁଧରେ ଟଙ୍କା ଦିଅନ୍ତି। କୋଠାସାହି ଅଞ୍ଚଳର ଅଜିତ୍ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ସେ ଲକ୍ଷାଧିକ ଟଙ୍କା ଉଧାର ଦେଇଥିଲେ। ଏକ ବର୍ଷ ମଧ୍ୟରେ ଟଙ୍କା ପରିଶୋଧ କରିବାକୁ ଦିଲୀପ ଓ ଅଜିତ୍ ମଧ୍ୟରେ ଚୁକ୍ତି ହୋଇଥିଲା। ହେଲେ ଅଜିତ୍ ଟଙ୍କା ଦେବେ ଦେବେ କହି ସମୟ ଗଡ଼ାଇ ଚାଲୁଥିଲେ। ଏପରି କି ସୁଧ ଟଙ୍କା ମଧ୍ୟ ଦେଇ ନ ଥିଲେ। ବହୁବାର ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍ଙ୍କ ଘରକୁ ଯାଇଥିଲେ ମଧ୍ୟ ସେ ଟଙ୍କା ଦେଉ ନ ଥିଲେ। ରବିବାର ଅପରାହ୍ନ ୩ଟା ୩୦ରେ ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍ଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଜିତ୍ ଉତ୍ତେଜିତ ହୋଇ ଦିଲୀପଙ୍କ ଉପରକୁ ଦୁଇଟି ଗୁଳି କରିଥିବା ପ୍ରାଥମିକ ଅନୁସନ୍ଧାନ ଜଣାପଡ଼ିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଅଜିତଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନ ଥିବାବେଳେ ବହୁ ବ୍ୟକ୍ତିଙ୍କ ଠାରୁ ଟଙ୍କା ଉଧାର ନେଇଥିବା ଡିସିପି କହିଛନ୍ତି। କିନ୍ତୁ ୨୦୧୭ରେ ବାଦାମ୍ବାଡ଼ି ଥାନା ଅନ୍ତର୍ଗତ ମହତାବ ରୋଡ ଅଞ୍ଚଳରେ ହୋଇଥିବା ଏକ ବୋମାମାଡ ଘଟଣାରେ ଅଜିତ୍ଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଜିତ୍ ଏବଂ ତାଙ୍କ ପରିବାର ଲୋକ ଘର ଛାଡ଼ି କେଉଁଆଡେ ଫେରାର ହୋଇଯାଇଛନ୍ତି। ଫଳରେ ଅଜିତ୍ ହିଁ ଗୁଳିମାଡ କରିଥିବା ପୋଲିସ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସନ୍ଧ୍ୟାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରିଛି।







## ଏସ୍ସିବିରେ ୧୦୧ ଡେଙ୍ଗୁ ରୋଗୀ
# ଆଖି ବୁଜିଲେ ଆଉ ଜଣେ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୩।୯**

ରାଜ୍ୟରେ ଡେଙ୍ଗୁ କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏସ୍ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉଜଣେ ଡେଙ୍ଗୁ ରୋଗୀ ଆଖି ବୁଜିଛନ୍ତି। ମୃତ ଯୁବକ ହେଲେ ଜଗତ୍ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ନାୟକ (୧୮)। ସେ ଗତ ୨୦ ତାରିଖରେ ଚିକିତ୍ସା ପାଇଁ ଏସ୍ସିବିକୁ ଆସିଥିଲେ। ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହାକୁ ମିଶାଇ ଏସ୍ସିବିରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଉଛନ୍ତି ରାୟଗଡ଼ା ଉପକାରାଗାରର ବିଚାରାଧୀନ କଏଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା ଏସ୍ସିବି ମେଡିକାଲରେ ୧୦୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୬ଜଣ ରୋଗୀ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୧୬ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ୭୨ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୬ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ କଟକରୁ ୪, ଜଗତ୍ସିଂହପୁର ୪, କେନ୍ଦ୍ରାପଡ଼ା ୬, ନୟାଗଡ଼ ୨ ଓ ଯାଜପୁରର ଜଣେ ରୋଗୀ ରହିଛନ୍ତି।





ମଧ୍ୟପ୍ରଦେଶ ଆମ୍ବେଡକର ହସ୍ପିଟାଲରେ ଘଟିଛି ଏକ ଅଘଟଣ। ଏଠାରେ ଜଣେ ଗର୍ଭବତୀଙ୍କ ମାତୃତ୍ୱ ଅସ୍ତ୍ରୋପଚାର ମୋବାଇଲ୍ ଆଲୋକରେ କରାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି। ଅସ୍ତ୍ରୋପଚାର ଚାଲିଥିବା ସମୟରେ ଏକଘଣ୍ଟା ପାଇଁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କୁ କାମରୁ ବାହାର କରାଯାଇଥିବାରୁ ଜେନେରେଟର ମଧ କାମ କରି ନ ଥିଲା। ଫଳରେ ଡାକ୍ତରମାନେ ବାଧ୍ୟହୋଇ ମୋବାଇଲ୍ ଆଲୋକରେ ଅସ୍ତ୍ରୋପଚାର ଶେଷ କରିଥିଲେ ବୋଲି ହସ୍ପିଟାଲ ମୁଖ୍ୟ ଡାକ୍ତର ହଂସରାଜ ବର୍ମା ସୂଚନା ଦେଇଛନ୍ତି।




## ସଂକ୍ଷେପରେ

### ଆଜିଠୁ ବିଜେଡିର ରାଜ୍ୟବ୍ୟାପୀ ମହିଳା ସମାବେଶ

■ ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରର ବିଫଳତା ଲୋକଙ୍କୁ ଜଣାଯିବ: ମଲ୍ଲିକ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହେବ। ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଏହି ସମାବେଶ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟକ୍ରମେ ସବୁ ନିର୍ବାଚନ ମଣ୍ଡଳୀରେ ଏହି ସମାବେଶ କରାଯିବ। ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ମହିଳାମାନେ ରାଜ୍ୟର ସମସ୍ତ ଲୋକଙ୍କୁ ଏହି ସମାବେଶ ଜରିଆରେ ଜଣାଇବେ। ମହିଳାଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୋତ୍ସାହିତ କରିବା, ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତୀକରଣ କରିବା, ତୃଣମୂଳସ୍ତରର ପର୍ଯ୍ୟନ୍ତ ମହିଳାଙ୍କୁ ସଂଗଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅବଦାନ ଲୋକମାନଙ୍କୁ ଜଣାଯିବ। ଏହାସହ ମହାନଦୀ, ପୋଲାଭରମ୍ ତଥା ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସମ୍ପର୍କୀୟ ବିଭିନ୍ନ ପ୍ରସଙ୍ଗକୁ ଏହି ସମାବେଶ ଦ୍ୱାରା ପ୍ରତ୍ୟେକ ଘରେ ପହଁଚାଯିବ। ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାର, ଭାରତବର୍ଷର ରାଜନୈତିକ ପରିସ୍ଥିତି ଏବଂ ଏଭଳି ପରିସ୍ଥିତିରେ ଓଡ଼ିଶା କେତେ ଲାଭାନ୍ୱିତ ଓ କ୍ଷତିଗ୍ରସ୍ତ ହୋଇଛି, ରାଜ୍ୟର ପ୍ରଗତି, ଅଗ୍ରଗତି ଓ ବିକାଶ କେତେ ହୋଇଛି, ବିଶେଷଭାବେ ମହିଳାମାନଙ୍କ ସମାଜ ଗଠନରେ ଅବଦାନ, ଯୋଗଦାନ ଏବଂ ଭବିଷ୍ୟତରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେବା ଏହି ସମାବେଶର ମୂଳ ଲକ୍ଷ୍ୟ ବୋଲି ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି।

### ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୧.୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡ଼ିଛି। ଏହାଛଡ଼ା କିଛି ଅତିରିକ୍ତ ପ୍ରସ୍ତାବ ଆସିପାରେ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରସ୍ତାବ ରହିଥିବା ସୂତ୍ରରୁ ଜଣାପଡ଼ିଛି।

# 'ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ'

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଓଡ଼ିଶା ଏବେ ଆମ ଫୋକସ୍‌ରେ ଅଛି। ରାଜ୍ୟର ବିଜେଡି ସରକାର ମହିଳା ବିରୋଧୀ। ଏ ସରକାର ମହିଳାମାନଙ୍କ ପାଇଁ କିଛି କରି ନାହିଁ। ମହିଳାଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏସବୁ କଥା ଲୋକମାନଙ୍କ ସାମ୍ନାକୁ ନେବୁ। ମହିଳାମାନଙ୍କୁ ସୁରକ୍ଷା ଯୋଗାଇଦେବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଭାଜପା ନିକଟରେ ରାଜ୍ୟବ୍ୟାପୀ ମହିଳା ସୁରକ୍ଷା ଯାତ୍ରା କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ମହିଳା ମୋର୍ଚ୍ଚା ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଛୋଟବଡ଼ ହୋଇ ୪୫୦ଟି ସଭା କରିଥିଲା। ସବୁ ସ୍ଥାନରେ ଆମକୁ ସଫଳତା ମିଳିଛି। ସବୁ ଦିଗରୁ ଚିନ୍ତା କରିବା ପରେ ଓଡ଼ିଶାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରିବାକୁ ସ୍ଥିର କରିଥିବା ସେ କହିଛନ୍ତି। ଓଡ଼ିଶାରେ ଆମେ ସରକାର କରିବୁ। ଆଉ ଏଠାରେ ସରକାର ବଦଳାଇବାର ମୁଖ୍ୟ ଭୂମିକା ମହିଳାମାନେ ନେବେ। ଆଗାମୀ ନିର୍ବାଚନରେ ମହିଳାଙ୍କୁ ଅଧିକ ଟିକେଟ ଦିଆଯିବ ବୋଲି ରାହତ୍‌କର କହିଛନ୍ତି।

ଦଳୀୟ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ହୋଇଥିବା ଖବରଦାତା ସମ୍ମିଳନୀରେ ରାହତ୍‌କର କହିଛନ୍ତି ଯେ, ଭାଜପାର ୩ଦିନିଆ ମହିଳା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ପୁରୀରେ ଆରମ୍ଭ ହୋଇଛି । ଦେଶରୁ ଆସିଥିବା ୨ଶହ ପଦାଧିକାରୀମାନଙ୍କ ବୈଠକ ଦୁଇଟି ମୁଖ୍ୟ ଉଦ୍ଦେଶ ନେଇ କରାଯାଉଛି। ଓଡ଼ିଶା ସହ ଦେଶରେ ଥିବା ସମସ୍ତ ବୁଥ୍‌କୁ ମଜଭୁତ କରାଯିବ। ସବୁ ସ୍ଥାନରେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ବୁଥ୍‌ରେ ଅତି କମ୍‌ରେ ୫ଜଣ ମହିଳା କାର୍ଯ୍ୟକର୍ତ୍ତା କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ଭଲ କାମ କରୁଛି। ମହିଳାମାନଙ୍କ ପାଇଁ ମୋଦି ସରକାର ବହୁ ଯୋଜନା ମଧ୍ୟ କରିଛନ୍ତି। ବେଟି ବଚାଓ ବେଟି ପଢ଼ାଓ, ମୁଦ୍ରା, ସ୍ୱଚ୍ଛ ଭାରତ, ସୁକନ୍ୟା ସମୃଦ୍ଧି, ଉଜ୍ଜ୍ୱଳା ଯୋଜନା ଦ୍ୱାରା କୋଟି କୋଟି ମହିଳା ଉପକୃତ ହୋଇଛନ୍ତି । ସେହିପରି ମୋଦି ସରକାର ଟ୍ରିପଲ ତଲାକକୁ ଉଚ୍ଛେଦ କରି ପାଖାପାଖି ଦେଶର ୮କୋଟିରୁ ଊର୍ଦ୍ଧ୍ୱ ମୁସଲିମ ମହିଳାଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ସହ ପୋକ୍‌ସୋ ଆକ୍ଟରେ ସଂଶୋଧନ ଆଣି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ମନ୍ତବ୍ୟ ନ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାର୍ଯ୍ୟକ୍ରମରେ ୩ଟି ପ୍ରସ୍ତାବ ପାରିତ ହେବ। ରାଜନୈତିକ, ମହିଳାଙ୍କ ପାଇଁ ହୋଇଥିବା ଯୋଜନା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପାଇଁ ଶୋକ ଭଳି ପ୍ରସ୍ତାବ ରହିବ। ଏହି କାର୍ଯ୍ୟସମିତିରେ ବିଜେଡି ସରକାରର ଅପାରଗତା ବିରୋଧରେ ଆଲୋଚନା ହେବା ସହ ଦେଶର ମହିଳାମାନଙ୍କୁ ନୂତନ ଦିଶା ଦିଆଯିବାର ରୋଡମ୍ୟାପ ପ୍ରସ୍ତୁତ କରାଯିବ ବୋଲି ରାହତକର୍ କହିଛନ୍ତି। ସୋମବାର ଅପରାହ୍ନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଘାଟନ କରିବେ।



ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର(ମଝି)ଙ୍କ ସହ ଅନ୍ୟମାନେ।

■ ଆମକୁ ଅନୁସରଣ କରୁଛନ୍ତି: ପ୍ରମିଳା

ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ସେମାନେ ଦିଲ୍ଲୀରେ କିମ୍ବା ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ସେକଥା ଚିନ୍ତା ନ କରି ଓଡ଼ିଶା ସରକାରଙ୍କ ବିରୋଧରେ କ'ଣ କହୁଛନ୍ତି। ଭାଜପା ସବୁବେଳେ ବିଜେଡିକୁ ଅନୁସରଣ କରି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଆମେ ଯଦି ମହିଳା କାର୍ଯ୍ୟକ୍ରମ କରି ନ ଥାଆନ୍ତୁ ତେବେ ସେମାନେ ମଧ୍ୟ ଓଡ଼ିଶାରେ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରି ନ ଥାଆନ୍ତେ ବୋଲି ପ୍ରମିଳା କହିଛନ୍ତି।

# ୧୩ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ସମୁଦ୍ର ପତନଠାରୁ ୦.୯ କିମି କେନ୍ଦ୍ରୀୟ ଆସାମ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର ୧୩ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏନେଇ ପାଣିପାଗ କେନ୍ଦ୍ର କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଏବଂ ସୁନ୍ଦରଗଡ ଜିଲାଗୁଡିକୁ ସତର୍କ କରାଇ ଦେଇଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କଟକରେ ସର୍ବାଧିକ ୨୧ ମିମି ଏବଂ ଭୁବନେଶ୍ୱରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ଗତ ଚାରିଦିନ ଧରି ସାମୁଦ୍ରିକ ବାତ୍ୟା ଡାଏ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସହିତ ପବନ ହୋଇଥିଲା। ରବିବାର ସକାଳେ ଏହି ପାଗରେ ପରିବର୍ତ୍ତନ ଆସିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଗ ଖରାଟିଆ ରହିଥିବାବେଳେ ମଧ୍ୟାହ୍ନରେ ରାଜଧାନୀରେ କିଛି ସମୟ ପାଇଁ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୪.୭ ଡିଗ୍ରୀ ସେଲସିୟସ୍ ଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୯ ଡିଗ୍ରୀ ସେଲସିୟସ୍ ରହିଛି।

■ ଗସ୍ତ ସାରି ଫେରିଲେ ଆମିକସ୍ କ୍ୟୁରି

# ସେବାୟତଙ୍କୁ ସମୟାନୁବର୍ତ୍ତିତା ପରାମର୍ଶ

ପୁରୀ ଅଫିସ, ୨୩।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଦୁଇଦିନିଆ ପୁରୀ କାର୍ଯ୍ୟକ୍ରମ ଶେଷ ହୋଇଛି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ରବିବାର ସକାଳେ ଦିଲ୍ଲୀ ଫେରିଯାଇଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଶ୍ରୀମନ୍ଦିର ସେବାୟତମାନେ ଭକ୍ତଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରିବା ଦରକାର। ସେବକଙ୍କୁ ସେମାନଙ୍କ ଆଚାର, ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ପଡିବ। ସମୟାନୁବର୍ତ୍ତିତା ହୋଇ ମହାପ୍ରଭୁଙ୍କ ସେବାପୂଜାକୁ ପ୍ରାଥମିକତା ଦେବାକୁ ହେବ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯିବ। ଏ ନେଇ ଗଜପତି ମହାରାଜା, ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଛନ୍ତି। ଏହାବ୍ୟତୀତ ସେବାୟତଙ୍କ ସାମାଜିକ ଏବଂ ଆର୍ଥିକ ଦିଗକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି ବୋଲି ଆମିକସ୍ କ୍ୟୁରି କହିଥିଲେ।

## ଅକ୍ଟୋବର ୨ରୁ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର ଧାରଣା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଚାକିରି ସ୍ଥାୟୀ କରିବା ଦାବିରେ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ଅନଶନରେ ବସିବ ବୋଲି ସଂଘର ସଭାପତି ଅନିଲ ମହାନ୍ତି କହିଛନ୍ତି। ମଙ୍ଗଳବାରଠାରୁ ସଂଘର ସଦସ୍ୟ ଅର୍ଥାତ୍ ୫୫ ସରକାରୀ ରକ୍ତଭଣ୍ଡାରରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟସ୍ଥଳରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଦାବି ପୂରଣ ନେଇ ସଂଘ ପକ୍ଷରୁ ରବିବାର ନେହରୁ ଯୁବ ପ୍ରତିଷ୍ଠାନରେ ସଭାପତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମହାନ୍ତି କହିଛନ୍ତି, ରାଜ୍ୟରେ ୫୫ ରକ୍ତ ଭଣ୍ଡାର ସରକାରୀ ମାନ୍ୟତା ପାଇଥିଲେ ମଧ ଏଥିରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀଙ୍କୁ ସରକାର ସ୍ଥାୟୀ କରୁନାହାନ୍ତି। ସରକାରଙ୍କୁ ସଂଘ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ସରକାର ଦାବି ପୂରଣ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସଂଘ ବାଧହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାକୁ ଓହ୍ଲାଇଛି। ଆନ୍ଦୋଳନ ଚାଲିଥିବା ଦିନଗୁଡିକରେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାର କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଧାରଣାରେ ସାମିଲ ହେବେ। ସେହିଦିନଗୁଡିକରେ ରକ୍ତ ପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ସେଥିଲାଗି କେବଳ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାନ୍ତି ସରକାରଙ୍କୁ ଖୋଲାଖୋଲି ଭାବେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ସଂଘର ସମ୍ପାଦକ ରମଣୀରଞ୍ଜନ ଗଡ଼ନାୟକ, ଉପସଭାପତି ବସନ୍ତ ବେହେରା, ଅକ୍ଷୟ ଜେନା ଏବଂ ରୁଦ୍ର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

FEW SEATS LEFT
HURRY-UP !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, BBA, MBA, B.Lib, M.Lib, M.Ed., M.Phil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHAYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

Sushree Institute of Physical Education
Pallishree Vihar, Sadaipali, Balangir
ADMISSION NOTICE
Vishwakarma University for Self-Employment, India, Delhi has given green signal to accord Affiliation for Diploma in Phy. Edn. equivalent to C.P.Ed. and Post Diploma in Phy. Edn. equivalent to B.P.Ed. @ 16 seats each. +2 and +3 passed candidates may obtain application form free of cost from College Office and apply by 10.10.2018 and attend the counseling meeting on 14.10.2018 at 11AM in the College premises.
Contact: 6370608551 or 9437150744
PRINCIPAL

# ପୁରୀରେ ଆଜିଠାରୁ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

■ ଉଦ୍‌ଘାଟନ କରିବେ ଅମିତ ଶାହ
■ ପହଞ୍ଚିଲେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା

ପୁରୀ ଅଫିସ, ୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଦଳୀୟ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶନିବାର ସେ ଯେଉଁଭଳି ଭାବେ ରାଜ୍ୟ ସରକାରଙ୍କୁ ଆକ୍ଷେପ କରିଥିଲେ ତାହା ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ସୋମବାର ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ପୁରୀ ଆସୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପରିବର୍ତ୍ତନ ପରେ ଶାହ ପୁରୀରେ କିଭଳି ମନ୍ତବ୍ୟ ରଖୁଛନ୍ତି ତାହାକୁ ନେଇ ଏବେ ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ଜୋର୍ ଧରିଛି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ନିଜ ସଂଗଠନ ସଜାଡିବା ଆରମ୍ଭ କରିଦେଇଛନ୍ତି। ତୃଣମୂଳ ସ୍ତରର କର୍ମୀଙ୍କଠାରୁ ଏହି ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ସୋମବାର ପୁରୀରେ ଭାଜପା ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ। ଏହାସହିତ ଭାଜପାର ମହିଳା ସମାବେଶ ମଧ ଅନୁଷ୍ଠିତ ହେବ। ଦଳର ଏହି ଦୁଇଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରୀୟ ସଭାପତି ଶାହ। ମହିଳା ସମାବେଶ ଲାଗି ଦଳ ପକ୍ଷରୁ ଶରଧାବାଲିରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିରେ ରାଜ୍ୟର ପ୍ରତି ପଞ୍ଚାୟତର ୫ଟି ବୁଥ୍‌ର ମହିଳା ପ୍ରମୁଖ ଯୋଗଦେବେ। ପ୍ରାୟ ୧୦ରୁ ୧୨ ହଜାର ମହିଳା କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହ ଏହି ସମାବେଶକୁ ଉଦ୍‌ଘାଟନ କରି ମହିଳା କର୍ମୀଙ୍କୁ ସଂଗଠନ ସଜାଡିବା ସହିତ ୨୦୧୯ ନିର୍ବାଚନରେ ଭାଜପା କିଭଳି ମହିଳା ଭୋଟ ହାତେଇବ ସେ ନେଇ ମନ୍ତ୍ର ଦେବେ। ଅପରାହ୍ନ ୩ଟାରେ ହୋଟେଲ ଗୋଲଡେନ୍ ପ୍ୟାଲେସରେ ହେବାକୁ ଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀକୁ ଉଦ୍‌ଘାଟନ କରିବେ। କାର୍ଯ୍ୟକାରିଣୀରେ ଦେଶର ବିଭିନ୍ନ ରାଜ୍ୟରୁ ୨ଶହ ପ୍ରତିନିଧି ଯୋଗଦେବେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକାରିଣୀରେ ମହିଳା ମୋର୍ଚ୍ଚା ତା'ର ରୋଡ ମ୍ୟାପ ପ୍ରସ୍ତୁତ କରିବ ବୋଲି ସୂଚନା ମିଳିଛି। ସୋମବାର ମଧାହ୍ନ ୧୨ଟା ୧୦ରେ ରାଷ୍ଟ୍ରୀୟ ଅଧକ୍ଷ ଶାହ ଶରଧାବାଲି ସମାବେଶ ସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ବହୁ ହେଭିୱେଟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି।ଅନ୍ୟପକ୍ଷରେ ରବିବାର ଅପରାହ୍ନରେ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ବିଜୟା ରାହାତ୍‌କର ପୁରୀରେ ପହଞ୍ଚିଛନ୍ତି। ଦଳ ପକ୍ଷରୁ ଅଠରନଳାରୁ ଏକ ଶୋଭାଯାତ୍ରା ହୋଟେଲ ଗୋଲଡେନ୍ ପ୍ୟାଲେସ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ତାଙ୍କ ସହ ଦଳର ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଉକ୍ତ ହୋଟେଲରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ୩୦ଜଣ ରାଷ୍ଟ୍ରୀୟ ପଦାଧିକାରୀ ବୈଠକରେ ଉପସ୍ଥିତ ଥିଲେ।




www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

KHALLIKOTE UNIVERSITY
BERHAMPUR-760001
ADMISSION NOTICE
Applications are invited from the students who have completed +2 for Skill Development Courses funded by UGC under National Skill Qualification Framework (NSQF) for Community Colleges Certificate Course (6 months)/ Diploma Course (1 year) in.
Courses Offered
• Tourism and Hospitality Management
• Media and Entertainment Sector
• Retail Management
Important Dates
• Last date for submission of Application: 5th October 2018.
• Counselling and Admission: 10th-12th October 2018.
For details visit: www.khallikoteuniversity.ac.in
Contact: 9840275563, 9437133384, 9439652646, 7979850640.
Sd./- Registrar

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ,
ଫୋନ୍ ନଂ.: ୦୬୭୫୮ - ୨୪୦୭୫୦, ୨୪୦୪୫୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ପରିଶିଷ୍ଟ-୪ (ରୁଲ୍ -୮(୧)

ନିମ୍ନ ସ୍ୱାକ୍ଷରକାରୀ ଓଡିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ ସହିତ ଧାରା ୧୩ (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ସାଙ୍କେତିକ** ଦଖଲ ନେଇଛନ୍ତି ।

୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର** ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ । ଦଖଲ ତାରିଖ ସୁଦ୍ଧା ଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୯୮ ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| **ନିମାପଡ଼ା ଶାଖା** / ଋଣଗ୍ରହୀତା / ଜାମିନଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମୁକୁନ୍ଦ ଦାସ, ପିତା : ମୁଳି ଦାସ, ସା : ନହମଙ୍ଗା, ପୋ : ସାହଡାପଡା, ଭାୟା : ବଳଙ୍ଗା, ଜିଲ୍ଲା - ପୁରୀ, ପିନ୍ - ୭୫୨୧୦୫ / ଜାମିନଦାରମାନେ: (୧) ଶ୍ରୀ ମନୋଜ କୁମାର ନାୟକ, ପିତା : ଅଚ୍ଯୁତାନନ୍ଦ ନାୟକ, ସା : ଡିହବାରି, ପୋ : ଚଅଁରପଡା, ଭାୟା : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୨) ଶ୍ରୀମତୀ ହୀରା ଦାସ, ସ୍ୱାମୀ : ମୁକୁନ୍ଦ ଦାସ, ସା : ନହମଙ୍ଗା, ପୋ : ସାହଡାପଡା, ଭାୟା : ବଳଙ୍ଗା, ଜିଲ୍ଲା - ପୁରୀ, ପିନ୍ - ୭୫୨୧୦୫ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୨୩ | ମୁକୁନ୍ଦ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା : ନହମଙ୍ଗା, ଖାତା ନଂ.: ୨୪୪, ପ୍ଲଟ: ନଂ.: ଯଥାକ୍ରମେ ୨୯୧, ୩୧୦ ଏବଂ ୩୮୦, କ୍ଷେତ୍ର: ଏକର୧.୩୦ ଡିସିମିଲି, ଏକର୧.୬୪ ଡିସିମିଲି ଏବଂ ଏକର୦.୭୦ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୩,୭୯,୪୬୮.୪୦ ୧୭.୦୯.୨୦୧୮ ସୁଦ୍ଧା ଟ.୬,୫୧,୨୩୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୩.୧୨.୨୦୧୭ / ୧୭.୦୯.୨୦୧୮ |
| ଋଣଗ୍ରହୀତା ଓ ବନ୍ଧକଦାତା: ଶ୍ରୀ ଦିପ୍ତି ରଞ୍ଜନ ସାହୁ, ପିତା : କାଶୀନାଥ ସାହୁ, ସା : ଅମୁଣିହାଁପାଟଣା, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬ / ଜାମିନଦାରମାନେ: (୧) ଶ୍ରୀ ଅଶୋକ କୁମାର ତ୍ରିପାଠି, ଅଧ୍ୟାପକ, ଫିଜିକ୍ସ ଡିପାର୍ଟମେଣ୍ଟ, ନିମାପଡା କଲେଜ, ସା/ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬, (୨) ଶ୍ରୀ ହରିହର ସାହୁ, ପିତା : ବାଇଧର ସାହୁ, ସା : ହଳୁପୁର, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୩) ଶ୍ରୀ ମନୋରଞ୍ଜନ ଦଳେଇ, ସା : ଅଛିଆସାହି, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬ / ଜାମିନଦାରମାନେ ଓ ବନ୍ଧକଦାତା: (୧) ଶ୍ରୀ ସୌମ୍ୟ ରଞ୍ଜନ ସାହୁ, ପିତା : କାଶିନାଥ ସାହୁ, ସା : ପାଟପୁର (ଅମୁଣିହାଁପାଟଣା), ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୨) ଶ୍ରୀ ଜ୍ୟୋତିରଞ୍ଜନ ସାହୁ, ପିତା : କାଶିନାଥ ସାହୁ, ସା : ଅମୁଣିହାଁପାଟଣା, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬ / ଆକାଉଣ୍ଟ ନଂ.: ୩୩୧୦୦୩୦୦୧ | ଦିପ୍ତି ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ ଏବଂ ଜ୍ୟୋତି ରଞ୍ଜନ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ପାଟପୁର, ଖାତା ନଂ.: ୪୪୭, ପରବର୍ତ୍ତୀ ଖାତା ନଂ.: ୧୪୩୬, ପ୍ଲଟ: ନଂ.: ୩୬୯, ପରବର୍ତ୍ତୀ ପ୍ଲଟ ନଂ.: ୩୬୪୩, କ୍ଷେତ୍ର: ଏକର୦.୦୬ ଡିସିମିଲି । | ୦୭.୦୬.୨୦୧୪ ସୁଦ୍ଧା ଟ.୨,୧୫,୧୦୯/- ୧୭.୦୯.୨୦୧୮ ସୁଦ୍ଧା ଟ.୪,୫୨,୪୧୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୨.୦୨.୨୦୧୮ / ୧୭.୦୯.୨୦୧୮ |
| ଋଣଗ୍ରହୀତା ଓ ବନ୍ଧକଦାତା: ମେସର୍ସ ଚର୍ଚ୍ଚିକା ମାର୍ବଲସ୍, ସତ୍ୱାଧିକାରୀ : ଶ୍ରୀ ବିନୋଦ ବିହାରୀ ପ୍ରଧାନ, ସୋରୁମ୍ ଠିକଣା : ସା/ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, ବାସସ୍ଥାନ ଠିକଣା : ସା ବରିମୁଣ୍ଡେଇ, ପୋ : ବାମନାଳ, ଜିଲ୍ଲା : ପୁରୀ, ପିନ୍-୭୫୨୧୨୧, ୰ ନଟବର ପ୍ରଧାନ (ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀ ଶ୍ରୀ ବିନୋଦ ବିହାରୀ ପ୍ରଧାନ / ଜାମିନଦାରମାନେ: ୰ ନଟବର ପ୍ରଧାନ(ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ (୧) ଶ୍ରୀ ଶୁକଦେବ ପ୍ରଧାନ, (୨) ଶ୍ରୀ ପ୍ରମୋଦ ପ୍ରଧାନ, ସା : ବରିମୁଣ୍ଡେଇ, ପୋ : ବାମନାଳ, ଜିଲ୍ଲା : ପୁରୀ, ପିନ୍-୭୫୨୧୨୧ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୨୪ | ୰ ନଟବର ପ୍ରଧାନ (ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ ଶ୍ରୀ ବିନୋଦ ବିହାରୀ ପ୍ରଧାନ, ଶ୍ରୀ ଶୁକଦେବ ପ୍ରଧାନ ଓ ଶ୍ରୀ ପ୍ରମୋଦ ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ବରିମୁଣ୍ଡେଇ, ଖାତା ନଂ.: ୮୧, ପ୍ଲଟ: ନଂ.: ୯୯, କ୍ଷେତ୍ର: ଏକର୦.୧୦ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୫,୭୩,୮୩୯/- ୧୭.୦୯.୨୦୧୮ ସୁଦ୍ଧା ଟ.୮,୯୭,୧୦୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୫.୦୧.୨୦୧୮ / ୧୭.୦୯.୨୦୧୮ |
| ଋଣଗ୍ରହୀତା : ଶ୍ରୀ ପ୍ରଫୁଲ କୁମାର ସାହୁ, ପିତା : ବନମାଳୀ ସାହୁ, ସା : ତଳପାଟର, ହଂସପଡା, ପୋ : ଚଅଁରପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬ / ଜାମିନଦାର ଓ ବନ୍ଧକଦାତା: ଶ୍ରୀ ବନମାଳୀ ସାହୁ, ପିତା : ଇଶ୍ୱର ଚନ୍ଦ୍ର ସାହୁ, ସା: ହଂସପଡା, ପୋ : ଚଅଁରପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୬୬ | ବନମାଳୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ହଂସପଡା, ଖାତା ନଂ.: ୫୮୨, ପ୍ଲଟ: ନଂ.: ୩୪୩, କ୍ଷେତ୍ର: ଏକର୦.୦୧୪ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୫,୦୮,୯୪୩/- ୧୭.୦୯.୨୦୧୮ ସୁଦ୍ଧା ଟ.୭,୭୩,୧୨୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୫.୦୧.୨୦୧୮ / ୧୭.୦୯.୨୦୧୮ |

ତାରିଖ : ୨୨.୦୯.୨୦୧୮
ସ୍ଥାନ : ପିପିଲି
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଓଡିଶା ଗ୍ରାମ୍ୟ ବ୍ୟାଙ୍କ

ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଉଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି- ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। -ଶ୍ରୀମା

# ରାଫାଲ ଧୂଆଁ

ଭାରତର ଯୁଦ୍ଧ ସମ୍ପର୍କିତ ପ୍ରସ୍ତୁତି ବିଷୟରେ ଯେତେ ଅଳ୍ପ ଆଲୋଚନା ହେବ ସେତେ ଭଲ। ଏହାର ମୁଖ୍ୟ କାରଣ ହେଲା ଯେଉଁସବୁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ସମୟରେ କ୍ଷମତା ହାସଲ କରି କେନ୍ଦ୍ରରେ ସରକାର ଗଢ଼ିଛନ୍ତି, ସେମାନେ ସମସ୍ତେ ପ୍ରତିରକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଆସିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ଭଳି ବିଶ୍ୱରେ ଆହୁରି ଅନେକ ଦେଶ ଅଛନ୍ତି, ଯେଉଁମାନେ ବିଶ୍ୱ ବଜାରରୁ ଯୁଦ୍ଧ ସାମଗ୍ରୀ କିଣିଥାଆନ୍ତି। ଏହି ବ୍ୟବସାୟ ଅନେକ ହଜାର କୋଟି ଡଲାରର ହୋଇଥିବାରୁ, ତତ୍‌ସହିତ ସମ୍ପୃକ୍ତ ଥିବା ଦୁର୍ନୀତି ବିରାଟକାୟ ହୋଇଥାଏ। ସେହି ଗୋଳାବାରୁଦ, ବନ୍ଧୁକ, ଟ୍ୟାଙ୍କ, ଉଡ଼ାଜାହାଜ, ପାଣିଜାହାଜ ଭଳି ଅନେକ ଯୁଦ୍ଧ ସହ ସମ୍ପୃକ୍ତ ଯନ୍ତ୍ର ଘରୋଇ କମ୍ପାନୀ ପ୍ରସ୍ତୁତ କରୁଥିବା ସତ୍ତ୍ୱେ, ବୃହତ୍ ଦେଶଗୁଡ଼ିକର ସରକାରୀ ହାତ ଏହି ବ୍ୟବସାୟରେ ସ୍ପଷ୍ଟ ଜଣାପଡ଼େ। ଉଦାହରଣ ସ୍ୱରୂପ, ଫ୍ରାନ୍ସ ଭଳି ଏକ କ୍ଷତିଗ୍ରସ୍ତ ଅର୍ଥନୀତିର ପୁନର୍ଜୀବନ ପାଇଁ ଭାରତ କିମ୍ବା କାତାର ଭଳି ଦ୍ୱିତୀୟ ବିଶ୍ୱର ଦେଶଗୁଡ଼ିକ ଫ୍ରାନ୍ସ ପାଇଁ ଗୁରୁତ୍ୱ ଧାରଣ କରିଯାଇଛନ୍ତି। ଆଜିର ପୃଥିବୀରେ ଆମେରିକା, ରୁଷିଆ, ସ୍ୱିଡେନ, ଚାଇନା ଏବଂ ଫ୍ରାନ୍ସ ଭଳି ହାତଗଣତି ଦେଶ ଉଚ୍ଚମାନର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଛନ୍ତି। ସେହି ଦେଶଗୁଡ଼ିକ ଦ୍ୱାରା ଗ୍ରାହକ ଦେଶଗୁଡ଼ିକରେ ଦଲାଲ ନିୟୋଜିତ କରି ଲୁକ୍କାୟିତ ଧନ୍ଦା କରିବା ଏକ ଗତାନୁଗତିକ ସତ୍ୟ। ଭାରତରେ ବୋଫର୍ସ, ଅଗୁସ୍ତା ୱେଷ୍ଟଲାଣ୍ଡ ଦୁର୍ନୀତିର ଅନେକ ବର୍ଷ ବିତିଯାଇଥିବା ସତ୍ତ୍ୱେ କୌଣସି ପ୍ରମାଣ ମିଳିପାରୁନାହିଁ। ସମସ୍ତେ ବୁଝିଛନ୍ତି ଯେ ବିରାଟ ଦୁର୍ନୀତି ହୋଇଥିଲା। କିନ୍ତୁ ପ୍ରମାଣ ଦେବା ପାଇଁ କୌଣସି ଦେଶ ରାଜି ହୁଅନ୍ତି ନାହିଁ। ଏହାର ମୁଖ୍ୟ କାରଣ ହେଲା ଯଦି କୌଣସି ରାଷ୍ଟ୍ର ଏଭଳି ତଥ୍ୟ ପ୍ରକାଶ କରିଦିଏ, ତେବେ ଭବିଷ୍ୟତରେ ଅନ୍ୟ କୌଣସି ଦେଶର ନେତୃତ୍ୱ ସେହି ଦେଶ ସହ ବେପାର କରିବା ପାଇଁ ପସନ୍ଦ କରିବେ ନାହିଁ। ପୃଥିବୀ ସାରା ଜଣାଶୁଣା ଯେ ମାଦକ ଦ୍ରବ୍ୟ, ମାନବ ଚାଲାଣ ଏବଂ ସେହିଭଳି ସବୁ ଅନ୍ତର୍ଜାତୀୟ ଅପରାଧଠାରୁ ପ୍ରତିରକ୍ଷା ସାମଗ୍ରୀ ବ୍ୟବସାୟର ପରିମାଣ ଯଥେଷ୍ଟ ବୃହତ୍। ସେଥିପାଇଁ କୁହାଯାଏ ଯୁଦ୍ଧ ହେଉଛି, ସମ୍ଭବତଃ, ପୃଥିବୀର ସର୍ବବୃହତ୍ ବ୍ୟବସାୟ। ଯୁଦ୍ଧ ଲାଗି ରହିଥିଲେ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବଢ଼ିଥାଏ।

ଭାରତରେ ରାଫାଲ ଯୁଦ୍ଧ ବିମାନ କିଣାରେ ଯେ ଦୁର୍ନୀତି ହୋଇଛି, ଏ ବିଷୟରେ କାହାରି ସନ୍ଦେହ ରହିବା ଯୁକ୍ତିଯୁକ୍ତ ନୁହେଁ। ଭାରତୀୟ ବାୟୁସେନାର ଆବଶ୍ୟକତା ଅନୁଯାୟୀ ୧୨୬ଟି ରାଫାଲ ଯୁଦ୍ଧ ବିମାନ କିଣାଯିବା ଲାଗି ଉପା ସରକାର ଅମଳରେ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତି କରାଯାଇଥିଲା। ସେଠାକାର ଦାସଲ୍ଟ ଆଭିଏଶନ୍ ୧୮ଟି ବିମାନ ଭାରତକୁ ଦେଇଥାଆନ୍ତା ଓ ବାକି ୧୦୮ଟି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ଭାରତରେ ନିର୍ମିତ ହୋଇଥାଆନ୍ତା। ଅର୍ଥାତ୍ ସେଠାକାର ପ୍ରଯୁକ୍ତିବିଦ୍ୟା ଆମଦାନୀ କରାଯାଇ ଏଠାରେ ବିମାନ ତିଆରି କରାଯାଇଥାଆନ୍ତା। ହେଲେ ଏନ୍‌ଡିଏ ସରକାର ଉକ୍ତ ଚୁକ୍ତିରେ ପରିବର୍ତ୍ତନ କରି ସମୁଦାୟ ୩୬ଟି ରାଫାଲ ଯୁଦ୍ଧ ବିମାନ କିଣିବ ବୋଲି କୁହାଗଲା। ବିବାଦର ବିନ୍ଦୁଟି ହେଲା ହାଲ୍ ପରିବର୍ତ୍ତେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଏଠାରେ ଦାସଲ୍ଟ ଆଭିଏଶନର ସହଯୋଗୀ କରାଯାଇ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଯାୟୀ ବିମାନ ତିଆରି ଲାଗି ଯୋଜନା ହୋଇଥିଲା। ସତେ ଯେମିତି ସରକାରଙ୍କ 'ହାଲ୍' ଏହି ଯୁଦ୍ଧ ବିମାନକୁ ତିଆରି କରିଥିଲେ ତାହା ମେକ୍ ଇନ୍ ଇଣ୍ଡିଆ ହୋଇ ନ ଥାଆନ୍ତା। ଉଲ୍ଲେଖଯୋଗ୍ୟ, ଅନେକ ଦଶନ୍ଧି ଧରି ଭାରତର ବାୟୁସେନାକୁ ବଞ୍ଚାଇ ରଖିଥିବା ବିଭିନ୍ନ ପ୍ରକାରର ମିଗ୍ ବିମାନକୁ ହାଲ୍ ନିର୍ମାଣ କରିଆସୁଥିଲା। ସୂଚନାଯୋଗ୍ୟ, ମିଗ୍ ଜେଟ୍‌ଗୁଡ଼ିକ କୋରାପୁଟର ସୁନାବେଡ଼ାଠାରେ ନିର୍ମିତ ହୁଏ। ତେଣୁ ହାଲ୍‌ରେ କାର୍ଯ୍ୟରତ ବୈଜ୍ଞାନିକ ଓ ବୈଷୟିକବିତ୍‌ମାନେ ଯୁଦ୍ଧ ବିମାନ ନିର୍ମାଣରେ ଦକ୍ଷତା ହାସଲ କରିଆସିଛନ୍ତି। ଅବଶ୍ୟ ସବୁ ଆଧୁନିକ ବିମାନରେ ନୂତନ ପ୍ରକାରର କୌଶଳ ରହିଥାଏ। ତାହାକୁ ଶିଖିବା ହାଲ୍ କର୍ମଚାରୀଙ୍କ ପାଇଁ ଯେତିକି ସହଜ ହେବ, ତାହା କେବେହେଲେ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ ପାଇଁ ସମ୍ଭବପର ହେବନାହିଁ। ଏହା ବ୍ୟତୀତ ରାଫାଲ ଚୁକ୍ତିର ମାତ୍ର ୧୪ ଦିନ ପୂର୍ବରୁ ଆର୍‌ଡିଏଲ୍ ଏକ ନୂତନ କମ୍ପାନୀ ଭାବେ ପଞ୍ଜୀକୃତ ହୋଇଥିଲା। ଅନିଲଙ୍କ କମ୍ପାନୀ ୨୦୧୫ ମାର୍ଚ୍ଚ ୨୮ରେ ଗଠିତ ହୋଇଥିବା ବେଳେ ୨୦୧୫ ଏପ୍ରିଲ ୧୦ରେ ଏନ୍‌ଡିଏ ସରକାର ରାଫାଲ ଚୁକ୍ତିର ପୁନଃ ନବୀକରଣ କରିଥିଲେ। ଏଥିସହିତ ଉପା ସରକାର ସମୟରେ ଗୋଟିଏ ରାଫାଲ ଯୁଦ୍ଧ ବିମାନ ଲାଗି ୫୬୦ କୋଟି ଟଙ୍କା ସ୍ଥିର ହୋଇଥିବା ବେଳେ ଏବେ ତାହା ୧୬୭୦ କୋଟି ଟଙ୍କାରେ କରାଯାଇଛି ବୋଲି କହି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ହାତ ଥିବା କହୁଛନ୍ତି। ଏତିକିବେଳେ ନିଆଁରେ ଘିଅ ଢାଳିଛନ୍ତି ଓଲାନ୍ଦେ। ତେବେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣ କହିଛନ୍ତି ଯେ ହାଲ୍ ଯୁଦ୍ଧ ବିମାନ ନିର୍ମାଣ କରିବାର କ୍ଷମତା ରଖିନାହିଁ। ଏଠାରେ ପ୍ରଶ୍ନ ଉଠୁଛି, ଏୟାରକ୍ରାଫ୍ଟ ନିର୍ମାଣ କରୁଥିବା ୭୦ ବର୍ଷର ପୁରୁଣା ନବରତ୍ନ କମ୍ପାନୀ 'ହାଲ୍' ଯେତେବେଳେ ଯୁଦ୍ଧବିମାନ ତିଆରି କରିବାରେ ସକ୍ଷମ ନୁହେଁ, ସେତେବେଳେ ନୂଆ କରି ସୃଷ୍ଟି ହୋଇଥିବା ଅନିଲଙ୍କ କମ୍ପାନୀ କିଭଳି ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବ। କୁହାଯାଉଛି, ଶିଳ୍ପପତିଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ମୋଦି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆର୍‌ଡିଏଲ୍ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଯୋଗାଡ଼ କରାଯାଇଛି ବୋଲି ଦାବି ଏବେ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କଲାଣି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | | 1 | D | | 9 | | | | A | 0 | | | |
| | | | | | | | | 0 | C | | | A | | |
| | 0 | 9 | | | | | | E | | | | | 5 | |
| | 6 | | 8 | 0 | | 3 | 4 | | | | | | | |
| | | | 7 | A | | | 1 | | | 3 | 2 | 8 | | 4 |
| E | | | 6 | | A | | | | | 7 | 4 | 0 | | |
| C | | | | | 2 | | 3 | | | | | | | |
| | 1 | 6 | | | | | | 8 | 3 | 5 | C | 2 | E | |
| | | | | | | | | | 2 | 6 | | 9 | | 7 |
| A | 8 | | | 4 | C | | | | D | | 9 | B | | |
| | B | | A | | | | 0 | D | | 2 | 3 | | 1 | |
| 3 | | | 4 | | | C | 5 | | B | | E | | | |
| 9 | 5 | E | | | | | A | | | | | 4 | 7 | |
| 0 | | D | | 3 | | 1 | E | | | C | | | A | |
| | | | | 1 | | 7 | | | 4 | D | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 1 | C | 7 | 9 | 6 | 3 | 0 | E | 2 | 5 | A | B | 8 | D |
| 8 | 2 | A | 0 | E | 5 | 6 | D | B | 3 | 1 | 9 | 7 | C | 4 |
| 5 | B | 3 | A | 1 | D | C | 8 | 4 | E | 7 | 0 | 6 | 2 | 9 |
| E | 9 | 6 | 2 | 8 | C | 1 | 5 | 7 | D | B | 4 | 3 | A | 0 |
| D | 7 | 0 | 4 | B | 3 | 2 | A | 9 | 6 | C | 8 | E | 5 | 1 |
| C | 5 | D | 9 | 3 | 2 | 4 | 7 | 0 | 8 | E | 1 | A | B | 6 |
| 7 | 6 | B | 8 | 0 | 4 | E | 1 | 3 | C | A | D | 5 | 9 | 2 |
| 0 | 4 | 2 | 6 | A | E | 5 | C | 8 | B | 9 | 3 | 1 | D | 7 |
| 9 | 3 | 1 | C | D | B | A | 6 | 2 | 7 | 0 | 5 | 4 | E | 8 |
| A | 8 | E | 5 | 7 | 1 | B | 9 | D | 4 | 2 | 6 | C | 0 | 3 |
| 1 | E | 4 | D | 5 | A | 7 | 2 | 6 | 0 | 8 | C | 9 | 3 | B |
| 3 | A | 9 | B | C | 7 | 8 | 4 | 1 | 5 | D | 2 | 0 | 6 | E |
| 2 | D | 7 | 3 | 4 | 0 | 9 | E | 5 | A | 6 | B | 8 | 1 | C |
| 6 | C | 8 | E | 2 | 9 | 0 | B | A | 1 | 3 | 7 | D | 4 | 5 |
| B | 0 | 5 | 1 | 6 | 8 | D | 3 | C | 9 | 4 | E | 2 | 7 | A |

ଗତକାଲିର ଉତ୍ତର

# ଇନ୍ଦ୍ରଧନୁ ପତାକାରେ ବିଜୟ ଉତ୍ସବ

ସରଳ କୁମାର ଦାସ



ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ଓ ଏହାକୁ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୭ରୁ ବାଦ୍ ଦେବା ସଂକ୍ରାନ୍ତ ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟରେ ଆନନ୍ଦ ପ୍ରକାଶ ପାଇଛି। ଏଣିକି ଆଉ ନିଭୃତ କୋଠରି ମଧ୍ୟରେ ଦୁଇ ପ୍ରାପ୍ତବୟସ୍କଙ୍କ ସମ୍ମତି ଭିତ୍ତିରେ ଯୌନ ସମ୍ପର୍କ ଅପରାଧ ପରିସରଭୁକ୍ତ ହେବ ନାହିଁ। ରାୟରୁ ସ୍ପଷ୍ଟ ହୋଇଛି ଯେ ସାମାଜିକ ନୈତିକତାର ଦ୍ୱାହି ଦେଇ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ହେବନାହିଁ। ସମଲିଙ୍ଗୀ ସମ୍ପର୍କକୁ ଧାରା ୩୭୭ରୁ ବାଦ୍ ଦେବା ପାଇଁ ୧୯୯୪ରୁ ଚାଲି ଆସିଥିବା ଏହି ଆଇନଗତ ଲଢେଇରେ ଶେଷରେ ଏହି ସମୁଦାୟର ବିଜୟ ହୋଇଛି।

ବିଭିନ୍ନ ଧର୍ମଗୁରୁ ଓ ସମାଜର ଅନେକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେମାନଙ୍କ ଯୁକ୍ତି, ଏହାଦ୍ୱାରା ବ୍ୟଭିଚାର ବୃଦ୍ଧି ପାଇ ସମାଜ କଳୁଷିତ ହେବ, ଏଚ୍‌ଆଇଭି ସଂକ୍ରମଣ ଅଧିକ ହେବ। ସେମାନେ ଆଶଙ୍କିତ ହେବା ସ୍ୱାଭାବିକ। କିନ୍ତୁ ଆମ ଶାସ୍ତ୍ରପୁରାଣରେ ଲିଙ୍ଗ ପରିବର୍ତ୍ତନ, ସମଲିଙ୍ଗୀ, ଉଭୟଲିଙ୍ଗୀ ସମ୍ପର୍କ ଓ ତୃତୀୟ ଲିଙ୍ଗର ବହୁ ଉଦାହରଣ ରହିଛି। ଶିବଙ୍କର ଅର୍ଦ୍ଧନାରୀଶ୍ୱର ରୂପ, ବିଷ୍ଣୁଙ୍କର ମୋହିନୀ ରୂପ ଧାରଣ, ଅର୍ଜୁନଙ୍କର ବୃହନ୍ନଳା ରୂପ, ଶିଖଣ୍ଡି ଆଦିଙ୍କ କାହାଣୀ ସର୍ବଜନବିଦିତ। ସେହିପରି ଶିବପାର୍ବତୀଙ୍କ ଦ୍ୱାରା ଅଭିଶପ୍ତ ରାଜା ଇଲା କିପରି ଗୋଟିଏ ମାସ ପୁରୁଷ ଭାବେ ଏବଂ ତା'ପର ମାସ ସ୍ତ୍ରୀ ଭାବେ ଜୀବନ ଅତିବାହିତ କରୁଥିବା ବେଳେ ପୂର୍ବ ମାସର କଥା ସମ୍ପୂର୍ଣ୍ଣ ଭୁଲି ଯାଉଥିଲେ ଓ ସ୍ତ୍ରୀ ଅବସ୍ଥାରେ ଥିବା ବେଳେ ବୁଧଙ୍କ ସହ ତାଙ୍କର ବିବାହ ହୋଇଥିବାର ଏକ ରୋଚକ କାହାଣୀ ପୁରାଣରେ ବର୍ଣ୍ଣିତ। ମନ୍ଦିର ଗାତ୍ରମାନଙ୍କରେ ଥିବା ସମଲିଙ୍ଗୀ ସମ୍ପର୍କର ମୂର୍ତ୍ତିଗୁଡିକ ମଧ୍ୟ ବିଭିନ୍ନ କାଳରେ ଥିବା ସମଲିଙ୍ଗୀ ସମ୍ପର୍କର ବାସ୍ତବତାକୁ ବଖାଣିଥାଏ। ମନୁସ୍ମୃତିରେ ସମଲିଙ୍ଗୀ ସମ୍ପର୍କ ବର୍ଜନୀୟ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏଥିପାଇଁ ଦଣ୍ଡବିଧାନର ଉଲ୍ଲେଖ ନାହିଁ। ଅନ୍ୟ ପକ୍ଷରେ ଶିଖଣ୍ଡି, ବୃହନ୍ନଳାଙ୍କ ପରି ତୃତୀୟ ଲିଙ୍ଗର ଲୋକେ ସମାଜରେ ବିଭିନ୍ନ ସୁବିଧା ସୁଯୋଗ ସହ ସମ୍ମାନଜନକ ଜୀବନଯାପନ କରୁଥିଲେ। ଅତ୍ରି ସ୍ମୃତିରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କର ପ୍ରାୟଶ୍ଚିତ୍ତ ସନ୍ତାପ ମାଧ୍ୟମରେ ହୋଇଥାଏ ବୋଲି ଉଲ୍ଲେଖ ଅଛି। ଅନ୍ୟ ଶାସ୍ତ୍ରରେ ସମଲିଙ୍ଗୀ ସମ୍ପର୍କକୁ 'ଜାତିଭ୍ରଂଶକର ପାପ' ବୋଲି କୁହାଯାଇ ଏହାର ପ୍ରାୟଶ୍ଚିତ୍ତ ପାଇଁ 'ମହାସାନ୍ତପନ ବ୍ରତ' କରିବାର ବିଧି ଅଛି।

ତେବେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକଙ୍କୁ ନେଇ ସମାଜରେ ଅନେକ ଭ୍ରମଧାରଣା ରହିଛି ଓ ଏମାନଙ୍କୁ ସାଧାରଣତଃ ସମଲିଙ୍ଗୀ ବୋଲି କହି ଗୋଟିଏ ବନ୍ଧନୀ ଭିତରେ ରଖି ଦିଆଯାଇଥାଏ। କେହି କେହି ଏମାନଙ୍କୁ 'ମାଇଚିଆ', 'ହିଞ୍ଜଡା' ବୋଲି ସମ୍ବୋଧନ କରିଥାନ୍ତି। ଅନେକେ ଏମାନଙ୍କୁ ଯୌନ ବିକାରଗ୍ରସ୍ତ ବୋଲି ଅଭିହିତ କରିଥାନ୍ତି। ଏମାନଙ୍କୁ ସମଲିଙ୍ଗୀ କହିବା ଯଥେଷ୍ଟ ନୁହେଁ, ବରଂ ଏମାନଙ୍କୁ ବୁଝିବାକୁ ହେଲେ ଏହି ଏଲ୍‌ଜିବିଟିକ୍ୟୁଆଇରେ ଥିବା ଛଅଟି ଅକ୍ଷରର ତାତ୍ପର୍ଯ୍ୟକୁ ବୁଝିବାକୁ ହେବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଆଗ୍ରହ (ସେକ୍ସୁଆଲ ଓରିଏଣ୍ଟେଶନ) ଓ ଅନ୍ୟ ପରିପ୍ରକାଶ ଉପରେ ନିର୍ଭର କରିଥାଏ। ଇଂଲିଶ ଶବ୍ଦ 'ଲେସବିଆନ'ର ପ୍ରଥମ ଅକ୍ଷରରୁ 'ଏଲ୍' ନିଆଯାଇଛି, ଯାହା ମହିଳା ସମଲିଙ୍ଗୀଙ୍କୁ ବୁଝାଇଥାଏ। ଗ୍ରୀସ୍‌ର ଲେସ୍‌ବସ ଦ୍ୱୀପରୁ ଉଦ୍ଭବ ଲେସ୍‌ବିଆନ ଶବ୍ଦଟି ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଗ୍ରୀକ୍ କବି ସାଫୋଙ୍କ କବିତାରୁ ଅନୁପ୍ରେରିତ। ଇଂଲିଶ ଶବ୍ଦ 'ଗେ'ର ପ୍ରଥମ ଅକ୍ଷରରୁ 'ଜି' ନିଆଯାଇଛି, ଯାହା ପୁରୁଷ ସମଲିଙ୍ଗୀଙ୍କୁ ବୁଝାଇଥାଏ। ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ହୋମୋସେକ୍ସୁଆଲ ପରିବର୍ତ୍ତେ ସେମାନଙ୍କୁ ଯୌନ ଆଗ୍ରହ ଆଧାରରେ 'ଗେ' ଭାବେ ସମ୍ବୋଧନ କରିବା ଗ୍ରହଣୀୟ ହେବାକୁ ଲାଗିଲା। ଇଂଲିଶ୍ ଶବ୍ଦ 'ବାଇସେକ୍ସୁଆଲ'ରୁ 'ବି' ନିଆଯାଇଛି, ଯାହା ଉଭୟଲିଙ୍ଗୀ ଯୌନ ଆଚରଣକୁ ବୁଝାଇଥାଏ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଉଭୟ ପୁରୁଷ ଓ ମହିଳାଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି। ଇଂଲିଶ ଶବ୍ଦ 'ଟ୍ରାନ୍ସଜେଣ୍ଡର'ରୁ 'ଟି' ଅକ୍ଷରଟିକୁ ନିଆଯାଇଛି। 'ମାଇଚିଆ' କୁହାଯାଉଥିବା ଏହି ଧରଣର ଲୋକଙ୍କ ଲିଙ୍ଗଗତ ପରିଚିତି ଓ ପରିପ୍ରକାଶ ସେମାନଙ୍କ ନିରୂପିତ ଲିଙ୍ଗଠାରୁ ଭିନ୍ନ ହୋଇଥାଏ, ଯାହା ସହିତ ସେମାନଙ୍କର ଯୌନ ଆଗ୍ରହର କୌଣସି ସମ୍ପର୍କ ନ ଥାଏ। ସେମାନେ ବିଷମଲିଙ୍ଗୀ, ସମଲିଙ୍ଗୀ, ଉଭୟଲିଙ୍ଗୀ ବା ଯୌନ ପ୍ରବଣତାହୀନ ହୋଇପାରନ୍ତି। ଶରୀରରେ ହରମୋନ ପରିବର୍ତ୍ତନ କାରଣରୁ ଗୋଟିଏ ଲିଙ୍ଗରୁ ଅନ୍ୟ ଏକ ଲିଙ୍ଗକୁ ପରିବର୍ତ୍ତନ ଦେଖା ଦେଉଥିବାରୁ କେହି କେହି ହରମୋନ ପ୍ରତିବଦଳ ମାଧ୍ୟମରେ ତ କିଏ ପୁଣି ଅପରେଶନ ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରାଇଥାନ୍ତି, ଯାହା ହୁଏତ ଆର୍ଥିକ ଦୃଷ୍ଟିରୁ ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ଇଂଲିଶ ଶବ୍ଦ 'କୁଇର'ରୁ 'କ୍ୟୁ' ଅକ୍ଷରଟିକୁ ନିଆଯାଇଛି। ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଯୌନ ଆଗ୍ରହ ଥାଉ କି ନ ଥାଉ ସେମାନେ ପାରମ୍ପରିକ ଲିଙ୍ଗଗତ ବିଭାଜନ (ପୁରୁଷ ଓ ମହିଳା)ରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ବିଷମଲିଙ୍ଗୀ ହୋଇ ନ ଥିବା ଏଲ୍‌ଜିବିଟି ବର୍ଗର ଯୌନ ଓ ଲିଙ୍ଗଗତ ସଂଖ୍ୟାଲଘୁ ସମସ୍ତଙ୍କୁ ମଧ୍ୟ 'କୁଇର' ବୋଲି କୁହାଯାଇଥାଏ। ଇଂଲିଶ୍ ଶବ୍ଦ 'ଇଣ୍ଟରସେକ୍ସ'ରୁ 'ଆଇ' ଅକ୍ଷରଟିକୁ ନିଆଯାଇଛି। ଏହି ଧରଣର ଲୋକଙ୍କଠାରେ ଜନ୍ମରୁ ଯୌନାଙ୍ଗ ଓ ପ୍ରଜନନ ପ୍ରଣାଳୀରେ ବିବିଧତା ପରିଲକ୍ଷିତ ହୋଇଥାଏ। ଏମାନଙ୍କ କ୍ରୋମୋଜୋମ୍, ହରମୋନ, ବାହ୍ୟିକ ଲିଙ୍ଗ ଓ ପ୍ରଜନନ ପ୍ରଣାଳୀ, ସାଧାରଣ ପୁଅଝିଅଙ୍କଠାରୁ ଭିନ୍ନ ହୋଇଥାଏ। ଏହି ଛଅ ଶ୍ରେଣୀର ଲୋକଙ୍କ ମଧ୍ୟରୁ କେବଳ ଟ୍ରାନ୍ସଜେଣ୍ଡରମାନେ ସେମାନଙ୍କ ବେଶଭୂଷା, ଚାଲିଚଳନ, ଆଚାର ବ୍ୟବହାରରେ ଭିନ୍ନତା ପାଇଁ ସହଜରେ ବାରି ହୋଇପଡନ୍ତି ଓ ସେଥିପାଇଁ ସେମାନେ ପାଠପଢା, ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟ ପାଞ୍ଚଟି ଶ୍ରେଣୀର ଲୋକେ ସାଧାରଣ ସମାଜ ଭିତରେ ରହିପାରିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ପଦପଦବୀରେ ମଧ୍ୟ ଅଧିଷ୍ଠିତ।

ବିଶ୍ୱରେ କୌଣସି ଦେଶ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟର ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। କେଉଁଠି ସେମାନଙ୍କ ପ୍ରତି ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ପାତରଅନ୍ତର ହେଉଛି ତ କେଉଁଠି ସେମାନଙ୍କୁ ନିନ୍ଦିତ କରାଯାଉଛି। ପୁଣି କେଉଁଠି ସେମାନେ ହିଂସାର ଶିକାର ହେଉଛନ୍ତି। ଆଇଏଲ୍‌ଜିଏ ଦ୍ୱାରା ୨୦୧୭ରେ ପ୍ରକାଶିତ 'ଷ୍ଟେଟ ସ୍ପୋନ୍‌ସର୍ଡ ହୋମୋଫୋବିଆ' ରିପୋର୍ଟ ଅନୁଯାୟୀ ଏବେ ବି ବିଶ୍ୱର ୭୨ଟି ଦେଶରେ ସମଲିଙ୍ଗୀ ସମ୍ପର୍କ ଏକ ଅପରାଧ ଭାବେ ପରିଗଣିତ। ଏମାନଙ୍କ ମଧ୍ୟରୁ ୪୫ଟି ଦେଶରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ଏଥିପାଇଁ ଇରାନ, ସୁଦାନ, ସଉଦି ଆରବ, ୟେମେନ ଭଳି ୮ଟି ଦେଶରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ୨୨ଟି ଦେଶରେ ସମଲିଙ୍ଗୀ ବିବାହକୁ ଅନୁମତି ମିଳିଛି। ଏଥିପାଇଁ ସର୍ବପ୍ରଥମେ ନେଦରଲାଣ୍ଡ ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲା। ସେହିପରି ଫ୍ରାନ୍ସ, ବେଲଜିୟମ ଭଳି ୨୬ଟି ଦେଶରେ ସମଲିଙ୍ଗୀ ପୋଷ୍ୟ ସନ୍ତାନ ଗ୍ରହଣକୁ ସ୍ୱୀକୃତି ମିଳିଛି।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକେ ଦଳଦଳ ହୋଇ 'ଆଜାଦୀ' (ସ୍ୱାଧୀନତା) ସ୍ଲୋଗାନ ମାଧ୍ୟମରେ ନିଜର ଖୁସି ଜାହିର କରି ସେମାନଙ୍କ ସମୁଦାୟର ସ୍ୱାଭିମାନର ପ୍ରତୀକ ଲାଲ, କମଳା, ହଳଦିଆ, ନୀଳ, ସବୁଜ ଓ ବାଇଗଣି ରଙ୍ଗ ବିଶିଷ୍ଟ ଛଅଟି ପଟି ଥିବା 'ଇନ୍ଦ୍ରଧନୁ ପତାକା'କୁ ଉଡାଇ ଆନନ୍ଦରେ ଉତ୍ସବ ମୁଖର ହୋଇପଡିଥିଲେ। ତେବେ ଏବେ ବି ସେମାନଙ୍କର ସମ୍ପୂର୍ଣ୍ଣ ବିଜୟ ହୋଇନାହିଁ। ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟରେ ରହିଛି ବିବାହ, ଉତ୍ତରାଧିକାର, ଅଭିଭାବକତ୍ୱ, ପୋଷ୍ୟ ସନ୍ତାନ ଗ୍ରହଣ ଭଳି ଜଟିଳ ଓ ବିବାଦୀୟ ପ୍ରସଙ୍ଗ, ଯେଉଁ କ୍ଷେତ୍ରଗୁଡିକରେ ସାଧାରଣ ଲୋକଙ୍କ ଭଳି ସେମାନଙ୍କର ଏବେ ବି ସମାନ ଅଧିକାର ନାହିଁ। କିନ୍ତୁ ବର୍ତ୍ତମାନ ହେଉଛି ସେମାନଙ୍କ ପାଇଁ ସୁଦୀର୍ଘ ପ୍ରତୀକ୍ଷା ପରେ ମିଳିଥିବା ଏହି ପ୍ରଥମ ବିଜୟର ସ୍ୱାଦକୁ ନିର୍ଭୟରେ ଉପଭୋଗ କରିବାର ସମୟ। ତେବେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ ହେଲେ ଆଇନଗତ ବିଧିବିଧାନ ଅପେକ୍ଷା ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ସହ ପାରିବାରିକ ଓ ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ଅଧିକ ଆବଶ୍ୟକତା ରହିଛି।

ସରଳ କୁମାର ଦାସ
୪୮୬, ନୀଳକଣ୍ଠ ନଗର, ନୂଆପଲ୍ଲୀ,
ଭୁବନେଶ୍ୱର, ମୋ- ୯୪୩୭୦୩୮୦୧୫

# 'ବନ୍ଦ'ର ବିକଳ୍ପ ଜରୁରୀ

ଚିନ୍ମୟ ବିବେକ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୋଧରେ ଗତ ୯ ତାରିଖରେ କଂଗ୍ରେସ ଦ୍ୱାରା ବନ୍ଦ ଡାକରା ଦିଆଯାଇଥିଲା। ଗୋଟେ ଛୁଟି ମିଳିଗଲା ସଭିଙ୍କ ପାଇଁ- ମୂଲିଆ ମଜୁରିଆଠୁ ହାକିମଙ୍କ ଯାଏ। ହାକିମ କାମ ନ କଲେ ଦରମା ପାଆନ୍ତି। କିନ୍ତୁ ବିଚରା ମୂଲିଆଟି? ଦିନଟା ବରବାଦ ହେଲା- ଗୋଟେ ଦିନର ମଜୁରି ଗଲା। ବନ୍ଦର କୁପ୍ରଭାବ ଏପରି ହୋଇଛି ଯେ ଆମେ ବାହାରକୁ ଗୋଡ଼ ବା ଗାଡ଼ି କାଢ଼ିବାକୁ ସାହସ ଜୁଟାଇ ପାରୁନାହୁଁ। ଗାଡ଼ି କାଢ଼ିଲେ ମାଡ଼। ଦୋକାନ, ଅଫିସ ଖୋଲିଲେ ପୋଡ଼ାଜଳା, ସ୍ଥଳବିଶେଷରେ ପାହାର, ନାନା ଦୁର୍ଦ୍ଦଶା, ଦୁଃସମ୍ବାଦ। ସ୍ୱାଧୀନତା ସଂଗ୍ରାମବେଳେ ଚୌରିଚୌରାଠାରେ ଏକଦା ହରତାଳ ଚାଲିଥିଲା। ଲୋକେ ଥାନା ପୋଡ଼ିଦେବାରୁ ଜାତିର ପିତା ମହାତ୍ମା ଗାନ୍ଧୀ ଏହି ହରତାଳକୁ ସେଦିନ ବନ୍ଦ କରିଦେଇଥିଲେ।

ଏପରି ହିଂସାକୁ ରାଷ୍ଟ୍ର ନୀରବରେ ଦେଖିଥାଏ। ପୋଲିସ ବିଭାଗର ସଫଳ କାର୍ଯ୍ୟାନୁଷ୍ଠାନ କ୍ୱଚିତ୍ ଦେଖିବାକୁ ମିଳେ। ଏଠାରେ ଏହା ପ୍ରତିଷ୍ଠିତ ହୋଇସାରିଛି ଯେ, ହିଂସା ନ ଘଟିଲେ ରାଷ୍ଟ୍ର କୌଣସି ଗୋଷ୍ଠୀର ଦାବି ଶୁଣିବ ନାହିଁ, ଏହା ଯେତେ ମୌଳିକ ହୋଇଥାଉନା କାହିଁକି? ଏ ସବୁ ବନ୍ଦ ଆମର ଦେହସୁହା ହେବାକୁ ବସିଲାଣି। ବର୍ତ୍ତମାନ ପିମ୍ପୁଡ଼ିଟିଏ ବି ଯଦି ଭାରତ ବନ୍ଦ କରିବାକୁ କହିବ ତେବେ ବି ତାହା ସମ୍ଭବ। କାରଣ ଜୀବନ ଓ ସମ୍ପତ୍ତିକୁ ନେଇ ଭୟ। ଏହା ଆମ ଗଣତନ୍ତ୍ରର ସାଂଘାତିକ ଦୁରବସ୍ଥାକୁ ସୂଚାଏ। ସାଧାରଣ ଲୋକର ସାମାଜିକ ନିରାପତ୍ତା ନାହିଁ। ଗାଡ଼ି ଚଳାଉଥିବା ଲୋକ ତୈଳଦର ବିରୋଧରେ ପ୍ରତିବାଦ କରୁ ବା ନ କରୁ, ରାଜନୈତିକ ଦଳଙ୍କୁ ଏହାର ବାଧା ବହୁତ। କେବଳ ରାଜନୈତିକ ଲାଭ ପାଇଁ ସଉଦା।

ମୁଁ ସେଦିନ ଆସ୍କାରେ ଥାଏ। ସକାଳଚଲାକୁ ବାହାରି ଲକ୍ଷ୍ମୀବଜାର ଛକରେ ଦେଖିଲି ଟ୍ରଲି, ରିକ୍ସା, ବତା ଓ ବାଉଁଶ ମିଶି ରାସ୍ତା ଅବରୋଧ କରିଛନ୍ତି। ସେମାନଙ୍କ ଉପରେ କମ୍ୟୁନିଷ୍ଟମାନଙ୍କ ଲାଲ୍ ପତାକା ଖୋସି ଦିଆଯାଇଛି। ୫/୭ ଜଣ ସେଠି ଟହଲ ମାରୁଛନ୍ତି। ମୋ ଭଳି ସକାଳଚଲା ଲୋକେ ଚାଲିବା ସାରି ଚା' ଖଟିରେ ବ୍ୟସ୍ତ। ଆଖପାଖରେ ପରିବା ବିକାଳିମାନେ ବଜାରରେ ଅନୁପସ୍ଥିତ। ହୋଟେଲ, ବଜାର ସହିତ ମୋର ବି ଖାଇବା ବନ୍ଦ। ଫେରିବା ବାଟରେ ଦେଖିଲି ସାଇକେଲ ଧରି ୫/୧୦ ଲୋକ ଉକ୍ତ ଲାଲ୍‌ଝଣ୍ଡା ଧରି ସ୍ଲୋଗାନ ଦେଇ ଚାଲିଥାନ୍ତି 'ମୋଦି ସରକାର ଡାଉନ୍ ଡାଉନ୍', 'ଆମେରିକା ଦଲାଲ ଡାଉନ୍ ଡାଉନ୍'। ମୋ ମନରୁ ସ୍ୱତଃ ବାହାରି ଆସିଲା 'ଚାଇନା ସରକାର ଡାଉନ୍ ଡାଉନ୍'। ଚାଇନା ଆମ ସହ ଯୁଦ୍ଧ କରୁଥିବା ବେଳେ, ଆମ ସୀମାରେ ସୈନ୍ୟ ଠୁଳ କରି ରାସ୍ତା, ବଙ୍କର ତିଆରୁଥିବା ବେଳେ, ଆମକୁ ସକାଳେ ସଞ୍ଜେ ଧମକାଉଥିବା ବେଳେ ଆମ ଭାରତୀୟ କମ୍ୟୁନିଷ୍ଟମାନେ ସେମାନଙ୍କ ସହ ଉତ୍ତମ ସମ୍ପର୍କରେ ଥା'ନ୍ତି। ଏ କି ଦେଶପ୍ରେମ ବୁଝିହୁଏ ନାହିଁ। ଗୋଟେ ହେଲେ କଂଗ୍ରେସ ପତାକା ଦେଖିବାକୁ ପାଇଲି ନାହିଁ।

ପେଟ୍ରୋଲ ଦର ବଢ଼ିଲା ବୋଲି ଯେଉଁମାନେ କହୁଛନ୍ତି ସେମାନେ ବେଶି ଗାଡ଼ି ଚଢୁଛନ୍ତି। ଦର ବଢ଼ିଲା ତ ତେଲ କମ୍ ପୋଡ଼ନ୍ତୁ। ପରିବେଶ ସୁରକ୍ଷା ହେଉ। ସୁସ୍ଥ ରୁହନ୍ତୁ। ଆମ ଡଲାର ବଞ୍ଚୁ। ଲୋକେ ପରା ଝାଡ଼ା ବସିବା ପାଇଁ ଗାଡ଼ି ଚଢ଼ନ୍ତି। ଖୋଜେ ବାଟରେ ପରିବା ଦୋକାନକୁ ଗାଡ଼ି ନେଇଥାନ୍ତି। ରାସ୍ତାରେ କେହି ବନ୍ଧୁ ଦେଖାହେଲେ ଗାଡ଼ି ଷ୍ଟାର୍ଟ ଥାଇ ଆମେ ଗପ ମାରୁ, ତେଲ ସାରୁ, ଟଙ୍କା ବି। ମାଲ୍ ବୁହା ହେବା ପରି ସକାଳୁ ସକାଳୁ ପିଲାଙ୍କୁ ଗାଡ଼ିରେ ବୁହାଉ। ସାଇକେଲରେ ଏ ସବୁ କାମ ହୋଇପାରନ୍ତା। ବେଶି ଇଲେକ୍ଟ୍ରିକ୍ ଓ ସୋଲାର ଅଟୋ ଚାଲୁ। ବିଗତ ଦଶନ୍ଧିରେ ତୈଳଦର ଓ ପରିବେଶ ପ୍ରଦୂଷଣ ପାଇଁ ଚାଇନାର ଲୋକେ ପାଦରେ ଚାଲିଚାଲି ବା ସାଇକେଲ ଯୋଗେ ଅଫିସ ଯାଇଛନ୍ତି। ଆମ ଲୋକେ ପରିବେଶ ଓ ଦେଶ କଥା କେତେ ଭାବନ୍ତି? ଗତବର୍ଷ ଦିଲ୍ଲୀରେ ପ୍ରଦୂଷଣ କାରଣରୁ କାରଗୁଡ଼ିକୁ ସୁପ୍ରିମ୍‌କୋର୍ଟ ଦ୍ୱାରା ନିୟନ୍ତ୍ରଣ କରାଯାଇଥିଲା, ତାହା ସମସ୍ତେ ଜାଣନ୍ତି। ତେଲ ଦର ବଢ଼ିଗଲେ ଗାଡ଼ି ବିକ୍ରି ତ କମିନି।

ରାଜ୍ୟଗୁଡ଼ିକ ସର୍ବାଧିକ ୩୫% ଭାଟ୍ ବ୍ୟବସ୍ଥା ଆପଣାଇଛନ୍ତି। ଏହାକୁ କମାଇଲେ ତୈଳଦର କମନ୍ତା। କିନ୍ତୁ କିଛି ରାଜ୍ୟ ଦର କମେଇଲେ ମଧ୍ୟ ସମସ୍ତେ ଏଥିରେ ସହମତ ନୁହନ୍ତି। କେନ୍ଦ୍ର ଓ ରାଜ୍ୟ ପରସ୍ପର କାଦୁଅ ଫିଙ୍ଗିବାରେ ବ୍ୟସ୍ତ। କିନ୍ତୁ ଜନସାଧାରଣଙ୍କ ପ୍ରମୁଖ ସମସ୍ୟା ନିବାରଣ କରିବାରେ ଏମାନେ ବିଫଳ। ଯେଉଁମାନେ ତୈଳଦରକୁ ନେଇ ଖୁସି ନୁହନ୍ତି- ସେମାନେ ସର୍ବସାଧାରଣ ଯାନ ବ୍ୟବହାର କରନ୍ତୁ ଯାତାୟାତ ପାଇଁ। ବ୍ୟକ୍ତିଗତ ଗାଡ଼ି ପରିହାର କରନ୍ତୁ। ସମ୍ପ୍ରତି ଅନ୍ତର୍ଜାତୀୟ ତୈଳ ବ୍ୟବସ୍ଥା ସମ୍ପର୍କରେ ସମସ୍ତଙ୍କର ପ୍ରାୟ ସମ୍ୟକ୍ ଧାରଣା ରହିଛି। ଆମେରିକା ଓ ଇରାନ ଲଢ଼େଇରେ ଆମେ ବଳିବୋଦା। ତୈଳ ଆମ ଦେଶର ସମ୍ପତ୍ତି ନୁହେଁ। ତେଣୁ କମ୍ ତେଲର ବ୍ୟବହାର ସବୁଠୁ ଉପଯୋଗୀ। ଏଣୁ ଏହା ଆମ ପକେଟ ଓ ପରିବେଶ ପାଇଁ ଅନୁକୂଳ। ଆମ ଡଲାର ଭଲ, ଦେଶ ବି ଭଲ। ଗୋଟିଏ ଦିନର ବନ୍ଦରେ କ୍ଷତିର ପରିମାଣ ସଚେତନ ଜନଗଣ, ରାଜନୈତିକ ଦଳ ସମୂହ ଓ ସର୍ବୋଚ୍ଚ ବିଚାର ବ୍ୟବସ୍ଥାର ବିଚାରଣା ପରିସରକୁ ପ୍ରବେଶ କଲେ ଦେଶର ମଙ୍ଗଳ। ନଚେତ ପୁଣି ଗୋଟେ ବନ୍ଦ ପାଇଁ ମାନସିକ ପ୍ରସ୍ତୁତି ଏବେଠୁ କରିନେବା। ଏହାଠାରୁ ବୋଧହୁଏ ବଡ଼ ଦୁର୍ଦ୍ଦଶା ଓ ମାନସିକ ନିର୍ଯାତନା ଗଣତନ୍ତ୍ରରେ ଆଉ କିଛି ଥାଇପାରେ ବୋଲି ଭାବିହୁଏ ନାହିଁ।

ଗଣତନ୍ତ୍ରରେ ପ୍ରତିବାଦ ନିଶ୍ଚୟ ରହିବ। କିନ୍ତୁ ରୋକ୍, ବନ୍ଦ, ହରତାଳ ବ୍ୟତିରେକେ ପ୍ରତିବାଦର ବିକଳ୍ପ ଉପାୟ କ'ଣ ସଭ୍ୟ ସମାଜଟିଏ ଖୋଜି ପାଇବ ନାହିଁ?

ଦଇତାପଡ଼ା ସାହି, ମାର୍କେଟ ଲେନ୍, ପୁରୀ,
ମୋ-୯୪୩୭୨୮୫୬୨୩,
chinmayavibek65@gmail.com

## ଆମ ସମସ୍ୟା

### ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ମହାଶୟ,

ଭୁବନେଶ୍ୱର ଗଡ଼ଗୋପୀନାଥପ୍ରସାଦ କଲୋନୀରେ ଅବସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି କେନ୍ଦ୍ର ଉପରେ ଜିଜିପି କଲୋନୀ, ରସୁଲଗଡ଼, ପାଣ୍ଡରା, ପଳାଶୁଣୀ ପ୍ରଭୃତି ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରୁଥିଲେ ମଧ୍ୟ ଠିକ୍ ସମୟ (ସକାଳ ୮ ରୁ ୧୧ ଏବଂ ସନ୍ଧ୍ୟା ୫ରୁ ରାତ୍ରି ୮ ଘଟିକା) ପର୍ଯ୍ୟନ୍ତ ଏହା ଖୋଲା ରହୁନାହିଁ। ଏଠାରେ ନିୟୋଜିତ ଡାକ୍ତରମାନେ ସବୁଦିନ ଡେରିରେ ଆସନ୍ତି ଏବଂ ସନ୍ଧ୍ୟାବେଳେ ପ୍ରାୟ ଆସନ୍ତି ନାହିଁ। ଏମାନଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ଔଷଧ ଲେଖୁଛନ୍ତି। ଗରିବ, ଅସହାୟ ରୋଗୀ ବାଧ୍ୟହୋଇ ଚିକିତ୍ସା ପାଇଁ ଅନ୍ୟତ୍ର ଯାଉଛନ୍ତି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ।

ନିରୁପମା, କବିତା ସାମଲ, ଗଡ଼ଗୋପୀନାଥପ୍ରସାଦ କଲୋନୀ,
ରସୁଲଗଡ଼, ଭୁବନେଶ୍ୱର

### ପୋଷ୍ଟକାର୍ଡ ମିଳୁନି

ସାକ୍ଷୀଗୋପାଳ ଡାକଘରେ କେତେଦିନ ହେଲା ନାହିଁ ନ ଥିବା ଅବ୍ୟବସ୍ଥା ଦେଖାଦେଇଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମ୍ପ୍ୟୁଟର ପୂରା ଅଚଳ। ପୁରୁଣା ଭଙ୍ଗା କ୍ୱାର୍ଟର ଘରେ ଅଫିସ ଚାଲିଛି। ଦୀର୍ଘ ୪/୬ ମାସ ହେଲା ଏଠାରେ ପୋଷ୍ଟକାର୍ଡ, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଡାକଟିକେଟ କିଛି ମିଳୁନି। ବିଭାଗୀୟ ମୁଖ୍ୟ ଏଥି ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଇଚ୍ଛା ଥିଲେ ଉପାୟ ଆସେ। ଅସାଧ୍ୟ ସାଧନ କରିହୁଏ। ଗୋଟିଏ ପଦବୀରେ ନିଯୁକ୍ତି ପାଇବା କ୍ଷେତ୍ରରେ ଜଣେ ବ୍ୟକ୍ତି ପ୍ରଥମ ଭାରତୀୟ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି କୋଲକାତାର ବାସିନ୍ଦା ୨୬ବର୍ଷ ବୟସ୍କା ତାନିୟା ସାନ୍ୟାଲ୍। ସେ ଭାରତର ପ୍ରଥମ ମହିଳା ଅଭିଏଶନ୍ ଫାୟାର ଫାଇଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏହି ପଦବୀରେ ନିଯୁକ୍ତି ପାଇବା ପରେ ନିଜର ହୋମଟାଉନ୍ କୋଲକାତା ଏୟାରପୋର୍ଟରେ ନିଯୁକ୍ତି ପାଇଛନ୍ତି। ଏୟାରପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଫାୟାର ଫାଇଟିଂ କୋର୍ସରେ ପ୍ରଥମ ମହିଳା ଭାବରେ ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତରେ ୩,୧୧୦ ଅଭିଏଶନ୍ ଫାୟାରଫାଇଟରଙ୍କ ମଧ୍ୟରେ ତାନିୟା ହେଉଛନ୍ତି ପ୍ରଥମ ମହିଳା। ବର୍ତ୍ତମାନ ସାନ୍ୟାଲ୍ କୋଲ୍‌କାତାରେ ୧୬୧ଜଣିଆ ଟିମ୍‌ରେ ଜଣେ ଜୁନିୟର ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ପାଇଛନ୍ତି। ବଟାନିରେ ପୋଷ୍ଟ ଗ୍ରାଜୁଏଶନ୍ ପାଶ୍ କରିଥିବା ସାନ୍ୟାଲ୍ ଅନ୍ୟ କିଛି କରିବାକୁ ଚାହିଁଥିଲେ। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ବିଜ୍ଞାପନରେ ଫାୟାରଫାଇଟର ନିଯୁକ୍ତ ପାଇଁ ମହିଳାଙ୍କଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯିବା ପରେ ସେ ଏହାର ସୁଯୋଗ ନେଇଥିଲେ। ଏହି ପଦବୀ ନିମନ୍ତେ ହୋଇଥିବା ପରୀକ୍ଷାରେ ପାଶ୍ କରିବା ସହ ଶାରୀରିକ ଦକ୍ଷତା ଓ ସୁସ୍ଥତା ପରୀକ୍ଷାରେ ମଧ୍ୟ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାପରେ ଉତ୍ତର କୋଲକାତାର ତାଲା ପାର୍କଠାରେ କଠୋର ତାଲିମ ଗ୍ରହଣ କରିଥିଲେ। ବାସ୍ତବିକ ତାନିୟାଙ୍କ ଦୁଃସାହସିକ ପଦକ୍ଷେପ ଅନ୍ୟ ମହିଳାଙ୍କ ନିମନ୍ତେ ପ୍ରେରଣାଦାୟୀ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୩

- କୃଷ୍ଣସାଗର ଉପକୂଳବର୍ତ୍ତୀ ପଶ୍ଚିମ ଆବଖାଜିଆର ବନ୍ଦର ନିକଟରେ ବିଦ୍ରୋହୀମାନଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ ୮୦ ସୈନ୍ୟଙ୍କ ମୃତ୍ୟୁ।
- ବମ୍ବେରେ ପ୍ରବଳ ବର୍ଷା ଯୋଗୁ ୨୦ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ!
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧୬- ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଚାରି ବାମଦଳର ଛାତ୍ର ସଂଗଠନକୁ ନେଇ ଗଠିତ ମେଣ୍ଟ ୟୁନାଇଟେଡ୍ ଲେଫ୍ଟର ସମସ୍ତ ଚାରୋଟି ପଦବୀରେ ବିଜୟ।

୧୭- ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ ସୀମାରେଖା (ଆଇବି)ରେ ସ୍ମାର୍ଟଫେନ୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା।

୧୮- ଓଡ଼ିଶା ବିଧାନସଭାରେ ଗୃହୀତ ସଂଶୋଧିତ ବିଧେୟକ ଅନୁସାରେ ଏଣିକି ମହାନଗର ନିଗମ, ପୌର ପରିଷଦ ଓ ଏନ୍‌ଏସିର ଅଧ୍ୟକ୍ଷ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ।

୧୯- ଜଣେ ୪ ବର୍ଷୀୟା ଛାତ୍ରୀକୁ ଅପହରଣ କରି ବଳାତ୍କାର କରିଥିବା ମଧ୍ୟପ୍ରଦେଶ ସାତ୍ନା ଜିଲାର ଚୁକ୍ତିଭିତ୍ତିକ ଶିକ୍ଷକ ମହେନ୍ଦ୍ର ସିଂ ଗଣ୍ଡଙ୍କୁ ଫାଶୀ ଦଣ୍ଡାଦେଶ।

୨୧- ଟାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଏକ ବୋଟ୍ ବୁଡ଼ି ୧୩୬ ଜଣ ପ୍ରାଣ ହରାଇଛନ୍ତି।



"ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।
- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ପୁରୀ ମହିଳା ମୋର୍ଚ୍ଚା ସମାବେଶରେ ଯୋଗ ଦେବେ ସମ୍ବଲପୁର ଭାଜପା କର୍ମକର୍ତ୍ତା

ସମ୍ବଲପୁର,୨୩।୯(ବ୍ୟୁରୋ): ପୁରୀଠାରେ ହେବାକୁ ଥିବା ଭାଜପା ମହିଳା ମୋର୍ଚ୍ଚା ସମାବେଶରେ ସମ୍ବଲପୁର ମହିଳା ମୋର୍ଚ୍ଚା ପକ୍ଷରୁ ୨୦ କର୍ମୀ ଯୋଗ ଦେବେ। ଏହି ସଭାରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ସାହା ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ମହିଳା ମୋର୍ଚ୍ଚାଙ୍କ ଭୂମିକା କ'ଣ ହେବ ଆଲୋଚନା କରାଯିବ।

### ଓକିଲଙ୍କ ଆନ୍ଦୋଳନରେ କୋର୍ଟ କାର୍ଯ୍ୟ ବନ୍ଦ

# ରାଜସ୍ୱ ହାନି ନେଇ ସରକାର ବେଫିକର

ସମ୍ବଲପୁର,୨୩।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଜାରି ରହିଛି। ଉଭୟ ଜୁଡ଼ିସିଆଲ୍ ଓ ରାଜସ୍ୱ କୋର୍ଟ ଅଚଳ ହୋଇପଡ଼ିଛି। ଲେବର, ସିଭିଲ, ଚକବନ୍ଦୀ, ଆରଡିସି କୋର୍ଟରେ ଏକାଧିକ ମାମଲାର ବିଚାର ହୋଇପାରୁନାହିଁ। ରେଜିଷ୍ଟ୍ରି ଅଫିସ୍‌ରେ ଜମି କିଣାବିକା ବନ୍ଦ ରହିଛି। ଏହାର ସିଧାସଳଖ ପ୍ରଭାବ ରାଜ୍ୟ ସରକାରଙ୍କ ରାଜସ୍ୱ ଉପରେ ପଡୁଛି। ୧୮ଦିନ ଧରି ଚାଲିଥିବା ଓକିଲଙ୍କ ଆନ୍ଦୋଳନରେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ କ୍ଷତି ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ପ୍ରାୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଜମି କିଣାବିକା ହୋଇଥାଏ। ଏଥିରୁ ଷ୍ଟାମ୍ପ୍ ଡ୍ୟୁଟି ବାବଦ ୫ ପ୍ରତିଶତ ଓ ରେଜିଷ୍ଟ୍ରି ଅଫିସକୁ ୨ ପ୍ରତିଶତ ରାଜସ୍ୱ ମିଳିଥାଏ। ଏପରି ସ୍ଥଳେ କେବଳ ରେଜିଷ୍ଟ୍ରି ଅଫିସରେ ୧୨କୋଟିରୁ ଅଧିକ ରାଜସ୍ୱ ସରକାର ହରାଇଥିବା କୁହାଯାଉଛି। ଅନ୍ୟପଟେ, ବାଲି, ପଥର ଓ ମାଟି ଖାଦାନରୁ ପ୍ରତି ମାସରେ ସମସ୍ତ ତହସିଲରୁ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ଆସିଥାଏ। ସରକାର ଏଥିରୁ ମଧ ବାଦ୍ ହୋଇଛନ୍ତି। ତେବେ ରାଜସ୍ୱ ହାନି ସତ୍ତ୍ୱେ ଦାବି ପୂରଣ ଦିଗରେ ରାଜ୍ୟ ସରକାର କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖି ନୀରବ ରହିଛନ୍ତି। ଏପର୍ଯ୍ୟନ୍ତ ଦାବିର ଯଥାର୍ଥତା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇପାରିନାହିଁ। ଓଲଟା ଉଭୟ ସରକାର ଏହି ପ୍ରସଙ୍ଗ ଉପରେ ପରସ୍ପରକୁ ଦୋଷାରୋପ କରି ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି। ଏଣୁ ଓକିଲଙ୍କ ଆନ୍ଦୋଳନ ଜନସମର୍ଥନ ଜୁଟାଇବାରେ ଲାଗିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। କ୍ରମଶଃ ଆନ୍ଦୋଳନ ଗ୍ରାମାଞ୍ଚଳମୁହାଁ ହେଲାଣି। ଆଗକୁ ଯେ ଏହା ଜନଆନ୍ଦୋଳନରେ ପରିଣତ ହେବ ଆଶଙ୍କା ଜଳ ଜଳ ଦେଖାଗଲାଣି।

## ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବର୍ଣ୍ଟନ



ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ବାଣୀଝରନଠାରେ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଗ୍ରାମବାସୀ ।

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ବାଣିଝରନଠାରେ ପ୍ରୟାସରେ ପରିବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଡ. ଲଲାଟେନ୍ଦୁ ନାୟକ ୧୧୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଛି। ସେହିପରି ବାଣିଝରନ ଚର୍ଚ୍ଚରେ ପାଣିର ସମସ୍ୟା ନେଇ ଅନୁଷ୍ଠାନ ପକ୍ଷରୁ ଗ୍ରାମରେ ଏକ ହଜାର ଲିଟର ପାଣିଟାଙ୍କି ସ୍ଥାପନ କରାଯାଇଛି। ଏହି ଅବସରରେ ଏମ୍‌ପି ପ୍ରତିନିଧି ପ୍ରଫୁଲ୍ଲ ମିର୍ଦ୍ଧା ଉପସ୍ଥିତ ରହିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ବାଣିଝରନ ସମେତ ଜାମୟୁରୀ, ରୁଗୁଡିପାଲି, ଗହୀରପାଲି ଗ୍ରାମବାସୀ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ଗୋବିନ୍ଦତୋଲା ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ସମ୍ବଲପୁର,୨୩।୯(ବ୍ୟୁରୋ)

ଚଳିତବର୍ଷ ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା କମିଟି ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି। ଏଣୁ ପୂଜା କମିଟି ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କ୍ରମରେ ରବିବାର ପୂଜାକର୍ତ୍ତା ନିମନ୍ତ୍ରଣ କାର୍ଯ୍ୟକ୍ରମ ହୋଇଥିଲା। କମିଟିର କର୍ମକର୍ତ୍ତା, ସଦସ୍ୟ ଓ ପଡ଼ାବାସୀ ପାରମ୍ପରିକ ଲୋକବାଦ୍ୟ, ଘଣ୍ଟ, ଶଙ୍ଖ ସହ ଗୋବିନ୍ଦତୋଲା ଛକସ୍ଥିତ କର୍ତ୍ତା ଦୀପକ କୁମାର ପଣ୍ଡାଙ୍କ ବାସଭବନକୁ ଯାଇଥିଲେ। ସେଠାରେ ପୂଜାକର୍ତ୍ତା ହେବାକୁ ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପୂଜା କମିଟି ସଭାପତି ଦେବେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରଦୀପ ପାଢ଼ୀଙ୍କ ନେତୃତ୍ୱରେ ବରିଷ୍ଠ କର୍ମକର୍ତ୍ତା ବିରଞ୍ଚି ମେହେର, କୃଷ୍ଣ ଚନ୍ଦ୍ର ସୋନାର, ରବି ନାୟକ, ଜୟନାରାୟଣ ଶତପଥି, ବାଙ୍କ ବିହାରୀ ପଣ୍ଡା ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ କମିଟି ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରିଛି।

## ବ୍ଲକ୍ କଳା ସଂସ୍କୃତି ସଂଘର ସାଧାରଣସଭା



ଜମନକିରା ବ୍ଲକ୍ କସଡ଼ା ପଞ୍ଚାୟତ କୋଆଗୋଲାଠାରେ ବ୍ଲକ୍‌ସ୍ତରୀୟ କଳା ସଂସ୍କୃତିର ସାଧାରଣ ସଭା।

ଜମନକିରା,୨୩।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କସଡ଼ା ପଞ୍ଚାୟତ କୋଆଗୋଲାଠାରେ ବ୍ଲକ୍‌ସ୍ତରୀୟ କଳା ସଂସ୍କୃତିର ସାଧାରଣ ସଭା ରବିବାର ଅପରାହ୍ନ ସାଢ଼େ ୧ଟାରେ ସ୍ଥାୟୀ ସଭାପତି ଗୋକୁଳାନନ୍ଦ ଦାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳା ଓ ସଂସ୍କୃତି ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବକ୍ତାମାନେ ନିଜସ୍ୱ ମତ ରଖିଥିଲେ। ପରେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଗୋକୁଳାନନ୍ଦ ଦାନୀଙ୍କୁ ପୁନର୍ବାର ସଭାପତି ମନୋନୀତ କରାଯାଇଛି। ସେହିପରି ଉମାକାନ୍ତ ଅର୍କ ଉପସଭାପତି, ହୀମାଦ୍ରୀ ସାହୁ ସମ୍ପାଦକ ରହିଛନ୍ତି। କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଇନ୍ଦୁମତୀ ପଧାନ, ସନ୍ତୋଷ ମାଝୀ, ଅଭିମନ୍ୟୁ ଖଡ଼ିରତ୍ନ, ଭୁବନ କିସାନ, ଜନକ ଧରୁଆ, ଧମ୍ମୁ ସେଉଳ, ଇନ୍ଦୁମତୀ ଲୁହୁରା, ବିନୋଦ ଢ଼ିଲା, ଚନ୍ଦ୍ରମଣୀ କାଲୋ, ଜଗବନ୍ଧୁ ପଧାନ, ବଳରାମ ଗଉଡ଼ ମନୋନୀତ ହୋଇଛନ୍ତି।

## ରାସ୍ତାକଡ଼ରୁ ଯୁବତୀ ଉଦ୍ଧାର



ବ୍ଲକ ଉପାଧ୍ୟକ୍ଷ, ପୋଲିସ କର୍ମଚାରୀ ଓ ଉଦ୍ଧାର ହୋଇଥିବା ଯୁବତୀ ।

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜୁଜୁମୁରା ଥାନା ଭବାନୀପାଲି ଗ୍ରାମ ରାସ୍ତାରୁ ଜଣେ ଯୁବତୀଙ୍କୁ ଅସହାୟ ଅବସ୍ଥାରେ ରବିବାର ଭୋର ସକାଳୁ ଉଦ୍ଧାର କରାଯାଇଛି। ଜୁଜୁମୁରା ବ୍ଲକ୍ ଉପାଧକ୍ଷ ନିରଞ୍ଜନ ପଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଯୁବତୀଙ୍କୁ ସୁରକ୍ଷିତ ଏକ ଘରକୁ ନେଇ ଆଶ୍ରିତ କରାଇବା ପରେ ଖାଦ୍ୟପାନୀୟ ଯୋଗାଇ ଦେଇଥିଲେ। ପରେ ଜୁଜୁମୁରା ଥାନାକୁ ଖବର କରିଥିଲେ। ପୋଲିସ ଯୁବତୀଙ୍କୁ ନେଇ ଲିପିଣ୍ଡା ଷ୍ଟେ' ହୋମରେ ଥଇଥାନ କରିଛି। ଯୁବତୀଙ୍କ ନିକଟରୁ ପରିଚୟପତ୍ର ମିଳିଛି। ସେଥିରେ ନାମ 'ଅଞ୍ଜନା ମିଞ୍ଜ୍, ଘର ସୁନ୍ଦରଗଡ଼ ଉଲ୍ଲେଖ ରହିଛି। ଏହି ସୂଚନା ଆଧାରରେ ପୋଲିସ ପରିବାର ଲୋକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି।

## ପ୍ଲାନେଟୋରିୟମର ବାର୍ଷିକ ପୂର୍ତ୍ତି ସଭା

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ମହାନଗନର ନିଗମ ବୁର୍ଲା ପ୍ଲାନେଟୋରିୟମକୁ ଗତ ଶନିବାର ୧ ବର୍ଷ ପୂରିଛି। ଏହି ପରିପ୍ରେକ୍ଷୀରେ ବାର୍ଷିକ ପୂର୍ତ୍ତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ଲାନେଟୋରିୟମର ଭାରପ୍ରାପ୍ତ ଅଧିକାରୀ ଡ. ଜୟଦେବ କରଙ୍କ ସଭାପତିତ୍ୱରେ ସଭାରେ ବୀରସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ (ଭିସୁଟ) କୁଳପତି ପ୍ରଫେସର ଅଟଳ ଚୌଧୁରୀ ମୁଖ୍ୟ ଅତିଥି, ସମ୍ବଲପୁର ମ୍ୟୁନିସିପାଲିଟି କମିଶନର ବିମଳେନ୍ଦୁ ରାୟ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର , ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୁର୍ଲା ସମେତ ଅନ୍ୟାନ୍ୟ ସ୍କୁଲର ଛାତ୍ରୀଛାତ୍ର ସଭାରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କୁ ନେଇ ମୌଖିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପରେ ସମ୍ବଲପୁରୀ ନୃତ୍ୟ, ଗୀତର ଆସର ଜମିଥିଲା। ସହକାରୀ ଯନ୍ତ୍ରୀ ରାକେଶ ସାହୁ ଧନ୍ୟବାଦ ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବର ୨୨ ତାରିଖରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ନାମରେ ନାମିତ ଏହି ପ୍ଲାନେଟୋରିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏକ ବର୍ଷ ମଧରେ ପ୍ଲାନେଟୋରିୟମକୁ ୧ଲକ୍ଷ ୭୭ ହଜାର ୯୮୩, ବିଜ୍ଞାନ ଓ ବିବର୍ତ୍ତନ ଉଦ୍ୟାନକୁ ୨ଲକ୍ଷ ୫୯ ୫୬୩ ଦର୍ଶକ ପରିଦର୍ଶନ କରିଥିବା ସୂଚୀତ କରାଯାଇଛି।

## ଜିଲା ଶିଶୁ ସୁରକ୍ଷା ୟୁନିୟନର ମନୋରଞ୍ଜନ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୯(ବ୍ୟୁରୋ)

ଜିଲା ଶିଶୁ ସୁରକ୍ଷା ୟୁନିୟନ ପକ୍ଷରୁ ନୂଆଁଖାଇ ଉପଲକ୍ଷେ ମନୋରଞ୍ଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୯ଟାରେ ଧନକଉଡ଼ା ବାଳାଶ୍ରମ, ଡା. ଆଇଜାକ୍ ସାନ୍ତ୍ରା ବାଳନିକେତନ, ରୁକ୍ମଣୀଲାଠ ବାଳ ନିକେତନ ଅନ୍ତେବାସୀମାନେ ନିଆରା ଢ଼ଙ୍ଗରେ ନୂଆଁଖାଇ ମନୋରଞ୍ଜନ ପାଳନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ମିସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୬୦ ଶିଶୁ ସାମିଲ ହୋଇଥିଲେ। ସମସ୍ତେ ସମବେତ ହୋଇ ହିନ୍ଦୀ ଚଳଚ୍ଚିତ୍ର ଉପଭୋଗ କରିଥିଲେ। ଶେଷରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଭୋଜିରେ ସାମିଲ ହୋଇଥିଲେ ।

### ଗୋଡଭଗା ନାଗରିକ କମିଟିର ଦ୍ୱାଦଶ ନୂଆଁଖାଇ ଭେଟଘାଟ

## ଡ. ଅନନ୍ତ ହୋତାଙ୍କୁ ସର୍ବୋଚ୍ଚ ସାରସ୍ୱତ ସମ୍ମାନ



ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅତାବିରା/ବୁର୍ଲା,୨୩।୯(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ନାଗରିକ କମିଟିର ଦ୍ୱାଦଶ ନୂଆଁଖାଇ ଭେଟଘାଟ ଗୋଡ଼ଭଗାସ୍ଥିତ ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଗରିକ କମିଟିର ସଭାପତି ହାରାଧନ ବାରିକଙ୍କ ଅଧ୍ୟକ୍ଷତାରେ ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ବରଗଡ ଅତିରିକ୍ତ ଜିଲାପାଳ ତପିରାମ ମାଝୀ ମୁଖ୍ୟ ଅତିଥି, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା, ବ୍ୟଙ୍ଗ କବି ହିରାଲାଲ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଖବରଦାତା ଉପେନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ ଓ ଆଡ଼ଭୋକେଟ ଦିବ୍ୟ କିଶୋର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଚଳିତବର୍ଷ ନାଗରିକ କମିଟିର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଡ. ଅନନ୍ତ ହୋତାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ମାଟ୍ରିକ ଟପର୍ କାଦମ୍ବିନୀ ଜେନା, ଶକୁନ୍ତଳା ମହାକୁର, ମାନସୀ ପ୍ରଧାନ, ଯୁକ୍ତ ୨ ସଞ୍ଜୟରାଣୀ ଜେନା, ରୀମା ଭୋଇ, ନମ୍ରତା ପଣ୍ଡା, ଯୁକ୍ତ ୩ ଭାରତୀ ସାହୁ, ମନ୍ଦାକିନୀ ବାରିକ, ବନ୍ଦନା କର୍ମୀ ପ୍ରମୁଖଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ। ଦୁଲମପୁର ଗାଁର ମାନିନୀ ବୁଡେକଙ୍କୁ ସାହାସୀ ସମ୍ମାନ, କଲାମାଟି ଜୋନର ଜିଲାପରିଷଦ ସଭ୍ୟା ସୁଷମା ସାହୁଙ୍କୁ ବିପିନବିହାରୀ ସ୍ମୃତି ସମ୍ମାନ, ଗୋଡ଼ଭଗା ଟ୍ରକ ମାଲିକ ସଂଘକୁ କରୁଣାକର ସ୍ମୃତିସମ୍ମାନ, ଗୋବର୍ଦ୍ଧନ ଗର୍ଡିଆ, ହୀରାଧନ ଜାଲ, କଇଁଟୁ କର୍ଣ୍ଣ, ଏନ. ସତ୍ୟନାରାୟଣ, ସତ୍ୟନାରାୟଣ ପ୍ରମୁଖଙ୍କୁ ବରିଷ୍ଠ ବୟୋଜ୍ୟୋଷ୍ଠ ନାଗରିକ ସମ୍ମାନରେ ଏବଂ ଅଭିଷେକ ନାଏକ, ପ୍ରିୟାଂଶୁ ଶେଖର ସେଟ, ଦେବୀଶ୍ରୀ ଛନ୍ଦଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନୀତ କରାଯାଇଛି। କମିଟିର ସମ୍ପାଦକ ହାଡୁ କର୍ଣ୍ଣ, ପଞ୍ଚାନନ ମହାକୁର, ଶିବଶଙ୍କର ମହାକୁର, ନାରାୟଣ ଭୋଇ ପ୍ରମୁଖ ସଭା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଖବରଦାତା ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ।

## ବିଳାସ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ବିଳାସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ନାକଟୀଦେଉଳ,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟୀଦେଉଳ ବିଳାସ କ୍ଲବ ପକ୍ଷରୁ ଗତ ଦୁଇଦିନ ଧରି ଚାଲିଥିବା ବିଳାସପୁର କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ଟୁର୍ନାମେଣ୍ଟକୁ ଶନିବାର ବ୍ଲକ ଅଧକ୍ଷା ମନ୍ଦିକିନୀ ରାଉଳ ଉଦ୍‌ଘାଟନ କରିଥିଲେ। ଏଥିରେ ସମୁଦାୟ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କଂସର ମାଝୀପାଲି ଓ ଡଇଁଚା ମଧରେ ହୋଇଥିଲା । ପେନାଲଟି ସୁଟ୍‌ଆଉଟ୍‌ରେ ୫-୪ ଗୋଲରେ ଡଇଁଚା ବିଜୟୀ ହୋଇଥିଲା । କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ମୁଖ୍ୟ ଅତିଥି, ନାକଟୀଦେଉଳସ୍ଥିତ ସି/୧୨ ବାଟାଲିୟନ ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ଏବଂ ନୃସିଂହଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଡଇଁଚା ଏବଂ ରନର୍ସ ଅପ୍ କଂସର ମାଝୀପାଲିକୁ ଟ୍ରଫି ସହ ନଗଦ ଅର୍ଥ ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ, ଧନଞ୍ଜୟ ମହାକୁଡ, ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସୁମନ୍ତ ଧଳ, ଅଭିଷେକ ସାହୁ, ପ୍ରେମ ଅଗ୍ରୱାଲ, ଅବଦୁଲ ସାଦ୍ଦିକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନା ହେଲେ ସଞ୍ଚାର କଳା ବଞ୍ଚିବ

ସମ୍ବଲପୁର,୨୩।୯(ବ୍ୟୁରୋ)

ସମର୍ପଣ ଆୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ପୁରସ୍କାର ବିତରଣୀ ଉତ୍ସବ ରବିବାର ରାତିରେ ସମଲେଶ୍ୱରୀ ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଲୋକସଭା ଏମ୍‌ପି ଭବାନୀଶଙ୍କର ହୋତାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ରେଡକ୍ରସ୍ ସମ୍ପାଦକ ଜୟ ଜଜ୍, ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା, ଅଲେଖ ସାହୁ, ଇଂ. ସନ୍ତୋଷ କୁମାର ପଟ୍ଟନାୟକ, ଡ. ଶ୍ୟାମ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଞ୍ଚାର ଗାୟକ ଚିତ୍ତରଞ୍ଜନ ବାଗ ଓ ସତ୍ୟନାରାୟଣ ଭୋଇଙ୍କୁ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଉତ୍ସବ ସଂଯୋଜନା କରିଥିଲେ। ସମର୍ପଣ ସମ୍ପାଦକ ଭଜରାମ ମହାପାତ୍ର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ସତ୍ୟନାରାୟଣ ଠାକୁର ଧନ୍ୟବାଦ ଦେଇଥିଲେ। ଏହାପରେ ଜିଲା ତଥା ଜିଲା ବାହାରୁ ଆସିଥିବା ୯ ସଞ୍ଚାର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବାହ୍ନ ୧୧ଟାରେ ଏକ ଶାସ୍ତ୍ରୀୟ ଓ ଲୋକକଳାର ସମାହାର ସଞ୍ଚାର ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପ୍ରଚଳିତ ଥିବା ସଞ୍ଚାର କଳା ଶାସ୍ତ୍ରୀୟ କଳା ସହ ତୁଳନୀୟ। ଏଣୁ ଶାସ୍ତ୍ରୀୟ ଲୋକ କଳା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ମୀନକେତନ ପୁରୋହିତ ଯୋଗଦେଇ ସଞ୍ଚାର କଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଳାପାଣି କଲେଜ ଅଧକ୍ଷ ଡ. ମୋହନ ସାହୁ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ମୋତିଲାଲ୍ ଦୋରା, ଭକ୍ତ ପ୍ରସାଦ ନନ୍ଦ, ସମ୍ମାନୀୟ ଅତିଥି ସୁନ୍ଦରଗଡ଼ର ରୋହିତ କୁମାର ପଟେଲ ସଞ୍ଚାର କଳାର ବିକାଶ ପାଇଁ କଳାପ୍ରେମୀଙ୍କ ସମର୍ଥନ ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କବି ଜୟକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।



ରବିବାର ସମ୍ବଲପୁର ସମଲେଶ୍ୱରୀ ମଣ୍ଡପଠାରେ ସତ୍ୟନାରାୟଣ ଭୋଇ ଓ ସାଥୀ ସଞ୍ଚାର ପରିବେଷଣ କରୁଛନ୍ତି ।

### ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଉଦ୍‌ଯାପିତ

- ୯ ସଞ୍ଚାର ଦଳଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ
- ଶାସ୍ତ୍ରୀୟ ଓ ଲୋକକଳାର ସମାହାର ସଞ୍ଚାର ଶୀର୍ଷକ ଆଲୋଚନାଚକ୍ର



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଗଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ଟ୍ରକ୍ ଡ୍ରାଇଭରଙ୍କୁ ଲୁଟ୍ ଘଟଣା: ୩ ଗିରଫ: ମାରଣାସ୍ତ୍ର ସହ ଚୋରା ବାଇକ୍, ଟଙ୍କା ଜବତ

ରେଙ୍ଗାଲି,୨୩।୯(ଡି.ଏନ.ଏ.) -ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୁଲି ଥାନାଞ୍ଚଳ ଲପଙ୍ଗା ନିକଟରେ ଶନିବାର ବିଳମ୍ବିତ ରାତିରେ ଘଟିଥିବା ଟ୍ରକ୍ ଡ୍ରାଇଭରଙ୍କୁ ଲୁଟ୍ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରା ବାଇକ, ଭୁଜାଲି, ୨ ଛୁରା ଆଦି ମାରଣାସ୍ତ୍ର ସମେତ ମୋବାଇଲ, ୧୯୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଖବର ନେବାରୁ ଜଣାଯାଏ, ଠେଲକୁଲି ଥାନା ଲପଙ୍ଗା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସିଥିଲେ। ସେଠାରେ ଏକ ଟ୍ରକକୁ ଅଟକାଇ ଥିଲେ। ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୨୧୫୦ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଠେଲକୁଲି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ନିକଟସ୍ଥ ଜଙ୍ଗଲକୁ ଫେରାର ହୋଇଯାଇଥିଲେ। ଠେଲକୁଲି ଥାନାଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର ସଦଳବଳେ ଚଢଉ କରି ୩ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହାକାଦୁଦ କଦମପଡ଼ାର ପ୍ରେମ ଓରଫ ରିଙ୍କୁ ବିଶ୍ୱାଳ (୨୨), ବନ୍ଧବାହାଲର ମନୋଜ ବାରିକ(୨୨), ଆଶୀଷ ଜେନା ଓରଫ କେମ୍ପା (୨୧)। ସେମାନଙ୍କ ନାମରେ ପୂର୍ବରୁ ଅପରାଧୀକ ମାମଲା ରହିଥିବା ପୋଲିସ କହିଛି।

### ଡ.ଅମ୍ବିକା ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ବୁର୍ଲା,୨୩।୯(ଡି.ଏନ.ଏ.) -ବୁର୍ଲା ସହରର ବିଶିଷ୍ଟ ଡା. ଅମ୍ବିକା ଚରଣ ପଣ୍ଡାଙ୍କ ବିୟୋଗରେ ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ର ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଲେଖ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ଡ. ପଣ୍ଡାଙ୍କ ଆତ୍ମା ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଡ. ପଣ୍ଡା ନାଟ୍ୟ ରଚନା, ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। କଳା ବିକାଶ କେନ୍ଦ୍ରର ବରିଷ୍ଠ ସଭ୍ୟ ଥିଲେ। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଡା. ଫକୀର ମୋହନ ରଣାଡ, ଡା. ପ୍ରେମଚାନ୍ଦ ମହାନ୍ତି, ହରିଶ୍ଚନ୍ଦ୍ର ଶତପଥୀ, ପ୍ରମୋଦ କୁମାର ଦାସ, ରଶ୍ମୀରଞ୍ଜନ ଶତପଥୀ, ଶିକ୍ଷକ ରାମକୃଷ୍ଣ ରଥ, କୈଳାସ ଚନ୍ଦ୍ର ମିଶ୍ର, ସତ୍ୟବ୍ରତ ସାହୁ, ପ୍ରଶାନ୍ତକୁମାର ପରିଡା, ଫଗୁନୁ ସେଠ, ଗଜେନ୍ଦ୍ର ବଘାର ପ୍ରମୁଖଙ୍କ ସହ ଅନୁଷ୍ଠାନର ଛାତ୍ରୀଛାତ୍ର ଅଭିଭାବକ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ବିଦାୟ ନେଲେ ଗଜାନନ

# ଲୋକନୃତ୍ୟ, ଦୁଲଦୁଲିରେ କମ୍ପିଲା ସହର











ଦେବଗଡ ସାର୍ବଜନୀନ ଗଣେଶପୂଜା ମହୋତ୍ସବ ସମ୍ପନ୍ନ ହୋଇଛି। ରବିବାର ଅନୁଷ୍ଠିତ ଭସାଣି ଶୋଭାଯାତ୍ରାର ଏକ ଝଲକ।

ଦେବଗଡ,୨୩।୯(ସ୍ୱ.ପ୍ର)

ଦେବଗଡ ଗଣେଶ ମେଳା ଉତ୍ସବର ଭସାଣି ଶୋଭାଯାତ୍ରା ରବିବାର ଧୁମଧାମରେ ସମ୍ପନ୍ନ ହୋଇଛି। ସକାଳୁ ଯଥା ରୀତିନୀତି ଅନୁଯାୟୀ ମଙ୍ଗଳ ଆରତୀ, ହୋମଯଜ୍ଞ, ପୁରୋହିତମାନଙ୍କ ମନ୍ତ୍ରପାଠ ମଧ୍ୟରେ ପୂଜା ସମ୍ପନ୍ନ ହୋଇଥିଲା । ଘଣ୍ଟବାଦ୍ୟ, ସଂକୀର୍ତ୍ତନ, ହୁଳହୁଳି, ଶଙ୍ଖଧ୍ୱନୀ ଓ ଦୁଲଦୁଲି ବାଜା ମଧ୍ୟରେ ମୁଖ୍ୟ ପୁରୋହିତ ମନୋରଞ୍ଜନ ଶତପଥୀ ପୂଜା କାର୍ଯ୍ୟର ପୂର୍ଣ୍ଣାହୁତି ଦେଇଥିଲେ। କର୍ତ୍ତା ଭାବେ କମିଟିର ସଭାପତି ଧର୍ମେନ୍ଦ୍ର ଦେବତା ସହଧର୍ମିଣୀ ସ୍ମିତାଞ୍ଜଳୀ ଦାଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଗଣେଶ ପୂଜା ମଣ୍ଡପ ସମ୍ମୁଖରୁ ଏକ ସୁସଜ୍ଜିତ ଗାଡିରେ ଗଜାନନଙ୍କ ବିସର୍ଜନ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । କମିଟିର ସଭାପତି ଦେବତା ଏବଂ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ଶୋଭାଯାତ୍ରା। ଏଥିରେ ବିଭିନ୍ନ ପ୍ରକାରର ହାଡିବାଜା, ଆତସବାଜି, ଡିଜେ ସାଉଣ୍ଡ, ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ, ବୌଦ୍ଧ ଜିଲାର ସମ୍ବଲପୁରୀ ଜୁଗଲବନ୍ଦୀ ନୃତ୍ୟ, ଛେଣ୍ଡିପଦାର ଲଉଡି ନୃତ୍ୟ, ବାରିପଦାର ପାଇକ ଆଖଡା ପ୍ରଭୃତି ନଜର ଆସିଥିଲା । ସେହିପରି ବରପାଲିର ଷ୍ଟେଜରୁ ଆଇଟମ୍‌ରେ ଚାରଲି ଚାପଲିନ୍, ରାମ ହନୁମାନ, ରାଧାକୃଷ୍ଣ, ସାଇ ବାବା, ଅନୁଗୋଳର ଶିଙ୍ଗ ବାଜା ଓ ନୃତ୍ୟ, ମୟୂର ନାଚ, ଯୋଡି ଶଙ୍ଖ ବାଦ୍ୟ, ଦୁଲଦୁଲି ବାଜା, ସୋନପୁରର ଆଦିବାସୀ ନୃତ୍ୟ, ଦୁଃସାହସିକ ବାଡି ଖେଳ, ବାଘ ଷଣ୍ଢ ଲଢେଇ ନୃତ୍ୟ, ଜିମନାସିୟମ, କଲିକତାର ଲୋକନୃତ୍ୟ, ସମ୍ବଲପୁର ଅଞ୍ଚଳର ଘଣ୍ଟବାଦ୍ୟ ଥିଲା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଦେବଗଡବାସୀ ସମସ୍ତ ଭେଦଭାବ ଭୁଲି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଚଳିତବର୍ଷ ବିଭିନ୍ନ ପୌରାଣିକ, ଲୋକ ସଂସ୍କୃତି ତଥା ସାମାଜିକ କଥାବସ୍ତୁକୁ ନେଇ ଏକ ନୂତନ ଏବଂ ବିରାଟ ଧରଣର ଶୋଭାଯାତ୍ରା ଦେଖିବା ପାଇଁ ସହରରେ ପ୍ରତ୍ୟେକ ଛକରେ ପ୍ରବଳ ଭିଡ ଜମିଥିଲା । ଏହି ଶୋଭାଯାତ୍ରା ବିଭିନ୍ନ ସାହି ବସ୍ତି ବୁଲାଇବା ପରେ ସ୍ଥାନୀୟ ଶନି ମନ୍ଦିର ନିକଟ ଷୋହଳବଖରୀ କଟାଠାରେ ବିସର୍ଜନ କରାଯାଇଥିଲା । ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା। ୧୧ ଦିନ ବ୍ୟାପୀ ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ଏହି ଉତ୍ସବ ସମ୍ପାଦିତ ହୋଇଥିବାରୁ କମିଟିର ସଭାପତି ଦେବତା, ସମ୍ପାଦକ ଝାଙ୍କର, କୋଷାଧକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୂଜା ଆୟୋଜନରେ ଉପସଭାପତି ମୋତିଲାଲ ବେହେରା, ଆଇନ ପରାମର୍ଶଦାତା ପୃଥ୍ୱୀରାଜ ପଟ୍ଟନାୟକ, ମିଡିଆ ସେଲର ମୋତିଲାଲ ଶର୍ମା, ପୂଜା ମଣ୍ଡପ ସମ୍ପାଦକ ଶଶାଙ୍କ ଶେଖର ନାଗ, ପରାମର୍ଶଦାତା ମଣ୍ଡଳୀର ଟିକେଶ୍ୱର ଗୁରୁ, ବିକାଶ ପ୍ରଧାନ, ସୁଶାନ୍ତ ନନ୍ଦ, ଜନ୍ମାଜୟ ନାୟକ, ପିଣ୍ଟୁ ଦ୍ୱିବେଦୀ, ମନୋଜ ମହାପାତ୍ର, ପ୍ରିତମ ବେହେରା, ପିଲୁ ରାଜେଶ ନାୟକ, ବେଣୁଧର ଗଡନାୟକ, ବିକାଶ ନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ଅଗ୍ନିଶମ ବିଭାଗ ଦ୍ୱାରା ହୁମା ମନ୍ଦିର ନଦୀ ଘାଟରେ ଭାସି ଯାଇଥିବା ଯୁବକଙ୍କୁ ଖୋଜା ଚାଲିଛି ।

## ହୁମା ମନ୍ଦିର ଘାଟରେ ଗାଧୋଉଥିବା ବେଳେ ଯୁବକ ନିଖୋଜ

ଧମା,୨୩।୯(ଡି.ଏନ.ଏ.)

ଧମା ଥାନା ଅନ୍ତର୍ଗତ ହୁମା ମନ୍ଦିର ଘାଟରେ ଗାଧୋଉଥିବାବେଳେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଧମା ପୋଲିସ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି ଚଳାଇଥିଲେ ହେଁ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିବା ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇ କହିଛନ୍ତି । ଘଟଣାରୁ ପ୍ରକାଶ, ବରଗାଁର ହଳଦୀ ଗ୍ରାମ ମୂଳ ନିବାସୀ ଟିକେଶ୍ୱର ପାତ୍ର(୨୦) ତାଙ୍କ ମାମୁଁ ଘର ଶାସନ ଥାନା ଅନ୍ତର୍ଗତ ଡୁମେରପାଲିରେ ରହି ଯୁକ୍ତ ୩ ପାଠ ପଢୁଥିଲେ। ସେ ତାଙ୍କ ଦୁଇ ସାଙ୍ଗ ଭାଗିରଥୀ ଖର୍ସେଲ ଏବଂ ସରେନ୍ଦ୍ର ପାଡୀଙ୍କ ସହ ରବିବାର ବିଶ୍ୱପ୍ରସିଦ୍ଧ ଶୈବପୀଠ ହୁମା ଦର୍ଶନ ପାଇଁ ଆସିଥିଲେ। ସେଠାରେ ପହଞ୍ଚି ମହାନଦୀକୁ ୩ ସାଙ୍ଗ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଟିକେଶ୍ୱର ନଦୀ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ହୁମା ମନ୍ଦିର ମେଳା କମିଟି ସଭାପତି ରାମ ଷଡଙ୍ଗୀ, ଦିଲୀପ ପୂଜାରୀ ଖବର ପାଇ ଧମା ପୋଲିସକୁ ଜଣାଇଥିଲେ। ଧମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଜରିଆରେ ଖୋଜାଖୋଜି ଆରମ୍ଭ କରିଥିଲା।

## କଦଳୀପିଠାରେ ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ

ରେଙ୍ଗାଲି,୨୩।୯(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କଦଳୀପିଠାରେ ଫ୍ରେଣ୍ଡସ୍ କ୍ଲବ ଏବଂ ନେହେରୁ ଯୁବା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପଡୋଶୀ ଯୁବା ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଫ୍ରେଣ୍ଡସ କ୍ଲବର ସଭାପତି ସୁଧାଂଶୁ ଶେଖର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନୱାଇକେର ସଂଯୋଜକ ମରିଆନୁସ ବିଲୁଙ୍ଗ ଓ ଯଶୋବନ୍ତି ବାଗ, ସମ୍ବଲପୁର ଡିଆରଡିଏ ଓଏଲଏମ ପୁଷ୍ପଶ୍ରୀ ନାଏକ, ସାକ୍ଷୀର ମାନସୀ ମାଝୀ, ୟୁନିସେଫ୍‌ର ଗଣେଷ ସ୍ୱାଧିନ ଏକତା, ସଙ୍ଗଠନ ସଭାପତି ରାଜୀବ ମିଶ୍ର, ସମ୍ପାଦକ ସରୋଜ ବିଶୋଇ, କତରବଗା ସରପଞ୍ଚ କୁମୋଦିନୀ ଖମାରୀ, ରେଙ୍ଗାଲି ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଲ୍ଲା ଧରୁଆ ଓ କଦଳୀପିଟା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୫ ଯୁବ ସଙ୍ଗଠନର ୭୦ ଯୁବତୀ ଯୁବକ ଯୋଗଦେଇ ଥିଲେ। ସ୍ୱଚ୍ଛ ଭାରତ ଅଭିଯାନର ଶପଥ ଗ୍ରହଣ ଏବଂ ନାରୀ ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଲୋକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଳଖିଆ ଦୋକାନୀଙ୍କୁ ମାରପିଟ, ୪ ଦୋକାନରେ ଭଙ୍ଗାରୁଜା

## ପ୍ରତିବାଦରେ ରାସ୍ତାରୋକୋ, ଘଟଣାସ୍ଥଳରେ ଉତ୍ତେଜନା

ସମ୍ବଲପୁର୨୩।୯(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଫାଟକରେ ଥିବା ଜଳଖିଆଦୋକାନୀ ଗୋପାଳ ଚନ୍ଦ୍ର ସାହୁଙ୍କୁ ମାର୍‌ପିଟ ଅଭିଯୋଗ ହୋଇଛି। ଏଥି ସହ ନିକଟରେ ଥିବା ୪ ଦୋକାନରେ ଭାଙ୍ଗାରୁଜା ହୋଇଛି। ଏହାର ପ୍ରତିବାଦରେ ଫାଟକ ଅଞ୍ଚଳ ବଣିକ ସଂଘ ପକ୍ଷରୁ ଅଇଁଠାପାଲି-ଲକ୍ଷ୍ମୀଟକିଜ ରାସ୍ତା ୧ ଘଣ୍ଟା ଧରି ଅବରୋଧ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ବିକାଶ ମୁଣ୍ଡା ଓ ତାଙ୍କ ୪ ସହଯୋଗୀଙ୍କୁ ଶୀଘ୍ର ଗିରଫ କରାଯିବାକୁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଅଇଁଠାପାଲି ଥାନାଧିକାରୀ ଚିନ୍ତାମଣୀ ପ୍ରଧାନ, କ୍ଷେତରାଜପୁର ଥାନାଧିକାରୀ ଯୋଗେଶ ପଣ୍ଡା, ଡିଏସପି ଶ୍ରୀମନ୍ତ ବାରିକ ପ୍ରମୁଖ ପୋଲିସ ଅଧିକାରୀ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ଗିରଫ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନାଯୋଗ୍ୟ ଯେ, ଫାଟକ ଅଞ୍ଚଳରେ ଦାଦା ବଟି ଆଦାୟକୁ ନେଇ ଫାଟକ ବଣିକ ସଂଘ ପକ୍ଷରୁ ରବିବାର ଅପରାହ୍ନରେ ଅଇଁଠାପାଲି ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଭିଯୁକ୍ତ ବିକାଶ ମୁଣ୍ଡା ୪ ସହଯୋଗୀଙ୍କ ସହ ଆସି ରାତି ପ୍ରାୟ ସାଢେ ୭ଟା ସମୟରେ ମାର୍‌ପିଟ କରିଥିଲେ । ପୂର୍ବରୁ ବିକାଶଙ୍କ ନାମରେ ବହୁ ଆପରାଧୀକ ମାମଲା ରହିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଥିବାବେଳେ ବିଭିନ୍ନ ସ୍ଥାନରେ ପୋଲିସର ଚଢାଉ ଜାରି ରହିଛି । ଏ ନେଇ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି ।



ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସମ୍ମୁଖରେ ଫାଟକ ବଣିକ ସଂଘ ଅଭିଯୋଗ କରିବାକୁ ଆସିଛନ୍ତି ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଜିଲା ଫୁଟବଲ ସୁପର ଲିଗ୍: ୨ ମ୍ୟାଚ୍ ଅମୀମାଂସିତ

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ଜିଲା ଫୁଟବଲ ସୁପର ଲିଗ୍‌ର ଅଷ୍ଟମ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ତେବେ ଉଭୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍ ବନ୍ଧପାଲି ଆଥ୍‌ଲେଟିକ କ୍ଲବ ଓ ବରାମୁଣ୍ଡା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିବାରୁ ଉଭୟ ଦଳକୁ ସମାନ ପଏଣ୍ଟ ମିଳିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସାରଶମାଲ ଓ ଡୁଙ୍ଗିଆଡେରା ମଧ୍ୟରେ ଖେଳାଯାଇଥିଲା। ଏଥିରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଏହି ମ୍ୟାଚ୍‌ରେ ମଧ୍ୟ ପଏଣ୍ଟ ଭାଗବଣ୍ଟା ହୋଇଥିଲା। ଅତିଥି ଭାବେ ପ୍ରଶାନ୍ତ ମହାନ୍ତି ଯୋଗଦେଇଥିଲେ। କ୍ରୀଡ଼ାସଂଘର ପ୍ରଜ୍ୱଳ ପଟେଲ, ଜୀବନ ମହାନ୍ତି, ଶଙ୍କର ପଟେଲ, ସୁଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୁଜିତ କୁଜୁର, ସଞ୍ଜୟ ରାୟ, ସଞ୍ଜୟ ଦାସ, ଅଜିତ କୁଜୁର, ଜେ. ରାଓ, ମାନସ ଆଚାର୍ଯ୍ୟ, ପି. ରାଜେଶ୍ୱର ରାଓ, ଗୋଡ଼େନ ଡସନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ସରବାହାଲ କୁମ୍ଭାରପଡ଼ାରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅର୍ଜୁନ ମହାନନ୍ଦଙ୍କ ଝିଅ ପ୍ରୀତି ମହାନନ୍ଦ (୧୮)। ପ୍ରୀତି ଘର କବାଟ ବନ୍ଦ କରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ନେଇ ଟାଉନଥାନା ପୋଲିସକୁ ଜଣାଇବା ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ କଳହରୁ ପ୍ରୀତି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଜଳାଶୟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଲଖନପୁର,୨୩।୯(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ଭଟଲି ଗ୍ରାମ କେଉଟରମୁଣ୍ଡା ବନ୍ଧ (ଜଳାଶୟ)ରୁ ରବିବାର ମଧ୍ୟାହ୍ନରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ଭଟଲି ଗ୍ରାମର ଗୋବିନ୍ଦ ଚାନ୍ଦ (୮୦)ଙ୍କର ବୋଲି ଜଣାପଡ଼ିଛି। କୁମ୍ଭାରବନ୍ଧ ଫାଣ୍ଡିରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ସକାଳ ସାଢ଼େ ୧୧ଟାରେ ଗୋବିନ୍ଦ ଜଳାଶୟକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏନେଇ ଗୋବିନ୍ଦଙ୍କ ବଡ଼ପୁଅ ସଚ୍ଚିନ୍ଦ୍ର ରବିବାର ସକାଳେ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗୋବିନ୍ଦଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ଜଳାଶୟରୁ ମୃତଦେହ ଉଦ୍ଧାର କରିଛି। ଏନେଇ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସରକାରୀ ସହାୟତା ପାଇଁ ଆର୍‌ଆଇ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ବିମାନ ଯାତ୍ରାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

# 'ଡର ଲାଗିଲା କିନ୍ତୁ ବହୁତ ମଜା ଆସିଲା'

**ଝାରସୁଗୁଡ଼ା ଅଫିସ,୨୩।୯**

ଉଡାନ୍ ଯୋଜନାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଶନିବାର ଆରମ୍ଭ ହୋଇଥିଲା ଉଡ଼ାଣ। ପ୍ରଥମ ବିମାନଯାତ୍ରୀ ହୋଇଥିଲେ ସ୍ଥାନୀୟ ବେହେରାମାଲ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର। ଝାରସୁଗୁଡ଼ାରୁ ରାୟପୁର ପର୍ଯ୍ୟନ୍ତ ବିମାନରେ ଯାଇ ରବିବାର ଫେରିବା ପରେ ଆମେ ସଂଗ୍ରହ କରିଥିଲୁ ସେହି ଛାତ୍ରୀଛାତ୍ରଙ୍କ ପ୍ରତିକ୍ରିୟା ଏବଂ ବିମାନ ଯାତ୍ରାର ଅନୁଭୂତି। ପ୍ରାୟ ସମସ୍ତଙ୍କଠାରୁ ଶୁଣିବାକୁ ମିଳିଥିଲା ଗୋଟିଏ ପ୍ରକାର ଉତ୍ତର। ବିମାନ ଯାତ୍ରା ବେଳେ ସେମାନଙ୍କୁ ଟିକେ ଡର ଲାଗିଥିଲା କିନ୍ତୁ ବହୁତ ମଜା ଆସିଥିଲା ବୋଲି ସେମାନେ କହିଛନ୍ତି। ବିମାନରେ ପ୍ରଥମଥର ପାଇଁ ଯାତ୍ରୀ ହୋଇଥିବା ଏହି ଛାତ୍ରୀଛାତ୍ରମାନେ ବିମାନଯାତ୍ରା ନେଇ ଉତ୍ସାହିତ ଥିଲେ। ବିମାନରେ ବସିବା ପରେ ସାମାନ୍ୟ ଡର ଲାଗିଥିଲା। କିନ୍ତୁ ସାଙ୍ଗରେ ଯାଇଥିବା ଗାଇଡ୍ ଏବଂ ଏୟାର ହଷ୍ଟେସ୍‌ଙ୍କ ଉପସ୍ଥିତି ତାଙ୍କ ମନରେ ସାହସ ଜୁଟାଇଥିଲା। ଆକାଶରେ ବିମାନ ଉଡ଼ିବା ବେଳେ ସାଉଁଟିଥିବା ଅଦ୍ଭୁତ ଆନନ୍ଦ ବିଷୟରେ ପିଲାମାନେ ପ୍ରକାଶ କରିଛନ୍ତି।

ଶନିବାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଉଡ଼ିବାର ଥିଲା ପ୍ରଥମ ବିମାନ। ଏୟାର ଓଡ଼ିଶାର ଏହି ବିମାନ ଝାରସୁଗୁଡ଼ାରୁ ରାୟପୁର ଯିବାକୁ ସ୍ଥିର ହୋଇଥିଲା। ତେବେ ପ୍ରଥମ ଯାତ୍ରୀ କିଏ ହେବ ତାକୁ ନେଇ ପ୍ରଶ୍ନ ରହିଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ପ୍ରଥମ ଉଡାନ୍ ଯାତ୍ରୀ ଭାବେ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ତଥା ଦିବ୍ୟାଙ୍ଗମାନଙ୍କୁ ବିମାନ ଯାତ୍ରାର ମଜା ଦେବାକୁ ପାଢ଼ୀ ଇଚ୍ଛା ପ୍ରକାଶ କରିଥିଲେ। ଏଥିରେ ସହମତି ପ୍ରକାଶ କରି ଜିଲାପାଳ ପଟ୍ଟନାୟକ ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲଙ୍କୁ ସୂଚିତ କରିଥିଲେ। ପ୍ରଥମ ଯାତ୍ରୀ ଭାବେ ବେହେରାମାଲ ଆଶ୍ରମ ସ୍କୁଲର ସପ୍ତମ ଶ୍ରେଣୀର ସତ୍ୟ ପ୍ରକାଶ ବାରିକ, ଜହନ୍ ନାୟକ, ଗୋପାଳ ବରର୍ଡ଼ୀ, କବିତା ଓରାମ, ଲିପ୍‌ସା ବାଗ, ବନିତା ହେମ୍ବ୍ରମ୍, ପଞ୍ଚମ ଶ୍ରେଣୀର ସ୍ୱପ୍ନା ରୋହିଦାସ ଏବଂ ଝାଡ଼େଶ୍ୱରୀ ଦିବ୍ୟାଙ୍ଗ ସ୍କୁଲର କଳ୍ପନା ଖଡ଼ିଆଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଏସ୍କଟ ଭାବେ ଶିକ୍ଷୟତ୍ରୀ ଜୟନ୍ତୀ ପୂଝାରୀ, ନମିତା ନାଥ, ଶିକ୍ଷକ ହେମନ୍ତ ଧୁରୁଆଙ୍କୁ ଚୟନ କରାଯାଇଥିଲା। ବିଧିବଦ୍ଧ ଅନୁମତି ଏବଂ ଅନୁମୋଦନ ସହ ମାଗଣା ଯାତ୍ରାର ବ୍ୟବସ୍ଥା କରାଯାଇଥିଲା।

ଶନିବାର ସମସ୍ତ ପ୍ରସ୍ତୁତି ସହ ଛାତ୍ରୀଛାତ୍ର ଭିଏସ୍‌ଏସ୍ ବିମାନବନ୍ଦରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦର ଲୋକାର୍ପଣ ସହ ଆରମ୍ଭ କରିଥିଲେ ଉଡାନ୍ ଯୋଜନା। ପ୍ରଧାନମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇ ଉଡ଼ାଣ ଆରମ୍ଭ କରିଥିଲା ଏୟାର ଓଡ଼ିଶା ବିମାନ। ପ୍ରଥମଥର ପାଇଁ ଉଡ଼ାଜାହାଜରେ ବସୁଥିବାରୁ ଟିକେ ଡର ଲାଗିଥିଲା। ହେଲେ ବିମାନ ଉଡ଼ିବା ସହ ମଜା ବଢ଼ିଥିଲା। ଆକାଶରେ ବାଦଲ, ତଳେ ଥିବା କ୍ଷୁଦ୍ର କ୍ଷୁଦ୍ର ଘର, ଜମିବାଡ଼ି, ରାସ୍ତାଘାଟର ଦୃଶ୍ୟ ମନ ଭିତରେ ଅଦ୍ଭୁତ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ରାୟପୁରରେ ପହଞ୍ଚିବା ପରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାରେ ଛାତ୍ରୀଛାତ୍ର ବିଭୋର ହୋଇଯାଇଥିଲେ। ସେଠାରେ ପୁଣି ନୂଆ ରାୟପୁର ସହର ବୁଲିବାର ମଜା ଉଠାଇ ରବିବାର ସେମାନେ ଫେରିଥିଲେ।






ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ବିମାନରେ ବସିଛନ୍ତି (ବାମ)। ରାୟପୁର ବିମାନବନ୍ଦରରେ ଓହ୍ଲାଇବାର ଦୃଶ୍ୟ।

# ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

**ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)**

■ ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି
■ ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ଅନ୍ଧବିଶ୍ୱାସର ଅର୍ଗଳିରେ ଶଢ଼ୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୟୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ।**
**ବେପାରୀ ମନ ପାଣ୍ଠିରେ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଫିଲ୍ମ ନିର୍ମାତା କଳ୍ପନା ଲାଜ୍‌ମୀଙ୍କ ପରଲୋକ

**ମୁମ୍ବାଇ:** ଫିଲ୍ମ ନିର୍ମାତା ତଥା ସ୍କ୍ରିନ୍‌ରାଇଟର କଳ୍ପନା ଲାଜ୍‌ମୀଙ୍କର ରବିବାର ପରଲୋକ ଘଟିଛି। ସେ 'ରୁଦାଲି', 'ଏକ୍ ପଲ୍', 'ଦାମନ୍' ଏବଂ 'ଚିନ୍‌ଗାରି' ଭଳି ଅନେକ ମହିଳା ଅଭିମୁଖୀ ଫିଲ୍ମ ନିର୍ମାଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇପଡ଼ିଥିଲା। ଲାଜ୍‌ମୀ ସ୍ଥାନୀୟ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର କିଡ୍‌ନୀଜନିତ ସମସ୍ୟା ଯୋଗୁ ସେ ଗତ ମଙ୍ଗଳବାର ଆଇସିୟୁରେ ଭର୍ତ୍ତି ହୋଇଥିଲେ।

ଲାଜ୍‌ମୀଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରିଚିତ ବ୍ୟକ୍ତିତ୍ୱ ହଁସଲ ମେହେଟା, ନନ୍ଦିତା ଦାସ, ସୋନି ରାଜଦାନ୍ ଏବଂ ରବିନା ଟଣ୍ଡନ୍ ଶୋକବ୍ୟକ୍ତ କରିଛନ୍ତି। ବିରଳ ସମ୍ବେଦନଶୀଳ କାହାଣୀକୁ ନେଇ ସେ ଫିଲ୍ମ ନିର୍ମାଣ କରୁଥିଲେ। ଭାରତୀୟ ସିନେମାକୁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ସୋନୋୱାଲ୍ ପ୍ରକାଶ କରିଛନ୍ତି।

ଲାଜ୍‌ମୀଙ୍କ ଅନ୍ତିମ ସଂସ୍କାର ଓଶିୱାରା ସମାଧିସ୍ଥଳରେ ରବିବାର ସମ୍ପନ୍ନ ହୋଇଛି। ଏହି ସମୟରେ ମହେଶ ଭଟ୍ଟ, ସୋନି ରାଜଦାନ୍, ଶବାନା ଆଜ୍‌ମୀ ଏବଂ ଶ୍ୟାମ୍ ବେନେଗାଲ୍‌ଙ୍କ ସମେତ ଅନେକ ଫିଲ୍ମଷ୍ଟାର ଉପସ୍ଥିତ ଥିଲେ।


**Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack**

**ODISHA STATE ROAD TRANSPORT CORPORATION, BHUBANESWAR**

No. 13194/OSRTC/ Bhubaneswar Dated 22.09.18

**CORRIGENDUM**

**Operation of OSRTC buses on Charter Basis**

In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:

1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.

All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.

*Sd./- General Manager (Admn.)*
*OSRTC, Bhubaneswar*

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
Phone : - 06842 254004/ FAX : - 06842 255054
Email: sernbphulbani@gmail.com
No.606-B

**INVITATION FOR BIDS (IFB)**

**Bid Identification No. SE-(R&B)-PLB- 05/2018-19**

No. 1148 Dated 18.09.2018

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 2 nos of Building work |
| 4 | Tender cost | :- | Rs. 10,000/- (through online) only |
| 5 | Class of Contractor | :- | "B" Class and 'A' Class |
| 6 | Date & Time of sale & receipt of bids | :- | 27.09.2018 to 10.10.2018 |
| 7 | Date of Opening of bid | :- | 11.00 AM of 11.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Er. Tushar Ranjan Parida**
**Superintending Engineer,**
**Phulbani (R&B) Circle, Phulbani**
34129/11/0007/1819

**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)

No. 1482 **NOTICE** Date: 17.09.2018

**No. 443-E:-** This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.

*Sd./- Dean & Principal,*
*Government Medical College & Hospital, Balangir*
10126/11/0011/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, ANGUL
No. 1532 Date: 15 / 09 / 2018

**GOVERNMENT OF ODISHA**
**e- Procurement Notice**
**Bid ID. E.E, M.I. Division, Angul No.-05/2018-19**
E-mail ID: eemidivision_angul@yahoo.com
No.535-A

| | | |
|---|---|---|
| Name of the work | : | Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover) |
| No. of Works | : | 1 (One) No. |
| Estimated Cost | : | Rs.84.00 Lakhs |
| Cost of Tender Paper | : | From Rs. 10,000 /- (Non-Refundable) to be paid electronically through the payment gateway of designated Banks |
| Period of Completion | : | 06(six) calendar months |
| Availability of bid documents for sale and receipt through On-line | : | From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**) |
| Date of opening of bid documents | : | On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website | : | **http:/dowrorissa.gov.in** |
| Name & Address of the OIT | : | Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com** |

Further details can be seen from the e-Procurement market place **http://tendersorissa.gov.in**.

**(Er. J. C. Nayak)**
**Executive Engineer**
**M.I. Division, Angul**
32284/11/0007/1819

See Career Appointment on every Wednesday & Saturday

**Government of Odisha**
**"e" Procurement Notice**
No.624-B
**WORKS DEPARTMENT**
**Bid Identification No. S.E.K.C., Keonjhar No. 16 / 2018-19**
e-mail : sekcpwd_keonjhar@yahoo.com
Letter No. 2908 Dt. 11.09.2018

1. Name of the work :- Construction of H.L. Bridge over river Sona at Joda in Keonjhar district under D.M.F for 2018-19
2. Estimated cost :- Rs. 398.71 Lakhs
3. Period of completion :- 11 (Eleven) Calendar Months
4. Date and Time of availability of Bid document in the portal :- From 11.00 Hours of 25.09.2018 to 16.00 Hours of 10.10.2018
5. Last date / Time for receipt of bids in the portal :- 16.00 Hours of 10.10.2018
6. Date of opening of Bid from Portal :- 12.00 Hours on 12.10.2018
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**.

**Sd./- P.C. Nayak**
**Superintending Engineer**
**Keonjhar (R&B) Circle, Keonjhar**
34004/11/0024/1819

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in

**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 7/2018-19**
No.607-B

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Cuttack(R&B)Circle**
34012/11/0016/1819

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



ଦେଶର ଉନ୍ନତି ଯେବେ କର ଆଶା,
ଉଚ୍ଚ କର ତେବେ ନିଜ ମାତୃଭାଷା।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### କାହ୍ନା ପକ୍ଷରୁ ନୂଆଁଖାଇ ଭେଟଘାଟ

ସମ୍ବଲପୁର,୨୩।୯(ବ୍ୟୁରୋ)
ବୁଢ଼ାରଜାସ୍ଥିତ କଲ୍ୟାଣ ନଗର ହାଉସ୍ ହୋଲ୍ଡ ଆସୋସିଏଶନ (କାହ୍ନା)ପକ୍ଷରୁ ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। କାହ୍ନା ସଭାପତି ତ୍ରିଲୋଚନ ରାୟଙ୍କ ଅଧ୍ୟକ୍ଷତାରେ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ପଙ୍କଜ ପଟେଲ, ଚନ୍ଦ୍ରକାନ୍ତ ମହାନ୍ତି ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଶେଷରେ ସମ୍ପାଦକ ନବୀନ ଚନ୍ଦ୍ର କର୍ତ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ କାହ୍ନାର ଶହେ ପରିବାର ସାମିଲ ହୋଇଥିଲେ। ପାରମ୍ପରିକ ପିଠାପଣା, କ୍ଷିରି ଓ ଭୋଜିରେ ସମସ୍ତେ ଆପ୍ୟାୟିତ ହୋଇଥିଲେ। ସୁଶିଲ ମିଶ୍ର, ବିଭୂତିଭୂଷଣ ଦାଶ, ଦୀନବନ୍ଧୁ ପଣ୍ଡା, ଉମାକାନ୍ତ ପଟେଲ, ସୌମ୍ୟରଞ୍ଜନ ମିଶ୍ର, ମନୋଜ ମେହେର, ରଞ୍ଜିତ ସାହୁ, ଶିବ ଷଡଙ୍ଗୀ, ଶାଶ୍ୱତ ସାହୁ ଓ ନିତ୍ୟାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପୋଲିସର ମାଡ଼ ନେଇ ଏନଆରଏଚ୍‌ସି ମାମଲା

# ରିପୋର୍ଟ ଦାଖଲ, ତଦନ୍ତରେ ଭିନ୍ନ ମୋଡ଼

ବରଗଡ଼ ଅଫିସ୍,୨୩।୯

ବରଗଡ଼ ସହରରେ ଗତ ମେ ୧୨ତାରିଖ ସନ୍ଧ୍ୟାରେ ଟ୍ରାଫିକ ନିୟନ୍ତ୍ରଣ ନାଁରେ ସ୍ଥାନୀୟ ଅମିତ ସାହୁ ନାମକ ଜଣେ ଯୁବକଙ୍କୁ ପୋଲିସର ନିସ୍ଥୁକ ମାଡ଼ ଘଟଣା ଜାତୀୟ ମାନବାଧିକାର କମିଶନ(ଏନଏଚଆରସି) ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପାଖକୁ ପହଞ୍ଚିଥିଲା । ଏହି ଘଟଣାକୁ ନେଇ ସୋନପୁର ଜିଲା ତରଭାର ଜଣେ ମାନବାଧିକାର କର୍ମୀ ଶ୍ରୀକୁମାର ମହନ୍ତ ଏନଏଚଆରସି ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଫେରାଦ ହୋଇଥିଲେ । ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ଏନଏଚଆରସି ଏହାକୁ ଗୁରୁତ୍ୱର ସହିତ ନେଇଥିଲା ଏବଂ ଘଟଣାକୁ ନେଇ ଏନଏଚଆରସି ଡାଏରୀ ନଂ- ୮୪୦୦୧/ସିଆର/୨୦୧୮ ରେଜିଷ୍ଟ୍ରେଶନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲା । ଇତିମଧ୍ୟରେ ଜିଲାର ଜଣେ ଡିଏସପି ଏହାର ତଦନ୍ତ ସାରି ରିପୋର୍ଟ ଦାଖଲ କରିବା ପରେ ତଦନ୍ତରେ ଭିନ୍ନମୋଡ଼ ଆସିଛି ।

ତଦନ୍ତରେ ଅମିତଙ୍କ ସମେତ ତାଙ୍କ ଦୋକାନ ମାଲିକ, ଘଟଣାସ୍ଥଳ ପାଖରେ ଥିବା ୫ ଦୋକାନୀ, ଅମିତ, ଟାଉନ ଥାନା ଆଇଆଇସି, ତଦନ୍ତକାରୀ ସବଇନ୍ସପେକ୍ଟର, ପିସିଆର ଷ୍ଟାଫଙ୍କୁ ପଚରାଉଚୁରା କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ଘଟଣାକୁ ନେଇ ସେତେବେଳେ ଯେଉଁ ସଂଘ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କୁ ଫେରାଦ ହେବା ସହିତ ଆନ୍ଦୋଳନ ଚେତାବନୀ ଦେଇଥିଲା, ସେହି ସଂଘର ୫ଜଣ ସଦସ୍ୟ ସେଭଳି କିଛି ଘଟଣା ସେମାନଙ୍କ ସାମ୍ନାକୁ ଆସି ନ ଥିବା ତଦନ୍ତବେଳେ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଏହି ରିପୋର୍ଟରେ ପୋଲିସର ମାଡ଼ ଘଟଣା ଅପେକ୍ଷା ଅମିତ ରାସ୍ତା ମଝିରେ ସ୍କୁଟି ରଖି ମୋବାଇଲ ଫୋନରେ କଥାବାର୍ତ୍ତା ହେବା ଘଟଣାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅମିତଙ୍କୁ ପୋଲିସର ମାଡ଼ ଓ ଅଟକ ପ୍ରତିବାଦରେ ଥାନା ସମ୍ମୁଖରେ ଲୋକଙ୍କ ରାସ୍ତାରୋକୋ ଘଟଣାକୁ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଅନ୍ୟପଟେ ଅମିତ ସ୍କୁଟିର ଆର୍‌ସି ବୁକ, ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ କାଗଜାତ୍ ଦେଖାଇ ନ ପାରିବାରୁ ଭିସିଆର ସହିତ ଚାଲାନ ଇସ୍ୟୁ କରିବା ପାଇଁ ତାଙ୍କୁ ଥାନାକୁ ନିଆଯାଇଥିଲା ଏବଂ ମାଡ଼ ମରାଯାଇ ନ ଥିଲା ବୋଲି ପୋଲିସ ଅଧିକାରୀମାନେ ବୟାନ ଦେଇଥିବା ରିପୋର୍ଟରେ ଦର୍ଶାଯାଇଛି । ଘଟଣାଦିନ ଅମିତ ଅସ୍ୱାଭାବିକ ଅବସ୍ଥାରେ ଥିବା, ପୋଲିସ ପ୍ରତି ଖରାପ ଭାଷା ପ୍ରୟୋଗ କରିଥିବା ଦୃଷ୍ଟିରୁ ନିଶାସକ୍ତ ରହିଥିବା ଆଶଙ୍କା କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଘଟଣାଦିନ ରାତ୍ରିରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା ବୋଲି କୁହାଯାଇଛି । ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଆସି ନ ଥିବା ଦର୍ଶାଯାଇଛି । ପ୍ରକାଶଥାଉକି, ଗତ ମେ ୧୨ତାରିଖରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ସ୍ଥାନୀୟ ଗୌଡ଼ପଡ଼ା ଛକର ଅମିତଙ୍କୁ ପୋଲିସ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଘଟଣାକୁ ନେଇ ସେତେବେଳେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଲୋକେ ରାସ୍ତାକୁ ଓହ୍ଲାଇଥିଲେ । ଏପରିକି ପୋଲିସର ସେଭଳି ବର୍ବରତାକୁ ନେଇ ବିଭିନ୍ନ ଅନୁଷ୍ଠାନ ଜିଲାପାଳଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିବାବେଳେ ମାନବାଧିକାର କର୍ମୀ ମହନ୍ତ ମାନବାଧିକାର କମିଶନକୁ ଫେରାଦ ହୋଇଥିଲେ ।

### ସିଲେଇ ତାଲିମ ଶିବିର

ଦେବଗଡ଼,୨୩।୯(ସ୍ୱ.ପ୍ର.)

ନେହେରୁ ଯୁବ କେନ୍ଦ୍ର ଦେବଗଡ ଓ ବୀର ହନୁମାନ ଯୁବକ ସଂଘର ମିଳିତ ସହଯୋଗରେ ବାରକୋଟ ବ୍ଲକ ଅଧୀନ ଠାକୁରପାଲି ଗ୍ରାମରେ ୩ ମାସିଆ ସିଲେଇ ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଗୁରୁବାରୀ ପାତ୍ର ମୁଖ୍ୟଅତିଥି ଯୋଗ ଦେଇ ଥିଲେ। ଭାବଗ୍ରାହୀ ସାହୁ, ପୁଷ୍ପାଞ୍ଜଳି ସାହୁ, ଯୁବକ ସଂଘର ସଭାପତି ଟଙ୍କଧର ନାଏକ, ସଂପାଦକ ଲକ୍ଷବଛ ପ୍ରଧାନ ପ୍ରମୁଖ ଯୋଗଦେଇ ସିଲେଇ ତାଲିମ ଗ୍ରହଣ କରି ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ୨୫ ଜଣ ମହିଳାଙ୍କୁ ମାଗଣାରେ ୩ ମାସ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ। ସଂଯୁକ୍ତା ସାହୁ ପ୍ରଶିକ୍ଷକ ଭାବେ ତାଲିମ ସଂପର୍କରେ ବକ୍ତବ୍ୟ ରଖିବା ସହ ୩ ମାସ ପର୍ଯ୍ୟନ୍ତ ତାଲିମ ଦେବେ। ଶେଷରେ ସୁବ୍ରତ ମହାକୁଳ ଧନ୍ୟବାଦ ଦେଇଥିଲେ

## ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଚାଇଲ୍ଡଲାଇନ କେନ୍ଦ୍ର ପରିଦର୍ଶନ କଲେ

ରେଢ଼ାଖୋଲ,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ବ୍ରଜେନ୍ଦ୍ର କୁମାର ପଣ୍ଡା ରବିବାର ଚାରମାଳସ୍ଥିତ ଚାଇଲ୍ଡଲାଇନ କେନ୍ଦ୍ର ପରିଦର୍ଶନ କରିବା ସହିତ କେନ୍ଦ୍ର ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅଧ୍ୟକ୍ଷଙ୍କ ସହିତ ସମିତିର ସଦସ୍ୟା ଡ. ଝରଣା ମିଶ୍ର, ପୁଷ୍ପାରାଣୀ ମହାପାତ୍ର, ସରୋଜ କୁମାର ମହାପାତ୍ର, ବାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ସେ ଫୁଲଝରଣସ୍ଥିତ ସାର ଆଇଜାକ ସାନ୍ତ୍ରା ବାଳନିକେତନ ମଧ ପରିଦର୍ଶନ କରିଥିଲେ।



ଚାରମାଳ ଚାଇଲ୍ଡଲାଇନ କେନ୍ଦ୍ର ପରିଦର୍ଶନ ଅବସରରେ ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଓ ଅନ୍ୟମାନେ।

## ଆଇଆଇଏମ ପକ୍ଷରୁ ମିନି ମାରାଥନ

ସମ୍ବଲପୁର,୨୩।୯(ବ୍ୟୁରୋ)
ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ପକ୍ଷରୁ ରବିବାର ରନ୍ ଫର୍ କ୍ଲିନ ଆଣ୍ଡ୍ ସ୍ମାର୍ଟ ସମ୍ବଲପୁର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଶହ ଛାତ୍ରୀଛାତ୍ର, ଆଇଆଇଏମ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ। ୫ କିଲୋମିଟର ଦୌଡ ହୋଇଥିଲା। ଏସ୍‌ପି ସଞ୍ଜୀବ ଆରୋରା, ଡିଏଫଓ ଡ. ସଞ୍ଜିତ୍ କୁମାର, ଏକ୍ସିସ୍ ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ କୁମାର ମନିଶ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ନ୍ତର୍ଜାତୀୟ ମାଷ୍ଟର ଆଥଲେଟ ସୁନ୍ଦରମଣୀ ବାରିକ, ରେଖା ଦେ, ନମିତା ପଟେଲଙ୍କୁ ସମ୍ମାନୀତ କରାଯାଇଥିଲା।




ରନ୍ ଫର୍ କ୍ଲିନ ଆଣ୍ଡ ସ୍ମାର୍ଟ ସମ୍ବଲପୁର ମିନି ମାରାଥନରେ ଅତିଥିଙ୍କ ସହ କୃତୀମାନେ ।

### ପୁରସ୍କାର ବିତରଣ ଉତ୍ସବ

ସମ୍ବଲପୁର,୨୩।୯(ବ୍ୟୁରୋ)

ଇନରହ୍ୱିଲ୍ କ୍ଲବ ଅଫ୍ ସମ୍ବଲପୁର ହେଣ୍ଡଲୁମ୍ ସିଟି ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ଲିଟେରେସି କମିଟି ଅଧ୍ୟକ୍ଷା ସୁନିତା ରଥଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂର୍ବତନ ରୋଟାରୀ କ୍ଲବ ଡିଷ୍ଟ୍ରିକ୍ ଗଭର୍ଣ୍ଣର ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାନେତ୍ରୀ ସୁଜାତା ପାଢ଼ୀ, ସମ୍ପାଦିକା ସୂର୍ଯ୍ୟକାନ୍ତୀ ମେହେର ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ନାନକରାମ ନୋଡ଼ାଲ ହାଇସ୍କୁଲର ନିଲିମା ମହାପାତ୍ର, ବ୍ରଜମୋହନ ପଟ୍ଟନାୟକ ନୋଡାଲ ୟୁପି ସ୍କୁଲର ଏସ. ଶତପଥି, ଏସଡିଏସ ନୋଡାଲ ଗାର୍ଲ୍ସ ହାଇସ୍କୁଲର କରିଶ୍ମା ପଣ୍ଡା, ସିଏସ ଗାର୍ଲ୍ସ ନୋଡାଲ ୟୁପି ସ୍କୁଲର ଅଲକା ପତି, ନୃସିଂହଗୁରୁ ଟାଉନ ହାଇସ୍କୁଲର ରାକ୍ଷୀ ମହାପାତ୍ର, ଗୋପାଳମାଲ ୟୁଜିୟୁପି ସ୍କୁଲର ରଞ୍ଜିତା ପୂଜାରୀ, ବୁଢ଼ାରଜା ନୋଡାଲ ୟୁପି ସ୍କୁଲର ଆରତୀ ସାହୁ, ନବରଙ୍ଗଲାଲ ନୋଡାଲ ୟୁପି ସ୍କୁଲର ବିଲାସିନୀ ତ୍ରିପାଠୀ, ଚେରୁଆପଡା ନୋଡାଲ ୟୁପି ସ୍କୁଲର ଲଳିତା ପାଣିଗ୍ରାହୀଙ୍କୁ ଉତ୍ତୋରୀୟ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

### ପୁରୁଣା ୱାରେଣ୍ଟି ଗିରଫ

ରେଢ଼ାଖୋଲ,୨୩।୯(ଡି.ଏନ.ଏ.)

ରେଢ଼ାଖୋଲ ପୋଲିସ ଡଙ୍ଗଁଚା ଗ୍ରାମର ପିତାମ୍ବର ମହାପାତ୍ର (୩୦)ଙ୍କୁ ରବିବାର ଗିରଫ କରିଛି। ତାଙ୍କ ନାମରେ ସ୍ଥାନୀୟ ଏସଡିଜେଏମଙ୍କ ଅଦଲାତରୁ ଏକ ଜାମିନ ବିହିନ ଗିରଫ ପରୱାନା ଜାରି ହୋଇଥିଲା। ୨୦୧୭ରେ ପକ୍ସୋ ଆଇନର ଧାରା ୬ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଓକିଲଙ୍କ ଆନ୍ଦୋଳନ ଯୋଗୁ ଜାମିନ ଆବେଦନ କରି ନ ପାରିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଆଇନ ସଚେତନତା ଶିବିର

## ଏସିଡ୍ ଆକ୍ରମଣର ପୀଡିତାଙ୍କୁ ଆଇନଗତ ସହାୟତା, ସଚେତନତା କାର୍ଯ୍ୟକ୍ରମ

ରେଢ଼ାଖୋଲ, ୨୩।୯ (ଡି.ଏନ.ଏ.)

ରେଢ଼ାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟଠାରେ ରବିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବଜଜ୍ ବାସୁଦେବ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଆଇନ ସଚେତନତା ଶିବିରରେ ଏସିଡ ଆକ୍ରମଣର ପୀଡିତା ଓ ସେମାନଙ୍କ ପାଇଁ ଥିବା ଆଇନଗତ ସାହାଯ୍ୟ ଓ କ୍ଷତିପୂରଣ ଉପରେ ସଚେତନ କରାଯାଇଥିଲା। ଶିବିରରେ ମହିଳା କଲେଜର ଛାତ୍ରୀ ଓ ବିଭିନ୍ନ ମହିଳା ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ବିଶିକେସନ ଦେହୁରୀ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ମହିଳା କଲେଜର ଅଧ୍ୟକ୍ଷା ସୁନିତା ମିଶ୍ର, ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, ନାକଟିଦେଉଳ ଥାନା ଏସଆଇ ଏ. ପଟନିଆ, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ହାରୁନ ଖାଁ, ରିଟେନର ନଳମାଧବ ମହାକୁଡ, ଅତିରିକ୍ତ ତହସିଲଦାର ଗୌରଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ ତାଲୁକ ଆଇନସେବା ସମିତି ପକ୍ଷରୁ ପ୍ରଦାନ କରାଯାଉଥିବା ଆଇନଗତ ସାହାଯ୍ୟ ଓ କେଉଁମାନେ ଏହି ଆଇନଗତ ସାହାଯ୍ୟ ପାଇପାରିବେ ସେ ଉପରେ ଆଲୋଚନା କରିଥିଲେ । ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ ସଂପ୍ରତି ସମାଜରେ ମହିଳାମାନଙ୍କ ଉପରେ ହେଉଥିବା ଏସିଡ ଆକ୍ରମଣର ପୀଡିତାଙ୍କ ପାଇଁ ୨୦୧୬ରେ ପ୍ରଣିତ ଆଇନ ଓ ୨୦୧୭ରେ ଭାରତୀୟ ଦଣ୍ଡ ବିଧିରେ ସଂଶୋଧିତ ଆଇନ ଅନୁଯାୟୀ ପୀଡିତାଙ୍କୁ ଦିଆଯାଉଥିବା କ୍ଷତିପୂରଣ ଉପରେ ଆଲୋଚନା କରିଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ ମହିଳା ଓ ଛାତ୍ରୀମାନେ କିଭଳି ସଚେତନ ହେବେ ସେ ଉପରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟକ୍ଷା ସୁନିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




ରେଢ଼ାଖୋଲ ମହିଳା କଲେଜରେ ରବିବାର ଅନୁଷ୍ଠିତ ଆଇନ୍ ସଚେତନତା ଶିବିରରେ ଛାତ୍ରୀମାନଙ୍କୁ ଅତିଥିମାନେ ସଚେତନ କରୁଛନ୍ତି।

## କଂଗ୍ରେସର କର୍ମୀ ସମ୍ମିଳନୀ

ରେଢ଼ାଖୋଲ,୨୩।୯(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ଗରଗଡବାହାଲ ପଞ୍ଚାୟତରେ ରବିବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କଂଗ୍ରେସ ନେତା ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆସଫ ଅଲ୍ଲିଖାଁ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ ହେବାକୁ ପରାମର୍ଶ ଦେବା ସହିତ ସଂଗଠନକୁ ସୁଦୃଢ କରିବାକୁ କହିଥିଲେ। ଏହି ଅବସରରେ ବିହାରୀ ବିଶ୍ୱାଳଙ୍କୁ ଗରଗଡବାହାଲ ପଞ୍ଚାୟତର ସଭାପତି ରୂପେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ପ୍ରଧାନ, ଜ୍ଞାନେନ୍ଦ୍ର ଜେନା, ଅଶୋକ ବାଘ, ବିଜୟ ଦେହୁରୀ, ଉମେଶ ପ୍ରଧାନ, ସନ୍ତୋଷ ଧଳ, ଅକ୍ରୁର ଭୋସାଗରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।

### ମେଡିକାଲ୍‌ରେ ଭେଟିଲେ ବିଧାୟକ ରୋହିତ ପୂଜାରୀ

## ଭାଲୁ ଆକ୍ରମଣରେ ଗୁରୁତର ସୁରୁ କଟକ ସ୍ଥାନାନ୍ତର

ରେଢ଼ାଖୋଲ,୨୩।୯(ଡି.ଏନ.ଏ.)

ଗତ ଶୁକ୍ରବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ କଣ୍ଢେଇ ଗ୍ରାମର ସୁରୁ ଦେହୁରୀ (୨୫)ଙ୍କୁ ବୁର୍ଲା ଡାକ୍ତରଖାନାରୁ କଟକ ବଡ ମେଡିକାଲକୁ ଶନିବାର ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ସର୍ଜରୀ ୱାର୍ଡର ୮୭ ନଂ. ବେଡ୍‌ରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ରବିବାର ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ କଟକ ବଡମେଡିକାଲକୁ ଯାଇ ଗୁରତର ଆହତ ସୁରୁଙ୍କୁ ଭେଟିଛନ୍ତି। ଏଥିସହିତ ତାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗଇ ଦେଇଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ସକାଳ ସାଢେ ୧୦ଟା ବେଳେ ସୁରୁ ନିଜ ଚାଷ ଜମିରେ ସାର ପକାଉଥିବା ବେଳେ ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ଆସି ଅତର୍କିତ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ସୁରୁଙ୍କ ମୁହଁ ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁର୍ଲା ଡାକ୍ତରଖାନାରେ ମଧ୍ୟ ଆବଶ୍ୟକ ଚିକିତ୍ସା ହୋଇ ନ ପାରିବାରୁ ଶେଷରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



କଟକ ବଡ ମେଡିକାଲରେ ସୁରୁ ଦେହୁରୀଙ୍କୁ ବିଧାୟକ ରୋହିତ ପୂଜାରୀ ଭେଟିବା ଅବସରରେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ରେଢ଼ାଖୋଲ, ୨୩।୯ (ଡି.ଏନ.ଏ.)

ରେଢ଼ାଖୋଲ ଥାନା କାଦୋବାହାଲ ଗ୍ରାମର ରଞ୍ଜିତ ନାଏକ (୨୫) ନାମକ ଜଣେ ଯୁବକ ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣଥିଲେ। ତାଙ୍କ ଛାତିରେ ଭାଲୁ ଆକ୍ରମଣ କରିଛି। ରଞ୍ଜିତ ରବିବାର ସକାଳ ୧୦ଟା ବେଳେ ନିଜ ଚାଷ ଜମିକୁ ଚାଷ କାର୍ଯ୍ୟ ପାଇଁ ଯାଉଥିବା ବେଳେ ଭାଲୁ ଅତର୍କିତ ଆକ୍ରମଣ କରିଥିଲା। ସେ ରେଢ଼ାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ବନ ବିଭାଗ ପକ୍ଷରୁ ତାଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନାବାଳିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜମନକିରା,୨୩।୯(ଡି.ଏନ୍.ଏ.)

ବିବାହର ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ପରେ ପ୍ରତାରଣା। ସମ୍ବଲପୁର ଜିଲା ଜମନକିରା ଥାନାରେ ହୋଇଛି ଏଭଳି ଅଭିଯୋଗ। ପୀଡ଼ିତା ନାବାଳିକାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଯୁବକ (୨୫)ଙ୍କୁ ଗିରଫ କରିଛି। ଏ ନେଇ ଜମନକିରା ଥାନାରେ ଏକ ମାମଲା (ନଂ. ୧୩୧/୧୮) ରୁଜୁ ହୋଇଛି। ୨୦୧୩ରେ ଅଭିଯୁକ୍ତ ଯୁବକଙ୍କ ସହ ନାବାଳିକା(୧୩)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକଜଣକ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଆଜିକୁ ୯ ମାସ ତଳେ ନାବାଳିକାଜଣକ ଗର୍ଭବତୀ ହୋଇଥିଲେ। ଏଥିରେ ପରିବାର ଲୋକେ ତାଙ୍କୁ ଆକଟ କରିଥିଲେ। ଗାଁରେ ସଭା ଡକାଇଥିଲେ। ସେଥିରେ ଉଭୟଙ୍କ ବିବାହ କରାଇବାକୁ ଲିଖିତ ରାଜିନାମା ହୋଇଥିଲା। ସେପ୍ଟେମ୍ବର ୧୩ ତାରିଖରେ ପେଟରେ ଯନ୍ତ୍ରଣା ହେବାରୁ ପୀଡ଼ିତାଙ୍କୁ ପ୍ରଥମେ ଫାଶିମାଲ ଡାକ୍ତରଖାନା ଓ ପରେ ବୁର୍ଲା ବଡ଼ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରେ ଜନ୍ମିତ ଶିଶୁର ମୃତ୍ୟୁ ହୋଇଥିଲା। ଏହାପରେ ଯୁବକ ଏବଂ ତାଙ୍କ ପରିବାର ଲୋକ ପୀଡ଼ିତାଙ୍କୁ ଗ୍ରହଣ କରିବାକୁ ରାଜି ହୋଇନଥିଲେ। ଶେଷରେ ରବିବାର ପୀଡ଼ିତା ଜମନକିରା ଥାନାର ଦ୍ୱାରସ୍ଥ ହୋଇଥିଲେ।

ଧରିତ୍ରୀ
DHARITRI
ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



# ଉଷୁମ ଲେମ୍ବୁପାଣି : କିଛି କଥା



ଉଷୁମ ଲେମ୍ବୁପାଣିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ଉଷୁମ ଲେମ୍ବୁ ପାଣିରେ ଭିଟାମିନ୍-ସି ଏବଂ ପୋଟାସିୟମ ଭରି ରହିଛି, ଯାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ନିୟମିତ ଉଷୁମ ଲେମ୍ବୁପାଣି ପିଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।
- ଏହାକୁ ପିଇଲେ ମେଦବୃଦ୍ଧି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ।
- ପାଚନକ୍ରିୟାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଲେମ୍ବୁ ପାଣି ପିଇଲେ ତାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ଏଭଳି ପାଣି ନିୟମିତ ପିଇଲେ ଶରୀରରେ ଇନଫେକସନ ଆଶଙ୍କା ଅନେକାଂଶରେ କମ୍ ଥାଏ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଉଷୁମ ଲେମ୍ବୁପାଣି।

# ହୃଦ୍‌ଜନିତ ଆଶଙ୍କା ଦୂର କରେ ଦୁଗ୍ଧଜାତୀୟ ଖାଦ୍ୟ



ହୃଦ୍‌ରୋଗଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଏହାର ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଦୁଗ୍ଧଜନିତ ଖାଦ୍ୟ ଖାଆନ୍ତି ତେବେ ତାହା ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିଥାଏ। ଏପରି ବିଷୟବସ୍ତୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଦୁଗ୍ଧଜାତୀୟ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ହାର୍ଟ ଉପରେ କି ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ହାର୍ଟରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା। ହେଲେ ଏପରି ଖାଦ୍ୟ ସହ ନିୟମିତ କିଛି ସମୟ ବ୍ୟାୟାମ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ସୌରଜଗତକୁ ପରିକ୍ରମା କରୁଥିବା ସ୍ୱପ୍ନର ମଣିଷ



ସ୍ମିତା ଚାନ୍ଦ

ମହାନ୍ ବୈଜ୍ଞାନିକ ଅବଦୁଲ କଲାମ କହିଥିଲେ, ଯଦି ସ୍ୱପ୍ନ ଦେଖିବ, ତେବେ ଦିନରେ ଦେଖ, ଆଖି ଖୋଲି ସ୍ୱପ୍ନ ଦେଖ। ମୁଁ ବି ଆଖି ଖୋଲି ଦେଖୁଥିଲି କାନ୍ଥରେ ଝୁଲୁଥିବା ସେହି ମହାନ୍ ବ୍ୟକ୍ତିଙ୍କର ଫଟୋଚିତ୍ରକୁ। ଭାବଥିଲି ରକେଟ୍ ଓ କ୍ଷେପଣାସ୍ତ୍ର ନିର୍ମାଣ କୌଶଳର କଥା। ଏମିତି ଏକ ରକେଟ୍‌କୁ ସ୍ୱପ୍ନ ଦେଖୁଥିଲି, ଯାହା ସହଜରେ ପୃଥିବୀର ମାଧ୍ୟାକର୍ଷଣ ବଳୟ ବାହାରକୁ ଯାଇପାରିବ। ସେଥିପାଇଁ ସେ ସେକେଣ୍ଡକୁ ୧୧.୨ କିଲୋମିଟର ଗତି କରିପାରୁଥିବ। ସେହି ବେଗକୁ ଆମେ କହୁ 'ପଳାୟନ ବେଗ'। କୌଣସି ବସ୍ତୁକୁ ସେତିକି ବେଗରେ ଉପରକୁ ଫିଙ୍ଗିଲେ ତାହା ପୃଥିବୀର ଆକର୍ଷଣ ବାହାରକୁ ପଳେଇବ। ବସ୍ତୁଟି ଆଉ ପୃଥିବୀପୃଷ୍ଠକୁ ଫେରି ଆସିବ ନାହିଁ। ସେଇଥିପାଇଁ ତ ସେହି ବେଗର ନାମ 'ପଳାୟନ ବେଗ' ରଖାଯାଇଛି, ଯାହାର ପରିମାଣ ଘଣ୍ଟାକୁ ପ୍ରାୟ ୪୦,୦୦୦ କିମି।

କାନ୍ଥରେ ଝୁଲୁଥିବା ସେହି ଫଟୋଚିତ୍ର ଭିତରେ ଦେଖୁଥିଲି ମୋ ସ୍ୱପ୍ନର ମଣିଷଙ୍କୁ। ସେ ମଣିଷ ନୁହନ୍ତି, ବରଂ ହାଡ଼ମାଂସରେ ଗଢା ଜଣେ ଦେବାତ୍ମା। ଜଣେ ଅମାୟିକ ବୈଜ୍ଞାନିକ। ତାଙ୍କ ଭିତରେ କେବଳ ଭଲ ଗୁଣ ହିଁ ଭରପୂର ହୋଇ ରହିଥିଲା। ମନରେ ହିଂସା ନ ଥିଲା, କି ହୃଦୟରେ ରାଗ ଓ ଛଳନା ନ ଥିଲା। ସମସ୍ତଙ୍କ ପ୍ରତି ସ୍ନେହ, ସହାନୁଭୂତି ଓ ଭଲପାଇବା ରହିଥିଲା। ସେ ଥିଲେ ଏକ ଅଜବ ଦୁନିଆର ମଣିଷ। ତାଙ୍କ ଦୁନିଆରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ। ସହନଶୀଳତା ସମସ୍ତଙ୍କର ଭୂଷଣ ଥିଲା। ସମସ୍ତେ ସମସ୍ତଙ୍କର ଦୁଃଖ ଓ ସୁଖକୁ ଅବିଳମ୍ବେ ବୁଝି ପାରୁଥିଲେ। ସମସ୍ତେ ଥିଲେ ପିମ୍ପୁଡ଼ିଠାରୁ ବି ଅଧିକ ଶୃଙ୍ଖଳିତ। ତାଙ୍କ ଦୁନିଆରେ ସବୁଠି ସବୁଜିମା ଭରି ରହିଥିଲା। ପରିବେଶ ସୁସ୍ଥ ଥିଲା। ସମସ୍ତେ ସୁନ୍ଦର ଭାବେ ଭାବ ବିନିମୟ କରିପାରୁଥିଲେ। ସେ ଗଛର ଭାଷା ପଢିପାରୁଥିଲେ। ପାଟି ଫିଟୁ ନ ଥିବା ଜୀବର ମନ କଥା ବୁଝି ପାରୁଥିଲେ। ତାଙ୍କର ଡେଣା ଥିଲା। ରକେଟ୍ ପରି ଶକ୍ତିଶାଳୀ ଡେଣା। ନିଜର ଡେଣା ସାହାଯ୍ୟରେ ସେ ମହାକାଶରେ ବିଚରଣ କରିପାରୁଥିଲେ। ପୃଥିବୀର ମାଧ୍ୟାକର୍ଷଣ ବଳ ତାଙ୍କୁ ଅଟକାଇ ପାରୁ ନ ଥିଲା। ସେ ଅତି ସହଜରେ ପଳାୟନ ବେଗରେ ଉଡ଼ି ଉଡ଼ି ପୃଥିବୀର ଆକର୍ଷଣ ବଳୟ ବାହାରକୁ ଯାଇପାରୁଥିଲେ। ଅନ୍ୟ ଗ୍ରହର ଜୀବମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିଲେ।

ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି। ଗ୍ରହଗୁଡିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି। ସବୁ ଛାୟାପଥ ଘୂରୁଛନ୍ତି। ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ, ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ ?




ମୋ ସ୍ୱପ୍ନର ମଣିଷ ବେଳେବେଳେ ଆମର ମାମୁଘର ଚନ୍ଦ୍ରପୃଷ୍ଠକୁ ଉଡି ଯାଉଥିଲେ। ଚନ୍ଦ୍ରପୃଷ୍ଠରେ ପଳାୟନ ବେଗ ହେଉଛି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ମାତ୍ର ଏକ ଭାଗ, ଅର୍ଥାତ୍ ସେକେଣ୍ଡକୁ ୨.୩୮ କିମି। ସେ ଚନ୍ଦ୍ରପୃଷ୍ଠରେ ପାଦ ରଖି ବଡ଼ ବଡ଼ ଖାଲୁଆ ସ୍ଥାନ ଓ ଛୋଟ ଛୋଟ ପାହାଡ ଭଳି ଉଚ୍ଚା ସ୍ଥାନର ମଜା ନେଉଥିଲେ। ତାଙ୍କ ପାଇଁ ପୃଥିବୀର ଆକର୍ଷଣ ବିପକ୍ଷରେ ଉଡିବା ଯେତିକି କଷ୍ଟ, ଚନ୍ଦ୍ରର ଆକର୍ଷଣ ବିପକ୍ଷରେ ଉଡିବା ସେତେ କଷ୍ଟ ନ ଥିଲା। ସୂର୍ଯ୍ୟଙ୍କର ସବୁଠାରୁ ନିକଟରେ ରହିଛି ବୁଧ ଗ୍ରହ। ସେ ବୁଧଗ୍ରହକୁ ଯାଉଥିଲେ। ବୁଧଗ୍ରହରୁ ବାହାରିବା ପାଇଁ ସେକେଣ୍ଡକୁ ୪.୨୫ କିମି ଆବଶ୍ୟକ, ଯାହାକି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ପ୍ରାୟ ଦୁଇ ଭାଗ। ବୁଧ ଗ୍ରହ ଆମ ସୌରଜଗତର ସବୁଠାରୁ ଛୋଟ ଗ୍ରହ। ସୂର୍ଯ୍ୟଙ୍କର ନିକଟରେ ଥିବାରୁ ଅଧିକ ଆଲୋକ ଯୋଗୁ ମୋ' ସ୍ୱପ୍ନର ମଣିଷ ବୁଧ ଗ୍ରହକୁ ଠିକ୍ ଭାବରେ ଦେଖିପାରୁ ନ ଥିଲେ। ଗ୍ରହପୃଷ୍ଠରେ ପାଦ ରଖି କେବଳ ଖାଲ ଢିପ ଅନୁଭବ କରିପାରୁଥିଲେ।

ବୁଧ ଗ୍ରହକୁ ଛାଡି ସେ ଉଡି ଯାଇଥିଲେ ଶୁକ୍ର ଗ୍ରହକୁ। ଶୁକ୍ର ଗ୍ରହରେ ପାଦ ଦେବାର ଆନନ୍ଦ ଥିଲା କିଛି ନିଆରା। ଏହି ଗ୍ରହଟି ଅନ୍ୟ ଗ୍ରହଗୁଡିକ ପରି ନିଜ ଚାରିପଟେ ପଶ୍ଚିମରୁ ପୂର୍ବକୁ ଘୂରେ ନାହିଁ, ବରଂ ପୂର୍ବରୁ ପଶ୍ଚିମକୁ ଘୂରୁଛି। ହଁ, ଶୁକ୍ର ଗ୍ରହ ପରି ୟୁରାନସ୍ ମଧ ପୂର୍ବରୁ ପଶ୍ଚିମକୁ ଘୂରେ। ଶୁକ୍ର ଗ୍ରହର ପଥୁରିଆ ମୃତ୍ତିକା, ବିଷାକ୍ତ ଘନ ବାୟୁମଣ୍ଡଳ ଓ ଜଳ ଶୂନ୍ୟତା ମୋ' ସ୍ୱପ୍ନର ମଣିଷଙ୍କୁ ଅତିଷ୍ଠ କରୁଥିଲା। ତେଣୁ ସେ ଶୁକ୍ର ଗ୍ରହରୁ ବିଦାୟ ନେଲେ। ଶୁକ୍ରଗ୍ରହର ପୃଷ୍ଠରୁ ବାହାରିବା ପାଇଁ ସେକେଣ୍ଡକୁ ୧୦.୩୬ କିଲୋମିଟର ବେଗ ଜରୁରୀ। ଶୁକ୍ରଗ୍ରହର ପଳାୟନ ବେଗ ଆମ ପୃଥିବୀର ପଳାୟନ ବେଗ ସହିତ ତୁଳନୀୟ। ସେଠାରୁ ଉଡ଼ି ଉଡି, ସେ ମଙ୍ଗଳ ଗ୍ରହରେ ପାଦ ଦେଇଥିଲେ। ସୌରଜଗତର ଲୋହିତ ଗ୍ରହ ମଙ୍ଗଳ ଉପରେ ବସି ଭବିଷ୍ୟତରେ ପୃଥିବୀବାସୀ ସେଠାରେ ରହିବାର ସ୍ୱପ୍ନ ଦେଖିଥିଲେ। ପୃଥିବୀ ପରି ସେଠାରେ ଋତୁ ପରିବର୍ତ୍ତନ ହେଉଥିବା କଥା ଭାବୁଥିଲେ। ସେଠାରେ ଥିବା ଜଳ ବିଷୟରେ ଭାବୁଥିଲେ। ସେଠାରୁ ବାହାରିବାକୁ ତାଙ୍କର ବୋଧହୁଏ ଇଚ୍ଛା ନ ଥିଲା। ସତ କହିଲେ, ଲାଲ ଗ୍ରହରେ ବସି ସେଠାରେ ଆଉ ଏକ ପୃଥିବୀର ପରିକଳ୍ପନା କରୁଥିଲେ। ତାଙ୍କୁ ଲାଗୁଥିଲା, ଏହା ଦିନେ ନା ଦିନେ ବାସ୍ତବତାର ରୂପ ବି ନେଇପାରେ। ଇଚ୍ଛା ନ ଥିଲେ ସେ ମଙ୍ଗଳଗ୍ରହରୁ ବିଦାୟ ନେଲେ। ମଙ୍ଗଳ ପୃଷ୍ଠରୁ ବାହାରିବା ପାଇଁ ପଳାୟନ ବେଗର ପରିମାଣ ଥିଲା ସେକେଣ୍ଡକୁ ୫ କିମି। ଏହା ପୃଥିବୀର ପଳାୟନ ବେଗର ପାଖାପାଖି ଅଢେଇ ଭାଗରୁ ଏକ ଭାଗ।

ସେପଟେ ମୋ ସ୍ୱପ୍ନର ମଣିଷ ଉଡ଼ି ଉଡ଼ି ଗୋଟିଏ ଗ୍ରହରୁ ଆଉ ଗୋଟିଏ ଗ୍ରହକୁ ଚାଲିଯାଉଥିଲେ। ଏପଟେ ମୁଁ ଉଲ୍ଲସିତ ହୋଇ ଉଠୁଥିଲି। ତାଙ୍କର ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ଥିଲା ଗ୍ରହରାଜ ବୃହସ୍ପତି। ବୃହସ୍ପତି, ଶନି, ୟୁରାନସ ଓ ନେପଚୁନ୍ ଗ୍ରହଗୁଡ଼ିକ ପୃଥିବୀଠାରୁ ଢେର ବଡ଼। ତେଣୁ ଏମାନଙ୍କର ପଳାୟନ ବେଗ ମଧ୍ୟ ପୃଥିବୀର ପଳାୟନ ବେଗଠାରୁ ବେଶ୍ ଅଧିକ। ବୃହସ୍ପତି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୬୦ କିମି। ଶନି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୩୬ କିମି। ୟୁରାନସ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୧ କିମି ଏବଂ ନେପଚୁନ୍ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୪ କିମି। ମୁଁ ସତରେ ଚାହୁଁଥିଲି, ମୋ ପ୍ରିୟ ମଣିଷ ସେସବୁ ଗ୍ରହକୁ ନ ଗଲେ ଭଲ ହେବ। କାରଣ ସେଠାକୁ ଗଲେ, ଗ୍ରହପୃଷ୍ଠ ଛାଡ଼ି ଆକର୍ଷଣ ବଳୟର ବାହାରକୁ ଆସିବା କଷ୍ଟ ହେବ। ତେଣୁ ମଙ୍ଗଳଗ୍ରହରୁ ବାହାରି ଆମର ଜୀବନ୍ତ ସବୁଜିମା ଗ୍ରହ ପୃଥିବୀକୁ ଲେଉଟିବା ଠିକ୍ ହେବ ବୋଲି ମୁଁ ମନେ ମନେ ଭାବୁଥିଲି। କିନ୍ତୁ ସେ କ'ଣ ସାଧାରଣ ମଣିଷ ? ସେ କ'ଣ ମୋ କଥା ଶୁଣିବେ ? ନା, ଶୁଣୁ ନାହିଁ। ପୃଥିବୀକୁ ପଛ କରି ଉଡ଼ିଯାଉଛନ୍ତି ଗ୍ରହରାଜ ବୃହସ୍ପତି ଆଡ଼କୁ। ମୁଁ ଚାହିଁ ରହିଥିଲି ତାଙ୍କର ଫେରିବା ବାଟକୁ। ହଠାତ୍ ପୁଅର 'ମାଆ' ଡାକରେ ମୋର ନିଦ ଭାଙ୍ଗିଗଲା। ସ୍ୱପ୍ନ ହଜିଗଲା। ଆଖି ଖୋଲିଲି। ସୌରଜଗତର ଗ୍ରହଗୁଡ଼ିକ କୁଆଡ଼େ ଉଭେଇ ଯାଇଥିଲେ। ଅମାୟିକ ବୈଜ୍ଞାନିକଙ୍କର ଫଟୋଚିତ୍ର ସେମିତି କାନ୍ଥରେ ଝୁଲୁଥିଲା। ଦୁନିଆକୁ ପୁଣି ଏକ ସାଧାରଣ ମଣିଷ ପରି କାଳାତିପାତ କରିବାର ପ୍ରତିଶ୍ରୁତି ଦେଇ ପୁଅ ପାଖକୁ ଚାଲିଲି।

–ବିଜ୍ଞାନ ଶିକ୍ଷୟିତ୍ରୀ,
ଭଣ୍ଡାରୀପୋଖରୀ ହାଇସ୍କୁଲ, ଭଦ୍ରକ



> ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି। ଗ୍ରହଗୁଡ଼ିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି। ସବୁ ଛାୟାପଥ ଘୂରୁଛନ୍ତି। ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ?

## ସ୍ୱାସ୍ଥ୍ୟୋପୋକାରୀ ପିଆଜ

ବିଶେଷ ଭାବରେ ଫାଷ୍ଟଫୁଡ ଜାତୀୟ ଖାଦ୍ୟ ପ୍ରସ୍ତୁତିରେ ପିଆଜର ଆବଶ୍ୟକତା ପଡିଥାଏ। ଅନେକ ଖାଦ୍ୟର ସ୍ୱାଦକୁ ଏହା ବଢ଼ାଇ ଦେଇଥାଏ। ଏଥିରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ...

- ★ପିଆଜରେ ସଲଫର କମ୍ପାଉଣ୍ଡ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ଭରି ରହିଛି। ଏହା ଶରୀରର ଭିତର ଭାଗକୁ ଦୃଢ଼ କରିବା ସହ ଶାରୀରିକ ଦୁର୍ବଳତା ଦୂର କରିଥାଏ।
- ★ଆମ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ପିଆଜ ସହାୟକ ହୋଇଥାଏ।
- ★ଏଥିରେ କ୍ୟାନସର ସହ ଲଢ଼ିବାର ଶକ୍ତି ରହିଛି ବୋଲି ଆମେରିକୀୟ କ୍ୟାନସର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।
- ★ଆପଣ ଅଲସରଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ନିୟମିତ ପିଆଜ ଖାଇଲେ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ।



- ★ପିଆଜରେ ଭିଟାମିନ୍-ଏ, ଇ, ସି ପ୍ରଚୁର ମାତ୍ରାରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ଚର୍ମରେ ଚମକ୍ ଆସିଥାଏ।
- ★ପିଆଜ ଖାଇଲେ ତାହା ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଏ।

## ମ୍ୟାଲେରିଆ ସଂକ୍ରମଣରୁ ରକ୍ଷା ପାଇବାର ସହଜ ଉପାୟ

ମ୍ୟାଲେରିଆ ସଂକ୍ରମଣଜନିତ ସମସ୍ୟାରୁ ରକ୍ଷା ପାଇବାର ସହଜ ଉପାୟ ହାତ ପାଅନ୍ତାରେ ରହିଛି। ଏଭଳି ଏକ ଉପାୟ ସଦ୍ୟତମ ଗବେଷଣାରୁ ଜଣାପଡିଛି। ମ୍ୟାଲେରିଆ ସଂକ୍ରମଣରୁ କିପରି ସହଜରେ ରକ୍ଷା ପାଇହେବ ସେ ନେଇ ସିଡ୍‌ନୀ ୟୁନିଭର୍ସିଟିର ମ୍ୟାଲେରିଆ ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ ଏଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ଏଥିରୁ ଅନେକାଂଶରେ ଉପଶମ ମିଳିବ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଗବେଷଣା ସମୟରେ ସେମାନେ ମ୍ୟାଲେରିଆ ସଂକ୍ରମଣ ସମସ୍ୟା ସହ ଜଡିତ କେତେଜଣ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ଏ'ଯୁକ୍ତ ଖାଦ୍ୟ ଖାଇବାକୁ ଦେଇଥିଲେ। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମ୍ୟାଲେରିଆ ସଂକ୍ରମଣରୁ ଉପଶମ ଲାଭ କରୁଥିବା ଜଣାପଡିଥିଲା।

# ଫ୍ରଏଡୀୟ ଧାରାରେ ମାନସିକ ସ୍ୱାସ୍ଥ୍ୟ



ପ୍ରଫେସର ଇନ୍ଦୁ ଭୂଷଣ ଦାସ



ଆଧୁନିକ ମନୋବିଜ୍ଞାନର ତୁଙ୍ଗ ଶିଖର– ପୁରୁଷ ସିଗ୍‌ମଣ୍ଡ ଫ୍ରଏଡ। ମନର ଅଜସ୍ର ରହସ୍ୟ ସମ୍ପର୍କରେ ତାଙ୍କର ଯୁଗାନ୍ତକାରୀ ଗବେଷଣା ବିତର୍କ ସୃଷ୍ଟି କରିଆସିଛନ୍ତି ବାରମ୍ବାର। ତେବେ ତାଙ୍କର କେତେକ ବିଶ୍ଳେଷଣ ଏବେ ମଧ ହରାଇ ନାହିଁ ନିଜସ୍ୱ ତାତ୍ପର୍ଯ୍ୟ। ଏବେ ମଧ ମଣିଷ ମନର ବ୍ୟାଖ୍ୟାକାରୀବର୍ଗଙ୍କ ପକ୍ଷରେ ସେ ଗୁରୁ ସ୍ଥାନୀୟ ଭାବମୂର୍ତ୍ତି ନେଇ ବିଦ୍ୟମାନ। ଏ କ୍ଷେତ୍ରରେ ଫ୍ରଏଡ୍‌ଙ୍କ ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ସମାଜ ସହିତ ଆପେକ୍ଷିକ ସମ୍ପର୍କ ଓ କାର୍ଯ୍ୟ କରିବାର କ୍ଷମତାକୁ ନେଇ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଗଠିତ ବୋଲି ସେ ଭାବୁଥିଲେ। ଏଇ ଦର୍ଶନବାଦକୁ ଆହୁରି ସରଳ କରିବାକୁ ଯାଇ ସେ ଉତ୍‌ଥାନ କରୁଥିଲେ ମଣିଷର ଆପାତତଃ ଉଦ୍ଦେଶ୍ୟ କ'ଣ ଓ ସେଇ ଦୃଷ୍ଟିକୋଣରୁ ତୋ' ଅନୁଭୂତିର ମୂଲ୍ୟବୋଧ। କାରଣ ଦୈନନ୍ଦିନ କାର୍ଯ୍ୟସୂଚୀ ଆମର ଆଚାର, ବ୍ୟବହାର ବିଚାରଶକ୍ତି ଉପରେ ଖୁବ୍ ବେଶି ନିର୍ଭର ନ କରି ଅନୁଭୂତି ଉପରେ ମାତ୍ରାଧିକ ନିର୍ଭର କରେ।

ଏକ ଅନୁଭୂତି ଚାରୋଟି ଭିନ୍ନ ଶକ୍ତିକୁ ଏକ ସୁଷମ ସମନ୍ୱୟରୁ ସୃଷ୍ଟି। ସେଗୁଡ଼ିକ ହେଲା – **ଆତ୍ମୀୟତା ଓ ଘୃଣାଭାବ:** ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି। ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ। ଏକ ଶକ୍ତିର ସଦ୍‌ବିନିଯୋଗ ନ ହୋଇ ଅବାସ୍ତବ ବ୍ୟବହାର ହେଲେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ। ଉଦାହରଣ ସ୍ୱରୂପ ଆକ୍ରମଣାତ୍ମକ ଅନୁଭୂତିକୁ ବାହାରେ ପରିପ୍ରକାଶ ନ କରି, ଜଣେ ଯଦି କ୍ରୋଧ ଓ ଧ୍ୱଂସାତ୍ମକ ମନୋବୃତ୍ତିକୁ ନିଜ ଭିତରକୁ ନିଏ, ଭିତରେ ସବୁ ସମୟରେ ଉତ୍କଣ୍ଠା ଓ ଉଦ୍‌ବେଗ ଲାଗି ରହେ ଏବଂ ନାନାଦି ମାନସିକଜନିତ ଶାରୀରିକ ରୋଗର ଶିକାର ହୋଇ ସେ କ୍ରମଶଃ ପଙ୍ଗୁ ହୋଇଯାଏ। ପୁଣି ଅନେକ ସମୟରେ ସମସ୍ୟା ସାମାଧାନ ଦିଗରେ ନିଜ କ୍ରୋଧ ବିନିଯୋଗ ନ କରି ସ୍ତ୍ରୀ, ପିଲା କିମ୍ବା ଅଧସ୍ତନ କର୍ମଚାରୀଙ୍କ ଉପରେ ଆମେ ଏହାକୁ ପ୍ରୟୋଗ କରୁ– ଯାହା କୌଣସି ମତେ ସୁସ୍ଥ ମାନସିକ ସ୍ୱାସ୍ଥ୍ୟର ଲକ୍ଷଣ ନୁହେଁ। ନିଜେ ସେତେବେଳେ ନିଜର ସୁବୁଠୁ ବଡ଼ ଶତ୍ରୁ ହୋଇଉଠେ ଏବଂ ଅଧିକ ଗୁରୁତର ପରିସ୍ଥିତିରେ ଜଣେ ଆତ୍ମହତ୍ୟା କରିବାକୁ ବି ଏତେ ଟିକେ ପଛାଏନା। ସେହିପରି ସୃଜନଶୀଳ ଶକ୍ତିର ଆଧିକ୍ୟ ଫଳରେ ଜଣେ ଅତିମାତ୍ରାରେ ସ୍ୱାର୍ଥପରତା ହୋଇଯାଏ, ଫଳତଃ ସମାଜ, ପରିବାର ଓ ପରିବେଶ ସହିତ କୌଣସି ପ୍ରକାରର ସୁସମ୍ପର୍କ ରଖିପାରେନା। ଏହା ବି ସୁସ୍ଥ ମାନସିକତାର ଲକ୍ଷଣ ନୁହେଁ।

> ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି। ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ। ଚାକିରି, ବ୍ୟବସାୟ ବା ଅନ୍ୟ କୌଣସି ବୃତ୍ତି ଅଥବା କୌଣସି ସାମାଜିକ ସମସ୍ୟାର ସମାଧାନ ପାଇଁ ଆମେ ଯେଉଁ ଉତ୍ସାହ ଓ ଆକ୍ରମଣାତ୍ମକ ପଦକ୍ଷେପ ନେଉ, ତାହା ସୃଜନଶୀଳ ଶକ୍ତିର ପ୍ରଭାବ। ଏକ ଶକ୍ତିର ସଦ୍‌ବିନିଯୋଗ ନ ହୋଇ ଅବାସ୍ତବ ବ୍ୟବହାର ହେଲେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ।



ସିଗ୍‌ମଣ୍ଡ ଫ୍ରଏଡ

–ଲାଇଫ କ୍ଲିନିକ୍, ମହତାବ ରୋଡ଼,
କଟକ, ମୋ : ୯୪୩୭୨୯୭୮୯୯



"ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।"
- ଲାଲ୍ ବାହାଦୁର ଶାସ୍ତ୍ରୀ

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ







ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅଧୀନ ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଫିରୋଜ



@ ଅରକ୍ଷିତ



@ ଦୀପକ



@ ଅନୀଲ



@ ଜିତୁ



@ ଦିବ୍ୟ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠି




**ଡ. ସୁରେନ୍ଦ୍ର କୁମାର ମିଶ୍ର**

'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିୟାଲ ରେଜିଷ୍ଟାନ୍ସ ଇନ୍ ଖୁର୍ଧା' ପୁସ୍ତକରେ ପ୍ରାମାଣିକ ଦସ୍ତାବିଜ ଆଧାରରେ ଲେଖକ ଲେଖିଛନ୍ତି ଯେ – କେତେକ ଐତିହାସିକ ଏଭଳି ସମୟରେ ଜଗବନ୍ଧୁଙ୍କର ଆନ୍ଦୋଳନରୁ ଦୂରେଇ ରହିବା ବିଷୟରେ ଆଲୋଚନା କରିଛନ୍ତି। ଆଉ କେତେକ ଇତିହାସକାର ତାଙ୍କର ସ୍ୱ ଇଚ୍ଛାରେ କର୍ମପନ୍ଥା ଗ୍ରହଣ ନ କରିବାର କାରଣ ନିର୍ଦ୍ଦେଶ କରିଅଛନ୍ତି। ଏ ସମ୍ପର୍କରେ ଅଧ୍ୟାପକ ବି.ସି. ରାୟ ନିଜ ପୁସ୍ତକ 'ବକ୍ସି ଜଗବନ୍ଧୁ'ରେ ଉଲ୍ଲେଖ କରିଛନ୍ତି ଖୋର୍ଦ୍ଧା ରାଜା ଓ ବ୍ରିଟିଶ ସରକାର ମଧ୍ୟରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ–ମରଣ ଯୁଦ୍ଧରେ ସେନାମୁଖ୍ୟ ଭାବରେ ଜଗବନ୍ଧୁଙ୍କର ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସମୀଚୀନ ଥିଲା, କିନ୍ତୁ କୌଣସି ବ୍ରିଟିଶ୍ କିମ୍ବା ଦେଶୀୟ ନଥିପତ୍ରରେ ସେହି ଯୁଦ୍ଧରେ ଲିପ୍ତ ରହିବା କଥାର ଚିହ୍ନବର୍ଣ୍ଣ ନାହିଁ। ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ, ସମ୍ଭବତଃ ଖୋର୍ଦ୍ଧା ରାଜ୍ୟ ହରାଇବାର ଆଶଙ୍କାରେ ଜୟୀ ରାଜଗୁରୁଙ୍କର ବ୍ରିଟିଶ ଭଳି ଏକ ବୃହତ୍ ଶକ୍ତି, ଯେଉଁମାନେ କି ମରହଟ୍ଟାମାନଙ୍କୁ ଓଡ଼ିଶାରୁ ତଡ଼ି ଦେଇଥିଲେ, ତାଙ୍କ ସହିତ ଲଢ଼ିବା ଚିନ୍ତାଧାରା ସପକ୍ଷରେ ଜଗବନ୍ଧୁ ନ ଥିଲେ। ସମ୍ଭବତଃ ଏହି କାରଣ ହେତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଠାରୁ ସେ ନିଜକୁ ଦୂରେଇ ରଖିଥିବାର ଦେଖାଯାଏ। ପୁନର୍ବାର ସେ ଉଲ୍ଲେଖ କରିଛନ୍ତି ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଆକ୍ରମଣ ସମୟରେ ବ୍ରିଟିଶ୍ ଭଳି ଏକ ବୃହତ୍ ଶକ୍ତି ସହିତ ମୁକାବିଲା କରିବା ଅପେକ୍ଷା ଜଗବନ୍ଧୁ ଦୂରେଇ ରହିବା ଓ ସାବଧାନତା ଅବଲମ୍ବନ କରିବା ଲକ୍ଷ୍ୟ କରାଯାଏ।

ଏଥିରେ କିଛି ଅସୁବିଧା ନାହିଁ। ଆମେ ସ୍ୱୀକାର କରିବା ଯେ ୧୮୦୪ ମସିହାରେ ଜଣେ ସେନାପତିଙ୍କ ନେତୃତ୍ୱରେ ଯୁଦ୍ଧ ହୋଇଥିଲା। ସେତେବେଳେ ସେ ଯୁଦ୍ଧରୁ ଦୂରେଇ ରହିଥିବା ବ୍ୟକ୍ତିତ୍ୱ ୧୮୧୭ ମସିହାରେ ମଧ୍ୟ ଅଘୋଷିତ ଭାବରେ ହେଉ ପଛେ ସେନାପତି ଦାୟିତ୍ୱ ତୁଲାଇବାରେ ହେଳା କରି ନ ଥିଲେ, ତେଣୁ ପ୍ରଥମ ଯୁଦ୍ଧର ସେନାପତିଙ୍କୁ ଆମେ ଯେମିତି ମର୍ଯ୍ୟାଦା ଦେବା, ପ୍ରଥମ ବିଦ୍ରୋହର ସେନାପତିଙ୍କୁ ମଧ୍ୟ ସେଇଭଳି ମର୍ଯ୍ୟାଦା ଦେବାରେ କୁଣ୍ଠିତ ହେବାକଥା ନୁହଁ। ଦୁହିଁଙ୍କୁ ବୀରପୁରୁଷର ମର୍ଯ୍ୟାଦା ଦେଇ ୧୮୦୪ ମସିହା ବେଳରୁ ଆମେ ଆମର ବୀରତ୍ୱର ଇତିହାସ ଉପସ୍ଥାପନ କରିଥିଲେ ଓଡ଼ିଶାର ଗୌରବମୟ ଐତିହ୍ୟ ବିଶ୍ୱବିଦିତ ହୋଇଥାନ୍ତା। କେବଳ ଏତିକି ନୁହେଁ, ଏଇ ଦୁଇଜଣ ମର୍ଯ୍ୟାଦାବନ୍ତ ବୀରଙ୍କ ସହିତ ତାପଙ୍ଗ ଦଳବେହେରାଙ୍କୁ ଆମେ ଉପସ୍ଥାପନ କରିଥାନ୍ତେ। କାରଣ ଇଂରେଜମାନଙ୍କର ସାମ୍ରାଜ୍ୟବାଦୀ ଆଭିମୁଖ୍ୟକୁ ବର୍ଷେ–ଦି'ବର୍ଷ ନୁହେଁ ୨୩ ବର୍ଷ ଧରି ଓଡ଼ିଶାରେ ବିରୋଧ ହୋଇଥିଲା। ଅର୍ଥାତ୍ ୧୮୦୪ରୁ ୧୮୨୭ ମସିହା ପର୍ଯ୍ୟନ୍ତ।

୧୮୨୭ ମସିହାରେ ୭ ଦିନ ଧରି ଯେଉଁ ଯୁଦ୍ଧ ହୋଇଥିଲା, ତାହା ଉପରେ କିପରି ୧୮୦୪ ମସିହା ଜୟୀ ରାଜଗୁରୁଙ୍କ ଯୁଦ୍ଧର ପ୍ରଭାବ ପଡ଼ିଥିଲା, ତାହା ଆମେ ଆଲୋଚନା ଚକ୍ରରେ ପଞ୍ଚମବିନ୍ଦୁ ଭାବରେ ଉପସ୍ଥାପନ କରିଥିଲୁ। ପୂର୍ବରୁ ୪ଟି ବିନ୍ଦୁ ଆଲୋଚନା ହୋଇ ସାରିଛି। ଚତୁର୍ଥବିନ୍ଦୁ ଆଲୋଚନା କାଳରେ ସରକାରଙ୍କଦ୍ୱାରା ପ୍ରସ୍ତୁତ ହୋଇଥିବା ପୁସ୍ତକରୁ ଜୟୀ ରାଜଗୁରୁଙ୍କ ଭୂମିକାକୁ ଅଦୃଶ୍ୟ ହାତ ଓ ଅଦୃଶ୍ୟ ଇଚ୍ଛାଶକ୍ତି କିପରି ଅନ୍ତରାଳରେ ରଖିଥିଲା ତାହାର ପ୍ରମାଣ ଆମେ ଦେଇଥିଲୁ।

୧୮୧୭ ମସିହା ପାଇକ ବିଦ୍ରୋହ ପରେ ୧୮୨୭ ମସିହାରେ ହୋଇଥିବା ଯୁଦ୍ଧର ବର୍ଣ୍ଣନା ବିପ୍ର ମଧୁସୂଦନଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଜଣାଯାଏ। ଫକୀର ହରିଚନ୍ଦନଙ୍କର 'ଖୋରଧା ଇତିହାସର ଏକ ଗୌରବମୟ ଅଧ୍ୟାୟର ଅଧିକତା ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର' ଶୀର୍ଷକ ଆଲେଖ୍ୟଟିଏ ତାପଙ୍ଗ ମହୋତ୍ସବ–୨୦୦୦ ମସିହା ସଙ୍କଳନରେ ପ୍ରକାଶିତ ହୋଇଥିଲା। ସେଥିରେ ସେ ଲେଖିଛନ୍ତି– ଗଡ଼ ସାନପୁଟ ଗ୍ରାମର ବିପ୍ର ମଧୁସୂଦନଙ୍କଦ୍ୱାରା ଲିଖିତ ଓ ଡ. ଅର୍ଜୁନ ଜୋଷୀଙ୍କଦ୍ୱାରା ପ୍ରକାଶିତ 'ଫିରିଙ୍ଗି କଳି ଭାରତ'ରୁ ତାପଙ୍ଗ ଗଡ଼ର ଦଳବେହେରା ମାଧବଚନ୍ଦ୍ର ରାଉତରାୟଙ୍କର ୧୮୨୭ ଖ୍ରୀ.ରେ ପ୍ରବଳପ୍ରତାପୀ ବ୍ରିଟିଶ୍ ବାହିନୀ ସହିତ ସପ୍ତାହବ୍ୟାପୀ ଯୁଦ୍ଧ ସମ୍ପର୍କରେ ପ୍ରଦତ୍ତ ବିବରଣୀ ପାଠ କଲା ପରେ ମୂଳ ତାଳପତ୍ର ପୋଥିଟିକୁ ଥରେ ମିଳାଇ ପାଠ କରିବା ପାଇଁ ସ୍ୱତଃ ଆଗ୍ରହ ସୃଷ୍ଟି ହୋଇଥିଲା। କାରଣ ମୂଳ ତାଳପତ୍ର ପୋଥିରେ କେତେକ ସ୍ଥାନରେ କିଛି ଅକ୍ଷର, କିଛି କାଳି, ଏପରି ଧାଡ଼ିଏ–ଦୁଇଧାଡ଼ି ବା ଅଧିକ ପାଠ ପଢ଼ି ହୋଇ ନ ଥିବାରୁ ଅଥବା ନଷ୍ଟ ହୋଇ ଯାଇଥିବାରୁ ପ୍ରକାଶିତ ପୁସ୍ତକରେ ସେ ସବୁକୁ ଛାଡ଼ି ଦିଆଯାଇଛି। ପୁଣି ପ୍ରକାଶିତ ପୁସ୍ତକରେ ଇଂରେଜମାନଙ୍କ ବିପକ୍ଷରେ ୧୮୦୪ ଖ୍ରୀ.ରେ ଜୟୀ ରାଜଗୁରୁଙ୍କର ଏବଂ ୧୮୨୭ ଖ୍ରୀ.ରେ ତାପଙ୍ଗ ଦଳବେହେରା ମାଧବଚନ୍ଦ୍ରଙ୍କର ବିଦ୍ରୋହ ଓ ଯୁଦ୍ଧ ସମ୍ପର୍କରେ ସୁବିସ୍ତୃତ ବର୍ଣ୍ଣନା ଥିବାବେଳେ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଙ୍ଗଠିତ ପାଇକ ବିଦ୍ରୋହ ସମ୍ପର୍କରେ କିଛିମାତ୍ର ଉଲ୍ଲେଖ ନାହିଁ।'' ଇତିହାସକାର ଫକୀର ହରିଚନ୍ଦନ ୧୮୧୭ ମସିହା ପାଇକ ବିଦ୍ରୋହର ବର୍ଣ୍ଣନା ପ୍ରକୃତରେ ମୂଳ ପୋଥିରେ ଥିଲା କି ନାହିଁ, ତାହାକୁ ଜାଣିବା ପାଇଁ ମୂଳପୋଥି ଖୋଜିଥିଲେ। କାଳେ ପୋଥି ଉତାରିବାରେ ତାହା ବାଦ ପଡ଼ିଯାଇଥିବ, ସେଥିପାଇଁ ସେ ଖୋଜିଥିଲେ, ମାତ୍ର ନିରାଶ ହୋଇଥିଲେ। ବାସ୍ତବରେ ୧୮୧୭ ମସିହାରେ ପାଇକମାନଙ୍କ ଅସନ୍ତୋଷ ତେଜି ଉଠିବା ପରେ ବକ୍ସି ଜଗବନ୍ଧୁ ସିଧାସଳଖ ଏହାର ନେତୃତ୍ୱ ନ ନେଇ ଗଜପତିଙ୍କ ନେତୃତ୍ୱରେ ବିଦ୍ରୋହ କରିବା ପାଇଁ ମନସ୍ଥ କରିଥିଲେ। ଗଜପତିଙ୍କୁ ଆଗରେ ରଖି ଆଗେଇବା ଲାଗି ପାଇକମାନଙ୍କୁ ଧରି ପୁରୀ ଆସିଥିଲେ। ପୁରୀରେ ଗଜପତିଙ୍କୁ ଅନୁରୋଧ କରିବା ପରେ ଗଜପତି କୌଣସି ସମ୍ମତି ଦେଇ ନଥିଲେ। ଓଲଟି ଗଜପତି ନିଜର ସୁରକ୍ଷାପାଇଁ ଇଂରେଜ ସରକାରଙ୍କୁ ଏକ ଚିଠି ଲେଖିଥିଲେ। ଯେଉଁ ଚିଠିଟି ୧୮୧୭ ମସିହା ଜୁନ୍ ମାସରେ ଲେଖା ଯାଇଥିଲା। ଇଂରେଜ ସରକାର ଜୁଲାଇ ମାସ ୩ ତାରିଖରେ ପାଇଥିବା ସେହି ଚିଠିର ଅବିକଳ ନକଲଟି ଏଠାରେ ପ୍ରକାଶ କରୁଅଛୁ।



୯୯

Enclosure to letter dated 15.7.1817. from A. C. Molony Actg. Persian Secretary to govt. teritorial Department.

*Extract translation from petition of Rajah Mukoond Dev to the Governor General, dated June 1817, received by government on the 3rd July 1817.*

" At noon on the 14th April, Jagbundoo the detested approached my house with a body of 2 or 3 thousand men and forced their way into the house and penetrated to the place where I was sitting and said "We Dalaees and Dalbeheras are all of one mind. It is proper that you proceed with the Ranees to the fort of Khoorda." My reply was "How is it that in your folly ye have rebelled against the English, the Lords of Hindustan and have undertaken this bad business and that ye thus endeavour to reduce me from my allegiance to the company into a participation in your guilt me who have long enjoyed their favour and protection?" To this Jagbundoo replied, 'The inhabitants of Khoorda have sustained in the moffussil a variety of injuries and oppressions from the Bengalees who are the officers under the English Government and who consider and declare themselves to be our masters while no redress is to be obtained at the Sudder by the poor and oppressed from the gentlemen in power, in consequence of the influence of those Bengalees and the favour shown to them, as an instance of which a seer of salt which used to be sold for 1 pan of cowries cannot at present be procured for 12 pans. Moreover where 1 rupee was once taken on account of revenue 10 are now exacted and after all there are often demands and balances. By the injustice of the Judges, the oppression of the wicked Thanadars and the tyranny of the officers of the salt Mahals the people are altogather overwhelmed and being unable to leave their loved native land are grown desparate and careless of life. They have accordingly with the intention to avenge their injuries appointed me, Jugbundoo Bhownerbur their



୧୦୦

leader'. To this I replied 'why should I like those who forget benefactions, lose sight of the gratitude which I owe to the company? The English have conferred many benefits upon me. They have for example confirmed me in the office which I have long held in the temple of Jauggernauth Jee. Why then should I, not withstanding those objections, follow a course of wickedness the very reverse of what is just and like you wander through the woods and mountains after the manner of mad man?' Jugbundoo replied 'if you will comply with our request and join, I will carry with me to Khoorda both Jenamoni your son and your Ranee while you like a worshiper of God can remain here (i. e. at Juggernauth) and employ yourself in the discharge of religious duties'. As it had frequently happened in former times that treacherous Dewans and Bukshees murdered the Rajahs my forefathers and confirming the Raj upon a child of the family, followed without restraint the bent of their own inclinations, I became alarmed for my life and to preserve it I treated them as one treats fools—I deceived them into a belief that I consented to their wish by which I preserved my freedom in the hope of the arrival of the English troops. Thus for the space of 5 days did I put them off with false promises. On the 17th April I secretly despatched my Muktar (i. e manager) Purrostum Bhary with a letter to the Colonel, the Magistrate and collector, containing an account af all this and soliciting military aid. Of this nothing was known to Jagbundoo or the rest. At this time my servants and people were frieghtened into submission by Jugbundoo who when he learnt that Lt. Le Fevre was approaching by way of Kanas, took his sword and accompained by the paiks and attendants came to the door of my private apartments. On hearing this I shut the females in a room and looked the door and despairing of my life asked him "why following. Like him, a cause of folly, I should abondon the temple of Juggernauth and trust him with my infant son Jenamani?" adding that if he means

ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠିର ନକଲ।



ପ୍ରକୃତ ନିବେଶକ ହେବାକୁ ଚାହୁଁଥିଲେ, ଖର୍ଚ୍ଚ ପରେ ବଳକା ଅଂଶ ସଞ୍ଚୟ କରିବା ପରିବର୍ତ୍ତେ ସଞ୍ଚୟ ପରେ ବଳକା ଅଂଶ ଖର୍ଚ୍ଚ କରିବା ଉଚିତ।
– ୱାରେନ ବଫେ, ପ୍ରତିଷ୍ଠାତା, ୱର୍କଶାୟାର ହାଥାୱେ



ଏକ ଦ୍ରୁତ ପରିବର୍ତ୍ତନଶୀଳ ପୃଥିବୀରେ ବିପଦକୁ ସାମ୍ନା ନ କରିବା ସବୁଠାରୁ ବଡ ବିପଦ।
– ମାର୍କ ଜୁକରବର୍ଗ, ସହପ୍ରତିଷ୍ଠାତା, ଫେସ୍‌ବୁକ୍

## ସଂକ୍ଷେପରେ

### ଆର୍‌ବିଆଇ, ସେବିର ତୀକ୍ଷ୍ଣ ନଜରରେ ବିତ୍ତ ବଜାର

**ବମ୍ବେ, ୨୩-୯:** ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ସହିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦେଶର ବିତ୍ତ ବଜାରକୁ ତୀକ୍ଷ୍ଣ ନଜରରେ ରଖିଛନ୍ତି। ଆବଶ୍ୟକ ସ୍ଥଳେ ଉଚିତ ପଦକ୍ଷେପ ନେବା ପାଇଁ ଏହି ଦୁଇ ନିୟାମକ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ସମୟରେ ଦେଶର ଅର୍ଥନୈତିକ ତଥା ବିତ୍ତୀୟ ସ୍ଥିତିକୁ ଅନୁଧ୍ୟାନ କରି ଆର୍‌ବିଆଇ ଏହା କହିଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସରେ ପାଖାପାଖି ୧୧୨୭.୫୮ ପଏଣ୍ଟ୍ (୩.୦୩%) ହ୍ରାସ ପାଇ ୩୫,୯୯୩.୬୪ ପଏଣ୍ଟ୍‌କୁ ଖସି ଆସିଥିଲା। କାରବାର ଶେଷ ବେଳକୁ ଏଥିରେ ସୁଧାର ଘଟି ୩୬,୮୪୧.୬୦ ପଏଣ୍ଟ୍‌ରେ ବନ୍ଦ ହୋଇଥିଲା। ସେହିପରି ନ୍ୟାଶନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍ଟିରେ ୯୧.୨୫ ପଏଣ୍ଟ୍ ହ୍ରାସ ଘଟି ୧୧,୧୪୩.୧୦ ପଏଣ୍ଟ୍‌କୁ ଖସିଥିଲା। ସୂଚକାଙ୍କ ନିମ୍ନମୁଖୀ ହେବାଫଳରେ ନିବେଶକମାନେ ପାଖାପାଖି ୫.୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ଅନ୍ୟପକ୍ଷରେ ଚଳିତ ମାସରେ ଏ ପର୍ଯ୍ୟନ୍ତ ନିବେଶକମାନେ ପୁଞ୍ଜି ବଜାରରୁ ପ୍ରାୟ ୧୫,୩୬୫ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ବର୍ତ୍ତମାନ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଉଥିବା ବେଳେ ଏହା ନିବେଶକଙ୍କୁ ନିରୁତ୍ସାହିତ କରୁଛି।

### ପୁଣି ବଢ଼ିପାରେ ସୁଧ ହାର

**ନୂଆଦିଲ୍ଲୀ, ୨୩-୯(ପି.ଟି.):** ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ମୁଦ୍ରା ନୀତି ସମୀକ୍ଷା ବୈଠକରେ ପୁଣି ଥରେ ସୁଧହାର ବୃଦ୍ଧି କରିପାରେ। ଦେଶର ପ୍ରାୟ ୪୨% କମ୍ପାନୀ ଏଭଳି ଆଶା କରୁଛନ୍ତି। ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଏକ ସର୍ଭେ ଆଧାରରେ ଏହାର ୧୦୪ତମ ତ୍ରୈମାସିକ ବିଜ୍‌ନେସ୍ କନ୍‌ଫିଡେନ୍ସ ଇଣ୍ଡେକ୍ସ(ବିସିଆଇ)ରେ ଏହା ଦର୍ଶାଇଛି। ପ୍ରାୟ ୨୦୦ ଶିଳ୍ପ ସଂସ୍ଥାର ପ୍ରତିକ୍ରିୟା ଆଧାରରେ ସିଆଇଆଇ ଦର୍ଶାଇଛି ଯେ, ଏଥର ସୁଧହାର ବଢ଼ାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅକ୍ଟୋବର ୩ରେ ଆର୍‌ବିଆଇର ଚତୁର୍ଥ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ରହିଛି।

### କୋମଲ ଲାହିରୀ ହ୍ୱାଟ୍ସଆପ୍‌ର ଭାରତ ଲାଗି ଗ୍ରିଭାନ୍ସ ଅଫିସର

**ନୂଆଦିଲ୍ଲୀ, ୨୩-୯:** ଶେଷରେ କେନ୍ଦ୍ର ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇ ହ୍ୱାଟ୍ସଆପ୍ କୋମଲ ଲାହିରୀଙ୍କୁ ଭାରତ ଲାଗି ଏହାର ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଛି। ମିଥ୍ୟା ବାର୍ତ୍ତାକୁ ରୋକିବା ଲାଗି ପଦକ୍ଷେପ ନେଉ ବୋଲି କେନ୍ଦ୍ର ସରକାର ଦାବି କରିବା ପରେ ଫେସବୁକ୍ ଅଧୀନସ୍ଥ ଏହି କମ୍ପାନୀ ନିଜ ୱେବସାଇଟରେ ଉକ୍ତ ନିଯୁକ୍ତି ସମ୍ପର୍କରେ ଉଲ୍ଲେଖ କରିଛି। ଯେକୌଣସି ବ୍ୟକ୍ତି ମୋବାଇଲ ଆପ୍, ଇ-ମେଲ୍ ଅଥବା ଲିଖିତ ଭାବେ ନିଜର ଅଭିଯୋଗ ଉକ୍ତ ଅଧିକାରୀଙ୍କ ନିକଟକୁ ପଠାଇପାରିବେ ବୋଲି ଏଥିରେ ଦର୍ଶାଯାଇଛି।

■ ଟଙ୍କା ମୂଲ୍ୟ ହ୍ରାସ, ସିଏଡି ମୁଖ୍ୟ ସମସ୍ୟା

# ନିବେଶ ପ୍ରତ୍ୟାହାରରେ ବ୍ୟସ୍ତ ଏଫ୍‌ପିଆଇ

**ନୂଆଦିଲ୍ଲୀ, ୨୩-୯**

ଡଲାର ବିନିମୟରେ ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ବୃଦ୍ଧି ତଥା ଭୂ-ରାଜନୈତିକ କାରଣରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ଦେଶରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଜୁଲାଇ ଓ ଅଗଷ୍ଟରେ ସେମାନେ ଭାରତୀୟ ଷ୍ଟକ୍ ଓ ବଣ୍ଡ ବଜାରରେ ନିବେଶ ବଢ଼ାଇଥିବା ବେଳେ ସେମାନେ ଚଳିତ ମାସର ଆଜିସୁଦ୍ଧା ୧୫,୩୬୫ କୋଟି ଟଙ୍କା କାଢ଼ି ନେଇଛନ୍ତି। ଏଥିପୂର୍ବରୁ ସେମାନେ ଜୁଲାଇରେ ୨୩୦୦

**ସେପ୍ଟେମ୍ବରରେ ୧୫,୩୬୫ କୋଟି ଉଠାଇ ନେଲେ**



କୋଟି ଓ ଅଗଷ୍ଟରେ ୫୨୦୦ କୋଟି ଟଙ୍କା ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ଏଫ୍‌ପିଆଇ ୩ରୁ ୨୧ ସେପ୍ଟେମ୍ବର ମଧ୍ୟରେ ଶେୟାର ବଜାରରୁ ୬୮୩୨ କୋଟି ଟଙ୍କା କାଢ଼ି ଥିବା ବେଳେ ଋଣ ବଜାରରୁ ୮୫୩୩ କୋଟି ଟଙ୍କା ନେଇ ସାରିଛନ୍ତି। ଏଥିପୂର୍ବରୁ ଏପ୍ରିଲରୁ ଜୁନ୍ ମଧ୍ୟରେ ସେମାନେ ଦେଶରୁ ୬୧ ହଜାର କୋଟି ଟଙ୍କାର ନିବେଶ ପ୍ରତ୍ୟାହାର କରିସାରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇବା କାରଣରୁ ଦେଶର ସିଏଡି ବଢ଼ୁଥିବାରୁ ଏଫପିଆଇଙ୍କ ଚିନ୍ତା ବଢ଼ିଯାଇଛି। ଏହାଛଡା ଟଙ୍କାର ମୂଲ୍ୟକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯଥେଷ୍ଟ ନହେବା ଏବଂ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ବୃଦ୍ଧି ଯୋଗୁ ବିଦେଶୀ ନିବେଶକମାନେ ଏବେ ନିବେଶ କାଢ଼ି ନେଉଛନ୍ତି ବୋଲି ମର୍ନିଂଷ୍ଟାରର ବରିଷ୍ଠ ରିସର୍ଚ୍ଚ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

## ବଜାରରେ ଟାଟା ଟିଆଗୋ ଏନ୍‌ଆର୍‌ଜି




ନୂଆ ମଡେଲକୁ ଟାଟା ମୋଟର୍ସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୩-୯**

ଟାଟା ମୋଟର୍ସ ଲିମିଟେଡ ପକ୍ଷରୁ ଓଡିଶା ବଜାରକୁ ଆସିଛି ନୂଆ ଟିଆଗୋ ଏନ୍‌ଆର୍‌ଜି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲକୁ ଉନ୍ମୋଚନ କରାଯାଇଛି। କମ୍ପାନୀର ଆଞ୍ଚଳିକ ସେଲସ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ଆଞ୍ଚଳିକ ସର୍ଭିସ ପ୍ରବନ୍ଧକ ରମେଶ ବର୍ଦ୍ଧରାଜନ, ରାଜ ଭଞ୍ଜ, ରୁପେନ୍ଦ୍ର ସିଦ୍ଧାର୍ଥ ପ୍ରମୁଖ ଉପସ୍ଥିତ ରହି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପାସେଞ୍ଜର ଭେଇକିଲ୍ ବର୍ଗରେ ଉକ୍ତ ମଡେଲକୁ ବଜାରକୁ ଛାଡିଛି। ଏହା ଅଲ୍ ନ୍ୟୁ ଏସ୍‌ୟୁଭି ଇନସ୍ପାୟାର୍ଡ ଭେଇକିଲ ହୋଇଥିବା ବେଳେ ଏହାକୁ ଅର୍ବାନ ଟଫ୍‌ରୋଡର ଭାବେ ସ୍ଥାନିତ କରାଯାଇଛି।

ନୂଆ ଷ୍ଟାଇଲ ସେଗମେଣ୍ଟରେ ବଜାରକୁ ଆସିଥିବା ଉକ୍ତ ମଡେଲରେ ଗ୍ରାହକମାନେ ପ୍ରମୁଖ ଡିଜାଇନ ଏବଂ ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ୧.୦୫ ଲିଟରର ରେଭୋଟର୍କ ଡିଜେଲ ଇଞ୍ଜିନ ସହ ଆସୁଛି। ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିଶନ, ମାଲାବାର ସିଲଭର, କାନ୍ୟନ୍ ଅରେଞ୍ଜ, ଫୁଜି ହ୍ୱାଇଟ ଭଳି ୩ ଆକର୍ଷକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଏଥିରେ ଡୁଆଲ ଟୋନ ଇନଫିନିଟି ବ୍ଲାକ ରୁଫ୍, ରୁଫ ରେଲ୍ ରହିଛି। ଟିଆଗୋ ଏନ୍‌ଆର୍‌ଜି ପେଟ୍ରୋଲ ଭର୍ସନର ବଜାର ଦର ୫.୪୯ ଲକ୍ଷ ଟଙ୍କା ଏବଂ ଡିଜେଲ ଭର୍ସନ ୬.୩୧ ଲକ୍ଷ ଟଙ୍କା ରହିଛି।

### ଟିଆଗୋ ର୍‌ୟାଲି ଅନୁଷ୍ଠିତ

କମ୍ପାନୀ ପକ୍ଷରୁ ଟିଆଗୋ ମଡେଲର ଓନରଙ୍କୁ ନେଇ ଏକ ର୍‌ୟାଲି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ର୍‌ୟାଲି ସହର ପରିକ୍ରମା କରିଥିଲା। ଗ୍ରାହକଙ୍କ ସମ୍ପର୍କ ଅଭିଯାନ ଅନ୍ତର୍ଗତ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ର୍‌ୟାଲି ସହର ପରିକ୍ରମା କରିବା ପରେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଶେଷ ହୋଇଥିଲା।

## ୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକିବେ ସରକାର

**ନୂଆଦିଲ୍ଲୀ, ୨୩-୯**

କେନ୍ଦ୍ର ସରକାର ୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସେମାନଙ୍କର ଜମି ଓ ଅନ୍ୟ ସମ୍ପତ୍ତିକୁ ବିକ୍ରି କରାଯିବ। ମୋଟ୍ ୨୪ ଉଦ୍ୟୋଗକୁ ରଣନୈତିକ ଦୃଷ୍ଟିକୋଣରୁ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର ସେମାନଙ୍କ ମଧ୍ୟରୁ ୯ଟିର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସ୍ୱତନ୍ତ୍ର ଭାବେ ଏଗୁଡିକ ବିକ୍ରି କରାଯିବ। ପବନ ହଂସ, ସ୍କୁଟର୍ସ ଇଣ୍ଡିଆ, ଏୟାର ଇଣ୍ଡିଆ, ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ ଲିମିଟେଡ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ ଲିମିଟେଡ(ପିଡିଆଇଏଲ), ହିନ୍ଦୁସ୍ଥାନ ପ୍ରିଫ୍ୟାବ୍, ହିନ୍ଦୁସ୍ଥାନ ନ୍ୟୁଜପ୍ରିଣ୍ଟ ଲିମିଟେଡ, ବ୍ରିଜ ଆଣ୍ଡ ରୁଫ୍ କୋ. ଏବଂ ହିନ୍ଦୁସ୍ଥାନ ଫ୍ଲୁରୋକାର୍ବନର ସମ୍ପତ୍ତି ବିକ୍ରି ହେବ। କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆର ୪ ସହଯୋଗୀ କମ୍ପାନୀକୁ ବିକ୍ରି କରାଯିବ। ଏୟାରଲାଇନ ଆଲାଏଡ ସର୍ଭିସେଜ ଲିମିଟେଡ ଓ ହୋଟେଲ କର୍ପୋରେଶନ ଅଫ ଇଣ୍ଡିଆକୁ ଏଥିରେ ସାମିଲ କରାଯାଇଛି। ଏହାଛଡା ରାଷ୍ଟ୍ରୀୟ ରାଜଧାନୀରେ ଥିବା ଏହାର ମୁଖ୍ୟାଳୟ ଏବଂ ଦେଶର ବିଭିନ୍ନ ସ୍ଥାନରେ ଥିବା ଏହାର ଜମି ଓ ଘରକୁ ବିକ୍ରି କରାଯିବ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ସମ୍ପତ୍ତି ବିକ୍ରି ଓ ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଏମ୍‌ଏସପି ବୃଦ୍ଧିରୁ ସୁନା ଚାହିଦା ୨୫% ବଢ଼ିବ

**ନୂଆଦିଲ୍ଲୀ, ୨୩-୯**

ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଅଧିକ ମୂଲ୍ୟ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଏହି କାରଣରୁ ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ ସୁନା ଚାହିଦା ପ୍ରାୟ ୨୫% ବୃଦ୍ଧି ପାଇବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ସୁନା ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ ଥିବା ବେଳେ ବର୍ଷକୁ ପ୍ରାୟ ୮୦୦ରୁ ୯୦୦ ଟନ ସୁନା କିଣାଯାଇଥାଏ। ଗ୍ରାମାଞ୍ଚଳରୁ ହିଁ ଦୁଇ ତୃତୀୟାଂଶ ସୁନା ଚାହିଦା ଦେଖାଯାଇଥାଏ। ଆସୋଚାମ-ୱାର୍ଲ୍ଡ ଗୋଲ୍ଡ କାଉନସିଲ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ପ୍ରଥମ ଛଅ ମାସରେ ସୁନା ଚାହିଦା କମିଛି। ତେବେ ଦ୍ୱିତୀୟ ୬ ମାସରେ ଚାହିଦାରେ ୨୫% ବୃଦ୍ଧି ଦେଖାଯିବ। ହାତରେ ଅଧିକ ଅର୍ଥ ଥିବା ଯୋଗୁ ଗ୍ରାମାଞ୍ଚଳର ଅଧିବାସୀ ଅଧିକ ସୁନା କିଣିବେ।

## ଆମୱେର ଏକ୍ସପ୍ରେସ ପିକ୍ ଆଣ୍ଡ ପେ ଷ୍ଟୋର




**ଭୁବନେଶ୍ୱର, ୨୩-୯**

ଆମୱେ ଇଣ୍ଡିଆ ପକ୍ଷରୁ ରାଉରକେଲାରେ ଏହାର ନୂତନ ଏକ୍ସପ୍ରେସ ଆଣ୍ଡ ପିକ୍ ଷ୍ଟୋର ଖୋଲିଛି। ନୂଆ ଷ୍ଟୋରଟି ଉଦିତନଗର କଚେରି ରୋଡ ସ୍ଥିତ ସୁମିତ୍ରା ହାଇଟ୍ସରେ ଖୋଲିଛି। ଗ୍ରାହକଙ୍କ ନିକଟତର ହେବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଉକ୍ତ ବର୍ଗରେ ଏହା କମ୍ପାନୀର ୬୦ତମ ଷ୍ଟୋର। ଏଭଳି ଷ୍ଟୋର କଟକ ଓ ବ୍ରହ୍ମପୁରରେ ମଧ୍ୟ ଖୋଲିଛି। ଏକ ମିନି ସେଣ୍ଟର ଭଳି ଆମୱେର ଗ୍ରାହକ ଓ ବିତରକ ମାନଙ୍କୁ ଟଚ୍ ତଥା ଫିଲ ଅନୁଭୂତି ପ୍ରଦାନ ଲକ୍ଷ୍ୟ ନେଇ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। କମ୍ପାନୀ ପାଇଁ ଓଡିଶା ଏକ ପ୍ରମୁଖ ବଜାର ହୋଇଥିବା ବେଳେ ପଶ୍ଚିମ ଓଡିଶାରେ ଏହି ଷ୍ଟୋର କାରବାର କ୍ଷେତ୍ରରେ ବିଶେଷ ଅବଦାନ ରଖିବ ବୋଲି ପୂର୍ବାଞ୍ଚଳ ଆଞ୍ଚଳିକ ପ୍ରବନ୍ଧକ ଚନ୍ଦ୍ରା ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଏହି ଷ୍ଟୋରରେ କମ୍ପାନୀର ସମସ୍ତ ପ୍ରଡକ୍ଟ ଉପଲବ୍ଧ ହେବ।

## ଏନ୍‌ଟିଏସ୍‌ଇରେ ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କ ସଫଳତା

FIITJEE

**ଭୁବନେଶ୍ୱର, ୨୩-୯**

ଏନ୍‌ସିଇଆର୍‌ଟି ଦ୍ୱାରା ପରିଚାଳିତ ଏନ୍‌ଟିଏସ୍‌ଇ ୨୦୧୮ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଫିଟ୍‌ଜୀ କଟକ ଏବଂ ଭୁବନେଶ୍ୱର ସେଣ୍ଟରର ମୋଟ୍ ୩୯ଜଣ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଏନ୍‌ଟିଏସ୍‌ଇ ପ୍ରଥମ ପର୍ଯ୍ୟାୟ ପରିକ୍ଷା ନଭେମ୍ବର ୨୦୧୭ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରିକ୍ଷା ଚଳିତ ବର୍ଷ ମେ ୧୩ରେ ଅନୁଷ୍ଠିତ ହୋଇଥିଲା। ସାରା ଦେଶର ସାଧାରଣ ବିଭାଗର ୭୫୬ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫିଟ୍‌ଜୀର ୪୦୦ ଛାତ୍ରୀଛାତ୍ର ରହିଛନ୍ତି। ଓଡିଶାରେ ସାଧାରଣ ବିଭାଗରୁ ଫିଟଜୀ ୯୦.୭୦% ଅଧିକ ସଫଳତା ହାସଲ କରିଛି। ଭୁବନେଶ୍ୱର ସେଣ୍ଟରର ଛାତ୍ର ଅଙ୍କିତ ଦେ ମୋଟ୍ ୧୯୭ରୁ ୧୭୦ ମାର୍କ ଲାଭ କରିଛନ୍ତି। ଫିଟଜୀର ଉନ୍ନତ ଷ୍ଟଡି ମଟେରିଆଲ, ଡାଉଟକ୍ଲିଅରିଂ କ୍ଲାସ, ପର୍ସନାଲାଇଜ୍ ଗାଇଡାନ୍ସ ଦ୍ୱାରା ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି ବୋଲି ଅଙ୍କିତ କହିଛନ୍ତି। ଛାତ୍ରୀଛାତ୍ର ଜାତୀୟ ସ୍ତରରେ ସଫଳତା ହାସଲ କରୁଥିବାରୁ ଏକ ଗୌରବ ମୁହୂର୍ତ୍ତ ବୋଲି ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରାଣା ଜୟ ବର୍ଦ୍ଧନ ସୂଚନା ଦେଇଛନ୍ତି। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟକୁ ଧ୍ୟାନରେ ରଖି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ଫିଟଜୀ ଓଡିଶା ଅପରେଶନ ମେଣ୍ଟର ପି.କେ ଦାସ ସୂଚନା ଦେଇଛନ୍ତି।

## ଟାଇଟାନ କମ୍ପାନୀର ୩ ନୂଆ ଷ୍ଟୋର

**ଭୁବନେଶ୍ୱର, ୨୩-୯**

ଟାଇଟାନ କମ୍ପାନୀ ପକ୍ଷରୁ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ୍ ମଲ୍ ଠାରେ ମିଆ, ଟାଇଟାନ ଆଇପ୍ଲସ ଏବଂ ୱାର୍ଲଡ ଅଫ୍ ଟାଇଟାନ ଭଳି ୩ଟି ନୂଆ ଷ୍ଟୋର ଖୋଲିଛି। ଭୁବନେଶ୍ୱରରେ ତନିଷ୍କ ପକ୍ଷରୁ ଏହା ପ୍ରଥମ ମିଆ ଷ୍ଟୋର ହୋଇଥିବା ବେଳେ ପଞ୍ଚମ ଟାଇଟାନ ଆଇପ୍ଲସ ଓ ସପ୍ତମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର। ଟାଇଟାନ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାସ୍କର ଭଟ୍ଟ ଏହି ଷ୍ଟୋରଗୁଡିକୁ ଉଦଘାଟନ କରିଛନ୍ତି। ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା, ବିକଳ୍ପ ତଥା ଅତୁଳନୀୟ ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ୨୦୦୩ରେ ଭୁବନେଶ୍ୱରର ପ୍ରଥମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର ସ୍ଥାପନ କରିବା ପରେ ଅନେକ ପଥ ଅତିକ୍ରମ କରିଛୁ ବୋଲି ଭଟ୍ଟ କହିଛନ୍ତି। ନୂତନତ୍ୱ ତଥା ଡିଜାଇନ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି ସେ କହିଛନ୍ତି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୧୨୮୨ / IND-II-PH-756 ତାରିଖ: ୨୨।୦୯।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ମହାବୀର ଫେରୋଆଲୋଏଜ୍ ପ୍ରା.ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କାଲୁଙ୍ଗା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, କାଲୁଙ୍ଗା ଅନ୍ତର୍ଗତ ଜିଆବାହାଲ ଗ୍ରାମସ୍ଥିତ ପେଲେଟ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଉପାଦେୟତା (ଦୈନିକ ୧୮୦୦ ଟନ୍‌ରୁ ୪୮୦୦ ଟନ୍), ଡିଆରଆଇ ପ୍ରକଳ୍ପ (ଦୈନିକ ୩୦୦ ଟନ୍‌ରୁ ୧୦୦୦ ଟନ୍), ଏସ୍‌ଏମ୍‌ଏସ୍ ପ୍ରକଳ୍ପ (ବାର୍ଷିକ ୦.୧ ନିୟୁତ ଟନ୍‌ରୁ ୦.୩ ନିୟୁତ ଟନ୍), କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (୧୨ ମେଗାୱାଟ୍‌ରୁ ୩୮ ମେଗାୱାଟ୍) ଏବଂ ରୋଲିଂ ମିଲ୍ (ବାର୍ଷିକ ୦.୨୫ ନିୟୁତ ଟନ୍)** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୭।୧୦।୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ତହସିଲ୍ ଅନ୍ତର୍ଗତ କାଲୁଙ୍ଗା ଗ୍ରାମସ୍ଥିତ ଆଇଡିସି ଖଡ଼ିଆଟୋଲାର ଖେଳପଡ଼ିଆ**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର- ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**


# ବ୍ରିଜା ମଡେଲର ଡେଲିଭରି ଦେଲା ମାରୁତି ସୁଜୁକି






**ଭୁବନେଶ୍ୱର, ୨୩-୯**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରଠାରେ ଏହାର ଲୋକପ୍ରିୟ କମ୍ପାକ୍ଟ ଏସ୍‌ୟୁଭି ମଡେଲ ଭିଟାରା ବ୍ରିଜାର ମେଗା ଡେଲିଭରି ଉତ୍ସବ ଅନୁଷ୍ଠିତ କରାଯାଇଛି। ସ୍ଥାନୀୟ ହୋଟେଲରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୫୧ ଗ୍ରାହକଙ୍କୁ ଉକ୍ତ ମଡେଲ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱରର ୫ ଡିଲରଶିପ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜ୍ୟୋତି ମୋଟର୍ସ, ନାରାୟଣୀ ମୋଟର୍ସ ଏବଂ ସ୍କାଏ ଅଟୋମୋବାଇଲ ଭଳି ଶୋ'ରୁମ ଗୁଡିକ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଅଶୋପା ଉପସ୍ଥିତ ରହି ଗ୍ରାହକଙ୍କୁ ଯାନର ଚାବି ହସ୍ତାନ୍ତର କରିଥିଲେ। ଏହି ଅବସରରେ ସଡକ ନିରାପତ୍ତା ତଥା ଯାନର ଯତ୍ନ ଉପରେ ଏକ ସେସନ ଅନୁଷ୍ଠିତ ହୋଇଥିଲା। ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଲାଗି କମ୍ପାନୀ ଏଭଳି ମଡେଲ ବଜାରକୁ ଆଣିଛି। ସର୍ଭିସ କ୍ଷେତ୍ରରେ ବିଭିନ୍ନ ସୁବିଧା ପ୍ରଦାନ ଲାଗି ମାରୁତି ସୁଜୁକି ବର୍ତ୍ତମାନ ୧୧ ଇନସ୍ୟୁରାନ୍ସ ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା ସୂଚନା ଦେଇଛି। ଏହା ଗ୍ରାହକଙ୍କୁ ୱାନ ଷ୍ଟପ୍ ସଲ୍ୟୁଶନ, କ୍ୟାଶଲେସ୍ କ୍ଲେମ୍ ରିପେୟାର, ହ୍ୟାସେଲ ଫ୍ରି ସେଟେଲମେଣ୍ଟ ଭଳି ବିଭିନ୍ନ ସୁବିଧା ପ୍ରଦାନ କରୁଥିବା ପ୍ରକାଶ କରିଛି। ଏହା ରାଜ୍ୟର ୨୮ ଜିଲାରେ ନିଜର ଉପସ୍ଥିତି ଜାହିର କରିଛି। ୩୫ ଡିଲରୱାର୍କଶପ, ମାରୁତି ମୋବାଇଲ ସପୋର୍ଟ ଦ୍ୱାରା ସାରା ଦେଶରେ ତ୍ୱରିତ ସେବା ସହାୟତା ଏବଂ ଉନ୍ନତ ସପୋର୍ଟ ସିଷ୍ଟମ ପ୍ରଦାନ କରୁଛି। ପ୍ରାୟ ୩ ବର୍ଷ ହେବ ବଜାରକୁ ଆସିଥିବା ବ୍ରିଜା ମଡେଲରେ କମ୍ପାନୀ ଅଟୋ ଗିୟର ସିଫ୍ଟ ଟେକ୍ନୋଲୋଜି ଦେଉଛି। ଫ୍ୟୁଚର ଟେକ୍ନୋଲୋଜି ଆଧାରରେ ଏଭଳି ସୁବିଧା ବିଭିନ୍ନ ମଡେଲରେ ପ୍ରଚଳନ କରାଯାଉଥିବା କମ୍ପାନୀ ପକ୍ଷରୁ ପ୍ରକାଶ। କମ୍ପାନୀ ବ୍ରିଜାର ମାସିକ ହାରାହାରି ୧୨,୩୦୦ ୟୁନିଟ ବିକ୍ରି କରୁଛି। ଗତ ଆର୍ଥିକ ବର୍ଷରେ ପ୍ରାୟ ୧.୫ ଲକ୍ଷ ୟୁନିଟ ବ୍ରିଜା ବିକ୍ରି କରିଥିଲା। ଲଞ୍ଚପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କମ୍ପାନୀ ଏହାର ୨.୭୫ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହି ଅବସରରେ ଡିଲରଶିପ ଓନର ଦେବଜ୍ୟୋତି ପଟ୍ଟନାୟକ, ଅବିନାଶ ସିଂଘାନିଆ, ପ୍ରଣୟ ବୁଧରାଜା ପ୍ରମୁଖ ଉପସ୍ଥିତ ଥିଲେ।



"ଭାରତର ରୋହିତ ଶର୍ମା ଓ ଶିଖର ଧାୱନ ବର୍ତ୍ତମାନ ହେଉଛନ୍ତି ସବୁଠାରୁ ବିଧ୍ୱଂସକାରୀ ଓପନିଂ ଯୋଡ଼ି ।
–ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ



"ଭାରତ ଯଦି ଡେଭିସ୍ କପ୍ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇବାକୁ ଚାହୁଁଛି ତେବେ କ୍ୱାଲିଟି ସିଙ୍ଗଲ୍ସ ଖେଳାଳି ବିକଶିତ କରିବାର ଆବଶ୍ୟକତା ରହିଛି।
–ବିଜୟ ଅମୃତରାଜ, ଭାରତୀୟ ଟେନିସ କିମ୍ବଦନ୍ତୀ

## ସଂକ୍ଷେପରେ

### ଜାତୀୟ ଥ୍ରୋ ବଲରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୯(ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ତିରୁପୁରା ଷ୍ଟାଡିୟମ୍‌ରେ ବୁଧବାରଠାରୁ ୨୯ତମ ଜାତୀୟ ଥ୍ରୋ ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଇଭେଣ୍ଟରେ ଭାଗ ନେବା ଲାଗି ଓଡ଼ିଶାର ସବ୍-ଜୁନିୟର ବାଳିକା ଓ ବାଳକ ଦଳ ରବିବାର ଗସ୍ତ କରିଛନ୍ତି। ଏହି ଦଳ ଚୟନ ନିମନ୍ତେ ଚଳିତ ମାସ ୧ ଓ ୨ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସବ୍-ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରୁ ୧୪ ଜଣିଆ ବାଳିକା ଓ ବାଳକ ଦଳ ମନୋନୀତ କରାଯାଇଛି। ବାଳିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପୁଷ୍ପାଞ୍ଜଳୀ ପତି, ସୁଧାସିନ୍ଧୁ ସାହୁ, ମାନସୀ ପ୍ରଧାନ, ଶୁଭଶ୍ରୀ ରାଉତରାଏ, ସୁଭଦ୍ରା ସ୍ୱାଇଁ, କସ୍ତୁରି ମହାରଣା, ସୋନାଲି ସାହୁ, ନିକି ଝା, ପ୍ରିୟା ଓରାମ, ନିବେଦିତା ଖୁଣ୍ଟିଆ, ପ୍ରିୟଙ୍କା ବାରିକ, ଲାବଣ୍ୟବତୀ ଦାସ, ଶୋଭାରାଣୀ ଦାଶ ଓ ଅଦିତି ପଟ୍ଟନାୟକ। ସେହିଭଳି ଶୁଭ ସାମନ୍ତ, ବିଶ୍ୱଜିତ ପଲାଇ, ସୁଶାନ୍ତ କୁମାର ଦାସ, ଏସ୍. ଗଣେଶ ରେଡ୍ଡୀ, କେତନ ପଣ୍ଡା, ଆଶୁତୋଷ ମହାନ୍ତି, ସୁବ୍ରତ କୁମାର ସାହୁ, ରାକେଶ ସାହୁ, ରିଙ୍କୁନ ଜେନା, ପ୍ରିତମ ରାଉତ, ସମ୍ରେଶ ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ଚିରାଗ ଆରିଅଲ ଓ ଆଶିଷ କୁମାର ପଟେଲଙ୍କୁ ନେଇ ଓଡ଼ିଶା ବାଳକ ଦଳ ଗଠିତ ହୋଇଛି। ବାଳିକା ଦଳ ସହ କୋଚ୍ ଶୁଭଦର୍ଶନୀ ଜେନା ଓ ମ୍ୟାନେଜର ନିବେଦିତା ନାୟକ ଗସ୍ତ କରିଥିବାବେଳେ ଏସ୍. ଜଗା ରେଡ୍ଡୀ (କୋଚ୍) ଓ ଅରୁଣ ପଟ୍ଟନାୟକ (ମ୍ୟାନେଜର) ବାଳକ ଦଳ ସହ ରହିଛନ୍ତି। ଏମାନଙ୍କ ବ୍ୟତୀତ ନ୍ୟାଶନାଲ ରେଫରି ଭାବେ ରାମକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ବାରିକ ଓ ଓଡ଼ିଶା ଥ୍ରୋ ବଲ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ତାମିଲନାଡୁ ଗସ୍ତ କରିଛନ୍ତି।

# ଧାୱନ, ରୋହିତଙ୍କ ଶତକରେ ଭାରତ ବିଜୟୀ

ଦୁବାଇ, ୨୩।୯

ଶିଖର ଧାୱନ ଓ ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଏବଂ ଓପନିଂ ଯୋଡ଼ିରେ ୨୧୦ ରନର ଭାଗୀଦାରି ବଳରେ ଭାରତ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏସିଆ କପ୍ ସୁପର ଫୋର୍ ମ୍ୟାଚରେ ପାକିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୩୮ ରନ ବିଜୟ ଲକ୍ଷ୍ୟକୁ ଭାରତ ୩୯.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁପର ଫୋର୍‌ରେ ଦ୍ୱିତୀୟ ବିଜୟ ସହ ଭାରତ ଫାଇନାଲର ନିକଟତର ହୋଇଛି।



ୟୁଜବେନ୍ଦ୍ର ଚହଲ

## ଏସିଆ କପ୍

ଧାୱନ ଓ ରୋହିତଙ୍କ ବ୍ୟାଟିଂ ଆଗରେ ପାକିସ୍ତାନ ବୋଲିଂ ଅତ୍ୟନ୍ତ ପ୍ରଭାବହୀନ ମନେ ହୋଇଥିଲା। ଦୁଇ ବ୍ୟାଟ୍ସମ୍ୟାନ ଦମ୍‌ଦାର ବ୍ୟାଟିଂ କରି ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ମାରି ମ୍ୟାଚକୁ ଏକପାଖିଆ କରିବା ସହ ଭାରତର ବିଜୟକୁ ସହଜ କରି ଦେଇଥିଲେ। ପାକିସ୍ତାନ ବୋଲରଙ୍କୁ ନାକେଦମ୍ କରି ପ୍ରଥମେ ଶତକ ହାସଲ କରିଥିଲେ ଧାୱନ। ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ଚୌକାମାରି ଶତକ ପୂରଣ କରିଥିବା ଧାୱନ ୧୦୦ ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ସହାୟତାରେ ମୋଟ ୧୧୪ ରନ କରି ଦୁର୍ଭାଗ୍ୟଜନକଭାବେ ରନଆଉଟ ହେଇ ଯାଇଥିଲେ। ୩୪ତମ ଓଭରର ତୃତୀୟ ବଲ୍‌କୁ ରୋହିତ ପଏଣ୍ଟ ଅଞ୍ଚଳକୁ ଖେଳିଥିବାବେଳେ ଧାୱନ ସିଙ୍ଗଲ ରନ ନେବା ଲକ୍ଷ୍ୟରେ ଦୌଡ଼ିଥିଲେ। ମାତ୍ର ରୋହିତ ମନା କରିବାପରେ ଧାୱନ ଆଉ କ୍ରିଜକୁ ଫେରି ପାରି ନ ଥିଲେ। ଏହାଥିଲା ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ତାଙ୍କ କ୍ୟାରିୟରର ୧୫ତମ ଦିନିକିଆ ଶତକ। ଏହାପରେ ରୋହିତ କ୍ୟାରିୟରର ୧୯ତମ ଦିନିକିଆ ଶତକ ପୂରଣ କରିଥିଲେ। ଏହା ମଧ୍ୟରେ ସେ ଏକଦିବସୀୟ କ୍ରିକେଟରେ ୭,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଗୋଟିଏ ଦିନିକିଆରେ ପାକିସ୍ତାନ ବିପକ୍ଷରେ ଭାରତର ୨ ଜଣ ବ୍ୟାଟ୍ସମ୍ୟାନ ଶତକ ହାସଲ କରିବା ଏହାଥିଲା ତୃତୀୟ ଘଟଣା। ପୂର୍ବରୁ ୧୯୯୬ରେ ଶାରଜାରେ ସଚିନ ତେନ୍ଦୁଲକର(୧୧୮) ଓ ନବଜୋତ୍ ସିଂ ସିଦ୍ଧୁ(୧୦୧) ଏବଂ କୋଚିଠାରେ ୨୦୦୫ରେ ବୀରେନ୍ଦ୍ର ସେହ୍ୱାଗ(୧୦୮) ଓ ରାହୁଲ ଦ୍ରାବିଡ୍(୧୦୪) ଏହା କରିଥିଲେ। ୧୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୪ ଛକା ସହାୟତାରେ ୧୧୧ ଓ ଅମ୍ବାତି ରାୟୁଡୁ ୧୨ ରନରେ ଅପରାଜିତ ରହି ଆହୁରି ୬୩ ବଲ୍ ବାକିଥାଇ ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ପାକିସ୍ତାନର କୌଣସି ବୋଲର ଗୋଟିଏ ହେଲେ ଉଇକେଟ ପାଇ ନ ଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧିମା ଖେଳି ୧୫.୫ ଓଭରରେ ୫୮ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ଇମାମ-ଉଲ-ହକ୍ ୧୦, ବାବର ଆଜମ ୯ ଓ ଭଲ ଆରମ୍ଭ କରିଥିବା ଫକର ଜମନ ୩୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦୁଇ ଓପନରଙ୍କୁ ଆଉଟ କରିଥିବାବେଳେ ବାବର ରନ୍‌ଆଉଟ ହୋଇ ଯାଇଥିଲେ। ପରେ ସର୍ଫରାଜ ଓ ସୋଏବଙ୍କ ଶତକୀୟ ଭାଗୀଦାରି ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋର ଆଡ଼କୁ ମୁହାଁଇଥିଲା। ଦୁହେଁ ସତର୍କତାର ସହ ବ୍ୟାଟିଂ କରି ୪ର୍ଥ ଉଇକେଟରେ ୧୦୭ ରନ ଯୋଗ କରିଥିଲେ। ସର୍ଫରାଜଙ୍କୁ ଅଧିନାୟକ ରୋହିତ ଶର୍ମାଙ୍କ ହାତରେ କ୍ୟାଚ କରାଇ କୁଲଦୀପ ପାର୍ଟନରଶିପ୍ ଭାଙ୍ଗିଥିଲେ। ୬୬ ବଲ୍‌ର ସମ୍ମୁଖୀନ ହୋଇଥିବା ସର୍ଫରାଜ ୨ ଚୌକା ସହାୟତାରେ ୪୪ ରନ କରିଥିଲେ। ସୋଏବ ଦଳ ପକ୍ଷରୁ ସର୍ବାଧିକ ୭୮(୯୦ ବଲ, ୪ ଚୌକା, ୨ ଛକା) ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ଶିକାର ବନିଥିଲେ। ଅସିଫ ଅଲୀ ୨୧ ବଲ୍‌ରୁ ଦ୍ରୁତ ୩୦(୧ ଚୌକା, ୨ ଛକା) ରନ କରିଥିବାବେଳେ ଶାଦବ ଖାଁ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ମହମ୍ମଦ ନୱାଜ ୧୫ ରନ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବୁମ୍‌ରା, ଚହଲ, କୁଲଦୀପ ୨ଟି ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ୫୦ ଓଭରରେ ୨୩୭/୭(ସୋଏବ-୭୮, ସର୍ଫରାଜ-୪୪, ଫକର-୩୧, ଅସିଫ-୩୦, ବୁମ୍‌ରା-୨/୨୯, ଚହଲ-୨/୪୬, କୁଲଦୀପ-୨/୪୧)। ଭାରତ ୩୯.୩ ଓଭରରେ ୨୩୮/୧(ଧାୱନ-୧୧୪, ରୋହିତ-୧୧୧*)।

# ଇମ୍ରୁଲ, ମହମୁଦୁଲ୍ଲାଙ୍କ ଅର୍ଦ୍ଧଶତକ

ଆବୁଧାବି, ୨୩।୯

ଆବୁଧାବିର ଶେଖ ଜାୟେଦ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ସୁପର ଫୋର୍ ମ୍ୟାଚରେ ବାଂଲାଦେଶ ପ୍ରତିପକ୍ଷ ଆଫଗାନିସ୍ତାନ ସମ୍ମୁଖରେ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଇମ୍ରୁଲ କାଏସ ଓ ମହମୁଦୁଲ୍ଲା ଅର୍ଦ୍ଧଶତକ ହାସଲ କରି ବାଂଲାଦେଶ ଇନିଂସକୁ ୫୦ ଓଭରରେ ୭ ଉଇକେଟ ହରାଇ ୨୪୯ରେ ପହଞ୍ଚାଇଛନ୍ତି।

ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୮ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଓପନର ଲିଟନ ଦାସ ୪୧, ମିଡିଲ ଅର୍ଡରରେ ମୁଶଫିକର ରହିମ ୩୩ ରନ କରି ଇନିଂସକୁ ସମ୍ଭାଳି ନେଇଥିବାବେଳେ ଶେଷଭାଗରେ ଇମ୍ରୁଲ କାଏସ ଓ ମହମୁଦୁଲ୍ଲା ଅର୍ଦ୍ଧଶତକୀୟ ଇନିଂସ ଖେଳି ୫୦ ଓଭରରେ ଦଳୀୟ ସ୍କୋରକୁ ୨୪୯ରେ ପହଞ୍ଚାଇ ଦେଇଥିଲେ। କାଏସ ୮୯ ବଲ୍‌ରୁ ୭୨(୬ ଚୌକା) ରନ କରି ଅପରାଜିତ ରହିଥିବାବେଳେ ମହମୁଦୁଲ୍ଲା ୭୪(୮୧ ବଲ,, ୩ ଚୌକା, ୨ ଛକା) ରନରେ ଆଉଟ ହୋଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଫତାବ ଆଲାମ ୩ଟି ଏବଂ ମୁଜିବ୍ ଉର ରହମନ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

# ମିଥାଲିଙ୍କ ମାନ୍ୟତାରେ ବୃଦ୍ଧି

ଦୁବାଇ, ୨୩।୯– ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗରେ ଭାରତ ଅଧିନାୟିକା ମିଥାଲି ରାଜଙ୍କ ମାନ୍ୟତା ବୃଦ୍ଧି ଘଟିଛି। ଚଳିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଉନ୍ନତ ପ୍ରଦର୍ଶନ ଯୋଗୁ ମିଥାଲି ୪ଟି ପାହାଚ ଉପରକୁ ଉଠି ବ୍ୟାଟିଂ ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ମିଥାଲି ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜର ୨ୟ ଓ ୩ୟ ମ୍ୟାଚ୍‌ରେ ଯଥାକ୍ରମେ ୫୨ ଓ ୧୨୫* ରନ କରିଥିଲେ। ମିଥାଲିଙ୍କ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଭାରତ ଦିନିକିଆ ସିରିଜକୁ ଜିତିବାରେ ସଫଳ ହୋଇଥିଲା। ସେହିଭଳି ଅନ୍ୟତମ ତାରକା ଭାରତୀୟ ବ୍ୟାଟ୍ସୱିମ୍ୟାନ ସ୍ମୃତି ମନ୍ଧାନାଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଘଟିଛି। ସେ ୪ର୍ଥ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦିନିକିଆର ପ୍ରଥମ ଓ ୩ୟ ମ୍ୟାଚ୍‌ରେ ସେ ୭୩ ଓ ୫୨ ରନ କରିଥିଲେ। ଅପରପକ୍ଷରେ ଶ୍ରୀଲଙ୍କା ଅଧିନାୟିକା ଚାମରି ଆଟାପାଟୁ ମଧ୍ୟ ୧୧ଟି ସ୍ଥାନ ଲମ୍ଫ ପ୍ରଦାନ କରି ୧୦ମ ସ୍ଥାନରେ ରହିଛନ୍ତି। ହରମନ୍‌ପ୍ରୀତ୍ କୌର ୪ଟି ସ୍ଥାନ ତଳକୁ ଖସି ସପ୍ତଦଶ ସ୍ଥାନ ଲାଭ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ। ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE 9776040555, 9668427353
GANJAM 8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
44/170, Kargil Road, BBSR
ଯୋଗାଯୋଗ- 7991052261 7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
19, Jagannath Nagar, BBSR-25
8658167603
7064382081

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

ଇନଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

ମୋବାଇଲ ଉପକରଣ
ଆୟନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ–ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା – 45,000/– + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଗଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା– 60,000/–, ଅଗ୍ରିମ– 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି
ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ) ଗୋଲ୍‌ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦୦,୦୦ ଭଡ଼ା ୪୫,୦୦୦, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi



"ଚାଇନା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ ଆମକୁ ଏସିଆ କପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ବିଶେଷ ସହାୟକ ହେବା
–ଷ୍ଟିଫେନ କନଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲର ମୁଖ୍ୟ କୋଚ୍



"ବର୍ତ୍ତମାନ ନଜର ଟୋକିଓ ଅଲିମ୍ପିକ୍ସ ଉପରେ ରହିଥିଲେ ହେଁ ୨୦୨୨ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଧିକ ପଦକ ହାସଲ ଆମର ଲକ୍ଷ୍ୟ ରହିଛି।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ

## ସଂକ୍ଷେପରେ

### ସଭାପତି ପଦବୀ ବଜାୟ ରଖିଲେ ସୁବୋଧ



ସୁବୋଧ କୁମାର ରାଉତରାୟ

କଟକ ଅଫିସ,୨୩।୯: ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ସଭାପତି ପଦବୀ ବଜାୟ ରଖିଛନ୍ତି ସୁବୋଧ କୁମାର ରାଉତରାୟ। ୪୨ ସଦସ୍ୟଙ୍କ ମଧ୍ୟରୁ ୩୦ଜଣ ଭୋଟ ଦେଇଥିଲେ। ସୁବୋଧଙ୍କ ସପକ୍ଷରେ ୨୯ଟି ଭୋଟ ଯାଇଥିବାବେଳେ ଅନ୍ୟଏକ ଭୋଟ ନାକଚ ହୋଇଥିଲା । ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ କୁମାର ମହାନ୍ତି ଅସୁସ୍ଥତା ଦର୍ଶାଇ ନିର୍ବାଚନରେ ସାମିଲ ହୋଇନାହାନ୍ତି। ଫଳରେ ଲଗାତର ଦୁଇଥର ସୁବୋଧ ଓଭିଏର ସଭାପତି ହୋଇଛନ୍ତି। ୨୦୧୦ ମସିହାରେ ଓଭିଏର କାର୍ଯ୍ୟକାରୀ ସଭାପତି ରହିଥିବା ସୁବୋଧ ୨୦୧୪ ମସିହାରେ ଓଭିଏରେ ସଭାପତି ହୋଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଓଭିଏର ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି । ପାରାଦୀପ ପୋର୍ଟର ସଞ୍ଜୟ କୁମାର ଦାସ କାର୍ଯ୍ୟକାରୀ ସଭାପତି, ଜଗତ୍‌ସିଂହପୁରର ଗଗନେନ୍ଦୁ ଦାସ ସମ୍ପାଦକ, କେନ୍ଦ୍ରାପଡ଼ାର ସୟଦ ଅକ୍ରମ ଅଲ୍ଲୀ, କେନ୍ଦୁଝରର ଜନାର୍ଦ୍ଦନ ଦାସ, କୋରାପୁଟର ଭବାନୀ ପ୍ରସାଦ ପଣ୍ଡା, ମୟୂରଭଞ୍ଜର କିଶୋର କୁମାର ବିଶ୍ୱାଳ, ଫୁଲବାଣୀର ଶିବପ୍ରସାଦ ତ୍ରିପାଠୀ, ସମ୍ବଲପୁରର ଦୁଲାଲଚନ୍ଦ୍ର ପ୍ରଧାନ ଉପସଭାପତି, ଢ଼େଙ୍କାନାଳର ଆଦିତ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱରର ଜଗଦୀଶ ଚନ୍ଦ୍ର ବେହେରା ଯୁଗ୍ମ ସମ୍ପାଦକ, ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

### ଦିଲ୍ଲୀ, ଆସାମର ସହଜ ବିଜୟ

**କଟକ ଅଫିସ,୨୩।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ରବିବାର ୪ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ଦିଲ୍ଲୀ ୬-୦ ଗୋଲରେ ଝାଡ଼ଖଣ୍ଡକୁ, ମଣିପୁର ୬-୨ ଗୋଲରେ ପଣ୍ଡିଚେରୀକୁ, ପଞ୍ଜାବ ୬-୧ ଗୋଲରେ କେରଳକୁ, ଆସାମ ୪-୦ ଗୋଲରେ ବିହାରକୁ ପରାସ୍ତ କରିଛି ।

### ଜୟଦୁର୍ଗାକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

**କଟକ ଅଫିସ,୨୩।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ୧୫ତମ ମିନିଟରେ ରାଜୁ ବିଶାର, ୩୧ତମ ମିନିଟରେ କୁଆର ମାରାଣ୍ଡି, ୫୦ତମ ମିନିଟରେ ଅରବିନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଜୟଦୁର୍ଗା ପକ୍ଷରୁ ୪୨ତମ ମିନିଟରେ ସିଦ୍ଧାନ୍ତ ଦାସ ଗୋଟିଏ ଗୋଲ ଦେଇଛନ୍ତି। ଖେଳାଯିବାକୁ ଥିବା ଅନ୍ୟଏକ ମ୍ୟାଚ୍‌ରେ କିଶୋର କ୍ଲବ ଅନୁପସ୍ଥିତ ରହିବାରୁ ମଙ୍ଗଳାକ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା ।

### ଚେସ୍ ଅଲିମ୍ପିଆଡ୍: ଭାରତୀୟ ଦଳରେ ପଦ୍ମିନୀ

**ବାତୁମି(ଜର୍ଜିଆ), ୨୩।୯(ପି.ଟି.):** ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଓ ୨୭୦୦ରୁ ଅଧିକ ପଏଣ୍ଟ ଅର୍ଜନକାରୀ ୩ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ୪୩ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଦଳକୁ ୫ମ ସିଡ୍ ମାନ୍ୟତା ମିଳିଛି। ରବିବାରଠାରୁ ଆରମ୍ଭ ହୋଇଥିବା ଇଭେଣ୍ଟରେ ୧୮୫ ଦେଶର ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ସେହିଭଳି ମହିଳା ବିଭାଗରେ ୧୫୫ ଦେଶ ଭାଗ ନେଇଛନ୍ତି। ଏହା ବିଶ୍ୱର ସବୁଠୁ ବଡ଼ ପ୍ରତିଯୋଗିତା। ଏପରି କି ଫିଫା ବିଶ୍ୱକପ୍‌ଠାରୁ ମଧ ବଡ଼ ଇଭେଣ୍ଟ। ଆନନ୍ଦ ଓ ଡି. ହାରିକାଙ୍କ ଉପସ୍ଥିତି ଯୋଗୁ ଭାରତକୁ ଆହୁରି ଉନ୍ନତ ସିଡ୍ ପ୍ରଦାନ କରାଯିବ ବୋଲି ଆଶା କରାଯାଉଥିଲା। କାରଣ ଗତ ୨୦୧୪ ସଂସ୍କରଣରେ ଭାରତ ୩ୟ ସ୍ଥାନ ଅଧିକାର କରିଥିବାବେଳେ ୨୦୧୬ରେ ୪ର୍ଥରେ ରହିଥିଲା। ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତାରେ ଆମେରିକା, ରୁଷିଆ, ଚାଇନା ଓ ଆଜରବୈଜାନ ଦଳ ପଛରେ ରହିଛି। ଭାରତୀୟ ମହିଳା ଦଳରେ ଓଡ଼ିଶାର ପଦ୍ମିନୀ ରାଉତ ସ୍ଥାନ ପାଇଛନ୍ତି। ତାଙ୍କ ବ୍ୟତୀତ ଡି. ହାରିକା, ଟାନିଆ ସଚଦେବ ଓ ଇଶା କାରଭାଡେ ଦଳରେ ଅଛନ୍ତି। ସେହିଭଳି ପୁରୁଷ ଦଳରେ ଆନନ୍ଦ, ହରିକ୍ରିଷ୍ଣନ, ବିଦି ଗୁଜରାଥି, ବି. ଅଧିବାନ ଓ କ୍ରିଷ୍ଣନ ଶଶିକିରନ ରହିଛନ୍ତି।

## ■ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ୫୮ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍। ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ମୋଟ ୮୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୭ଟାରେ ପୁରୁଷ ୧୫୦୦ ମିଟର ରେସ୍ ପ୍ରିଲିମିନାରି ରାଉଣ୍ଡ ସହିତ ପ୍ରତିଯୋଗିତା ଆରମ୍ଭ ହେବ। ଏହାପରେ ପୂର୍ବାହ୍ନରେ ପୁରୁଷ ଡେକାଥଲନ ୧୦୦ ମିଟର ରେସ୍, ପୁରୁଷ ୧୦୦ ମିଟର ରେସ୍ ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ଡେକାଥଲନ ଲଙ୍ଗଜମ୍ପ, ମହିଳା ୧୦୦ ମିଟର ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ରାଉଣ୍ଡ-୧, ପୁରୁଷ ଡେକାଥଲନ ଶଟ୍‌ପୁଟ୍, ମହିଳା ୪୦୦ ମିଟର ରାଉଣ୍ଡ-୧ ଇଭେଣ୍ଟ ଆୟୋଜିତ ହେବ। ଅପରାହ୍ନରେ ପୁରୁଷ ୧୧୦ ମିଟର ହର୍ଡଲ୍ସ ରାଉଣ୍ଡ-୧ ଏବଂ ପୁରୁଷ ପୋଲଭଲ୍ଟ ଫାଇନାଲ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ମହିଳା ୧୦୦ ମିଟର ହର୍ଡଲ୍ସ ରାଉଣ୍ଡ-୧, ପୁରୁଷ ଡେକାଥଲନ ହାଇଜମ୍ପ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ୧୦୦ ମିଟର ସେମିଫାଇନାଲ, ମହିଳା ଜାଭେଲିନ୍ ଥ୍ରୋ ଫାଇନାଲ, ମହିଳା ଟ୍ରିପଲ ଜମ୍ପ ଫାଇନାଲ, ମହିଳା ୧୦୦ ମିଟର ସେମିଫାଇନାଲ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ସେମିଫାଇନାଲ ଇଭେଣ୍ଟ ଆୟୋଜିତ ହେବ। ରାତିରେ ହେବାକୁଥିବା ଇଭେଣ୍ଟଗୁଡ଼ିକ ହେଲା ପୁରୁଷ ୧୦,୦୦୦ ମିଟର ଫାଇନାଲ, ମହିଳା ୧୦,୦୦୦ ମିଟର ଫାଇନାଲ ଏବଂ ପୁରୁଷ ଡେକାଥଲନ ୪୦୦ ମିଟର ରେସ୍। ମହିଳା ଜାଭେଲିନ୍ ଥ୍ରୋ, ଟ୍ରିପଲ ଜମ୍ପ, ୧୦,୦୦୦ ମିଟର ରେସ୍, ପୁରୁଷ ପୋଲଭଲ୍ଟ ଓ ୧୦,୦୦୦ ମିଟର ରେସ୍‌ର ପଦକ ପ୍ରଦାନ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ।

ଏଏଫଆଇ ପକ୍ଷରୁ ପ୍ରକାଶିତ ଆଥଲେଟ୍ ତାଲିକା ଅନୁସାରେ ଓଡ଼ିଶାରୁ ମୋଟ ୧୭ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଏଥିରେ ଥିଲେ ହେଁ ସେ ଏସିଆନ ଗେମ୍ସରେ ଭାଗନେଇ କ୍ଲାନ୍ତ ଥିବାରୁ ଅଂଶଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୁରୁଷ ୪x୧୦୦ ମିଟର ରିଲେରେ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟତମ ତାରକା ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସରେ ଭାଗନେବେ। ତେଣୁ ଜଉନାଙ୍କ ବ୍ୟତୀତ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଅମୀୟ କୁମାରଙ୍କ ଉପରେ ନଜର ରହିବ।

### ଏଏଫଆଇ ତାଲିକା ଅନୁସାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପ୍ରତିଯୋଗୀ

ସମସାଦ ଆରା ବେଗମ: ୫୦୦୦ ମିଟର ରେସ୍
ଉର୍ଜା ଭୂୟାଁ: ମହିଳା ହାମର ଥ୍ରୋ
ପାର୍ବତୀ ସେଠୀ: ମହିଳା ଡିସକସ୍
ଦିବ୍ୟା ସାଣ୍ଡିଲ୍ୟ: ମହିଳା ହାମର ଥ୍ରୋ
ହରି ବେହେରା: ଡିସ୍‌କସ୍ ଥ୍ରୋ
ଅଶୋକ ଦଣ୍ଡସେନା: ୧୦,୦୦୦ ମିଟର ରେସ୍
ଚିନ୍ମୟ ରଞ୍ଜନ ଜେନା: ଜାଭେଲିନ୍ ଥ୍ରୋ
ପ୍ରସନ୍ନଜିତ କୌର: ୨୦୦ ମିଟର ରେସ୍
ମନୋଜ କୁମାର ମହାରଣା: ଡିସ୍‌କସ୍ ଥ୍ରୋ
ଅମିୟ କୁମାର ମଲିକ: ୧୦୦ ଓ ୨୦୦ ମିଟର ରେସ୍
ନିରଞ୍ଜନ ମହାନ୍ତି: ୧୦୦ ଓ ୨୦୦ ମିଟର ରେସ୍
ସୁକଦେବ ମହାନ୍ତି: ଡେକାଥଲନ
କୌଶଲ୍ୟା କୁମାର ନାୟକ: ୪୦୦ ମିଟର ହର୍ଡଲ୍ସ
ମଳୟ ରଞ୍ଜନ ପତି: ହାମର ଥ୍ରୋ
ଆଶିଷ କୁମାର ପାତ୍ର: ଲଙ୍ଗଜମ୍ପ
ଅଭିଜିତ ସାହୁ: ୧୦୦ ମିଟର ରେସ୍
ରଞ୍ଜନ କୁମାର ସାହୁ: ଶଟ୍‌ପୁଟ୍ ଥ୍ରୋ
(ବି.ଦ୍ର.-ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଇଭେଣ୍ଟରେ ଭାଗନେବେ। ପୁରୁଷ ୪x୧୦୦ ମିଟର ରିଲେରେ ମଧ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି)।

## ■ ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ଉଦ୍‌ଯାପିତ

# ନବରଙ୍ଗପୁର, ନୂଆପଡ଼ା ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ବାଳିକା ବିଭାଗ ଚାମ୍ପିୟନ ନବରଙ୍ଗପୁର ଦଳ ।

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜର୍ଜ ହାଇସ୍କୁଲରେ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ ସ୍କୁଲ କବାଡ଼ି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ବରଗଡ଼ ଜିଲା ଶିକ୍ଷା ବିଭାଗର ଆୟୋଜନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲର ବାଳିକା ବିଭାଗରେ ନବରଙ୍ଗପୁର ପ୍ରତିପକ୍ଷ ଭୁବନେଶ୍ୱରକୁ ୨୩-୧୨ ଏବଂ ବାଳକ ବିଭାଗରେ ନୂଆପଡ଼ା ପ୍ରତିପକ୍ଷ ଢେଙ୍କାନାଳକୁ ୪୭-୨୮ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

## ବିଶ୍ୱ ହେଭିୱେଟ୍ ବକ୍ସିଂ




ବ୍ରିଟେନ୍‌ର ଅନ୍ଥୋନୀ ଜୋଶୁଆ (ବାମ) ଓ ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କ ମଧ୍ୟରେ ଲଢ଼େଇ ।

# ଟାଇଟଲ ବଜାୟ ରଖିଲେ ଜୋଶୁଆ

ଲଣ୍ଡନ,୨୩।୯(ଏଏଫପି)

ବ୍ରିଟିଶ୍ ପେସାଦାର ବକ୍ସର ଅନ୍ଥୋନୀ ଜୋଶୁଆ ତାଙ୍କର ବିଶ୍ୱ ହେଭିୱେଟ୍ ଟାଇଟଲଗୁଡିକ ବଜାୟ ରଖିଛନ୍ତି। ସ୍ଥାନୀୟ ୱେମ୍ବଲେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ମୁକାବିଲାରେ ସେ ରୁଷିଆ ଅଭିଜ୍ଞ ତଥା ପେସାଦାର ବକ୍ସର ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିବା ସହ ପୂର୍ବସଫଳତାକୁ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହି ବିଜୟ ଫଳରେ ଆନ୍ଥୋନୀ ତାଙ୍କ ଆନ୍ତର୍ଜାତିକ ବକ୍ସିଂ ଫେଡେରେଶନ (ଆଇବିଏଫ୍), ବିଶ୍ୱ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ଓ ବିଶ୍ୱ ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିଏ) ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଡବ୍ଲ୍ୟୁବିଏ, ଆଇବିଏଫ୍ ଓ ଡବ୍ଲ୍ୟୁବିଓ ଚାମ୍ପିୟନ ଆନ୍ଥୋନୀ ୮୦ ହଜାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୭ ରାଉଣ୍ଡରେ ୨୮ ବର୍ଷୀୟ ଆନ୍ଥୋନୀ ମାତ୍ର ୧ ମିନିଟ ୫୯ ସେକେଣ୍ଡରେ ୩୯ ବର୍ଷୀୟ ପୋଭେଟକିନଙ୍କୁ ଧରାଶାୟୀ କରିଥିଲେ। ଏହି ଫାଇଟ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଦୀର୍ଘ ୧୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ପୋଭେଟକିନ୍‌ଙ୍କ ପାଇଁ ଏହା ପ୍ରଥମ ପରାଜୟ ସାବ୍ୟସ୍ତ ହୋଇଛି। ଏଥିସହ ଆନ୍ଥୋନୀ ୨୨ଟି ଫାଇଟ୍‌ରେ ଅବତୀର୍ଣ୍ଣ ହୋଇ କ୍ୟାରିୟରର ୨୨ତମ ପେସାଦାର ବିଜୟ ହାସଲ କରିଛନ୍ତି। ଏଥିରେ ୨୧ଟି ନକ୍‌ଆଉଟ ସାମିଲ ରହିଛି। ବିଜୟୀ ହୋଇଥିଲେ ମଧ ଆନ୍ଥୋନୀ ପୋଭେଟକିନଙ୍କ ପ୍ରଦର୍ଶନକୁ ବେଶ୍ ପ୍ରଶଂସା କରିଛନ୍ତି। ପୋଭେଟକିନ୍ ହେଉଛନ୍ତି ଜଣେ ଜବରଦସ୍ତ ଫାଇଟର। ସେ ମୁଣ୍ଡ ପାଇଁ ବେଶ୍ ଶକ୍ତିଶାଳୀ, କିନ୍ତୁ ବଡି ପାଇଁ ସାମାନ୍ୟ ଦୁର୍ବଳ ବୋଲି ସେ କହିଛନ୍ତି। ନିଜ ଲମ୍ବା ଉଚ୍ଚତାରୁ ଆନ୍ଥୋନୀ ଫାଇଦା ଉଠାଇଥିଲେ।

### ବିଜୟ ହଜାରେ ଟ୍ରଫି ବର୍ଷା ଯୋଗୁ ମ୍ୟାଚ୍ ବାତିଲ, ପଏଣ୍ଟ ଭାଗ

କଟକ ଅଫିସ,୨୩।୯

ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ୍-ବି'ର ଉତ୍ତରପ୍ରଦେଶ-ଓଡ଼ିଶା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ୨୬ଓଭର ଲେଖାଏ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଉତ୍ତରପ୍ରଦେଶ ୧୫ଓଭର ଖେଳି ୨ ଉଇକେଟ ବିନିମୟରେ ୯୫ରନ୍ କରିଥିବା ବେଳେ ପୁନର୍ବାର ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇ ପାରି ନ ଥିଲା। ଉତ୍ତରପ୍ରଦେଶ ପକ୍ଷରୁ ଉଇକେଟ କିପର ଉପେନ୍ଦ୍ର ଯାଦବ ସର୍ବାଧିକ ୪୨ରନ୍ କରିଥିଲେ। ଓପନର ଶିଭମ ଚୌଧୁରୀ ୩୦ରନ୍, ଅଧିନାୟକ ସୁରେଶ ରାଇନା ୧୪ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ ଗୋଟିଏ ଉଇକେଟ ଦଖଲ ନେଇଥିଲେ। ମ୍ୟାଚ୍ ବାତିଲ ଫଳରେ ଓଡ଼ିଶା ୨ ପଏଣ୍ଟ ହାସଲ କରିବା ସହ ଖାତା ଖୋଲିଛି। ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ଦୁଇ ପେସ୍ ବୋଲରଙ୍କୁ ପରିବର୍ତ୍ତନ କରାଯାଇଥିଲା। ଗତ ୨ଟି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ରହିଥିବା ନବାଗତ ରାଜେଶ ମହାନ୍ତି ଓ ପ୍ରୀତ କନୱର ସିଂ ଚୌହ୍ୱାନଙ୍କ ସ୍ଥାନରେ ଅଭିଜ୍ଞ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନଙ୍କୁ ନିଆଯାଇଥିଲା। ଆସନ୍ତା ୨୬ରେ ଓଡ଼ିଶା ଦିଲ୍ଲୀ ବିପକ୍ଷରେ ୪ର୍ଥ ମ୍ୟାଚ୍ ଖେଳିବ ।

# 'ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସରଣ କରାଯାଇଛି'

**କଟକ ଅଫିସ, ୨୩।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନ ନେଇ କଟକର ବିଭିନ୍ନ କ୍ଲବର କର୍ମକର୍ତ୍ତା, ସ୍କୁଲ, କଲେଜ ସଦସ୍ୟମାନେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେବା ପରେ ସେ ଏହାର ଜବାବ ରଖିଛନ୍ତି। ଶନିବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମ ସ୍ଥିତ ଓସିଏ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଡାକିବା ଅବସରରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରଦତ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକାରୀ କମିଟି ଅଧକ୍ଷ



ଆଶୀର୍ବାଦ ବେହେରା

ଧୀରେନ ପଲାଇଙ୍କୁ ପୂର୍ବରୁ ସବୁ ସମୟରେ ବିଭିନ୍ନ କାର୍ଯ୍ୟ କିପରି ଠିକ୍ ଢ଼ଙ୍ଗରେ ହେବ ସେ ନେଇ ପରାମର୍ଶ ଦେଇଛି। ଏବେ ମଧ ତାଙ୍କୁ ଭୁଲ ବାଟ ଦେଖାଉନାହିଁ। ଆଇନ ପରାମର୍ଶଦାତା ଦୟାନନ୍ଦ ମହାପାତ୍ରଙ୍କ ପରାମର୍ଶକ୍ରମେ ସମ୍ବିଧାନ ସଂଶୋଧନ ନେଇ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟର ଗାଇଡ୍‌ଲାଇନରେ ଯେଉଁ ସମସ୍ତ ନିର୍ଦ୍ଦେଶ ରହିଛି ତାହାକୁ କେବଳ ପାଳନ କରାଯାଇଛି। ଯଦି ଏହା ପାଳନ କରାଯାଇ ନ ଥାନ୍ତା ତେବେ ଅଦାଲତ ଅବମାନନା ମାମଲାରେ ଓସିଏ ଫସିଥାନ୍ତା ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିନା ସାଧାରଣ ପରିଷଦ ବୈଠକରେ ସମ୍ବିଧାନ ସଂଶୋଧନ କରାଯିବା ପ୍ରଶ୍ନର ଉତ୍ତର ଦେଇ ଆଶୀର୍ବାଦ କହିଥିଲେ, ସାଧାରଣ ପରିଷଦ ବୈଠକ ଡକାଯାଇଥିଲେ ହୁଏତ ଏଭଳି ବିରୋଧର ସ୍ୱର ଉଠି ନ ଥାନ୍ତା। ଯଦି ଅବା ବୈଠକ ଡକାଯାଇଥାନ୍ତା ତେବେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଲବ, ସ୍କୁଲ, କଲେଜକୁ ସଦସ୍ୟତା ମିଳି ପାରି ନ ଥାନ୍ତା। ଯେଉଁ କେତେକ ରାଜ୍ୟ ଆସୋସିଏଶନ କ୍ଲବର ନାମ ସେମାନଙ୍କ ସମ୍ବିଧାନ ସଂଶୋଧନ ରିପୋର୍ଟରେ ପଠାଇଛନ୍ତି ସେମାନେ ଏହାର ଫଳାଫଳ ମଧ ଖୁବଶୀଘ୍ର ଦେଖିବାକୁ ପାଇବେ ବୋଲି ଆଶୀର୍ବାଦ କହିଥିଲେ। ଏହାଛଡ଼ା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଯିବା ନେଇ କାର୍ଯ୍ୟକାରୀ କମିଟି ପକ୍ଷରୁ ବିସିସିଆଇକୁ ବାରମ୍ବାର ଚିଠି ଲେଖା ଯାଇଥିଲେ ସୁଦ୍ଧା

#### ଜବାବ ରଖିଲେ ଆଶୀର୍ବାଦ

କୌଣସି ଉତ୍ତର ମିଳି ନ ଥିଲା। ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ, ପୂର୍ବତଟ ରେଳୱେକୁ ସଦସ୍ୟତା ଦିଆଯିବା ପ୍ରଶ୍ନରେ ଆଶୀର୍ବାଦ ଏହାର ସ୍ପଷ୍ଟୀକରଣ ରଖିଛନ୍ତି। ଏହି ୩ଟି ଦଳ ଓସିଏ ଆନୁକୂଲ୍ୟରେ ହେଉଥିବା ଘରୋଇ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ଗତ କିଛି ବର୍ଷ ହେବ ଦଳ ପଠାଇବା ସହ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଆସୁଛନ୍ତି। ଏଣୁ ସମ୍ବିଧାନ ସଂଶୋଧନ ନେଇ ହୋଇଥିବା ଗାଇଡ୍‌ଲାଇନ୍‌ରେ ଏହା ଆସୁଛି ବୋଲି ଆଶୀର୍ବାଦ କହିଥିଲେ। ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନକୁ ବିରୋଧ କରୁଥିବା କ୍ରୀଡ଼ା ସଙ୍ଗଠକମାନେ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି।

# ପଦକ ବିଜେତାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଆଇଓଏ ଅପଦସ୍ଥ

ନୂଆଦିଲ୍ଲୀ, ୨୩।୯ (ପି.ଟି.)

ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଆୟୋଜିତ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଅପଦସ୍ଥ ହେବାକୁ ପଡ଼ିଛି। ପଦକ ବିଜେତାଙ୍କୁ ଦିଆଯିବାକୁଥିବା ଚେକ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ଜଣଙ୍କ ନାମ ତାଲିକାରେ ନ ଥିଲା। କମ୍ପାଉଣ୍ଡ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନମ ଏବଂ ଅଭିଷେକ ବର୍ମାଙ୍କ ସମେତ ୧୫ ପଦକ ବିଜେତାଙ୍କୁ କେବଳ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। କାରଣ ଚେକ୍‌ରେ ସେମାନଙ୍କ ନାମ ଠିକ୍‌ରୂପେ ଲେଖା ହୋଇ ନ ଥିଲା। ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ବିଜେତାଙ୍କୁ ଯଥାକ୍ରମେ ୩ ଲକ୍ଷ, ୨ଲକ୍ଷ ଓ ୧ଲକ୍ଷ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟକ୍ତିଗତ ପଦକ ବିଜେତାଙ୍କ ଲାଗି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଏବଂ ୨ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା। ତ୍ରୁଟି ଲାଗି ଆଇଓଏ ସଭାପତି ନରିନ୍ଦର ବାତ୍ରାଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିଥିଲା। ୧୪ରୁ ୧୫ଜଣ ଖେଳାଳିଙ୍କ ନାମ ଭୁଲ୍‌ରେ ଛପା ଯାଇଛି। ଆମେ ସେମାନଙ୍କୁ କେବଳ ଫୁଲତୋଡ଼ା ଦେଇ ସମ୍ମାନିତ କରିବୁ। ପୁରସ୍କାର ରାଶି ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ଉତ୍ସବ ଆରମ୍ଭରେ ବାତ୍ରା ସ୍ପଷ୍ଟ କରିଦେଇଥିଲେ। ଉତ୍ସବରେ ଆଉ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆୟୋଜକଗଣ ବ୍ରୋଞ୍ଜ ପଦକ ବିଜେତା କୁସ୍ତି ଯୋଦ୍ଧା ଦିବ୍ୟା କାକରନଙ୍କ ନାମ ଉଲ୍ଲେଖ କରିବାକୁ ଭୁଲିଯାଇଥିଲେ।



ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଆୟୋଜିତ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ।

ସୂଚନାଯୋଗ୍ୟ, ଉତ୍ସବ ଶେଷରେ କାକରାନଙ୍କ ପିତାମାତା ବାତ୍ରାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏ କଥା ଜଣାପଡ଼ିଥିଲା। କାକରାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିବା ଲାଗି ଆଇଓଏ ସଭାପତି ସେତେବେଳେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଖୋଜିଲେ ମାତ୍ର ସେ ଉତ୍ସବ ସ୍ଥଳରୁ ପ୍ରସ୍ଥାନ କରି ସାରିଥିଲେ। କାକରାନଙ୍କ ମା'ଙ୍କୁ ଆଇଓଏ ତରଫରୁ ସଫେଇ ଦିଆଯାଇଥିଲା। ତାଙ୍କୁ କୁହାଯାଇଥିଲା ଆମେ ତୁମ ଝିଅଙ୍କ ନାମ ଦେଇଥିଲୁ। ମାତ୍ର ତାଲିକାରେ କାହିଁକି ସ୍ଥାନ ପାଇ ନାହିଁ ତାହା ଜାଣିହେଉ ନାହିଁ। ଆଇଓଏ ସେକ୍ରେଟାରୀ ଜେନେରାଲ ରାଜୀବ ମେହେଟ୍ଟା କହିଛନ୍ତି, ପ୍ରାୟୋଜକଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରୁ ପ୍ରଥମ ଥର ଖେଳାଳିମାନଙ୍କ ଲାଗି ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଭବିଷ୍ୟତରେ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବା ଏସିଆନ ଗେମ୍ସ ବିଜେତାଙ୍କୁ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରାଯିବ। ସମ୍ବର୍ଦ୍ଧନା ଉତ୍ସବରେ ସ୍ୱର୍ଣ୍ଣ ବିଜେତାଙ୍କ ସମେତ ବହୁ ଖେଳାଳି ଅନୁପସ୍ଥିତ ଥିଲେ। ସେମାନେ ହେଲେ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଏବଂ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରଣ, କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ, ବ୍ୟାଡ୍‌ମିଣ୍ଟନ ପଦକ ବିଜୟୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ Sambalpur, Monday, September 24/ 2018


# କଳିଙ୍ଗନଗରରେ ପ୍ରଥମ ନୂଆଁଖାଇ ଭେଟ୍‌ଘାଟ:ମନମୋହିଲା ସମ୍ବଲପୁରୀ ନୃତ୍ୟ, ଗୀତ

**ଯାଜପୁର ଅଫିସ,୨୩।୯**

ରଙ୍ଗବତୀ, ଡାଲଖାଇ, ରସରକେଲି ଆଦି ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଯାଜପୁର ଜିଲା କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ମାରୱାଡି ଧର୍ମଶାଳା ରବିବାର ଚଞ୍ଚଳ ହୋଇଉଠିଥିଲା । ବ୍ୟାସନଗର ପଶ୍ଚିମ ଓଡିଶା ପରିବାର ପକ୍ଷରୁ ରବିବାର ପ୍ରଥମ କରି ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାରେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ୩୦୦ଜଣ ଉପସ୍ଥିତ ଥିଲେ। ବାଙ୍କ ବିହାରୀ ମିଶ୍ର, ସୁବୋଧ ପଣ୍ଡା ଓ ଶ୍ୱେତଲୀନା ମହାପାତ୍ରଙ୍କ ସଂଯୋଜନାରେ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ନୂଆଁଖାଇ ଭୋଗ ଅର୍ପଣ ହୋଇଥିଲା। ଏହାପରେ ଉପସ୍ଥିତ ସମସ୍ତେ ନୂଆଖାଇ ପ୍ରସାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ପରିବେଷିତ ସୁବଳ ପ୍ରଧାନଙ୍କ କଣ୍ଠସ୍ୱରରେ ସମଲେଇ ଭଜନ ସମସ୍ତଙ୍କ ହୃଦୟ କିଣି ନେଇଥିଲା। ଏହାପରେ ସଂସ୍କୃତି ପଣ୍ଡାଙ୍କ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ଝାରସୁଗୁଡାର ରାଇଁଝାଇଁ ସାଂସ୍କୃତିକ ଦଳର ଟୁକୁନା ମିଶ୍ର, ବାରଲି ତାଣ୍ଡି, ମନନ ପ୍ରଧାନଙ୍କ ନୃତ୍ୟ ଓ ସଂଗୀତ ପରିବେଷଣ ସମସ୍ତଙ୍କୁ ବେଶ୍ ଆମୋଦିତ କରିଥିଲା। କଳାକାରମାନଙ୍କ ଛାନ୍ଦାୟିତ ନୃତ୍ୟରେ ଦର୍ଶକ ବିଭୋର ହୋଇଯାଇଥିଲେ । ପଶ୍ଚିମ ଓଡିଶା ପରିବାରର ସଭାପତି ନୀଳକଣ୍ଠ ପ୍ରଧାନ, ଉପସଭାପତି ନରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରୀତିଶ ଗରଟିଆ, ସତ୍ୟବ୍ରତ ଭୋଇ, ପୂର୍ଣ୍ଣେନ୍ଦୁ ଶୁକ୍ଲା, ବରିଣ ବନଛୋର, ଟଙ୍କଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ରାଧାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚରେ ଉପସ୍ଥିତ ପଶ୍ଚିମ ଓଡିଶା ପରିବାରର ସଦସ୍ୟମାନେ।





**ପରିବର୍ଦ୍ଧିତ ସେଫ୍‌ଟୀ**
→ ଡୁଆଲ୍ ଫ୍ରଣ୍ଟ ଏଆର୍‌ବ୍ୟାଗ୍‌ସ → ABS ସାଙ୍ଗକୁ EBD ଆଉ CSC
→ ରିଅର୍ ପାର୍କିଙ୍ଗ ଆସିଷ୍ଟ ଓ ଅଧିକ

**ENERGY ଅଧିକ କରିବା ପାଇଁ**
→ ଆର୍ମର୍ଡ ଫ୍ରଣ୍ଟ ଏଣ୍ଡ ଡ଼ିଜାଇନ୍ → ଟଫ୍ ସାଇଡ୍ ପ୍ରୋଫାଇଲ୍ ସାଙ୍ଗକୁ 180 mm ଗ୍ରାଉଣ୍ଡ କ୍ଲିଅରାନ୍‌ସ
→ ମସ୍‌କୁଲାର୍ ରିଅର୍ ସାଙ୍ଗକୁ ରଗଡ୍ କ୍ଲାଡିଙ୍ଗ ଆଉ ସ୍କିଡ୍ ପ୍ଲେଟ୍

**ଆବ୍‌ସଲ୍ୟୁଟ୍ ଇନ୍ଫୋଟେନ୍‌ମେଣ୍ଟ**
→ 5" ଟଚ୍‌ସ୍କ୍ରିନ୍ ହର୍ମାନ ଦ୍ୱାରା
→ 3D–ନାଭିଗେସନ୍ → ୪ ସ୍ପୀକର୍ ସରାଉଣ୍ଡ ସାଉଣ୍ଡ ସୀଷ୍ଟମ୍

Authorised Tata Motors Dealers:

EXCHANGE THROUGH TATA MOTORS ASSURED

**BALANGIR:** Laxmi Sales & Service- 8884498972

**BARGARH:** Laxmi Sales & Service 8884498972

**BHAWANIPATNA:** Laxmi Sales & Service 8448994722

**BOUDH:** Monalisha Motors 8884498968

**JHARSUGUDA:** Maa Samaleshwari Automobiles- 7574891501

**SAMBALPUR:** Maa Samleswari Auto- 7574891501

**SONEPUR:** Maa Samaleshwari Automobiles-7574891501

**ROURKELA:** Balaram Motors 8884498974

**SUNDARGARH:** Balaram Motors 8884498974

Images and illustrations are indicative and for information purpose only. All features/specifications are not available in all variants and may vary for different variants. Accessories may or may not be a part of standard fitment. *Price is Ex-Showroom Bhubaneswar.




Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର: ବରଗଡ଼:** ଆକାଶ ହୀରୋ – 7799766396. **ଭବାନୀପାଟନା :** ଅରୁନ୍ଧତୀ ହୀରୋ – 7799766385. **ବଲାଙ୍ଗିର:** ଅରୁନ୍ଧତୀ ହୀରୋ – 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହୀରୋ – 7799766368. **ରାଉରକେଲା:** ଦୁଆ ହୀରୋ – 7799766391. **ସମ୍ବଲପୁର:** ଶ୍ରୀ ଶ୍ୟାମ ହୀରୋ – 7799766356. **ସୋନପୁର:** ଜୟ ଜୱାନ ହୀରୋ – 7799766419. **ସୁନ୍ଦରଗଡ଼:** ରୋବୋଟେକ୍ ହୀରୋ – 8448183659. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା:** ଚୌଧୁରି ହୀରୋ – (06642) 229045, 9437247739. **ବରପାଲି:** ଦୁର୍ଗା ମୋଟର୍ସ– 256278. **ବେଲପାହାଡ଼:** ବର୍ଷା ମୋଟର୍ସ – 250417. **ବୌଧ:** ବନ୍ସଲ ଅଟୋ – 22948. **ବ୍ରଜରାଜନଗର:** ବୀନା ମୋଟର୍ସ – 240695. **ଦେବଗଡ଼ :** ଜିନ୍ଦାଲ ମୋଟର୍ସ – 9437056659. **ଝାରସୁଗୁଡ଼ା:** ବିଦ୍ୟା ଅଟୋମୋବାଇଲ୍ସ – 272465. **କୁନାଗଡ଼:** ଶ୍ରୀ ବିମଳା ମୋଟର୍ସ – 243679. **କାନ୍ତାବାନଜି:** ଆଶୀର୍ବାଦ ମୋଟର୍ସ – (06657) 220033. **ନୂଆପଡ଼ା:** ମାରୁତି ଅଟୋ – 9237099660, 9937928818. **ପଦ୍ମପୁର:** ଦେବେଶ ମୋଟର୍ସ – 223880. **ରାଜଖଡ଼ିଆଳ:** ଜଗଦମ୍ବା ଅଟୋ କମ୍ପାଇନ – 9937302262. **ରାଜଗାଙ୍ଗପୁର:** କେଡିଆ ଆଣ୍ଡ କେଡିଆ – 220181. **ସୁନ୍ଦରଗଡ଼:** ଯମୁନା ମୋଟର୍ସ – 275341. **ଟିଟିଲାଗଡ଼:** ସ୍ନେହା ମୋଟର୍ସ – 221073. **ଡିଲରର ଅନୁମୋଦିତ ପ୍ରତିନିଧି:** ବଙ୍ଗମୁଣ୍ଡା – ବାବା ଅଟୋମୋବାଇଲ୍ସ – 9937626216. **ଉଦୟନବର:** ବିଷ୍ଣୁ ଅଟୋମୋବାଇଲ୍ସ – 7894767744. **ପାଟଣାଗଡ଼:** ଚନ୍ଦନ ଅଟୋମୋବାଇଲ୍ସ – 9708962543. **ସାଲେଭାଟା:** ମା ମଙ୍ଗଳା ମୋଟର୍ସ – 9556924110. **ତୁସୁରା:** ନୀତା ଅଟୋମୋବାଇଲ୍ସ – 7606001133. **ଲାଠୋର:** ରାଧାରାଣୀ ମୋଟର୍ସ– 8457978797. **ଆଗଲପୁର:** ଏସ.କେ. ମୋଟର୍ସ – 9776886751. **ସଇଁତଳା:** ବିନଧେଶ୍ୱରୀ ମୋଟର୍ସ – 9178138893. **ଦୁଙ୍ଗୁରିପାଲି:** ସମଲେଶ୍ୱରୀ ମୋଟର୍ସ – 9437158433. **ରାମପୁର:** କାହ୍ନା ମୋଟର୍ସ – 9437319101. **ଝିଙ୍କା:** ଦୀପକ ମୋଟର୍ସ – 9583354141. **ବୀରମହାରାଜପୁର:** ସ୍ୱସ୍ତି ମୋଟର୍ସ – 7605928594. **ବାଉଁସୁନି:** ଜୟ ଜଗନ୍ନାଥ ମୋଟର୍ସ – 8249258726. **ପୁରୁଣାକଟକ:** ଅର୍ମାନ ମୋଟର୍ସ – 7008416244. **ତରଭା:** ସିଂଘଲ ମୋଟର୍ସ – 9937220523. **ନରଲା:** ଶ୍ରୀ ଗଣେଶ ମୋଟର୍ସ – 8249378978, **ଏମ ରାମପୁର:** ସଙ୍ଗମ ମୋଟର୍ସ – 7077788809. **କେସିଙ୍ଗା:** ଶ୍ରୀ ଶ୍ୟାମ ମୋଟର୍ସ – 9437992920. **ଜୟପାଟଣା:** ରୟାଲ ମୋଟର୍ସ – 801821819. **ଛାତବହାଲ:** ଇଣ୍ଡିଆନ ମୋଟର୍ସ – 9938607678, **ଧର୍ମଗଡ଼:** ଶ୍ରୀ ଗାୟତ୍ରୀ ମୋଟର୍ସ – 8328869765. **ସିନାପାଲି:** ବଜରଙ୍ଗବଲୀ ମୋଟର୍ସ – 8018926518. **ରେଙ୍ଗାଲି:** ରେଙ୍ଗାଲି ମୋଟର୍ସ – 9437881075. **କେଶଇବାହାଲ:** ଶ୍ରୀ ଅଟୋମୋବାଇଲ୍ସ – 9438258055. **କଣ୍ଟାମାଳ:** ମହାଲକ୍ଷ୍ମୀ ମୋଟର୍ସ – 9437243262.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପିତାଙ୍କ ସବୁଠାରୁ ବଡ କର୍ତ୍ତବ୍ୟ ହେଉଛି ଯେ ପୁତ୍ରକୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା।

- ଚାଣକ୍ୟ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବରଗଡ଼ ଅଫିସ୍,୨୩।୯:** ବରଗଡ଼ ସଦର ଥାନା ଅନ୍ତର୍ଗତ ବନବାସପାଲିରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ଭାତବିଡ଼ା ଗ୍ରାମର କୁମର ରଣା(୩୩) । ଏକ ଖୁଣ୍ଟ ଉପରକୁ ଚଢ଼ି ତାର ମରାମତି କରୁଥିବାବେଳେ କେହି ବିଦ୍ୟୁତ ସଂଯୋଗ କରି ଦେଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ଏଡି ଘଟଣାକୁ ନେଇ ବନବାସପାଲି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।

### ଜାମଟିକ୍ରାରେ ଗଣେଶ ଭସାଣି ଉତ୍ସବ

**ଜାମଟିକ୍ରା, ୨୩।୯ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗଣେଶ ନଗର ଆନ୍ଧ୍ରପଡାରେ ଶନିବାର ଗଣେଶ ଭଷାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଡିଜେ ସାଉଣ୍ଡର ତାଳେ ତାଳେ ଆନ୍ଧ୍ର ସମ୍ପ୍ରଦାୟର ପୁରୁଷମାନେ ନୃତ୍ୟ କରି ଏକ ବିରାଟ ଶୋଭାଯାତ୍ରାରେ ଭଗବାନ ଗଣେଶଙ୍କ ମୂର୍ତ୍ତି ନିକଟସ୍ଥ ରେଙ୍ଗାଲି କ୍ୟାମ୍ପ ବଡ କେନାଲରେ ବିସର୍ଜନ କରିଥିଲେ । ଦୀର୍ଘ ୯ଦିନ ପୂଜାର୍ଚ୍ଚନା ପରେ ବିସର୍ଜନ କରାଯାଇଥିଲା। ରବିବାର ସମସ୍ତେ ଏକାଠି ବସି ଅନ୍ନପ୍ରସାଦ ସେବନ କରିବେ। ରାଜୁ, ରାମଡୁ, କାଶୀ, ଏଙ୍କେନା ଭସାଣି ଉତ୍ସବ ପରିଚାଳନା କରିଥିଲେ ।

### ୨୯ରେ ବିଜେଡିର ନୂଆଁଖାଇ ଭେଟଘାଟ

**ଅତାବିରା, ୨୩।୯ (ଡି.ଏନ.ଏ):** ନୂଆଁଖାଇ ଭେଟଘାଟ ପାଇଁ ବିଜୁ ଜନତା ଦଳ କର୍ମୀଙ୍କ ଏକ ପ୍ରସ୍ତୁତି ବୈଠକ ସହରାଟିକ୍ରାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଦୁର୍ଗାପ୍ରସାଦ ଛୁରିଆ ଉପସ୍ଥିତ ଥିଲେ। ଆସନ୍ତା ୨୯ ତାରିଖରେ ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ପତ୍ରାପାଲି ହାଇସ୍କୁଲ ଖେଳ ପଡିଆରେ ନୂଆଁଖାଇ ଭେଟଘାଟ କରିବା ପାଇଁ ଦିନଧାର୍ଯ୍ୟ ହୋଇଛି । ଉଭୟ ଅତାବିରା ଓ ଭେଡେନ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଯୋଗଦେବା ପାଇଁ ପ୍ରତି ପଞ୍ଚାୟତ ବିଜେଡି ସଭାପତି, ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରସ୍ତୁତି ବୈଠକରେ ଅରବିନ୍ଦ ହୋତା, ଭେଡେନ ବ୍ଲକ ଅଧକ୍ଷ ଡୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଶେଷରେ ପ୍ରମୋଦ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜେଡିର ନୂଆଁଖାଇ ଭେଟଘାଟ

**ପଦ୍ମପୁର, ୨୩।୯ (ଡି.ଏନ.ଏ):** ପଦ୍ମପୁର କେର୍ମେଲାବାହାଲ ଗ୍ରାମରେ ବିଜୁ ଜନତା ଦଳ ତରଫରୁ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧକ୍ଷତାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲେଟ, ବିଜେପୁର, ସୋହେଲା ଅଞ୍ଚଳରୁ କର୍ମୀମାନେ ଯୋଗଦେଇ ଜୁହାର ଭେଟ ହୋଇଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଶକ୍ତି, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ବରିଷ୍ଠ ନେତା ପ୍ରିତମ କୁମାର ମେହେର, ପଦ୍ମପୁର ଏନଏସି ଅଧକ୍ଷ ସିଦ୍ଧାର୍ଥ ସିଂ ବରିହା, ପରମାନନ୍ଦ ସାହା, ବିଷ୍ଣୁ ପ୍ରସାଦ ବାଜପେୟୀ ପ୍ରମୁଖ ଯୋଗ ଦେଇଥିଲେ ।

### ଜାମଟିକ୍ରାରେ ଖୁଦୁରୁକୁଣୀ ଓଷା

ଜାମଟିକ୍ରା, ୨୩।୯ (ଡି.ଏନ.ଏ): ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ରବିବାର ଖୁଦୁରୁକୁଣୀ ଓଷା ପାରମ୍ପରିକ ରୀତିନୀତି ଅନୁସାରେ ପାଳନ କରାଯାଇଛି । ଭାଦ୍ରବ ମାସର ୪ଟି ରବିବାର ଗାଁର କୁଆଁରୀ ଝିଅମାନେ ନିଜର ମାନସିକ ପୂରଣ ଓ ପରିବାରର ସୁଖଶାନ୍ତି ପାଇଁ ମାଁ ଖୁଦୁରୁକୁଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଗୋଟିଏ ମାସ ପର୍ଯ୍ୟନ୍ତ ଗାଁରେ ଭକ୍ତିମୟ ପରିବେଶ ଦେଖାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଓଷାରେ ମାମି, ମୁନି, ରୋଜି, ଧରିତ୍ରୀ, ସାବି, ସୀମା ଅଂଶଗ୍ରହଣ କରିଥିଲେ ।




ବରଗଡ଼ ଜର୍ଜ ହାଇସ୍କୁଲରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

# କବାଡ଼ି ପ୍ରତିଯୋଗିତାରେ ସାଂସ୍କୃତିକ ସନ୍ଧ୍ୟା

**ବରଗଡ଼ ଅଫିସ୍,୨୩।୯**

ବରଗଡ଼ ଜର୍ଜ ହାଇସ୍କୁଲରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅବସରରେ ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବରଗଡ଼ ଜିଲା ଶିକ୍ଷାବିଭାଗ ଆୟୋଜନରେ ଅନୁଷ୍ଠିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଉଦ୍‌ଘାଟନ କରିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ତପିରାମ ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, କଳାକାର ହୃଷିକେଶ ଭୋଇ, ନନ୍ଦିଘୋଷ ମହାପାତ୍ର, ନବ ମହତ୍ତମ, ଚୈତନ୍ୟ ପାଇକ, ଶଙ୍କର ପଟ୍ଟନାୟକ, ପୌର ଉପାଧ୍ୟକ୍ଷ କଳ୍ପନା ବିଶି, ଅତାବିରା ବିଇଓ ରାଜାରାମ ମେହେର, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ, ପାଇକମାଲ ବିଇଓ ଚୂଡ଼ାମଣି ଭୋଇ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୃତା ସାହୁ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ହୃଷିକେଶ ଭୋଇ ଏବଂ ମହାମନ୍ତ୍ରୀ ଅଭିନେତା ନନ୍ଦିଘୋଷ ମହାପାତ୍ରଙ୍କୁ ଶିକ୍ଷାବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଶିକ୍ଷକ ଗୋବିନ୍ଦ ସେଠ, ବରପାଲି ବିଇଓ ରାଜେନ୍ଦ୍ର ମିଶ୍ର, ଯଶବୀର ସିଂଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦେବସ୍ମିତା ପାଣିଗ୍ରାହୀଙ୍କ ଓଡ଼ିଶୀ ନୃତ୍ୟରୁ ଏହାର ଶୁଭାରମ୍ଭ ହୋଇଥିଲା । କଣ୍ଠଶିଳ୍ପୀ ଉମେଶ ପ୍ରସାଦ ଦାଶଙ୍କ ଭଜନ ପରିବେଷଣ ପରେ ଏଇଏମ ସ୍କୁଲର ଛାତ୍ରୀଛାତ୍ର ଗ୍ରୁପଡ୍ୟାନ୍ସ ପରିବେଷଣ କରିଥିଲେ । ସେହିପରି ବରଗଡ଼ର ରିଭର୍ ଷ୍ଟୋନ, ରୋଟାରୀ ପବ୍ଲିକ ସ୍କୁଲ, ଖଜୁରଟିକ୍ରା ପ୍ରାଥମିକ ସ୍କୁଲ, ନିଶାମଣି ହାଇସ୍କୁଲ, ରାଣାପ୍ରତାପ ହାଇସ୍କୁଲ, ରେନବୋ ପବ୍ଲିକ ସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ବିକାଶ ରେସିଡେନ୍ସିଆଲ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜର୍ଜ ହାଇସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଗୋବିନ୍ଦ ସେଠ, ଅପର୍ଣ୍ଣା ସାମନ୍ତ, ରାଜେନ୍ଦ୍ର ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ । ଭାର୍ଗବ ନାଏକ, ସଦାନନ୍ଦ ଜାଲ, ବିବେକାନନ୍ଦ ଅଦାବର, ପଦ୍ମଜା ପତି, ରୋଜାଲିନ ମିଶ୍ର, ଭାବନା ସାହୁ, ସାଧନା ସାହୁ, ତେଜରୁ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଚନ୍ଦନ ବୃକ୍ଷଚାରା ଅର୍ପଣ କଲେ ଦମ୍ପତି

**ବରଗଡ଼ ଅଫିସ୍,୨୩।୯**

ବରଗଡ଼ ଜିଲା ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଗଙ୍ଗାଶ୍ରାଦ୍ଧ ଅବସରରେ ରବିବାର ସ୍ଥାନୀୟ ମିଳନ ମଣ୍ଡପରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଶିକ୍ଷାବିତ୍ ଅଗ୍ନି ପ୍ରଧାନ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ନାରଦ ନୈଷ୍ଟିକ, ଗୋପାଳ ଅଗ୍ରୱାଲ, ଡା. ସରୋଜ କୁମାର ଯୋଶୀ, ଚାଷୀନେତା ଲିଙ୍ଗରାଜ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ରାଜ୍ୟ ଭାଜପା ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ସ୍ମୃତିସଭାରେ ମଞ୍ଚାସୀନ ଥିଲେ । ବରଗଡ଼ ସାମ୍ବାଦିକ ସଂଘର ଯୁଗ୍ମ ସମ୍ପାଦକ ରମଣୀ ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପାଇକମାଳର ପ୍ରକୃତିବନ୍ଧୁ ବଡ଼ ଶତପଥୀ ସସ୍ତ୍ରୀକ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ବାପା ଟଙ୍କଧରଙ୍କୁ ନୃସିଂହନାଥର ଭୋଗ, ଚନ୍ଦନ ଓ ବୃକ୍ଷଚାରା ପ୍ରଦାନ କରିଥିଲେ । ଏହି ଅବସରରେ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପ୍ରସ୍ତୁତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ଉପସଭାପତି ଉମେଶ ବିଶ୍ୱାଳ, ସମ୍ପାଦକ ରବି ପଣ୍ଡା, ବରିଷ୍ଠ ସଭ୍ୟ ଅଶ୍ୱିନୀ ଦର୍ଜୀ, ଦୀପକ ଶର୍ମା, ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୧୮୨ଜଣଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ

**ବରଗଡ଼ ଅଫିସ୍,୨୩।୯**

ବରଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ହିତାଧିକାରୀଙ୍କୁ ସ୍ୱତନ୍ତ୍ର ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏହି ଅବସରରେ ଶନିବାର ବରଗଡ଼ ପଞ୍ଚାୟତ ସମିତି ଅଫିସ୍‌ରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୮୨ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ ଏବଂ ଯୁବନେତା ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ଆଚାର୍ଯ୍ୟ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିବା ସହିତ ଯେଉଁଭଳି ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ଅନନ୍ତ ପୂଜା ଆରମ୍ଭ



ବସେକେଲା ଅନନ୍ତ ପୂଜାରେ ଉପସ୍ଥିତ ଯୁବକମାନେ ।

**ଭେଡ଼େନ/ଅତାବିରା/ଭଟଲି,୨୩।୯ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବସେକେଲାଠାରେ ଅନନ୍ତ ବ୍ରତ ରବିବାର ଆରମ୍ଭ ହୋଇଛି। ଏଥିରେ ପ୍ରକାଶ ଭୁଏ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ବିମଳେଶ୍ୱର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ତାମିମୁଡ଼ା ଏବଂ ଇଛାପାଲିର ସଂକୀର୍ତ୍ତନ ପରିବେଷିତ ହୋଇଥିଲା । ପୂଜା କମିଟି ସଭାପତି ସିଦ୍ଧେଶ୍ୱର ପାଣିଗ୍ରାହୀ, ସମ୍ପାଦକ ଭଗବାନ ସେଠ ଏବଂ କୋଷାଧକ୍ଷ ପ୍ରତାପ ଭୁଏଙ୍କ ନେତୃତ୍ୱରେ ମନ୍ଦିରପଡ଼ାର ଯୁବକମାନେ ଏହି ପୂଜା ଆୟୋଜନ କରିଛନ୍ତି ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ସିଂହପାଲି ଠେଲାପଡାଠାରେ ରବିବାର ଅନନ୍ତବ୍ରତ ପୂଜା ଉଦଘାଟିତ ହୋଇଯାଇଛି । ଭୋର୍ ସମୟରେ ପଡାର ଶତାଧିକ ଯୁବତୀ, ମହିଳା ଗାଁ ମୁଣ୍ଡ ପୋଖରୀ ପର୍ଯ୍ୟନ୍ତ କଳସ ଯାତ୍ରାରେ ଭାଗ ନେଇଥିଲେ । ଡିଙ୍ଗିର ମେହେର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନନ୍ତ କ୍ଲବ ତରଫରୁ ପ୍ରତିବର୍ଷ ଅନନ୍ତ ବ୍ରତ ଅନୁଷ୍ଠିତ ହୋଇଆସୁଛି। ଗ୍ରାମର ତ୍ରିଲୋଚନ ମେହେର, ସତ୍ୟନାରାୟଣ ମେହେର, ସୁଶାନ୍ତ ମେହେର, ସଚ୍ଚିଦାନନ୍ଦ ମେହେର ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ତିନି ଦିନ ଧରି ଏହି ପୂଜା ଧୁମଧାମରେ ଅନୁଷ୍ଠିତ ହେବ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୁରାସୁର ବଧ ଅନୁଷ୍ଠିତ ହେବ । ମହାରାଜ ଭୂମିକାରେ ହୃଷିକେଶ ଭୋଇ ଅଭିନୟ କରିଛନ୍ତି ।

ଭଟଲି,(ଡି.ଏନ୍.ଏ.): ଭଟଲି ଦଧିବାମନ ମନ୍ଦିରରେ ରବିବାର ଅନ୍ତମୁଖି ପୂଜା ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା ପରେ ଦଧିବାମନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବ୍ରାହ୍ମଣ ବରଣ କରାଯାଇଥିଲା । ରୋହିତ ରଥ, ବିଷ୍ଣୁ କୁମାର ରଥ, ରାଜା ଦାଶ, ସୁବ୍ରତ ଷଡଙ୍ଗୀ, ବାଙ୍କ ବିହାରି ମିଶ୍ର, ନାରାୟଣ ଦାଶ, ସୁଦାମ ଶତପଥୀ ପ୍ରମୁଖ ଉପସ୍ଥିତ ରହି ୧୨ସ୍କନ୍ଧ ଗୀତା ପାଠ କରିଥିଲେ । ପରେ ଗ୍ରାମ ପରିକ୍ରମା ପୂର୍ବକ ଅନନ୍ତ ପୂଜା କରାଯାଇଥିଲା ।

### ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକ

**ବରଗଡ଼ ଅଫିସ୍,୨୩।୯**

ବରଗଡ଼ ଜିଲା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘର ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବରିଷ୍ଠ ସଭ୍ୟ କୁଞ୍ଜ ବିହାରୀ ଭୋଇ ଅଧ୍ୟକ୍ଷତା କରିଥିଲେ। ଗତ ସେପ୍ଟେମ୍ବର ୧୩ତାରିଖରେ ଭୁବନେଶ୍ୱରର ଲୋୟର ପିଏମଜି ଛକଠାରେ ଏନଏଚଏମ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା ସମୟରେ ସ୍ୱାସ୍ଥ୍ୟ ସୁପରଭାଇଜର ଏବଂ ସରକାରୀ କର୍ମଚାରୀଙ୍କ ବିରୋଧରେ ଜଣେ ଏନଏଚଏମ କର୍ମଚାରୀ ଦେଇଥିବା ଆପତ୍ତିଜନକ ତଥା ବିଭ୍ରାନ୍ତିକର ମନ୍ତବ୍ୟକୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକରେ ତୀବ୍ର ନିନ୍ଦା କରିଥିଲା । ଭବିଷ୍ୟତରେ ସେଭଳି ବିଭ୍ରାନ୍ତିକର ମନ୍ତବ୍ୟ କୌଣସି ସଂଘ ପ୍ରଦାନ କଲେ ତାଙ୍କ ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ସମ୍ପାଦକ ତେଜଭାନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିଶୁ ମନ୍ଦିରରେ ମାତୃ କର୍ମଶାଳା

**ଭେଡ଼େନ,୨୩।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି । ପ୍ରଧାନ ଅଚାର୍ଯ୍ୟ ଭୋଜରାଜ ଧୁଆନଙ୍କ ପରିଚାଳନାରେ ହୋଇଥିବା ଏହି କର୍ମଶାଳାରେ କଟାପାଲି କଲେଜର ସମାଜ ବିଜ୍ଞାନ ଅଧାପକ ମନୋରଞ୍ଜନ ମାଝୀ, ବିଦ୍ୟାଳୟର ସମ୍ପାଦକ ଦୁର୍ଲଭ ଚନ୍ଦ୍ର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁବାଟିକାରେ ଅଧ୍ୟୟନରତ ଶିଶୁମାନଙ୍କର ମା'ମାନେ ଉପସ୍ଥିତ ଥିଲେ । ଅନିମା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷ୍ ଦେଇଛେ ପରିଚଏ

**ଅତାବିରା, ୨୩।୯ (ଡି.ଏନ.ଏ)**

ବୃନ୍ଦାବନ ହେଉଛନ୍ ସମ୍ବଲପୁର ଜିଲା ଚିପିଲିମା ପାସର ସତିଯୋରୀ ଗାଁର ବାସିନ୍ଦା। ହେଲେ ସେ ପଛେ ଭେଡେନ ବ୍ଲକ ଦେଶଭଟ୍ଲି ଗାଁକେ ଆସି ରହିଥିଲେ। ଏହେଦେ ସେ ଅଂଚଲ୍‌ର ଝନେ ନାଁକରା ଚାଷୀର ପରିଚଏ ପାଇଛନ୍। ବୃନ୍ଦାବନ୍ ହେଉଛନ୍ ଝନେ ବିଜ୍ଞାନ ଛାତ୍ର। ସେ ଯୁକ୍ତ ୨ ପାସ୍ କଲା ଉତାରୁ ଛେଣ୍ଡିପଦା ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା କରିଥିଲେ। ହେଲେ ସେ ଚାକ୍‌ରି କର୍‌ବାର ଜାଗାରେ ଚାଷ୍‌ବାସ କରି ହସ୍‌ଖୁସିରେ ରହେବାକେ ପସନ୍‌କଲେ। ଡିପ୍ଲୋମା ପାସ୍ କଲା ଉତାରୁ ଗାଁକେ ଆସି ପହେଲା ନିଜର ବାରିଥି ଗଁଜାଫୁଲ୍ ଆର୍ ଗୁଲାଫୁଲ୍ ଚାଷ୍ କଲେ। ହେଲେ ଆସେପାସେ ଇ ସବୁର ବିକ୍‌ରି ଲାଗି ବଜାର ନାଇଁଥିବାର ଲାଗି ସେ ଫୁଲ୍‌ଚାଷ୍ ଛାଡିଦେଇ ପନିପରିବା ଚାଷ୍ କରବାର ମୂଲ୍ କଲେ। ଚିପିଲିମାରେ ଥିବାର କୃଷି ବୈଷୟୀକ ତାଲିମ କେନ୍ଦ୍ରର ଡ.ସୁଧାଂଶୁ ସାହୁକଁର ପେର୍‌ନା ତାହାକୁ ଆହୁରି ଆଗ୍‌କେ ନେଇଯାଇଥିଲା। ସେବେଲର ସମ୍ବଲପୁର ଡିଡିଏକଁର ଦେଖ୍‌ରେଖ୍‌ରେ ମହାରାଷ୍ଟ୍ର ଆର ଦିଲ୍ଲୀକେ ସେ ଚାଷ୍ କରିଥିବାର ଗଁଜାଫୁଲ, ଗୁଲାଫୁଲ୍, ଆଳୁ, ଫୁଲ୍‌କୁବି ଲେଖେଁ ପନିପରିବା ପଦରଶନୀକେ ନେଇ ପୁରସ୍‌କୁରୁତ୍ ହେଇଛନ୍। ଏହେଦେ ସେ ଦେଶଭଟ୍‌ଲି ଗାଁରେ ରହି ରବି ରୁତୁରେ ୭ ଏକର ଆର୍ ଖରିଫ୍‌ରେ ୮ ଏକର, ଏନ୍‌ଥେଇ

**ସଫଲ୍ ଚାଷୀ**



ସଫଲ୍ ଚାଷୀ ବୃନ୍ଦାବନ ପଣ୍ଡା ।

୧୫ ଏକର ଧାନ୍ ଚାଷ୍ କରୁଛନ୍। ଇତାର ବାହାରେ ଅମୁତମୁଡା, ମୁଗ, ବିରି, ଝୁନ୍‌ଗା ଚାଷ୍ କରି ଭଲ୍ ଦୁଇପଏସା କମେଇ ନିଜର ଛୁଆପିଲାକୁ ବି ଭଲ୍‌ସେ ପଢ଼େଇ ପାରୁଛନ୍। ଚଲ୍‌ତି ବଛର ଉଦ୍ୟାନ ବିଭାଗ ତରଫୁ ଅଂଚଲ୍‌ରେ ପହେଲା କରି ଡାଲିମ୍ବ ଚାଷ୍ ଆରମ୍ କରିଛନ୍। ଏହେଦେ ଅଂଚଲ୍‌ରେ ବୃନ୍ଦାବନ ଉନିଆମାନ୍‌କର ଲାଗି ଉଦାହରନ୍ ପାଲଟିଛନ୍। ଯଦି କୃଷି ଆର ଉଦ୍ୟାନ ବିଭାଗ୍ ତାହାକୁ ସୁଯୋଗଦେଲେ ସେ ଚାଷୀମାନକୁ ଚାଷ୍ ବାବ୍‌ଦେ ତାଲିମ ଦେବାକେ ବି ତିଆର ଅଛନ୍ ବଲି କହିଛନ୍। ଇଥିର୍ ଉପ୍‌ରେ କୃଷି ଆର ଉଦ୍ୟାନ ବିଭାଗ୍ ଦୁରୁଷ୍ଟି ଦେବାକେ ଦାବି ହେଉଛେ।

# ଫୁଟବଲ: ଜାଣ୍ଡୋଲ ଚାମ୍ପିୟନ

**ଭେଡ଼େନ,୨୩।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ କୁଦୋପାଲି ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଜାଣ୍ଡୋଲ ଦଳ ଚାମ୍ପିୟନ ହୋଇଛି। ଜୟ ଗୋପାଳଜୀ ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଲହଣ୍ଡା ଦଳକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହି ପ୍ରତିଯୋଗିତାକୁ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ବ୍ଲକ ଉପାଧକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସୁନାଲରମ୍ଭା ସରପଞ୍ଚ ପବିତ୍ର ସରାଫ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରୀ ଅକ୍ଷୟ ମହାକୁର, ସୁନୀଲ ସେଠ, ଗିରିଧାରୀ କଠାର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ।



କୁଦୋପାଲି ଫୁଟବଲ ଉଦଯାପନୀ ଉତ୍ସବରେ ଅତିଥିଗଣ ।

# ଏକଦିବସୀୟ ଫୁଟବଲ: ଝାରସୁଗୁଡ଼ା ଚାମ୍ପିୟନ

**ଅତାବିରା,୨୩।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜ ଖେଳପଡ଼ିଆରେ ସ୍ଥାନୀୟ ବୀର ବଜରଙ୍ଗ ସଂଘ ଆନୁକୂଲ୍ୟରେ ରବିବାର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ଚାରଭାଟି(ସମ୍ବଲପୁର), କଦଳିପାଲି, ବଲାଙ୍ଗିର, ସୁନ୍ଦରଗଡ଼, ଟିଟିଲାଗଡ଼, କବରାପାଲି, ଝାରସୁଗୁଡ଼ାର ଜୟ ଯବାନ କ୍ଲବ ଏବଂ ଫୁଲବାଣୀ ଦଳ ଅଂଶଗ୍ରହଣ କରିଥିଲେ । ଝାରସୁଗୁଡ଼ାର ଜୟ ଯବାନ କ୍ଲବ ଏବଂ ଚାରଭାଟି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ୨-୦ ଗୋଲରେ ଚାମ୍ପିୟନ ହୋଇଥିଲା । ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଲରମ୍ଭା କଲେଜ ଅଧ୍ୟକ୍ଷ ଧନେଶ୍ୱର ପଟେଲ, ଲରମ୍ଭା ହାଇସ୍କୁଲର ପ୍ରଧାନଶିକ୍ଷକ ଅଶ୍ୱିନୀ ପ୍ରଧାନ, ୱେସ୍କୋର ସେକ୍ସନାଲ ଅଫିସର ରାକେଶ ସାହୁ, ଭରତ ସରାଫ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଚାମ୍ପିୟନ, ରନର୍ସ ଅପ୍ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚିତ୍ତରଞ୍ଜନ ଛନ୍ଦ, ଅରୁଣ ଭୋଇ, ଶିବୁ ଖେତ୍ରୀ, କିଶୋର ପଣ୍ଡା, ଅଶ୍ୱିନୀ ବରିହା, ବୃଷଭାନୁ ମହନ୍ତ, ଶାନ୍ତ ରନବିଡ଼ା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏନସିସି ଅଫିସର ବିନୟ କୁମାର ନାଏକ, ଶ୍ୟାମସୁନ୍ଦର ରଣା, ଅଧ୍ୟାପକ ପବିତ୍ର ମାହାଣା, ଖଗେଶ୍ୱର ମେହେରଙ୍କ ସମେତ ବୀର ବଜରଙ୍ଗ ସଂଘର କର୍ମକର୍ତ୍ତା, ସଭ୍ୟମାନେ ସହଯୋଗ କରିଥିଲେ ।





## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ବରଗଡ଼ ଅଫିସ୍, ୨୩।୯

ଦାନ୍ତ ଘଷା କାଠି ପାଇଁ ଯାଇଥିବାବେଳେ ରବିବାର ଭାଲୁ ଆକ୍ରମଣ କରିବାରୁ ବରଗଡ଼ ଜିଲା ଭଟଲି ଥାନା ଖଜରିଆ ଗ୍ରାମର ଜଣେ ବୃଦ୍ଧ ସୀତାରାମ ରାଉତ(୫୫) ଗୁରୁତର ଆହତ ହୋଇଛନ୍ତି । ତାଙ୍କ ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ସୀତାରାମଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେ ନିହାତି ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି ।



### ଗାଁ ଦାଣ୍ଡରୁ ମୟୂରୀର ମୃତଦେହ ଉଦ୍ଧାର

ଅମରପାଲି, ୨୩।୯ (ଡି.ଏନ.ଏ)- ସୋନପୁର ଡିଭିଜନ ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ହାତିଲିମୁଣ୍ଡା ସେକ୍ସନର ବାଘରଟୈଲା ଗ୍ରାମରୁ ଏକ ମୟୂରୀକୁ ମୃତ ଅବସ୍ଥାରେ ବନ ବିଭାଗ ଉଦ୍ଧାର କରିଛି । ମୟୂରୀକୁ କେହି ଦୁର୍ବୃତ୍ତ ମାରି ଦେଇଥିବା ଅନୁମାନ କରାଯାଇଛି । ରବିବାର ପୂର୍ବାହ୍ନ ୧୦ଟାବେଳେ କେଞ୍ଜିରିଆପାଲି ପଞ୍ଚାୟତର ବାଘରଟୈଲା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଆସି ମୟୂରୀଟି ପଡି ଯାଇଥିଲା। ଖବର ପାଇ ହାତିଲିମୁଣ୍ଡା ସେକ୍ସନ ବନପାଳ ପ୍ରସନ୍ନ କୁମାର ନାୟକ ଓ ଫରେଷ୍ଟ ଗାର୍ଡ ରାମଶଙ୍କର ମେହେର ଘଟଣାସ୍ଥଳରେ ପହଞ୍ଚି ମୟୂରୀର ମୃତଦେହ ଜବତ କରିଥିଲେ। ବୀରମହାରାଜପୁରରେ ବ୍ୟବଚ୍ଛେଦ ପରେ ମୃତ ମୟୂରୀକୁ ବହଲପଦରସ୍ଥିତ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି।

### ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

ସୋନପୁର,୨୩।୯ (ନି.ପ୍ର.)- ବାର୍ଷିକ ସାରସ୍ୱତ ଓ ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ୱାଧୀନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୀପ ପୁରୋହିତ, ଶ୍ରୀଧର ବାଗ, ପୁରୁଷୋତ୍ତମ ମିଶ୍ର, ପ୍ରଭୁଦତ୍ତ ରଥ, ସୌରଭ ରଞ୍ଜନ ଖମାରୀ, ଲକ୍ଷ୍ମୀନାରାୟଣ ସାହୁ, ରଞ୍ଜିତା ପଣ୍ଡା, ରଘୁମଣି ଦେହେରୀ, ଦେବାଶିଷ ପଧାନ, ରାଜୀବ ନାୟକ, ଗତିକୃଷ୍ଣ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର ଓ ଆଶୁତୋଷ ହୋତା ପ୍ରମୁଖ ଯୋଗଦେଇ ଆଗାମୀ ପୁସ୍ତକମେଳା ଆୟୋଜନର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଏହା ସହିତ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅର୍ଥନୈତିକ ପ୍ରସଙ୍ଗ ଆଧାରିତ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବିଭିନ୍ନ ସମୟରେ ଆୟୋଜନ କରାଯିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗାନ୍ଧୀଙ୍କ ବିଚାରଧାରାକୁ ନେଇ ଚଳିତ ବର୍ଷ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଦକ୍ଷେପ ନେବା ସକାଶେ ଆଲୋଚନାରେ ମତପ୍ରକାଶ ପାଇଥିଲା। ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ଗତ ପୁସ୍ତକ ମେଳାର ଆୟ ବ୍ୟୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

## ପୁଆ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ

# ଭାଇଚାରାର ବାର୍ତ୍ତା ବହନ କରେ ନୂଆଁଖାଇ

ତରଭା ୨୩।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧିନ ପୁଆ କାଦୋପଡା ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ଦ୍ୱିତୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ସଭାପତି ଧର୍ମନାଭ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ସରୋଜ କୁମାର କମ୍ପ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ବ୍ଲକ ବିଜେଡି ସଭାପତି ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୁଆ ଗ୍ରାମପଞ୍ଚାୟତ ସମିତି ସଭ୍ୟ ହେମନ୍ତ କୁମାର ମାଝୀ ଯୋଗ ଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଇଚାରାର ବାର୍ତ୍ତା ବହନ କରୁଛି ବୋଲି କହିଥିଲେ। ଏହି ଭାଇଚାରା ଅଞ୍ଚଳର ବିକାଶରେ ସହାୟକ ହେବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ପତିତପାବନ କ୍ଲବକୁ ୨ଲକ୍ଷ, ପାଠାଗାରର ଉନ୍ନତି ପାଇଁ ୩ଲକ୍ଷ, ମଣ୍ଡପର ଫିନିସିଂ ପାଇଁ ୨ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ଯୋଗାଇ ଦେବା ପାଇଁ ମନ୍ତ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିବା କଥା ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସେହିପରି ପୁଆ ଗ୍ରାମର ଚାଷୀମାନଙ୍କ ସୁବିଧା ପାଇଁ ୪ଟି ଲିଫ୍ଟ ପଏଣ୍ଟ ମଞ୍ଜୁର ହୋଇଛି । ଅଙ୍ଗରା ଯୋର ଉପରେ କେକଟପାଲିଠାରେ ଦୁଇକୋଟି ଟଙ୍କାରେ ବିଜୁ ସେତୁ ନିର୍ମାଣ କରାଯିବାର ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ପୁଆ ଗ୍ରାମର ପ୍ରଥମ ଡାକ୍ତରୀ ଛାତ୍ର ହିମାଂଶୁ ଶେଖର ବାରିକ, ଚଳିତ ବର୍ଷର ଡାକ୍ତରୀ ଛାତ୍ର ନିଖିଳ ପ୍ରସାଦ ଭୁକ୍ତା, ସଙ୍ଗୀତରେ ସରୋଜ କର୍ଣ୍ଣ, ଚକ୍ରଧର ଦନାୟକ ଓ ବିଶିଷ୍ଟ କଳାକାର ତଥା ଶିକ୍ଷକ ବୈକୁଣ୍ଠେଶ୍ୱର ବାରିକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନୀଳକଣ୍ଠ ବଗର୍ତ୍ତି ପରିଚାଳନା କରିଥିବା ବେଳେ ନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିବତୁଲା ଗ୍ରାମର ଝାରମଲ୍ଲୀ କଳା ପରିଷଦର କଳାକାରମାନେ ବୈକୁଣ୍ଠେଶ୍ୱର ବାରିକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶିଷ୍ଟ ବାଦ୍ୟକାର ଚକ୍ରଧର ଦନାୟକ ଓ ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଡାଲଖାଇ ଓ ରେକର୍ଡ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ଏଥିରେ ଯୁବରାଜ ନାଏକ, ନିମାଇଁ ଖଣ୍ଡଗିରି, ହୃଦାନନ୍ଦ ପଧାନ, ସର୍ଜନ ସେଠ, ସୁଦାମ ନାଏକ, ହୃଷିକେଶ ଭୁକ୍ତା ଓ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ଜଣେ ସମ୍ବର୍ଦ୍ଧିତ ପ୍ରତିଭା।

### ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

ବୌଦ୍ଧ/ବାଉଁଶୁଣୀ,୨୩।୯(ଡି.ଏନ୍.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଶନିବାର ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ମୋହିତ ଭେଙ୍ଗରା ମୁଖ୍ୟଅତିଥି, ଏବିଇଓ ଅଚ୍ୟୁତାନନ୍ଦ ସାହୁ, ଧନେଶ୍ୱର ମଣ୍ଡଳ, ପଞ୍ଚାନନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୧୭ଟି ବିଦ୍ୟାଳୟର ୧୫ରୁ ୧୭ବର୍ଷର ୫୦ଜଣ ବାଳିକା ବାଳକ ଭାଗ ନେଇଥିଲେ। କବାଡି, ଖୋଖୋ, ବ୍ୟାଡ୍ ମିଣ୍ଟନ ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ମନୋଜ ଗାଇଗୌରିଆ, ଧୀରେନ ପ୍ରଧାନ, ସୁଶୀଳ ହର୍କର, ରଞ୍ଜିତ ରାଉତ, ବନ୍ଦିତା ବିଶ୍ୱାଳ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚୟନ ହୋଇଥିବା ବାଳିକା ବାଳକ ସୋମବାର ବାଉଁଶୁଣୀ ସରକାରୀ ନୋଡାଲ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଶେଷରେ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସର୍ପାଘାତରେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟଣା

# ପରିବାରଙ୍କୁ ମିଳିଲା ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା

ବୀରମହାରାଜପୁର, ୨୩।୯ (ଡି.ଏନ.ଏ.)

ସର୍ପାଘାତରେ ମୃତ୍ୟୁବରଣ କରିଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ଛାତ୍ର ସଞ୍ଜୟ ବଡେଇଙ୍କ ପରିବାରଙ୍କୁ ସରକାରଙ୍କ ତରଫରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିଛି । ରାଜସ୍ୱ ବିଭାଗ ଦ୍ୱାରା ମଞ୍ଜୁରୀ ପରେ ରବିବାର ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୃତକଙ୍କ ଘରେ ପହଞ୍ଚି ତାଙ୍କର ମାଆ ବାପାଙ୍କୁ ସହାୟତା ରାଶି ଚେକ ମାଧ୍ୟମରେ ପ୍ରଦାନ କରିଥିଲେ। ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଉପସ୍ଥିତିରେ ଉକ୍ତ ସହାୟତା ଯୋଗାଇ ଦିଆଯାଇଥିବାବେଳେ ବିଧାୟକଙ୍କ ଗହଣରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଆଡଭୋକେଟ ଶ୍ରୀନିବାସ ଚାନ୍ଦ, ଧିରେନ୍ଦ୍ର ନାରାୟଣ ପଣ୍ଡା ଓ ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ବୀରମହାରାଜପୁର ବ୍ଲକ ବାଗବର ଗ୍ରାମର ଖଗେଶ୍ୱର ବଡେଇଙ୍କ ପୁଅ ସଞ୍ଜୟ ଗତ ଜୁଲାଇ ୩୦ତାରିଖ। ରାତି ଶୋଇଥିବାବେଳେ ତାଙ୍କୁ ସାପ କାମୁଡିଥିଲା ଏବଂ ଚିକିତ୍ସାଧୀନ ଅବସ୍ଥାରେ ସେ ମୃତ୍ୟୁବରଣ କରିଥିଲେ।



ସର୍ପାଘାତରେ ମୃତକଙ୍କ ମା'ବାପଙ୍କୁ ବିଧାୟକ ପଦ୍ମନାଭ ବେହେରା ସହାୟତା ଚେକ ଦେଉଛନ୍ତି।

### ପିକ୍‌ଅପ ଭ୍ୟାନ୍ ଧକ୍କାରେ ଦୁଇ ଗୁରୁତର

ବୌଦ୍ଧ,୨୩।୯ (ସ୍ୱ.ପ୍ର)

ବୌଦ୍ଧ ପୁରୁଣା ବ୍ଲକ ଛକ ନିକଟରେ କୁକୁଡା ଛାଡି ଫେରୁଥିବା ପିକ୍‌ଅପ୍ ଭ୍ୟାନ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବୌଦ୍ଧ ବ୍ଲକ ଡାଙ୍ଗପଡା ଗ୍ରାମର ଶେଷଦେବ ନାଏକ ଓ ରାଜେନ୍ଦ୍ର ଭୋକ୍ତା ବୌଦ୍ଧ ମେଡିକାଲରୁ ବାଇକ୍ ( ନଂ.ଓଆର୧୨ଏ/୯୫୧୯) ଯୋଗେ ଘରକୁ ଫେରଥିଲେ । ଏହି ସମୟରେ ପୁରୁଣା ବ୍ଲକ ଛକ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ପିକ୍‌ଅପ ଭ୍ୟାନ୍ (ନଂ.ଓଡି୦୩ଏଫ/୮୦୩୫) ତାଙ୍କୁ ଧକ୍କା ଦେଇଥିଲା। ଉଭୟ ଗୁରୁତର ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

# ନାରୀଶିକ୍ଷା, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ସୋନପୁର,୨୩।୯ (ନି.ପ୍ର.)

ସୋନପୁର ଟାଉନହଲଠାରେ ସୁବର୍ଣ୍ଣପୁର ଜିଲା କୁଲତା ସମାଜ ପକ୍ଷରୁ ୧୬ତମ ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବାର୍ଚ୍ଚନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ଭାଇଚାରା ପ୍ରତିଷ୍ଠା, ନାରୀଶିକ୍ଷାର ପ୍ରସାର ଓ ଗ୍ରାମାଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ଉପରେ ମୁଖ୍ୟଅତିଥି ଗୁରୁତ୍ୱ ଦେଇଥିଲେ। ଉତ୍ସବରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଦୈବୀ ଦୁର୍ବିପାକ ସମୟରେ କୁଲତା ସମାଜର ସ୍ୱେଚ୍ଛାସେବୀଙ୍କ ସହାୟତା ପାଇଁ କୃତଜ୍ଞତା ଜଣାଇଥିଲେ। ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ଓଡିଶା କୁଲତା ସମାଜର ରାଜ୍ୟ ସମ୍ପାଦକ ଗଜେନ୍ଦ୍ର ପ୍ରଧାନ, ସମ୍ବଲପୁର କୁଲତା ସମାଜର ଲକ୍ଷ୍ମଣ ପ୍ରଧାନ, ବରଗଡର ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ପଧାନ, ଗୋବିନ୍ଦ ବାରିକ୍ ଓ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୁସ୍ଥ ସମାଜ ଗଠନ ଦିଗରେ କୁଲତା ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଅତିଥିମାନେ କହିଥିଲେ। ନିଜ ଅଞ୍ଚଳ, ସହିତ ଦେଶ ଓ ଜାତିର ଉନ୍ନତି ପାଇଁ ସଭିଏଁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଅତିଥିମାନେ କୁଲତା ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଭେଟ୍‌ଘାଟରେ ସୁବର୍ଣ୍ଣପୁର ଜିଲା ସହିତ ସମ୍ବଲପୁର ଓ ବରଗଡ କୁଲତା ସମାଜର ସଦସ୍ୟ ଯୋଗ ଦେଇଥିଲେ। କ୍ଷେତ୍ରବାସୀ ପଧାନ ସଭାକୁ ସଂଯୋଜନା କରିଥିଲେ ବେଳେ ଭୀଷ୍ମରଥୀ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଧୃବଚରଣ ପ୍ରଧାନ, ପୁରନ ବିଶ୍ୱାଳ, କୃଷ୍ଣଚନ୍ଦ ପଧାନ, ଦଫେଦାର ବାରିକ, ପ୍ରସାଦ ପଧାନ, ସୁରେଶ ପ୍ରସାଦ ଦେହୁରୀ, ବୃନ୍ଦାବନ ପ୍ରଧାନ, ନେହେରୁ ପଧାନ, ଗୁରୁ ଭୋଇ, ଶକ୍ତିମଙ୍ଗଳ ସାହୁ ଓ ଲକ୍ଷ୍ମଣ ପଧାନ ପ୍ରମୁଖ କାଯର୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଆସନ୍ତା ଅକ୍ଟୋବର ୨୩ତାରିଖରେ ଉଲୁଣ୍ଡା ବ୍ଲକର ତେଲେଣ୍ଡା ରାମଚଣ୍ଡୀ ମନ୍ଦିର ଠାରେ ମହାପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

**କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ**



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଗଞ୍ଜେଇ ଜବତ, ଦୁଇ ଗିରଫ

ଘଣ୍ଟାପଡ଼ା,୨୩।୯ (ଡି.ଏନ.ଏ.)

ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତି ଅଭିଯୋଗରେ କଣ୍ଟାମାଳ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ କଣ୍ଟାମାଳ ଥାନା କୁରୁକୁପା ଗ୍ରାମର ଶେଷଦେବ ରଣା ଏବଂ କ୍ଷେତ୍ର ମୋହନ ରଣା। ସେମାନଙ୍କଠାରୁ ୪.୬ କି.ଗ୍ରା. ଓଜନର ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଛି । ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା (ନଂ.୧୮୩/୧୮) ରୁଜୁ ହୋଇଛି । ଶନିବାର ପୂର୍ବାହ୍ନରେ ଅଭିଯୁକ୍ତ ଦ୍ୱୟ ଏକ ବାଇକ (ନଂ.ଓଡି୩୧/୧୦୨୮)ରେ ଗଞ୍ଜେଇ ନେଇ ଯାଉଥିବାବେଳେ ଘଣ୍ଟାପଡା ଫାଣ୍ଡି ଓଆଇସି ବିଜୟ ବାରିକ ସଦଳବଳ ଚଢାଉ କରିଥିଲେ ।

# ବ୍ଲକସ୍ତରୀୟ ବିଜୁ ଯୁବ ସମାବେଶ

ପୁରୁଣାକଟକ,୨୩।୯ (ଡିଏନଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ଅନ୍ତର୍ଗତ ଶିବ ମନ୍ଦିର ପରିସରରେ ରବିବାର ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବାଚସ୍ପତି ତଥା ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ଜୋନାଲ ସଭାପତି ଅଶୋକ ସାହୁ, ଜିଲା ବିଜୁ ଛାତ୍ର ଜନତା ସଭାପତି ସଂଗ୍ରାମ କେଶରୀ ଦାସ, ବିଜୁ ଯୁବ ଜନତା ଉପସଭାପତି ଶ୍ରୀବନ୍ତ ମେହେର, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ମହାକୁଡ, ସରପଞ୍ଚ ମିନତୀ ସେଠୀ, ବରିଷ୍ଠ ବିଜେଡି ନେତା ଅକ୍ଷୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୨୨ ପଞ୍ଚାୟତରୁ ୧ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୋଗଦାନ କରିଥିଲେ । କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ ଭୋକ୍ତା, ଦୁଷନ୍ତ କହଁର, ଜିତୁ ସାମଲ, ଅଲିପ ସାମଲ, ଉମେଶ ପ୍ରଧାନ, ଅଜିତ ରାଜହଂସ, ରଞ୍ଜିତ ନାଏକ ପ୍ରମୁଖ ସହଯୋଗ କରିଥିଲେ ।





ବିଜୁ ଯୁବ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଯୋଗ ପ୍ରଚାର କାର୍ଯ୍ୟକ୍ରମ

ବୌଦ୍ଧ,୨୩।୯ (ସ୍ୱ.ପ୍ର)

ସମଗ୍ର ବିଶ୍ୱରେ ଯୋଗର ପ୍ରଚାର ପ୍ରସାର ପାଇଁ ହରିଦ୍ୱାର ସ୍ଥିତ ପତଞ୍ଜଳି ଯୋଗପୀଠ ନିର୍ଦ୍ଦେଶ କ୍ରମେ ସାଧ୍ୱୀ ଦେବବ୍ରତାଜୀ ଓ ବ୍ରହ୍ମଚାରିଣୀ ହେମଲତା ଭଉଣୀ ପାଞ୍ଚ ଦିନିଆ ବୌଦ୍ଧ ଗସ୍ତରେ ଆସି ପହଞ୍ଚିଛନ୍ତି। ଭାରତ ସ୍ୱାଭିମାନ ନ୍ୟାସ ବୌଦ୍ଧ ଶାଖା ପକ୍ଷରୁ ଶନିବାର ସନ୍ଧ୍ୟାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ତାଙ୍କ ସହିତ ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ ଓ କାର୍ଯ୍ୟକାରିଣୀ ସଦସ୍ୟ ସାଧନା ଭଉଣୀ ଉପସ୍ଥିତ ରହିଥିଲେ । ରବିବାର ସକାଳ ୫ଟା ସମୟରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଯୋଗ ଶିବିରରେ ସେମାନେ ଯୋଗ ଦେଇ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ । ଜିଲା ପ୍ରଭାରୀ ହୃଷିକେଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୭ଟା ସମୟରେ ସେବିକା ତାଲିମ କେନ୍ଦ୍ରରେ ମହିଳା ଯୋଗ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବର୍ତ୍ତମାନ ଚିକିତ୍ସା ପଦ୍ଧତିରେ ଯୋଗକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ସମସ୍ତଙ୍କ ପାଇଁ ଯୋଗାଭ୍ୟାସ ନିତାନ୍ତ ଜରୁରୀ ବୋଲି ସେମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ପ୍ରଭାରୀ ଅନିମା ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ପ୍ରଜ୍ଞା ଭଉଣୀ ପ୍ରତ୍ୟେକ ଦିନ ନିଜକୁ ସୁସ୍ଥ ରଖିବା ପାଇଁ ଏକ ଘଣ୍ଟା ଆସନ ଓ ପ୍ରାଣାୟାମ ଅଭ୍ୟାସ କରିବା ଜରୁରୀ ବୋଲି ପ୍ରକାଶ କରିଥିଲେ । ସମିତି ପକ୍ଷରୁ ବୌଦ୍ଧ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନ୍ଧ ମୁକ ବଧିର ବିଦ୍ୟାଳୟ, ଜେଲ ପରିସରରେ ଯୋଗାଭ୍ୟାସ ସହିତ ବୌଦ୍ଧ, କଣ୍ଟାମାଳ ଓ ହରଭଙ୍ଗା ତହସିଲର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଭାରତ ସ୍ୱାଭିମାନ ନ୍ୟାସ ବୌଦ୍ଧ ଶାଖାର ପ୍ରଭାରୀ ଦେବାଶିଷ ପୁରୋହିତ ପ୍ରକାଶ କରିଛନ୍ତି ।

## ପୋଲିସର ମାଡ଼ ନେଇ ଏନଆରଏଚ୍‌ସି ମାମଲା

# ରିପୋର୍ଟ ଦାଖଲ, ତଦନ୍ତରେ ଭିନ୍ନ ମୋଡ଼

ବରଗଡ଼ ଅଫିସ୍,୨୩।୯

ବରଗଡ଼ ସହରରେ ଗତ ମେ ୧୨ତାରିଖ ସନ୍ଧ୍ୟାରେ ଟ୍ରାଫିକ ନିୟନ୍ତ୍ରଣ ନାଁରେ ସ୍ଥାନୀୟ ଅମିତ ସାହୁ ନାମକ ଜଣେ ଯୁବକଙ୍କୁ ପୋଲିସର ନିସ୍ଥୁକ ମାଡ଼ ଘଟଣା ଜାତୀୟ ମାନବାଧିକାର କମିଶନ(ଏନଏଚଆରସି) ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପାଖକୁ ପହଞ୍ଚିଥିଲା । ଏହି ଘଟଣାକୁ ନେଇ ସୋନପୁର ଜିଲା ତରଭାର ଜଣେ ମାନବାଧିକାର କର୍ମୀ ଶ୍ରୀକୁମାର ମହନ୍ତ ଏନଏଚଆରସି ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଫେରାଦ ହୋଇଥିଲେ । ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ଏନଏଚଆରସି ଏହାକୁ ଗୁରୁତ୍ୱର ସହିତ ନେଇଥିଲା ଏବଂ ଘଟଣାକୁ ନେଇ ଏନଏଚଆରସି ଡାଏରୀ ନଂ- ୮୪୦୦୧/ସିଆର/୨୦୧୮ ରେଜିଷ୍ଟ୍ରେଶନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲା । ଇତିମଧ୍ୟରେ ଜିଲାର ଜଣେ ଡିଏସପି ଏହାର ତଦନ୍ତ ସାରି ରିପୋର୍ଟ ଦାଖଲ କରିବା ପରେ ତଦନ୍ତରେ ଭିନ୍ନମୋଡ଼ ଆସିଛି ।

ତଦନ୍ତରେ ଅମିତଙ୍କ ସମେତ ତାଙ୍କ ଦୋକାନ ମାଲିକ, ଘଟଣାସ୍ଥଳ ପାଖରେ ଥିବା ୫ ଦୋକାନୀ, ଅମିତ, ଟାଉନ ଥାନା ଆଇଆଇସି, ତଦନ୍ତକାରୀ ସବଇନ୍ସପେକ୍ଟର, ପିସିଆର ଷ୍ଟାଫଙ୍କୁ ପଚରାଉଚୁରା କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ଘଟଣାକୁ ନେଇ ସେତେବେଳେ ଯେଉଁ ସଂଘ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କୁ ଫେରାଦ ହେବା ସହିତ ଆନ୍ଦୋଳନ ଚେତାବନୀ ଦେଇଥିଲା, ସେହି ସଂଘର ୫ଜଣ ସଦସ୍ୟ ସେଭଳି କିଛି ଘଟଣା ସେମାନଙ୍କ ସାମ୍ନାକୁ ଆସି ନ ଥିବା ତଦନ୍ତବେଳେ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଏହି ରିପୋର୍ଟରେ ପୋଲିସର ମାଡ଼ ଘଟଣା ଅପେକ୍ଷା ଅମିତ ରାସ୍ତା ମଝିରେ ସ୍କୁଟି ରଖି ମୋବାଇଲ ଫୋନରେ କଥାବାର୍ତ୍ତା ହେବା ଘଟଣାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅମିତଙ୍କୁ ପୋଲିସର ମାଡ଼ ଓ ଅଟକ ପ୍ରତିବାଦରେ ଥାନା ସମ୍ମୁଖରେ ଲୋକଙ୍କ ରାସ୍ତାରୋକୋ ଘଟଣାକୁ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଅନ୍ୟପଟେ ଅମିତ ସ୍କୁଟିର ଆର୍‌ସି ବୁକ, ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ କାଗଜାତ୍ ଦେଖାଇ ନ ପାରିବାରୁ ଭିସିଆର ସହିତ ଚାଲାନ ଇସ୍ୟୁ କରିବା ପାଇଁ ତାଙ୍କୁ ଥାନାକୁ ନିଆଯାଇଥିଲା ଏବଂ ମାଡ଼ ମରାଯାଇ ନ ଥିଲା ବୋଲି ପୋଲିସ ଅଧିକାରୀମାନେ ବୟାନ ଦେଇଥିବା ରିପୋର୍ଟରେ ଦର୍ଶାଯାଇଛି । ଘଟଣାଦିନ ଅମିତ ଅସ୍ୱାଭାବିକ ଅବସ୍ଥାରେ ଥିବା, ପୋଲିସ ପ୍ରତି ଖରାପ ଭାଷା ପ୍ରୟୋଗ କରିଥିବା ଦୃଷ୍ଟିରୁ ନିଶାସକ୍ତ ରହିଥିବା ଆଶଙ୍କା କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଘଟଣାଦିନ ରାତ୍ରିରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା ବୋଲି କୁହାଯାଇଛି । ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଆସି ନ ଥିବା ଦର୍ଶାଯାଇଛି । ପ୍ରକାଶଥାଉକି, ଗତ ମେ ୧୨ତାରିଖରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ସ୍ଥାନୀୟ ଗୌଡ଼ପଡ଼ା ଛକର ଅମିତଙ୍କୁ ପୋଲିସ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଘଟଣାକୁ ନେଇ ସେତେବେଳେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଲୋକେ ରାସ୍ତାକୁ ଓହ୍ଲାଇଥିଲେ । ଏପରିକି ପୋଲିସର ସେଭଳି ବର୍ବରତାକୁ ନେଇ ବିଭିନ୍ନ ଅନୁଷ୍ଠାନ ଜିଲାପାଳଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିବାବେଳେ ମାନବାଧିକାର କର୍ମୀ ମହନ୍ତ ମାନବାଧିକାର କମିଶନକୁ ଫେରାଦ ହୋଇଥିଲେ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ବଲାଙ୍ଗୀର ଅଫିସ,୨୩।୯-** ବଲାଙ୍ଗୀର ଟାଉନ୍ ହାଲଠାରେ ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍ ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ସିଡିଏମ୍‌ଓ ସୁଜ୍ଞାନେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ସମ୍ପାଦକ ବିବେକାନନ୍ଦ ପଟେଲ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ନୂଆଁଖାଇ ତିହାର କିଭଳି ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରୁଛି ସେନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ । ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ପଙ୍କଜ ଜାଲ, ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ, ମାନସୀ ପାଣିଗ୍ରାହୀ, ନବୀନ କୁଅଁର, ନବୀନ କୁଅଁର, ବ୍ୟାସଦେବ ପୁରୋହିତ ଓ ଅନ୍ୟ କଳାକାରମାନେ ଯୋଗଦାନ କରି କୋଶଲୀ-ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଟାଉନ୍ ହଲରେ ଶତାଧିକ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଜୀବନ ବୀମା ବଲାଙ୍ଗୀର ଶାଖା ଅଭିକର୍ତ୍ତା ବାର୍ଷିକ ସମ୍ମିଳନୀ

# ଘରୋଇକରଣକୁ ତୀବ୍ର ବିରୋଧ ହେବ

**ବଲାଙ୍ଗୀର ଅଫିସ,୨୩।୯**

ସ୍ଥାନୀୟ ଭଗବତୀ ମଣ୍ଡପଠାରେ ଜୀବନ ବୀମା ବଲାଙ୍ଗୀର ଶାଖା ଅଭିକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସମ୍ବଲପୁର ଡିଭିଜିନାଲ କାଉନସିଲ (ଲିଆଫି) ଅଧୀନରେ ଥିବା ବଲାଙ୍ଗୀର ଶାଖାର ପାଟଣାଗଡ, ସୋନପୁର, ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର ଅଞ୍ଚଳର ଶତାଧିକ ଅଭିକର୍ତ୍ତା ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବଲାଙ୍ଗୀର ଶାଖା ସଭାପତି ଅସୀମ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ତଥା ଓଶୁ ବଲାଙ୍ଗୀର ଶାଖା ସାଧାରଣ ସମ୍ପାଦକ ସୁରୁଲାଲ ମଟାରୀ, ଜୀବନବୀମା ବଲାଙ୍ଗୀର ଶାଖା ବରିଷ୍ଠ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି ଏବଂ ମଣ୍ଡଳ କୋଷାଧ୍ୟକ୍ଷ ସଞ୍ଜିତ କୁମାର ନାଏକ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଦିବଙ୍ଗତ ଅଭିକର୍ତ୍ତାମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ ମୁଖ୍ୟଅତିଥି ପଣ୍ଡା କହିଥିଲେ ଯେ, ଜୀବନ ବୀମା ନିଗମ ସ୍ଥାପନ ହେଲା ଦିନଠାରୁ ସରକାରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତାର ହାତ ବଢାଇଛି। କିନ୍ତୁ ସରକାର ଏବେ ଜୀବନବୀମା ନିଗମକୁ ଘରୋଇକରଣ କରିବା ପାଇଁ ହୀନଚକ୍ରାନ୍ତ କରୁଛନ୍ତି। ଆଗାମୀ ୪/୫ବର୍ଷ ମଧ୍ୟରେ ଏହାର ଘରୋଇକରଣ କରିବା ପାଇଁ ସରକାର ସ୍ଥିର କରିଥିବା ସେ ସୂଚନା ଦେଇଥିଲେ। ଫଳରେ ସମଗ୍ର ଦେଶର ଅଭିକର୍ତ୍ତା ତଥା ନିଗମ କର୍ମଚାରୀଙ୍କ ମଧ୍ୟରୁ ୭୦ ପ୍ରତିଶତ ଛଟେଇ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ବେଳ ଥାଉ ଥାଉ ଅଭିକର୍ତ୍ତାମାନେ ସଚେତନ ହୋଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡିବ। ସରକାରଙ୍କୁ ଚେତେଇ ଦେବାକୁ ପଡିବ ବୋଲି ମଧ୍ୟ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଓଶୁ ସମ୍ପାଦକ ମଟାରୀ କହିଥିଲେ ଯେ, ଅଭିକର୍ତ୍ତାମାନଙ୍କ କାମ ହେଲା ବ୍ୟକ୍ତିର ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା। ବ୍ୟକ୍ତିର ଆର୍ଥିକ ମାନଦଣ୍ଡରେ ସୁଧାର ଆସିଲେ ସମାଜ ସୁଧୁରିଥାଏ। ସମାଜ ସୁଧୁରିଲେ ଦେଶର ଆର୍ଥିକ ଅବସ୍ଥା ସୁଧୁରିବ ବୋଲି ସେ କହିଥିଲେ । ତେବେ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥ ପ୍ରତି ଅଣଦେଖା କରୁଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ସଂଗଠନର ପୂର୍ବତନ ସଭାପତି ସୁଶାନ୍ତ ଷଡଙ୍ଗୀ ଓ ଶମ୍ଭୁନାଥ ମିଶ୍ର ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀମା କର୍ମଚାରୀ ସଂଗଠନର ବରିଷ୍ଠ ସଭ୍ୟ ବିଭୂତି ପାଣିଗ୍ରାହୀ, ବୀମା ଅଧିକାରୀ ମହାସଂଘ ସଭ୍ୟ ଦଧିବାମନ ବାରିକ, ଉନ୍ନୟନ ଅଧିକାରୀ ବିଜୟ କୁମାର ଦାଶ, ସୋନପୁର ସାଟେଲାଇଟ ଶାଖାର ଅଭିକର୍ତ୍ତା ଡମ୍ବରୁଧର ମେହେର, ଡୁଙ୍ଗୁରିପାଲି ଶାଖାର ସୁନିଲ କୁମାର ମିଉଲ, ପାଟଣାଗଡ ଶାଖାର କହ୍ନେଇଲାଲ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଶଶିଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହିତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସର୍ବସମ୍ମତିକ୍ରମେ ଅସୀମ ପଟ୍ଟନାୟକ ପୁନର୍ବାର ଶାଖା ସଭାପତି ଓ ସରୋଜ କୁମାର ଭୋଇଙ୍କୁ ଶାଖା ସମ୍ପାଦକ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନାରେ ଶାଖାର ବ୍ରଜରାଜ ହୋତା, ପ୍ରତାପ ସାହୁ, ରାମଜୀ ପ୍ରସାଦ ମିଶ୍ର, ପ୍ରଭୁଦତ୍ତ ଦାଶ, ଚନ୍ଦ୍ରଶେଖର ଦଳେଇ, ସାଧୁରାମ ପୃଷ୍ଟି, ଜଗଦୀଶ ନାଏକ, କୃତ୍ତିବାସ କର୍ମୀ ସହଯୋଗ କରିଥିଲେ ।



ଜୀବନ ବୀମା ଅଭିକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିବା ଅଭିକର୍ତ୍ତା ।

### ପଟନିପିଟାରେ ପିଇବାକୁ ପାଣି ମିଳୁନି

**ଟିକ୍ରାପଡା,୨୩।୯ (ଡି.ଏନ.ଏ.)**

ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ସଦର ମହକୁମାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ପଟନିପିଟା ଗ୍ରାମରେ ଗୁରୁତର ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ଏକ କୂଅ ଖୋଳା ହୋଇଛି । ଏହି କୂଅ ଖୋଳା କାମ ଅଧାପନ୍ତରିଆ ଭାବେ ପଡି ରହିଛି। ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛି। ମୋଟର ବସିନାହିଁ, କିନ୍ତୁ ବିଦ୍ୟୁତ୍ ବିଲ୍ ଆସୁଛି । ଜଳଯୋଗାଣ ପାଇଁ ଗାଁ ଭିତରକୁ ପାଇପ ବିଛା ହୋଇଛି, କନ୍ତୁ ଷ୍ଟାଣ୍ଡ ପୋଷ୍ଟ ନାହିଁ । ପରିଚାଳନା କାର୍ଯ୍ୟ ଦେଖାଶୁଣା କରିବାକୁ ମଧ୍ୟ କେହି ନାହାନ୍ତି। କେନ୍ଦୁ କଟା ପୋଖରୀର ଅତିରିକ୍ତ ଜଳ କୂଅ ଭିତରକୁ ପ୍ରବେଶ କରୁଛି। ଫଳରେ କୂଅର ଜଳ ପ୍ରଦୂଷିତ ହେଉଛି। ଗାଁ ମଧ୍ୟରେ ଥିବା ୪ଟି ନଳକୂଅ ମଧ୍ୟରୁ ୨ଟି ଅଚଳ ଥିବା ବେଳେ ଅନ୍ୟ ୨ଟି ନଳକୂଅରୁ ପର୍ଯ୍ୟାପ୍ତ ଜଳ ବାହାରୁ ନାହିଁ । ଏ ନେଇ ବିଭାଗୀୟ ଯନ୍ତ୍ରୀ ପ୍ରଭାତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲା। ଆଇଏଫଡି ଯୋଜନାରେ ଅନୁମୋଦନ ହୋଇଥିବା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି । ୮ ଲକ୍ଷ ଟଙ୍କାର ରିଭାଇଜଡ ଏଷ୍ଟିମେଟ ଡିଆରଡିଏକୁ ପଠାଯାଇଛି । ଅତିରିକ୍ତ ରାଶି ଆସିବା ପରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି। ଗ୍ରାମର ମହେନ୍ଦ୍ର ଅମାତ, ମିତ୍ରଭାନୁ ଜୁଏଡ, ଶ୍ରୀରାମ ଡୁମୁଲିଆ, ସୁନା ଷାଣ୍ଡ, ମନିଜର ମହାନନ୍ଦ ପ୍ରମୁଖ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ପାଇଁ ଦାବି କରିଛନ୍ତି।

## ବିଳାସପୁର ଜାମପାଲି ରାସ୍ତା କାଦୁଅ ପଚପଚ

**ମନମୁଣ୍ଡା, ୨୩।୯(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବଳାସପୁର ଦାମପାଲି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷାରେ ଏହି ୪ କି.ମି. ରାସ୍ତା ଉପରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି । ଚାରିଚକିଆ ଯାନବାହନ ଯାତାୟାତରେ ଅବସ୍ଥା ଆହୁରି କନ୍ଦର୍ଯ୍ୟ ହୋଇପଡିଛି । ରାସ୍ତା ସାରା କାଦୁଅ ପଚପଚ ହୋଇ ସାଇକେଲ, ବାଇକ ତ ଦୂରର କଥା ଚାଲି କରି ଯିବା ଆସିବାରେ ବହୁ ଅସୁବିଧା ହେଉଛି । ରାସ୍ତା ଦୁରବସ୍ଥା ଯୋଗୁ ସାଇକେଲ ଓ ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ଜାମପାଲି, ଖଇରଜଣା, ଟିଲାଟିଙ୍ଗା, କିରକଟିପାଲି, ବଡରାହାଯୋର ବାଗଡିଆ, କାଙ୍କୁଡିଚିରା ଆଦି ଗ୍ରାମର ଲୋକମାନେ କସ୍ତୁରବନ୍ଧ, ବିଳାସପୁର, ଶୁଣ୍ଠିପଦର, ଦହ୍ୟା ପଞ୍ଚାୟତକୁ ଅଫିସ ଓ ବ୍ୟବସାୟ ପାଇଁ ନିତିଦିନ ଯିବାଆସିବା କରନ୍ତି । ପୂର୍ବରୁ ଏହାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ ରାସ୍ତା ପାଇଁ ବୌଦ୍ଧ କୋଶଳ କ୍ରାନ୍ତି ଦଳର ସଭାପତି ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏପରିକି ଆର୍‌ଡି ବିଭାଗର ଜେଇ ସରଜମିନ ତଦନ୍ତ କରି ଯାଇଥିଲେ। ଏହି ପ୍ରକ୍ରିୟାର ୬ମାସ ବିତିଯାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ । ତୁରନ୍ତ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପିଚୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।



କାଦୁଅ ପଚପଚ ରାସ୍ତାରେ ଲୋକମାନେ ଯାତାୟାତ କରୁଛନ୍ତି ।

### ୨୦ଫୁଟ ତଳକୁ ପଡି ଓଲଟିଲା ପିକ୍‌ଅପ

## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲପର



ମନମୁଣ୍ଡା ଥାନା ମସିଣାପଡା ମେହେରୁଣି ପୋଲ ମୋଡାଣିରେ ଦୁର୍ଘଟଣାଗ୍ରସ୍ତ ଗାଡିକୁ କ୍ରେନ୍ ସାହାଯ୍ୟରେ ଉଠାଯାଉଛି ।

**ମନମୁଣ୍ଡା, ୨୩।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମସିଣାପଡା ମେହେରୁଣି ପୋଲ ମୋଡାଣିରେ ରବିବାର ଭୋର୍ ସମୟରେ ବ୍ରଏଲର (କୁକୁଡା) ବୋଝେଇ ହୋଇଥିବା ଏକ ପିକ୍‌ଅପ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ନୟାଗଡରୁ ଏକ ପିକ୍‌ଅପ୍ ଭ୍ୟାନ୍ ବ୍ରଏଲର (କୁକୁଡା) ବୋଝେଇ କରି ବରଗଡ ପେଟୁପାଲି ଯାଉଥିବା ବେଳେ ହଠାତ୍ ଗାଡି ସାମ୍‌ନାକୁ କୁକୁର ପଳାଇ ଆସିଥିଲେ । ଡ୍ରାଇଭର ବ୍ରେକ୍ ଦେଇ ଗାଡିକୁ ଆୟତ୍ତ କରିବା ବେଳେ ଭାରସାମ୍ୟ ହରାଇ ଏନଏଚ-୫୭ ରାସ୍ତା ତଳକୁ (ପ୍ରାୟ ୨୦ଫୁଟ) ଖସିପଡି ଓଲଟି ଯାଇଥିଲା । ଫଳରେ ଗାଡି ଭାଙ୍ଗିରୁଜି ଯିବା ସହ ବ୍ରଏଲର ସବୁ ମରିଯାଇଥିଲେ । ତେବେ ଗାଡିର ଡ୍ରାଇଭର, ହେଲପର ଅଳ୍ପକେ ବଞ୍ଚିଯାଇଥିଲେ। ଏଥିରେ କେହି ଆହତ ମଧ୍ୟ ହୋଇ ନ ଥିଲେ । ପୋଲିସ ଘଟଣାସ୍ଥଳକୁ ଯାଇ କ୍ରେନ ସାହାଯ୍ୟରେ ଗାଡିକୁ ଉଠାଇଥିଲା ।

## ଦେଶୀ ମଦ ଜବତ, ୨ ଗିରଫ

**ମନମୁଣ୍ଡା, ୨୩।୯(ଡି.ଏନ.ଏ.)**

ମନମୁଣ୍ଡା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୬୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଯୋଗୀନ୍ଦ୍ରପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଇଚ୍ଛା ମେହେର (୬୦)ଓ ଲମ୍ବସରୀ ଗ୍ରାମର ଗଙ୍ଗାଧର ମହାକୁଡ(୪୫) ।

## ଶିଶୁ ମନ୍ଦିରରେ ମାତୃ କର୍ମଶାଳା

**ମନମୁଣ୍ଡା, ୨୩।୯(ଡି.ଏନ.ଏ.)**

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳୀଙ୍କ ଅଧ୍ୟକ୍ଷତାରେ ରବିବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲା ଆର୍‌ଏସ୍‌ଏସ୍‌ର ପ୍ରଚାରକ ଗଣେଶ୍ୱର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆଚାର୍ଯ୍ୟ ବ୍ରଜମୋହନ କର୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମିତି ସଭାପତି ଯୋଗୀନ୍ଦ୍ର ପ୍ରଧାନ, ସଦସ୍ୟା ଜୟନ୍ତୀ ବେଜ ଓ ସାବିତ୍ରୀ ସାହୁ ଉପସ୍ଥିତ ଥିଲେ । ଷଷ୍ଠ ଓ ସପ୍ତମ ଶ୍ରେଣୀର ଆକାଂକ୍ଷା ସାହୁ, ଶୁଭଶ୍ରୀ ବଡମାଳୀ, ଅର୍ପିତା ପ୍ରଧାନ କଲ୍ୟାଣ ମେହେର ସ୍ୱାଗତ ସଙ୍ଗୀନ ଗାନ କରିଥିଲେ। ଶିଶୁ ବାଟିକା ବିଭାଗର ଗୁରୁମା ଝରଣା ମିଶ୍ର ଭାଷା ବିକାଶ, ଗୁରୁମା ରାଜଲକ୍ଷ୍ମୀ ମିଶ୍ର ହସ୍ତକର୍ମ ଓ ଶିଶୁ ବାଟିକା ପ୍ରମୁଖ ଅଞ୍ଜଳି ପାତ୍ର ଚର୍ଚ୍ଚା କଳାଂଶ ନେଇଥିଲେ । ଶକୁନ୍ତଳା ପ୍ରଧାନ ବୌଦ୍ଧିକ ଗଣିତ ଉପରେ କଳାଂଶ ନେଇଥିଲେ । ଏଥିରେ ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ ସେବିକା ଉପସ୍ଥିତ ଥିଲେ । ଶେଷରେ ପରିଚାଳନା ସମିତି ସଦସ୍ୟା ଜୟନ୍ତୀ ବେଜ ଧନ୍ୟବାଦ ଅର୍ପଣ କରିଥିଲେ ।


**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)

No. 1482 **NOTICE** Date: 17.09.2018

**No. 443-E:-** This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.

*Sd./- Dean & Principal,*
*Government Medical College & Hospital, Balangir*
10126/11/0011/1819

**Government of Odisha**
**"e" Procurement Notice** No.624-B
**WORKS DEPARTMENT**
**Bid Identification No. S.E.K.C., Keonjhar No. 16 / 2018-19**
e-mail : sekcpwd_keonjhar@yahoo.com
Letter No. 2908 Dt. 11.09.2018

1. Name of the work :- Construction of H.L. Bridge over river Sona at Joda in Keonjhar district under D.M.F for 2018-19
2. Estimated cost :- Rs. 398.71 Lakhs
3. Period of completion :- 11 (Eleven) Calendar Months
4. Date and Time of availability of Bid document in the portal :- From 11.00 Hours of 25.09.2018 to 16.00 Hours of 10.10.2018
5. Last date / Time for receipt of bids in the portal :- 16.00 Hours of 10.10.2018
6. Date of opening of Bid from Portal :- 12.00 Hours on 12.10.2018
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**.

**Sd./- P.C. Nayak**
**Superintending Engineer**
**Keonjhar (R&B) Circle, Keonjhar**
34004/11/0024/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, ANGUL
No. 1532 Date: 15 / 09 / 2018
**GOVERNMENT OF ODISHA**
**e- Procurement Notice**
**Bid ID. E.E, M.I. Division, Angul No.-05/2018-19**
E-mail ID: eemidivision_angul@yahoo.com
No.535-A

| | | |
|---|---|---|
| Name of the work | : | Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover) |
| No. of Works | : | 1 (One) No. |
| Estimated Cost | : | Rs.84.00 Lakhs |
| Cost of Tender Paper | : | From Rs. 10,000 /- (Non-Refundable) to be paid electronically through the payment gateway of designated Banks |
| Period of Completion | : | 06(six) calendar months |
| Availability of bid documents for sale and receipt through On-line | : | From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**) |
| Date of opening of bid documents | : | On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website | : | **http:/dowrorissa.gov.in** |
| Name & Address of the OIT | : | Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com** |

Further details can be seen from the e-Procurement market place **http://tendersorissa.gov.in**.

**(Er. J. C. Nayak)**
**Executive Engineer**
**M.I. Division, Angul**
32284/11/0007/1819

See Career Appointment on every Wednesday & Saturday

**Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack**
**ODISHA STATE ROAD TRANSPORT CORPORATION, BHUBANESWAR**
No. 13194/OSRTC/ Bhubaneswar Dated 22.09.18
**CORRIGENDUM**
**Operation of OSRTC buses on Charter Basis**

In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:

1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.

All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.

*Sd./- General Manager (Admn.)*
*OSRTC, Bhubaneswar*

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
Phone : - 06842 254004/ FAX : - 06842 255054
Email: sernbphulbani@gmail.com
No.606-B
**INVITATION FOR BIDS (IFB)**
**Bid Identification No. SE-(R&B)-PLB- 05/2018-19**
No. 1148 Dated 18.09.2018

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 2 nos of Building work |
| 4 | Tender cost | :- | Rs. 10,000/- (through online) only |
| 5 | Class of Contractor | :- | "B" Class and 'A' Class |
| 6 | Date & Time of sale & receipt of bids | :- | 27.09.2018 to 10.10.2018 |
| 7 | Date of Opening of bid | :- | 11.00 AM of 11.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Er. Tushar Ranjan Parida**
**Superintending Engineer,**
**Phulbani (R&B) Circle, Phulbani**
34129/11/0007/1819

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in
**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 7/2018-19**
No.607-B

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Cuttack(R&B)Circle**
34012/11/0016/1819

## ସଂକ୍ଷେପରେ

### ଜିଲା ଫୁଟବଲ ସୁପର ଲିଗ୍: ୨ ମ୍ୟାଚ୍ ଅମୀମାଂସିତ

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ଜିଲା ଫୁଟବଲ ସୁପର ଲିଗ୍‌ର ଅଷ୍ଟମ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ତେବେ ଉଭୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍ ବନ୍ଧପାଲି ଆଥ୍‌ଲେଟିକ କ୍ଲବ ଓ ବରାମୁଣ୍ଡା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିବାରୁ ଉଭୟ ଦଳକୁ ସମାନ ପଏଣ୍ଟ ମିଳିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସାରଶମାଲ ଓ ଡୁଙ୍ଗିଆଡେରା ମଧ୍ୟରେ ଖେଳାଯାଇଥିଲା। ଏଥିରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଏହି ମ୍ୟାଚ୍‌ରେ ମଧ୍ୟ ପଏଣ୍ଟ ଭାଗବଣ୍ଟା ହୋଇଥିଲା। ଅତିଥି ଭାବେ ପ୍ରଶାନ୍ତ ମହାନ୍ତି ଯୋଗଦେଇଥିଲେ। କ୍ରୀଡ଼ାସଂଘର ପ୍ରଜ୍ୱଳ ପଟେଲ, ଜୀବନ ମହାନ୍ତି, ଶଙ୍କର ପଟେଲ, ସୁଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୁଜିତ କୁଜୁର, ସଞ୍ଜୟ ରାୟ, ସଞ୍ଜୟ ଦାସ, ଅଜିତ କୁଜୁର, ଜେ. ରାଓ, ମାନସ ଆଚାର୍ଯ୍ୟ, ପି. ରାଜେଶ୍ୱର ରାଓ, ଗୋଡ଼େନ ଡସନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ସରବାହାଲ କୁମ୍ଭାରପଡ଼ାରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅର୍ଜୁନ ମହାନନ୍ଦଙ୍କ ଝିଅ ପ୍ରୀତି ମହାନନ୍ଦ (୧୮)। ପ୍ରୀତି ଘର କବାଟ ବନ୍ଦ କରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ନେଇ ଟାଉନଥାନା ପୋଲିସକୁ ଜଣାଇବା ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ କଳହରୁ ପ୍ରୀତି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଜଳାଶୟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଲଖନପୁର,୨୩।୯(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ଭଟଲି ଗ୍ରାମ କେଉଟରମୁଣ୍ଡା ବନ୍ଧ (ଜଳାଶୟ)ରୁ ରବିବାର ମଧ୍ୟାହ୍ନରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ଭଟଲି ଗ୍ରାମର ଗୋବିନ୍ଦ ଚାନ୍ଦ (୮୦)ଙ୍କର ବୋଲି ଜଣାପଡ଼ିଛି। କୁମ୍ଭାରବନ୍ଧ ଫାଣ୍ଡିରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ସକାଳ ସାଢ଼େ ୧୧ଟାରେ ଗୋବିନ୍ଦ ଜଳାଶୟକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏନେଇ ଗୋବିନ୍ଦଙ୍କ ବଡ଼ପୁଅ ସଚ୍ଚିନ୍ଦ୍ର ରବିବାର ସକାଳେ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗୋବିନ୍ଦଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ଜଳାଶୟରୁ ମୃତଦେହ ଉଦ୍ଧାର କରିଛି। ଏନେଇ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସରକାରୀ ସହାୟତା ପାଇଁ ଆର୍‌ଆଇ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଫଟୋରେ ଖବର




ଦୁବାଇରେ ରହୁଥିବା ଓଡ଼ିଆମାନେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଉଦ୍‌ଘାଟନର ଖୁସି ମନାଉଛନ୍ତି।

■ ବିମାନ ଯାତ୍ରାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

# 'ଡର ଲାଗିଲା କିନ୍ତୁ ବହୁତ ମଜା ଆସିଲା'

**ଝାରସୁଗୁଡ଼ା ଅଫିସ,୨୩।୯**

ଉଡାନ୍ ଯୋଜନାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଶନିବାର ଆରମ୍ଭ ହୋଇଥିଲା ଉଡ଼ାଣ। ପ୍ରଥମ ବିମାନଯାତ୍ରୀ ହୋଇଥିଲେ ସ୍ଥାନୀୟ ବେହେରାମାଲ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର। ଝାରସୁଗୁଡ଼ାରୁ ରାୟପୁର ପର୍ଯ୍ୟନ୍ତ ବିମାନରେ ଯାଇ ରବିବାର ଫେରିବା ପରେ ଆମେ ସଂଗ୍ରହ କରିଥିଲୁ ସେହି ଛାତ୍ରୀଛାତ୍ରଙ୍କ ପ୍ରତିକ୍ରିୟା ଏବଂ ବିମାନ ଯାତ୍ରାର ଅନୁଭୂତି। ପ୍ରାୟ ସମସ୍ତଙ୍କଠାରୁ ଶୁଣିବାକୁ ମିଳିଥିଲା ଗୋଟିଏ ପ୍ରକାର ଉତ୍ତର। ବିମାନ ଯାତ୍ରା ବେଳେ ସେମାନଙ୍କୁ ଟିକେ ଡର ଲାଗିଥିଲା କିନ୍ତୁ ବହୁତ ମଜା ଆସିଥିଲା ବୋଲି ସେମାନେ କହିଛନ୍ତି। ବିମାନରେ ପ୍ରଥମଥର ପାଇଁ ଯାତ୍ରୀ ହୋଇଥିବା ଏହି ଛାତ୍ରୀଛାତ୍ରମାନେ ବିମାନଯାତ୍ରା ନେଇ ଉତ୍ସାହିତ ଥିଲେ। ବିମାନରେ ବସିବା ପରେ ସାମାନ୍ୟ ଡର ଲାଗିଥିଲା। କିନ୍ତୁ ସାଙ୍ଗରେ ଯାଇଥିବା ଗାଇଡ୍ ଏବଂ ଏୟାର ହଷ୍ଟେସ୍‌ଙ୍କ ଉପସ୍ଥିତି ତାଙ୍କ ମନରେ ସାହସ ଜୁଟାଇଥିଲା। ଆକାଶରେ ବିମାନ ଉଡ଼ିବା ବେଳେ ସାଉଁଟିଥିବା ଅଦ୍ଭୁତ ଆନନ୍ଦ ବିଷୟରେ ପିଲାମାନେ ପ୍ରକାଶ କରିଛନ୍ତି।






ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ବିମାନରେ ବସିଛନ୍ତି (ବାମ)। ରାୟପୁର ବିମାନବନ୍ଦରରେ ଓହ୍ଲାଇବାର ଦୃଶ୍ୟ।

ଶନିବାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଉଡ଼ିବାର ଥିଲା ପ୍ରଥମ ବିମାନ। ଏୟାର ଓଡ଼ିଶାର ଏହି ବିମାନ ଝାରସୁଗୁଡ଼ାରୁ ରାୟପୁର ଯିବାକୁ ସ୍ଥିର ହୋଇଥିଲା। ତେବେ ପ୍ରଥମ ଯାତ୍ରୀ କିଏ ହେବ ତାକୁ ନେଇ ପ୍ରଶ୍ନ ରହିଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ପ୍ରଥମ ଉଡାନ୍ ଯାତ୍ରୀ ଭାବେ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ତଥା ଦିବ୍ୟାଙ୍ଗମାନଙ୍କୁ ବିମାନ ଯାତ୍ରାର ମଜା ଦେବାକୁ ପାଢ଼ୀ ଇଚ୍ଛା ପ୍ରକାଶ କରିଥିଲେ। ଏଥିରେ ସହମତି ପ୍ରକାଶ କରି ଜିଲାପାଳ ପଟ୍ଟନାୟକ ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲଙ୍କୁ ସୂଚିତ କରିଥିଲେ। ପ୍ରଥମ ଯାତ୍ରୀ ଭାବେ ବେହେରାମାଲ ଆଶ୍ରମ ସ୍କୁଲର ସପ୍ତମ ଶ୍ରେଣୀର ସତ୍ୟ ପ୍ରକାଶ ବାରିକ, ଜହନ୍ ନାୟକ, ଗୋପାଳ ବରଗାର୍ତ୍ତୀ, କବିତା ଓରାମ, ଲିପ୍‌ସା ବାଗ, ବନିତା ହେମ୍ବ୍ରମ୍, ପଞ୍ଚମ ଶ୍ରେଣୀର ସ୍ୱପ୍ନା ରୋହିଦାସ ଏବଂ ଝାଡ଼େଶ୍ୱରୀ ଦିବ୍ୟାଙ୍ଗ ସ୍କୁଲର କଳ୍ପନା ଖଡ଼ିଆଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଏସ୍କର୍ଟ ଭାବେ ଶିକ୍ଷୟତ୍ରୀ ଜୟନ୍ତୀ ପୂଝାରୀ, ନମିତା ନାଥ, ଶିକ୍ଷକ ହେମନ୍ତ ଧୁରୁଆଙ୍କୁ ଚୟନ କରାଯାଇଥିଲା। ବିଧିବଦ୍ଧ ଅନୁମତି ଏବଂ ଅନୁମୋଦନ ସହ ମାଗଣା ଯାତ୍ରାର ବ୍ୟବସ୍ଥା କରାଯାଇଥିଲା।

ଶନିବାର ସମସ୍ତ ପ୍ରସ୍ତୁତି ସହ ଛାତ୍ରୀଛାତ୍ର ଭିଏସ୍‌ଏସ୍ ବିମାନବନ୍ଦରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦର ଲୋକାର୍ପଣ ସହ ଆରମ୍ଭ କରିଥିଲେ ଉଡାନ୍ ଯୋଜନା। ପ୍ରଧାନମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇ ଉଡ଼ାଣ ଆରମ୍ଭ କରିଥିଲା ଏୟାର ଓଡ଼ିଶା ବିମାନ। ପ୍ରଥମଥର ପାଇଁ ଉଡ଼ାଜାହାଜରେ ବସୁଥିବାରୁ ଟିକେ ଡର ଲାଗିଥିଲା। ହେଲେ ବିମାନ ଉଡ଼ିବା ସହ ମଜା ବଢ଼ିଥିଲା। ଆକାଶରେ ବାଦଲ, ତଳେ ଥିବା କ୍ଷୁଦ୍ର କ୍ଷୁଦ୍ର ଘର, ଜମିବାଡ଼ି, ରାସ୍ତାଘାଟର ଦୃଶ୍ୟ ମନ ଭିତରେ ଅଦ୍ଭୁତ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ରାୟପୁରରେ ପହଞ୍ଚିବା ପରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାରେ ଛାତ୍ରୀଛାତ୍ର ବିଭୋର ହୋଇଯାଇଥିଲେ। ସେଠାରେ ପୁଣି ନୂଆ ରାୟପୁର ସହର ବୁଲିବାର ମଜା ଉଠାଇ ରବିବାର ସେମାନେ ଫେରିଥିଲେ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅବସରରେ ମା' ସମଲେଶ୍ୱରୀଙ୍କ ସ୍ମାରକୀ ପ୍ରଦାନ କରାଯାଉଛି।

## ଜିଲା ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

**ଝାରସୁଗୁଡ଼ା ଅଫିସ,୨୩।୯**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଏବଂ ଭେଟଘାଟ ବିଶ୍ୱରେ ପରିଚିତ ହୋଇସାରିଛି। କୃଷିଭିତ୍ତିକ ଏହି ପର୍ବରେ ଭାଇଚାରାର ଅନୁଭୂତି, ପରମ୍ପରାର ଝଲକ ଏବଂ ସଂସ୍କୃତିର ମହକ ଦେଖିବାକୁ ମିଳେ। ପଶ୍ଚିମ ଓଡ଼ିଶାରୁ ଏହି ପର୍ବ ସାରା ବିଶ୍ୱକୁ ବ୍ୟାପିଛି। ବିଶ୍ୱର କୋଣ ଅନୁକୋଣରେ ଯେଉଁଠି ପଶ୍ଚିମ ଓଡ଼ିଶାର ଲୋକେ ରହୁଛନ୍ତି ସେଇଠି ପାଳନ ହେଉଛି ନୁଆଁଖାଇ ଭେଟଘାଟ ବୋଲି ଅତିଥିମାନେ କହିଛନ୍ତି। ରବିବାର ସତ୍‌ସଙ୍ଗ ଭବନଠାରେ ଜିଲା ବିଜେଡି ପକ୍ଷରୁ ପାଳିତ ହୋଇଛି ନୂଆଁଖାଇ ଭେଟଘାଟ। ଏଥିରେ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ଜିଲା ପର୍ଯ୍ୟବେକ୍ଷକ ରବି ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂ, ତାପସ ରାୟ ଚୌଧୁରୀ, ଗଙ୍ଗାଧର ଗଡ଼ନାୟକ, ହରିଶ ଗଣତ୍ରା, ସନ୍ଦୀପ ଅୱସ୍ତୀ, ମନୋରଞ୍ଜନ ମହାପାତ୍ର, ଈଶ୍ୱର ରାଓ, ତ୍ରିନାଥ ଗୁଆଲ, ପ୍ରଶାନ୍ତ ଜେନା, ସୁକାନ୍ତୀ ଜୟପୁରିଆ, ତୁଳାରାମ ସେନାପତି, ପ୍ରଭାତ ପଟେଲ, ସାଧନା ସାମନ୍ତରାୟ, ଚୂଡ଼ାମଣି ସାହୁ, ସଞ୍ଜୟ ପଣ୍ଡା, ମିତ୍ରଭାନୁ ସାହୁ, ଜୟକୁମାରୀ ପଟେଲ, ଅରବିନ୍ଦ ବାରିକ, ରାଜେଶ ମିଶ୍ର, ଇଫିତାକାର ଇମାନ ପ୍ରମୁଖ ଯୋଗଦେଇଥିଲେ।

## ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

**ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)**

■ ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି
■ ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ଅନ୍ଧବିଶ୍ୱାସର ଅର୍ଗଳିରେ ଶଢ଼ୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୁଲୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

## ଦୋଷ ସ୍ୱୀକାର କଲେ ଯୁବକ

**ଫୁଲବାଣୀ ଅଫିସ/କୋଟଗଡ, ୨୩।୯**

■ ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ଫାଶୀ ଦେବା ଲାଗି ଦାବି

କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକ ପୋଲିସ ପାଖରେ ରବିବାର ଦୋଷ ସ୍ୱୀକାର କରିଛନ୍ତି। ପ୍ରଥମେ ଚକୋଲେଟ ଦେଇ ଭୁଲାଇ ନେବା ପରେ ବଳାତ୍କାର କରିବା ଏବଂ ଧରା ପଡିଯିବା ଭୟରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅପରପକ୍ଷେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ଘଣ୍ଟା ଧରି କୋଟଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିସହ ବଳାତ୍କାର କରିଥିବା ଯୁବକଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଲୋକେ ଅଡି ବସିଛନ୍ତି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ନାବାଳିକାର ପରିବାର ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଗଗନ ପ୍ରଧାନ ପୋଲିସକୁ କହିଛନ୍ତି, ସେ ନାବାଳିକାଙ୍କୁ ୨ ଥର ବଳାତ୍କାର କରିଛନ୍ତି। ଏହା ପରେ କାଳେ ନାବାଳିକା ଘଟଣା ବିଷୟରେ ଘର ଲୋକଙ୍କୁ କହି ଦେବେ ସେହି ଭୟରେ ତଣ୍ଟିଚିପି ମାରି ଦେଇଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ଏବଂ ଗଗନଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକୋ ଯୋଗୁ କୋଟଗଡରୁ ବାଲିଗୁଡା, ମୁନିଗୁଡା, ଭବାନୀପାଟଣା ଓ ରାୟଗଡାକୁ ଗାଡି ଚଳାଚଳ ବନ୍ଦ ରହିଥିଲା। ଏହି ଘଟଣାକୁ ନେଇ କୋଟଗଡର ସମସ୍ତ ଦୋକାନବଜାର ବନ୍ଦ ରହିଛି। ଏ ନେଇ ବାଲିଗୁଡା ଏସ୍‌ଡିପିଓ ନୀତିନ୍ କୁଶଲକର ଦାଗୁଡୁ କହିଛନ୍ତି, ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ଦିଆଯାଇଛି। ସେମାନେ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ଅଧିକ କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବାକୁ ଆମେ ଯୋଗାଯୋଗ କରିବୁ। ଆଇନ ଅନୁସାରେ ଦୋଷୀ ଦଣ୍ଡ ପାଇବେ।

ସୂଚନାଯୋଗ୍ୟ, ଶନିବାର ସମ୍ପୃକ୍ତ ନାବାଳିକା ଘର ପାଖରୁ କିଛି ଦୂରରେ ଥିବା ନାଳକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗଗନ ତାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଗଗନଙ୍କୁ ଗିରଫ କରିଥିଲା। ଥାନାରେ ଏ ନେଇ ନଂ. ୪୩/୧୮ରେ ମାମଲା ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ।**
**ବେପାରୀ ମନ ପାଣ୍ଠିରେ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

**ସଂକ୍ଷେପରେ**

## ମୁଁ ହିରୋ ଅଭିଯାନ ଆରମ୍ଭ ୩୦ରୁ

ଭବାନୀପାଟଣା,୨୩।୯(ଡି.ଏନ.ଏ.) ପ୍ରତିଭାବାନ ଯୁବତୀଯୁବକଙ୍କୁ ଚିହ୍ନଟ କରି ପ୍ରୋତ୍ସାହନ କରିବା ସକାଶେ ରାଜ୍ୟ ସରକାରଙ୍କ ମୁଁ ହିରୋ ଅଭିଯାନର ରଥ ରାଜ୍ୟର ସବୁ ଜିଲା ଭ୍ରମଣ କରୁଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ରୁ କଳାହାଣ୍ଡି ଜିଲା କୋକସରା ବ୍ଲକରେ ମୁଁ ହିରୋ ରଥ ଉଦ୍‌ଘାଟନ କରାଯିବ । ଅକ୍ଟୋବର ୧୨ରେ ଲାଞ୍ଜିଗଡ ମା' ହୀରାନିଳା କଲେଜରେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବ ବୋଲି ବିଜୁ ଯୁବ ବାହିନୀ କଳାହାଣ୍ଡି ତରଫରୁ ସୂଚନା ଦିଆଯାଇଛି । ସମାଜ ପାଇଁ କିଛି ଭଲ କାମ କରିଥିବା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଜିଲାର ୫ଜଣଙ୍କୁ ରାଜ୍ୟସ୍ତରୀୟ ପୁରସ୍କୃତ କରାଯିବ । ସେହିଭଳି ଜିଲାସ୍ତରୀୟ ଉତ୍ସବ ୧୦ଜଣ ପ୍ରତିଭାବବାନ (୧୫ ରୁ ୩୫ ବର୍ଷ) ଯୁବକଯୁବତୀଙ୍କୁ ପୁରସ୍କୃତ କରାଯିବ । ଜିଲାସ୍ତରୀୟ ମୁଁ ହିରୋ ଚିହ୍ନଟ ପ୍ରକ୍ରିୟା ଆସନ୍ତା ୩୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା କ୍ରୀଡା ଅଧିକାରୀ ପ୍ରକାଶ କରିଛନ୍ତି । ଜିଲାରୁ ଜିଲା ପ୍ରଶାସନ ତରଫରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ବିଜେତା ସତ୍ୟପ୍ରିୟ ପଧାନ, କ୍ରୀଡାବିତ୍ ତରଙ୍ଗିତ ସିଂ, ସାମାଜିକ କର୍ମୀ ରାଜେଶ ମହାରଣା, ବାଲ୍ୟ ବିବାହ ବରୋଧରେ ଲଢୁଥିବା ଥୁ.ରାମପୁରର ରଞ୍ଜିତା ମାଝି ଏବଂ ଲୋକନୃତ୍ୟ ପାଇଁ ସୁନିଲ ମହାନନ୍ଦଙ୍କ ନାମ ରାଜ୍ୟସ୍ତରୀୟ ମନୋନୟନ କମିଟିକୁ ପଠାଯାଇଛି ।

ଅଧାରେ ଯୋଜନା ବନ୍ଦ ହୋଇ ପଡିଛି

# ଚିନ୍ତାରେ ଖଡିଆଳ ପ୍ରଜାତିର ଗୋପାଳକ


ଉନ୍ନତ ମାନର ଖଡିଆଳ ପ୍ରଜାତିର ବାଛୁରୀ ସହ ସରକାରୀ ସହାୟତାକୁ ଜଗି ରହିଥିବା ଜଣେ ଚାଷୀ ।

- ଗୋପାଳନ ପ୍ରୋତ୍ସାହନ ପାଇଁ ଦାବି
- ପ୍ରଥମ ଏଫପିଆର ପରେ ଦ୍ୱିତୀୟ ଏଫପିଆରର ଦେଖାନାହିଁ

ନୂଆପଡା ଅଫିସ,୨୩।୯

ସରକାର ଗୋପାଳନକୁ ପ୍ରୋତ୍ସାହିତ କରିବାକୁ ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନାରେ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ କରୁଥିବାବେଳେ ନୂଆପଡା ଭଳି ଉପାନ୍ତ ଜିଲାରେ ଏହି ଯୋଜନା ସବୁ ଧୂଆଁବାଣ ପାଧିଛି । ନୂଆପଡା ଜିଲାରେ ୨୦୧୭ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଗତ ବର୍ଷ ଏହାର ପ୍ରଥମ ଦକ୍ଷତା ରିପୋର୍ଟ ଦାଖଲ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ହେଁ ଏଯାଏଁ ଦ୍ୱିତୀୟ କିସ୍ତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉ ନ ଥିବାରୁ ଚାଷୀମାନେ ବର୍ତ୍ତମାନ ଚିନ୍ତାରେ ଦିନ କାଟୁଛନ୍ତି।

ସରକାର ୨୦୧୪ରେ ଗୋପାଳନକୁ ପ୍ରୋତ୍ସାହିତ କରିବାକୁ ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ ୨୦୨୫ କୋଟି ଟଙ୍କା ବ୍ୟୟରେ ଯୋଜନାର ଆରମ୍ଭ କରିଥିଲେ। ଏଥିରେ ବିଶେଷ ଗୁଣବତାଥିବା ଗୋରୁମାନଙ୍କ ବଂଶ ବିସ୍ତାର, ସଂଖ୍ୟା ବୃଦ୍ଧି ଏବଂ ସଂରକ୍ଷଣକୁ ଗୁରୁତ୍ୱ ଦେବା ଲକ୍ଷ୍ୟ ରହିଛି। ଏହି କ୍ରମରେ ଏହି ଯୋଜନାରେ ନୂଆପଡା ଜିଲାର ଖଡିଆଳ ପ୍ରଜାତିର ଗୋପାଳନକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଖଡିଆଳ ବ୍ରିଡ୍ସ ସୋସାଇଟି ଜରିଆରେ ୨୦୧୭ରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ଜିଲାବ୍ୟାପି ୫୦୦ଜଣ ଚାଷୀଙ୍କୁ ତାଲିକାଭୁକ୍ତ କରାଯାଇଥିଲା । ଏହି ଚାଷୀମାନଙ୍କ ଦେଶୀ ଖଡିଆଳ ଜାତୀୟର ଗୋରୁମାନଙ୍କୁ ଉପଯୁକ୍ତ ରକ୍ଷଣାବେକ୍ଷଣ, ଖାଦ୍ୟ ଏବଂ ଚିକିତ୍ସା ପାଇଁ ଖର୍ଚ୍ଚ କରାଯାଇଥିଲା। ଶେଷରେ ୫୦ଟି ଉନ୍ନତ ମାନର ବାଛୁରୀ (ଅଣ୍ଡିରା) ମାନଙ୍କ ଚୟନ କରାଯାଇ ସ୍ୱତନ୍ତ୍ର ବିକାଶ ପାଇଁ ଯତ୍ନ ନିଆଯାଇଥିଲା । ଏମାନଙ୍କ ମଧ୍ୟରୁ ୧୪ଟି ବାଛୁରୀଙ୍କୁ ଚୟନ କରାଯାଇଥିଲା। ଏମାନଙ୍କୁ ୨୦ ହଜାର ଟଙ୍କା ବାଛୁରୀ ପିଛା ଦେଇ କଟକସ୍ଥିତ ଗବେଷଣାକେନ୍ଦ୍ରକୁ ନିଆଯିବା ପାଇଁ ଚୁକ୍ତି ହୋଇଥିଲା । ହେଲେ ମାତ୍ର ୭ଟି ବାଛୁରୀଙ୍କୁ ନେଇଥିବାବେଳେ ବାକି ବାଛୁରୀ ଘରେ ଅଛନ୍ତି । ଚାଷୀମାନେ କେତେ ସ୍ୱପ୍ନ ଦେଖି ସେମାନଙ୍କ ଲାଳନପାଳନ କରିଥିଲେ। ହେଲେ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ହତାଶ ହୋଇପଡିଛନ୍ତି । ବୋଡେନ ବ୍ଲକ ଦାବ୍ରି ଗାଁର ତୁଳସୀରାମ ମାଝି, ଦୀନବନ୍ଧୁ ହଂସ, କର୍ତ୍ତା ଜଗତ, ଖଇରାର ଖଗେଶ୍ୱର ଦଳ, ଅଲେଖ ବାଗ, ଅମେରାର ଗଣେଶ ଭୋଇ, ଭେଲାର ଧନସିଂ ବାଗଙ୍କ ବାଛୁରୀ ଘରେ ରହିଛି । ଗରିବ ଚାଷୀମାନେ ଗୋପାଳନକୁ ନିଜର ପେଶା କରି ପରିବାର ପ୍ରତିପୋଷଣ କରୁଛନ୍ତି । ଅନ୍ୟପଟେ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ତାହା ବର୍ତ୍ତମାନ ଧୂଆଁବାଣ ହୋଇଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଚାଷୀମାନଙ୍କ ଜୀବନଜୀବିକା ପ୍ରତି ଗୁରତ୍ୱ ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ଖଡିଆଳ ବ୍ରିଡ୍ସ ସୋସାଇଟି ସମ୍ପାଦକ ଲଲାଟେନ୍ଦୁ ପଣ୍ଡାଙ୍କୁ ପଚାରିବାରେ ଆମେ ସରକାରଙ୍କୁ ଏ ବାବଦରେ ଜଣାଇସାରିଛୁ । ପରବର୍ତ୍ତି କାର୍ଯ୍ୟକ୍ରମ ସରକାରୀ ନିର୍ଦ୍ଦେଶ ପରେ ହାତକୁ ନିଆଯିବ ବୋଲି କହିଛନ୍ତି ।

# ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର

କେସିଙ୍ଗା,୨୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମରୁ ୨୫୧ ଜଣ ଶ୍ରମିକ ଯୋଗଦାନ କରି ନାମ ପଞ୍ଜୀକରଣ କରିଥିଲେ । ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନାରେ ୧ ଲକ୍ଷ ୩୦ ହଜାର ପ୍ରଦାନ, ଗ୍ରାମାଞ୍ଚଳ ନିର୍ମାଣ ଶ୍ରମିକମାନଙ୍କ ପୁଅଝିଅ ପାଇଁ ଶିକ୍ଷା ସହାୟତା, ଯନ୍ତ୍ରପାତିକ୍ରୟ ସହାୟତା, ସାଇକେଲ ସହାୟତା, ନିରାପତ୍ତା ଉପକରଣ, ଜୋତା, ହେଲମେଟ, ଗ୍ଲୋଭାସ, ବିବାହ ସହାୟତା, ପ୍ରସୂତୀକାଳୀନ ସହାୟତା, ଦକ୍ଷତା ଅଭିବୃଦ୍ଧି, ଶ୍ରମିକମାନଙ୍କ ପାଇଁ ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ଓ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ସହାତୟା, ଅନ୍ତ୍ୟେଷ୍ଟିକ୍ରିୟା, ବିକଳାଙ୍ଗ, ନିର୍ମାଣ ଶ୍ରମିକ ପେନସନ୍ ଯୋଜନା ଶ୍ରମିକମାନଙ୍କ ସହାୟତା ଯୋଗାଇ ଦେବା ପାଇଁ ଏହି ଶିବିରରେ ନିଷ୍ପତ୍ତି ନିଆଯାଇଛି । ଯେଉଁ ଶ୍ରମିକମାନଙ୍କ ପଞ୍ଜୀକୃତ ହୋଇଥିବେ ସେହିମାନଙ୍କୁ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏହି ଶିବିରରେ ଏଏଲଓ ଭବାନୀପାଟଣା ସଂଗ୍ରାମ ଦଳାଇ, ଅପରେଟର୍ ପ୍ରେମଲାଲ ସାହୁ, ଅର୍ଜୁନ ଦୁର୍ଗା ଓ ଏପିଓ କେସିଙ୍ଗା ମଞ୍ଚାସୀନ ଥିଲେ ।


ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିରରେ ଯୋଗଦେଇଥିବା ଶ୍ରମିକମାନେ ।

ନର୍ଲା ବ୍ଲକରେ ୟୁରିଆ ସାରର ଉତ୍କଟ ଅଭାବ

# ଉତ୍ତ୍ୟକ୍ତ ଚାଷୀଙ୍କ ସାର ଗୋଦାମ ଗୃହ ଘେରାଉ

ଭବାନୀପାଟଣା/ନର୍ଲା, ୨୩।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାରେ ୟୁରିଆ ସାରର ଉତ୍କଟ ଅଭାବ ଦେଖାଦେଇଛି । ଏହାର ପ୍ରତିବାଦରେ ଶୁକ୍ରବାର ସକାଳ ୮ଟାଠାରୁ ଶହ ଶହ ଚାଷୀ ରୁପ୍ରାରୋଡ ଏକ ହୋଲସେଲର ତଥା ଖୁଚୁରା ବ୍ୟବସାୟୀଙ୍କ ଦୋକାନ ଓ ବୁଡିପଦର ନିକଟସ୍ଥ ଏକ ରାଇସ୍ ମିଲ ଘେରାଉ କରିଥିଲେ। ହୋଲସେଲରଙ୍କ ଦୋକନ ସାମ୍ନାରେ ଚାଷୀମାନେ ବସି ରହିଥିଲେ। ଆଉ ଟିକେ ପରେ ଗାଡ଼ିରେ ସାର ଆସିବ ବୋଲି ହୋଲସେଲର କହିଥିଲେ । ପୂର୍ବାହ୍ନ ୧୧ଟାରେ ସୁଦ୍ଧା ଗାଡ଼ି ପହଞ୍ଚ ନ ଥିବା ବେଳେ ପରଲସିଂହାଠାରେ କାଦୁଆରେ ଗାଡ଼ି ଫସିଯାଇଥିବା ସେ କହିଥିଲେ। କିନ୍ତୁ ପ୍ରକୃତରେ ବୁଡିପଦର ନିକଟସ୍ଥ ରାଇସ୍ ମିଲ୍ ଭିତରେ ସାର ବୋଝେଇ ଟ୍ରକ୍‌କୁ ହୋଲସେଲର ଲୁଚାଇ ରଖିଥିବା ଚାଷୀମାନେ ଖବର ପାଇଥିଲେ । ଏହା ପରେ ବଲବସପୁର ଚାଷୀ ସୁରେନ୍ଦ୍ର ପଧାନଙ୍କ ନେତୃତ୍ୱରେ ଦିଲୀପ ସା, ଭାସ୍କର ଭୋଇ, ସୁରେସ ଭୋଇ, ଲିଙ୍ଗରାଜ ପୋଢ, ରାଜକୁମାର ସାହୁ ପ୍ରମୁଖ ବହୁ ଉତ୍ତ୍ୟକ୍ତ ଚାଷୀ ଘେରାଉ କରିବା ସହ ରାଇସ୍ ମିଲ ସମ୍ମୁଖରେ ଲୁଚାଯାଇଥିବା ଟ୍ରକ୍‌କୁ ରାତି ସାର ଜଗି ରହିଥିଲେ। ଶନିବାର ସକାଳୁ ପରିସ୍ଥିତି ଭୟଙ୍କର ହେବା ସହ ଘଟଣା ସ୍ଥଳରେ ପୋଲିସ୍ ମୁତୟନ କଯାଇଥିଲା। ଚଢା ଦରରେ ସାର ବିକ୍ରୟ କରୁଥିବା ହୋଲରେଲରଙ୍କୁ ଗିରଫ୍ କରାଯାଉ ଏବଂ ସେମାନଙ୍କ ଲାଇସେନ୍ସ ବାତିଲ କରି ଟ୍ରକଟିକୁ ହସ୍ତାନ୍ତର କରାଯାଉ ବୋଲି ଉତ୍ତ୍ୟକ୍ତ ଚାଷୀ ଅଡି ବସିଥିଲେ । ଏଠାକୁ ଆସିଥିବା କୃଷି ଓଭରସିୟର ତ୍ରିନାଥ ବାଗ୍‌ଙ୍କୁ ଉତ୍ତ୍ୟକ୍ତ ଚାଷୀ ବାନ୍ଧି ଅଟକ ରଖି ସହକାରୀ କୃଷି ଅଧିକାରୀ ସୁଧାଂଶୁ ମେହେର ଆସିଲେ ଛାଡିବୁ ବୋଲି କହିଥିଲେ। ଖବର ପାଇ ନର୍ଲା ଆଇଆଇସି ରମଣି ରଞ୍ଜନ ଦଳେଇ, ନର୍ଲା ପୋଲିସ୍ ସହ ନର୍ଲା ସହକାରୀ କୃଷି ଅଧିକାରୀ ମେହେରଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଏଓଙ୍କୁ ଉଦ୍ଧାର କରିଥିଲେ। ଧାରଣାରୁ ନିବୃତ ହେବାକୁ କହିବାରୁ ଚାଷୀମାନେ ଏକା ଜିଦିରେ ଘେରାଉ ଜାରି ରଖିଥିଲେ। ରୁପ୍ରାରୋଡ ସାର ହୋଲସେଲରଙ୍କୁ ପଚାରିବାରୁ ମୁଁ ସାର ଲୁଚାଇ ରଖିନାହିଁ ଓ ଏହା ସମ୍ପୂର୍ଣ୍ଣ ମିଥ୍ୟା କଥା କହି ଏଡାଇ ଦେଇଥିଲେ । ଅନ୍ୟପକ୍ଷେ କୃଷି ଓଭରସିୟର ତ୍ରିନାଥ ବାଗ୍‌ଙ୍କୁ ବାନ୍ଧି ଅଟକ ରଖିବା ଘଟଣା ନେଇ ରବିବାର କୃଷି ଓଭରସିୟର ସଂଘ ଏବଂ କଳାହାଣ୍ଡି ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଭାବନୀପାଟଣାସ୍ଥିତ ଅମଲା ଭବନଠାରେ ଏକ ଜରୁରି ବୈଠକ କରିଥିଲେ। ବୈଠକ ପରେ ଜିଲା କୃଷି ଉପନିର୍ଦ୍ଦେଶକ, ଜିଲାପାଳ, ଏସ୍‌ପି, ରାଜ୍ୟ କୃଷି ଓଭରସିୟର ସଂଘଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି କୃଷି ଓଭରସିୟର ସଂଘ ଏବଂ କଳାହାଣ୍ଡି ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଗତ ଗୋଟିଏ ମାସ ହେଲା ନର୍ଲା ଅଞ୍ଚଳରେ ୟୁରିଆ ସାରର ଅଭାବ ଲାଗି ରହିଛି । ଅନ୍ୟପକ୍ଷରେ ଚାଷୀଙ୍କ ଚାହିଦାକୁ ନେଇ ୨୬୬ ଟଙ୍କା ବସ୍ତା ମୂଲ୍ୟର ୟୁରିଆ ସାରକୁ ୪୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଚଢା ଦରରେ ଦୋକାନୀ ବିକ୍ରୟ କରୁଥିବା ଚାଷମାନେ ଅଭିଯୋଗ କରିଛନ୍ତି । ନର୍ଲାରେ ୧୫,୦୦୦ ବସ୍ତା ୟୁରିଆ ସାର ଆବଶ୍ୟକ ଥିବା ବେଳେ ମାତ୍ର ୬୦୦ ବସ୍ତା ସାର ଏଠାକୁ ଆସିଛି । ଏବେ ପ୍ୟାକ୍ସଗୁଡିକରେ ମଧ ସରକାର ୟୁରିଆ ସାର ଆଉ ଉପଲବ୍ଧ କରାଉ ନାହାନ୍ତି ।


କୃଷି କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମା' ଦୁର୍ଗା ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

କର୍ଲାମୁଣ୍ଡା,୨୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର (ବସ୍ତି) ରାମନଗରପଡାଠାରେ ମା' ଦୁର୍ଗା ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଟିକି ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସାମାଜିକ କର୍ମୀ ଦେବେନ୍ଦ୍ର ସାହୁ, ମୁଖ୍ୟବକ୍ତା ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ରାଧେଶ୍ୟାମ ବାଗ ଓ ସଂଘ ସମ୍ପାଦକ ଗୁର ସୁନା ପ୍ରମୁଖ ଯୋଗଦେଇ ପରସ୍ପର ପ୍ରତି ପ୍ରେମ ବାଣ୍ଟିବାର ପର୍ବ ନୂଆଁଖାଇ ବୋଲି କହିଥିଲେ। ଏହି ଅବସରରେ ଜୁନିୟର ଓ ସିନିୟର କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ଇତିହାସ ଅଧ୍ୟାପକ ଗୁର ସୁନା, ଗୀତିକାର ଲମ୍ବୋଦର ସାହୁ, ସୁନିଲ କୁମାର ବାଗ ରହିଥିଲେ। ଜୁନିୟର ଗ୍ରୁପରେ ସୁଶ୍ରୀ ସୁନେଲି ବୁଡେକ ପ୍ରଥମ ସ୍ଥାନ, ଶୀତଳ କୁମାର ଦ୍ୱିତୀୟ ସ୍ଥାନ, ଦିବ୍ୟା ଭୋଇ ଓ ଅନେଶା ପୁଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ଗ୍ରୁପରେ ସୁଭଦ୍ର କାଣ୍ଡ ପ୍ରଥମ ସ୍ଥାନ, ବିଏସଏ ମସ୍କାଦାଣ୍ଡି ଦ୍ୱିତୀୟ ସ୍ଥାନ, ଖଲିଆପାଲି ଗ୍ରୁପ ତୃତୀୟ ସ୍ଥାନରେ ରହିଥିଲେ। କାର୍ଯ୍ୟକ୍ରମରେ କବିପ୍ରଶାନ୍ତ କୁମାର ଦାସ ଓ ଗୁନୁ ନନ୍ଦ ସଂଯୋଜନା କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଚପଟଖଣ୍ଡା ସ୍କୁଲରେ ୧୫ ଦିନ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ

ଭବାନୀପାଟଣା,୨୩।୯(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ବୋରଭଟା କ୍ଲଷ୍ଟର ଚପଟଖଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାଉଳ ଅଭାବ ଯୋଗୁ ୧୫ ଦିନ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି । ପୂର୍ବରୁ ଦିଆଯାଉଥିବା ମଧାନ୍ନ ଭୋଜନ ମଧ ନିମ୍ନ ମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିକଟସ୍ଥ ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ଚାଲିଥିବା ବେଳେ ଏହି ସ୍କୁଲରେ କିପରି ଚାଲି ପାରୁନାହିଁ ବୋଲି ସ୍କୁଲ କମିଟି ସଭାପତି ଜାମ୍ବେଶବର ଗହୀର, ରୀନା ଦାସ, ବିନୋଦ ଗହିର, ଲେମ୍ବୁବତୀ ମାଝୀ, ଖଗେଶ୍ୱର ମାଝୀ, ରାଜୁକୁମାର ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପୁଷ୍ପରାଜ ପ୍ରଧାନଙ୍କୁ ପଚାରିବାରୁ କଆବଶ୍ୟକ ଚାଉଳ ବିଭାଗ ତରଫରୁ ଯୋଗାଇ ଦିଆଯାଇ ନ ଥିବାରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ଚଳାଇବାରେ ଅସୁବିଧା ହୋଇଥିବା କହିଛନ୍ତି । ଏ ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବିଇଓ ଠାକୁର ଚରନ ସାହୁଙ୍କୁ ପଚାରିବାରୁ ମଧ୍ୟାହ୍ନ ଭୋଜନ ବନ୍ଦ ଘଟଣାକୁ ସ୍ୱୀକାର କରିବା ସହ ସମ୍ପୃକ୍ତ ବିଦ୍ୟାଳୟକୁ ସୋମବାର ସୁଦ୍ଧା ୩ ମାସର ବକେୟା ଚାଉଳ ଯୋଗାଇ ଦିଆଯାବ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ଚାଲୁ କରାଯିବ ବୋଲି କହିଥିଲେ । ନିମ୍ନମାନର ଖାଦ୍ୟ ସମ୍ପର୍କରେ ସିଆର୍‌ସିସି ହିମାଞ୍ଚଳ ସାହୁ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରିଥିବା ପ୍ରକାଶ କରିଥିଲେ ।

ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

# ଓଡ଼ିଆ ଭାଷା, ସଂସ୍କୃତି ସୁରକ୍ଷାର ବେଳ ଆସିଛି

ନୂଆପଡା ଅଫିସ,୨୩।୯

ନୂଆପଡା ରାଜ୍ୟର ଉପାନ୍ତ ତଥା ଛତିଶଗଡ ସୀମନ୍ତରେ ରହିଛି । ଏଠାରେ ଛତିଶଗଡି ଭାଷା ସାହିତ୍ୟ, ଚଳଣୀର ବହୁ ପ୍ରଭାବ ରହିଥିବାରୁ ଏଠାରେ ଓଡିଆ ଓ ଭାଷା ସଂସ୍କୃତିର ସୁରକ୍ଷା କରିବା ନିତାନ୍ତ ଜରୁରି । ବର୍ତ୍ତମାନ ଆମରି ଭିତରେ ବିପ୍ଳବ ହେବା ଦରକାର । ଏଥିପାଇଁ ଉପଯୁକ୍ତ ସମୟ ଆସିଛି । ନୂଆଁଖାଇ ଭେଟଘାଟ ଏକ ଆଧାର ମାତ୍ର । ଏହିଭଳି ସୁଯୋଗ ହାତଛଡା ନ କରି ଆମକୁ ସଂଘବଦ୍ଧ ହୋଇ ଘରେ ଘରେ ଏହି ବାର୍ତ୍ତା ଦେବାକୁ ପଡିବ ବୋଲି ସ୍ଥାନୀୟ ସାହୁ ସମାଜ ଭବନଠାରେ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହି ମତ ଦେଇଛନ୍ତି । ସ୍ଥାନୀୟ ପରଶଖୋଲ ପରିକ୍ଷେତ୍ର ସାହୁ ସମାଜର ସଭାପତି ଭୋଲାନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସାହୁ ସଂଘ ସଭାପତି ନାନୁକରାମ ସାହୁ ମୁଖ୍ୟଅତିଥି, ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର ଗୋପାଳ ଚନ୍ଦ ସାହୁ ବିଶେଷ ଅତିଥି, ଉମାଶଙ୍କର ସାହୁ, ପୂର୍ବତନ ଜିଲା ସଭାପତି ହିତେଶ କୁମାର ସାହୁ, ପରମାନନ୍ଦ ସାହୁ, ମହାମାୟା କଲେଜର ସମ୍ପାଦକ ଟଙ୍କଧର ସାହୁ, ଡା.ବାସୁଦେବ ସାହୁ, ରାମ କୁମାର ସାହୁ, ନୂଆପଡା ବ୍ଲକ ଅଧ୍ୟକ୍ଷ ଚିନିଲାଲ ସାହୁ, ଦିଲୀପ କୁମାର ସାହୁ, ରୋହିତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଚିତେଶ୍ୱରୀ ସାହୁ ଅତିଥି ପରିଚୟ କରି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଯୋଗିରାମ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସାହୁ ସମାଜର ଅଧିଷ୍ଠାତ୍ରୀ ଦେବୀ କରମାସାନୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ନୂଆଁଖାଇ ଭେଟଘାଟ ହୋଇଥିଲା। ଏଥିରେ ପରସ୍ପରକୁ ସିନ୍ଦୁର, ଅବିର ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ନୂଆଁଖାଇ ଭେଟଘାଟ ପଶ୍ଚିମ ଓଡିଶାରେ ପାରମ୍ପରିକ ରୀତିରେ ଚାଲି ଆସିଛି । ନୂଆପଡା ଯଦିବା ଛତିଶଗଡି ପ୍ରଭାବିତ ଅଞ୍ଚଳରେ ରହିଆସିଛି । ତଥାପି ବର୍ତ୍ତମାନଠାରୁ ଏଠାରେ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଏକ ଅଭିଯାନ ଆଣିବାର ବେଳ ଆସିଛି । କେବଳ ଜୁହାର ଭେଟରେ ଏହାକୁ ସୀମିତ ନ ରଖି ସମସ୍ତଙ୍କ ସାମୁହିକ ଉନ୍ନତି ଦିଗରେ କାମ କରିବାକୁ ପ୍ରସ୍ତାବ ରଖିଥିଲେ । ବହୁ ମହିଳା ପ୍ରତିଭା ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ । ପରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ତାରାଚାନ୍ଦ ସାହ, କୈଳାସ ସାହୁ, ପବିତ୍ର ମୋହନ ସାହୁ, ମନୋଜ କୁମାର ସାହୁ, ଅଖତ କୁମାର ସାହୁ, ଶୋଭନଲାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଦୁର୍ଘଟଣା ପରେ ଚେତା ପଶିଲା

# ଜବରଦଖଲ ଉଚ୍ଛେଦକୁ ଜୋରଦାର ଜିଲା ପ୍ରଶାସନ


ଖରିଆରରୋଡ ସହରର ଜବରଦଖଲ ଅଭିଯାନରେ ଅଧିକାରୀଙ୍କ ସହ ସହରବାସୀ ବୁଲୁଛନ୍ତି ।

**ଖରିଆରରୋଡ ସହର**
- ବିଭିନ୍ନ ସଙ୍ଗଠନ ତରଫରୁ ସମର୍ଥନ
- ରେଳବାଇ ଲାଇନକୁ ୭ ଦିନ ସମୟ ଦିଆଗଲା

ନୂଆପଡା ଅଫିସ/ଖରିଆରରୋଡ, ୨୩।୯ (ଡି.ଏନ.ଏ.)

ଛତିଶଗଡ ସୀମାନ୍ତରେ ଥିବା ଜିଲାର ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ନୂଆପଡ଼ା ଜିଲା ଖରିଆରରୋଡ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଉଠିଛି। ପ୍ରତିଦିନ ଏଠାରେ ଦୁର୍ଘଟଣାମାନ ଘଟୁଥିବାରୁ ବର୍ତ୍ତମାନ ଏହା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ରବିବାର ଦିନତମାମ ଜିଲା ପ୍ରଶାସନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସହରଯାକ ରାସ୍ତାକଡର ଦୋକାନଗୁଡିକୁ ଉଚ୍ଛେଦ କରାଯାଇଛି । ଏହାକୁ ବିଭିନ୍ନ ସଙ୍ଗଠନ ତରଫରୁ ସମର୍ଥନ କରାଯାଇଥିବା ବେଳେ ଏହି କାର୍ଯ୍ୟରେ ସହଯୋଗ କରାଯାଇଥିବା ଦେଖାଯାଇଛି ।

ସୂଚନାଯୋଗ୍ୟ ଯେ, ଖରିଆରରୋଡ ସହର ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥ ମୁଖ୍ୟ ବଜାର ହୋଇଛି । ଦିନକୁ ଦିନ ରାସ୍ତାର ଦୁଇକଡରେ ଶତାଧିକ ଦୋକାନ ଗୃହ ଅବସ୍ଥାପିତ ହେଉଛି । ଅନ୍ୟପକ୍ଷେ ଏହା ଉପରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି । ଏପଟେ ଦୈନିକ ଶତାଧିକ ଭାରୀଯାନ ସବୁ ଆନ୍ତଃରାଜ୍ୟ କାରବାରରେ ଆବାଗମନ କରୁଛନ୍ତି । ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସୂଚନାଯୋଗ୍ୟ ଯେ, ଆଜକୁ ଗତ ୪ ଦିନ ମଧ୍ୟରେ ଦୁର୍ଘଟଣାରେ ୩ ଜଣଙ୍କ ପ୍ରାଣହାନୀ ଘଟିଛି । ଏହିସବୁ ଘଟଣା ପରେ ସାରା ସହରବାସୀ ଅସନ୍ତୋଷ ପ୍ରକଟ କରିଛନ୍ତି । ଏହାକୁ ନେଇ ରାସ୍ତାକୁ ଲୋକେ ଓହ୍ଲାଇବା ପରେ ଏନଏସି ତଥା ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ରବିବାର ସକାଳୁ ସହର ଜବରଦଖଲ କାମ ହୋଇଥିଲା । ଖରିଆରରୋଡ ଜୋଙ୍କ ଥାନାଠାରୁ ଏହା ଆରମ୍ଭ କରାଯାଇଥିବା ବେଳେ ରେଳବାଇ କଲୋନୀ ନିକଟରେ ରାସ୍ତା କଡରେ ଗଢିଉଠିଥିବା ଦୋକାନକୁ ଭଙ୍ଗାଯିବା ବେଳେ ଏହାକୁ ଦୋକାନୀମାନେ ବିରୋଧ କରିବା ସହ ସମୟ ମାଗିଥିଲେ । ଏନଏସି ତରଫରୁ ୭ ଦିନ ମଧ୍ୟରେ ଦୋକାନ ଘର ଖାଲି କରିବାକୁ ନିର୍ଦ୍ଦେଶ କରାଯାଇଛି । ତେବେ ଗୋଟି ଗୋଟି କରି ରାସ୍ତାକଡକୁ ସଫା କରି ମୋଟ ୮୦ ଦୋକାନ ଗୃହ ଉଚ୍ଛେଦ କରାଯାଇଥିବା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ନାଥ ମହାରଣା ପ୍ରକାଶ କରିଛନ୍ତ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଉପଜିଲାପାଳ ତରଣୀସେନ ନାଏକ, ଥାନାଧିକାରୀ ଯୁଗଳ କିଶୋର ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ଖରିଆରରୋଡ ସେବା ସମିତି ଏବଂ ଫାଇଟ ଫର ରାଇଟ ସଙ୍ଗଠନ ତରଫରୁ ସମର୍ଥନ କରି ସହଯୋଗ କରିଥିବା ଦେଖାଯାଇଥିଲା । ଅନ୍ୟପକ୍ଷେ ସହର ମଧ୍ୟରେ ଜିଲା ପରିବହନ ବିଭାଗ ତରଫରୁ ହେଲମେଟ ଚ୍ୟାକିଂ କରାଯାଇ ଶତାଧିକ ବାଇକ ଚାଳକଙ୍କୁ ଜରିମାନ ଆଦାୟ କରାଯାଇଥିଲା । ଜବରଦଖଲ କାର୍ଯ୍ୟକୁ ଦେଖି ଉଠା ଦୋକାନୀମାନେ ନିଜେ ଦୋକାନଗୁଡିକୁ ରାସ୍ତାରୁ ହଟାଇଥିଲେ। ସହରବାସୀ ସହଯୋଗ କଲେ ସହର ଦୁର୍ଘଟଣାମୁକ୍ତ ହେବା ସହ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହେବ । ଏଥିରେ ସମସ୍ତଙ୍କୁ ଆଗକୁ ଆସିବାକୁ ଥାନାଧିକାରୀ ମଲ୍ଲିକ ଆହ୍ୱାନ କରିଛନ୍ତି ।

## ସଂକ୍ଷେପରେ

### ହରିଶଙ୍କର ମନ୍ଦିର ହୁଣ୍ଡିରୁ ମିଳିଲା ୨୬ ହଜାର ଟଙ୍କା

**ଖପ୍ରାଖୋଲ, ୨୩।୯ (ଡି.ଏନ.ଏ.)-** ହରିଶଙ୍କର ମନ୍ଦିର ଦାନ ହୁଣ୍ଡି ୩ ମାସ ପରେ ଖୋଲା ଯାଇଛି। ରବିବାର ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲାଙ୍କ ଉପସ୍ଥିତିରେ ଏହା ଖୋଲା ଯାଇଛି । ଗତ ଜୁନ ୨୬ ତାରିଖ ଦାନବାକ୍ସ ବର୍ଷେ ପରେ ଖୋଲାଯାଇଥିଲା। ସେତେବେଳେ ୮୫ ହଜାର ୭ ଶହ ୩୮ ଟଙ୍କା ମିଳିଥିଲା। ଏବେ ୩ ମାସ ପରେ ଖୋଲିବାରୁ ହୁଣ୍ଡିରୁ ୨୬ ହଜାର ୩ ଶହ ୮୨ ଟଙ୍କା ମିଳିଛି। ତେବେ ଏହି ଦାନ ହୁଣ୍ଡି ଖୋଲିବା ସମୟରେ ଖପ୍ରାଖୋଲ ତହସିଲଦାର କ୍ଷୀରୋଦ୍ର ସାହୁ, ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି କିଶୋର ନନ୍ଦ, ନାଜିର ଯଶୋବନ୍ତ କୁମ୍ଭାର, ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁ, ସବ୍‌କମିଟି ସଦସ୍ୟ ଶଶି ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ନବ ନିଯୁକ୍ତ ମହିଳା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା,୨୩।୯ (ଡି.ଏନ.ଏ)-** ବିଜେଡି ମହିଳା ସଂଗଠନର ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ଲୋଇସିଂହାସ୍ଥିତ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା ଦିଆ ଯାଇଛି। ମହିଳା ସଂଗଠନ ଜରିଆରେ ସରକାରଙ୍କ ଯୋଜନା କିପରି ଠିକ ଭାବାରେ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଲୋଇସିଂହା ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକ ଓ ଜିଲାସ୍ତରୀୟ ସଭାନେତ୍ରୀ,ସମ୍ପାଦିକା ଚୟନ କରାଯାଇଛି। ଲୋଇସିଂହା ବ୍ଲକର ମହିଳା ସଭାନେତ୍ରୀ ଭାବେ ଜ୍ୟୋତ୍ସ୍ନାମୟୀ ନାଗ, ଆଗଲପୁ ବ୍ଲକ ସଭାନେତ୍ରୀ ନିରୂପମା ପଧାନ, ପୁଇଁତଲା ବ୍ଲକ ପାଇଁ ବବିତା ପୁଟେଲ ଏବଂ ନିର୍ବାଚନ ମଣ୍ଡଳୀର ସଭାନେତ୍ରୀ ଭାବେ ବେଦମତି ବାରିକ ନିଯୁକ୍ତ ହୋଇଛନ୍ତି। ଜିଲାସ୍ତରୀୟ କମିଟିରେ ସଭାନେତ୍ରୀ ଭାବେ କବିତା ପୁଟେଲ, ଉପସଭାପତି ଜୟନ୍ତୀ ସାହୁ ଓ ସମ୍ପାଦିକା ଭାବେ ପଦ୍ମିନୀ ହୋତା, ସାଧାରଣ ସମ୍ପାଦିକା ଭାବେ ଜହ୍ନବି ପରଡିଆ ନିଯୁକ୍ତ ହୋଇଛନ୍ତି। ଏହି ଅବସରରେ ବିଜେଡି ବ୍ଲକ ସଭାପତି ସୁଶାନ୍ତ ମିଶ୍ରଙ୍କ ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନିହାରଜଂନ ବେହେରା ମୁଖ୍ୟ ଅତିଥି, ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ନବ ନିଯୁକ୍ତ ମହିଳା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶଙ୍ଖାଳି ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସମସ୍ତଙ୍କୁ ଏକାଠି କରୁଛି ନୂଆଁଖାଇ ଭେଟ୍‌ଘାଟ


ବଲାଙ୍ଗୀର କୁଲ୍‌ତା ସମାଜ ପକ୍ଷରୁ ଅଗ୍ରସେନ୍ ଭବନଠାରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


ମୁରିବାହାଲଠାରେ ବିଜେଡି ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।


ଦେଓଗାଁର ଘୁଚିପାଲିରେ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠମାନେ।


ଲୋଇସିଂହାର ବାବୁପାଲି ରାମେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ନୂଆଖାଇ ଭେଟଘାଟରେ ଅତିଥିମାନେ।

**ବଲାଙ୍ଗୀର ଅଫିସ,୨୩।୯**

ବଲାଙ୍ଗୀର କୁଲ୍‌ତା ସମାଜ ପକ୍ଷରୁ ରବିବାର ସ୍ଥାନୀୟ ଅଗ୍ରସେନ୍ ଭବନଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାଜର ଇଷ୍ଟଦେବୀ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୁରଥ ପଧାନ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ସମ୍ପାଦକ ବୁଦ୍ଧୁ ପ୍ରଧାନ ସ୍ୱାଗତ ବକ୍ତବ୍ୟ ଦେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି ରାହାସ ବିହାରୀ ମାଝି ସଭାପତିତ୍ୱ କରିଥିଲେ। ଏଥିରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ମାଝି ତାଙ୍କ ବକ୍ତବ୍ୟରେ କୁଲତା ସମାଜର ଏକତା ଏବଂ ଉନ୍ନତି ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂଆଁଖାଇ କିଭଳି ସମସ୍ତଙ୍କ ଭିତରେ ଭାଇଚାରା ପ୍ରତିଷ୍ଠା କରିବ ଏବଂ ସମାଜକୁ ଶୃଙ୍ଖଳିତ ଓ ବିକାଶମୁଖୀ କରିବ ସେଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମ୍ୟାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ସମାଜର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଏମ୍‌ପି ସିଂଦେଓ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁ ସାହୁ ପରିଚାଳନା କରିଥିବାବେଳେ ପୂର୍ବତନ ସମ୍ପାଦକ ସୁରଥ ପଧାନ, ଶାନ୍ତନୁ ଭୋଇ ଜାତିର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ଉପସଭାପତି ସତ୍ୟବ୍ରତ ଗଡତ୍ୟା, କୋଷାଧ୍ୟକ୍ଷ ବୃଷଭ ସା, ସୁଧୀର ଭୋଇ, ସୂର୍ଯ୍ୟ ଭୋଇ, ପିଙ୍କୁ ବାରିକ, ରିଙ୍କୁ ଭୋଇ, ଦେବେନ୍ଦ୍ର ଗଡତ୍ୟା, କୁଳମଣି ବଶ୍ୱାଳ, ସଞ୍ଜୟ ଶେଖର ଭୋଇ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ସଦସ୍ୟ ରୁଦ୍ରଦେବ ସାହୁ ଧନ୍ୟବାଦ ଦେଇଥିଲେ।

**ଲୋଇସିଂହା,(ଡି.ଏନ.ଏ.):** ଆଗଲପୁର ବ୍ଲକ ବାବୁପାଲି ରାମେଶ୍ୱର ରାମଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ୨୨ ଖଣ୍ଡ ମୌଜାର କୁଲତା ସମାଜାର ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ନିମନ୍ତ୍ରିତ ଅତିଥିମାନେ ସମାଜରୁ କୁସଂସ୍କାରଦୂର କରିବା ସହ ସମାଜର ଐତିହ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ମତ ରଖିଥିଲେ। ଏତଦବ୍ୟତୀତ ସଂଗଠିତ ହୋଇ ଦାବି ହାସଲ କରିବାକୁ ଅତିଥି ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସରପଞ୍ଚ ସଙ୍ଖାଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ନାରାୟଣ ସାହୁ, ହିମାଂଶୁ ଶେଖର ବିଶ୍ୱାଳ, କଂଗ୍ରସ ସାହୁ, ଅଲେଖ ସାହୁ, ସରପଞ୍ଚ ସହଦେବ ସାହୁ, ବିଦେଶୀ ଲେଙ୍କା, ହେମନ୍ତ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବି ଯୋଗେଶ୍ୱର ବିଶ୍ୱାଳ, ଯଦୁମଣୀ ଭୋଇ, ଧର୍ମ ଭୋଇ କବିତା ଓ ବ୍ୟଙ୍ଗ କବିତା ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା। ସଭାକାର୍ଯ୍ୟକୁ ଅକ୍ଷୟ ଭୋଇ ସଂଯୋଜାନ କରିଥିବାବେଳେ ସହସଂପାଦକ ପାନ ସାହୁ, ତରଣୀ ପଧାନ, ଦେହରୀ ଗଡତ୍ୟା, ଯଦୁମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଦେଓଗାଁ, (ଡି.ଏନ.ଏ.):** ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଘୁଚିପାଲିଠାରେ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଣ୍ଡ ସମାଜ ସଭାପତି ସୁଦାମ ଚରଣ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଦେଓଗାଁ ଅତିରିକ୍ତ ତହସିଲଦାର ଟିକୁନୁ ପୁଟା, ଜିଲା ଗଣ୍ଡ ସମାଜ ମହା ସଚିବ ରାମଚନ୍ଦ୍ର ଧରୁଆ, ସଭାନେତ୍ରୀ ପଙ୍କଜିନୀ ଭୋଇ, ସୁଶିଳ କୁମାର ଧରୁଆ, ବ୍ଲକ ଉପସଭାପତି ମହେନ୍ଦ୍ର ମଲ୍ଲିକ, ସହ ସମ୍ପାଦକ ସୁରଥ ଭୋଇ, ସମୁଦ୍ର ମାଝି ଓ ପାଟଣାଗଡ ମଣ୍ଡଳ ସଭାପତି ଜଳଧର କୁଅଁର ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମୁରିବାହାଲ, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ବିଜୁ ଜନତା ଦଳର ନୂଆଁଖାଇ ଭେଟ୍‌ଘାଟ ସଦର ପଞ୍ଚାୟତର ଘଣ୍ଟବାହାଲ ଖେଳ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା ପରେ ରୀତିନୀତିରେ ନୂଆ ଅନ୍ନ ଭକ୍ଷଣ କରାଯାଇଥିଲା। ପରେ ବ୍ଲକ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାନ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଗଣପର୍ବ ନୂଆଁଖାଇ ଭାଇଚାରାର ବାର୍ତ୍ତା ବାଣ୍ଟେ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ଉପରେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ବିଜେଡିର ସମ୍ପାଦକ ଫିରୋଜ ଖାଁ, କୌଶିକ ମେହେର, ଆସତୁଲ୍ଲା ଖାଁ, କିଶୋର ମଛଖଣ୍ଡ, ଅମୂଲ୍ୟ ନାଗ, ଅରୁଣ ବାଗ, ସତ୍ୟ ରାଏ, ଶେଷ ପୁଟେଲ, ସରପଞ୍ଚ ଡୋଳାମଣୀ ବାଗ, ସରପଞ୍ଚ ଗୁପ୍ତେଶ୍ୱର ସାହୁ, ଧନଞ୍ଜୟ ମହାନନ୍ଦ, ହେମସାଗର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ୩ଜଣ ଅଙ୍ଗନୱାଡି କର୍ମୀ, ୪ ଆଶା ମା, ଶିକ୍ଷାକ୍ଷେତ୍ରରେ ୮ଜଣ, ବରିଷ୍ଠ ନାଗରିକ ୨ଜଣ, ୧୦ଜଣ ଚାଷୀ ଏବଂ ୨୩ଜଣ ବିଶିଷ୍ଟ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହଳଦୀ ସରପଞ୍ଚ ଗୋପିନାଥ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସନ୍ୟାସୀ ପୁଟେଲ, ଚିତ୍ତରଞ୍ଜନ ବାଗ, ଗୋବିନ୍ଦ ବଘାର, ସବ୍ୟସାଚୀ ବେହେରା, ଧନୁ ରଣା, ଅନୀଲ କୁମାର ଜୈନ ପ୍ରମୁଖ ସହଯୋଗ କରିଥିଲେ ।


ଖପ୍ରାଖୋଲର କନଗାଁରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ଉପସ୍ଥିତ ଅତିଥି।

**ଖପ୍ରାଖୋଲ, (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ କନଗାଁ ସାଗୁଆନ ବଗିଚା ପରିସରରେ ଖପ୍ରାଖୋଲ ବ୍ଲକ ସ୍ତରୀୟ ଜନପ୍ରତିନିଧିଙ୍କୁ ନେଇ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ପାଟଣାଗଡ ଏନଏସି ପୂର୍ବତନ ଉପାଧ୍ୟକ୍ଷ ପ୍ରବୋଧାନନ୍ଦ ପାଣିଗ୍ରାହୀ, ଫକିର ପଧାନ, ରମାବଲ୍ଲଭ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ଜୋତ୍ସ୍ନାମୟୀ ସାହୁ, ବିପ୍ର ବିଶି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର, ସରପଞ୍ଚ ସଂଘର ସଭାପତି ଉପେନ୍ଦ୍ର ଭୋଇ, ଅଭୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ଜନପ୍ରତିନିଧି ଦଳମତ ନିର୍ବିଶେଷରେ ଏକ ହୋଇ ବ୍ଲକର ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ରବି ସାହୁ, ସୁଦାମ ପଧାନ, ଦେବାନନ୍ଦ ଭୋଇ, ଭରତ ସାହୁ, କର୍ଣ୍ଣ ସିଂ ଠାକୁର, ପଞ୍ଚାନନ କୁମ୍ଭାର, ରଂଜିତା ସୁନା, କପିଲ ବୁଡେକ, ରୋହିତ ମେହେର, ଶୋଭନମୟ ମିଶ୍ର, ରଂଜୁଲତା ସାହୁଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ।


ବେଲପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ବୈଠକରେ ଆଶା କର୍ମୀମାନେ।

## ସମସ୍ୟା କହିଲେ ଆଶାକର୍ମୀ

**ବେଲପଡା, ୨୩।୯ (ଡି.ଏନ.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବ୍ଲକ ଆଶା କର୍ମୀମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଶିବନାରାୟଣ ପୁରୋହିତ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଶା କର୍ମୀମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଶା କର୍ମୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉତ୍‌ଥାପନ କରିଥିଲେ। ସମସ୍ତ ସମସ୍ୟାର ସମାଧାନ ପାଇଁ ସରକାରଙ୍କଠାରେ ଦାବି ଉତ୍‌ଥାପନ ପାଇଁ ସିଦ୍ଧାନ୍ତ ହୋଇ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ କୁମୁଦିନୀ ରଣା, ଉପସଭାପତି ଗୁଡି ବାଗ, ସମ୍ପାଦକ ଭାବରେ ମଞ୍ଜୁ ବାରିକ, ସହ ସମ୍ପାଦକ ମମତା ସାହୁ, କୋଷାଧ୍ୟକ୍ଷ ଭାବେ ଦୁର୍ଲ ଭିଷା, ସେକ୍ଟର ଲିଡର ଭାବରେ ସତ୍ୟବତୀ ମଲ୍ଲିକ, କବେଲମତୀ ବେହେରା, ମମତା ସାହୁ, ମାଳାଦୀଙ୍କୁ ମନୋନୀତ କରାଯାଇଛି। ସଞ୍ଜୁଲତା ବାରି ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁ, ମହଲେଇରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଦେଓଗାଁ,୨୩।୯ (ଡି.ଏନ.ଏ.)**

ଦେଓଗାଁ ଦୁର୍ଗାମଣ୍ଡପଠାରେ ରବିବାର ଚଳିତ ବର୍ଷ ଦୁର୍ଗାପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭ୍ୟ ପ୍ରଶାନ୍ତ ପାଣ୍ଡେଙ୍କ ସଭାପତିତ୍ୱରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ବୀରେନ୍ଦ୍ର ପାଣିଗ୍ରାହୀ, ଉପ ସଭାପତି ପପୁ ପାତ୍ର, ସମ୍ପାଦକ ପିଣ୍ଟୁ ପୋଦ୍ଦ, ଯୁଗ୍ମ ସମ୍ପାଦକ ଶିବ ସେଠ ଓ କୋଷାଧ୍ୟକ୍ଷ ମୋହନ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। ସେହିପରି ବ୍ଲକର ମହଲଇେ ଗ୍ରାମରେ ନୂତନ ଦୁର୍ଗାପୂଜା କମିଟି ଗଠନ ହୋଇଛି। ସଭାପତି ଭାବେ ସୁନୀଲ କୁମାର ବିଶ୍ୱାଳ, ଉପ ସଭାପତି ବୁଲୁ ରଣା, ସମ୍ପାଦକ ତୋଫାନ ମହାଲିଙ୍ଗ, ସହ ସମ୍ପାଦକ ବୈରାଗୀ ବାଙ୍କ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହଲା ଓ ସହ କୋଷାଧ୍ୟକ୍ଷ ବିକାଶ ସାହୁଙ୍କୁ ମନୋନୀତ କରାଯାଇଛି। ପରିଚାଳନା ସଭ୍ୟ ଭାବେ ପ୍ରଶାନ୍ତ କୁମାର ବିଶ୍ୱାଳ, ଦିଲୀପ କୁମାର ରଣା, ସନ୍ତୋଷ ମହାକୁର, ମଣ୍ଟୁ ବନଛୋର, ଉପେନ୍ଦ୍ର ମହାପାତ୍ର, ତୋଫାନ ମହାଲିଙ୍ଗ ପ୍ରମୁଖଙ୍କୁ ମନୋନିତ କରାଯାଇଛି।

## ଓବିସିଙ୍କ ପ୍ରତି ଅନ୍ୟାୟ କରାଯାଉଛି

**ବଲାଙ୍ଗୀର ଅଫିସ, ୨୩।୯**

ଆମ୍ବେଡ୍‌କରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ (ଏପିଆଇ)ର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଏପିଆଇର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଜୟ ମାନକର ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କ ସହ ଏପିଆଇର ନୀତି ଓ କାର୍ଯ୍ୟକ୍ରମ ଉପରେ ବିଶଦ ଆଲୋଚନା କରିଥିଲେ। ଏସ୍‌ସି ଏସ୍‌ଟିମାନଙ୍କ ଅଧିକାର, ସୁରକ୍ଷା ଏବଂ ଓବିସିମାନଙ୍କ ନିମନ୍ତେ ବଜେଟରେ ନୂଆ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସେ ସରକାରଙ୍କୁ ପିଟିସନ କରିସାରିଥିବା ସୂଚନା ଦେଇଥିଲେ। ଓଡିଶାରେ ମଧ ଓବିସିମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି। ୪୫ ପ୍ରତିଶତ ସ୍ଥାନରେ ଓବିସିଙ୍କ ନିମନ୍ତେ ଚାକିରି କ୍ଷେତ୍ରରେ ୧୧ ପ୍ରତିଶତ ସଂରକ୍ଷଣ କରାଯାଇଛି । ଏପିଆଇ ଓବିସିମାନଙ୍କ କଲ୍ୟାଣ ନିମନ୍ତେ ସ୍ୱତନ୍ତ୍ର ନୀତି ମଧ୍ୟରେ କାମ କରିବ ବୋଲି ସେ କହିଥିଲେ।


ଏପିଆଇର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

ଏହି ବୈଠକରେ ନୂତନ ରାଜ୍ୟ କମିଟି ଗଠନ କରାଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ମାନକର ଏହାକୁ ଅନୁମୋଦନ କରିଛନ୍ତି। ଏପିଆଇ ରାଜ୍ୟ ସଭାପତି ଭାବେ ଦୀନେଶ ନାଗ, ସମ୍ପାଦକ ଭାବେ ବିନୟ ଓସେନ୍, ରାକେଟ କୁଳଦୀପ, ଲମ୍ବୋଦର ନାଏକ, ଅଚ୍ୟୁତ ନାଗ, ଭୁବନେଶ୍ୱର ଧରୁଆ, ସହସମ୍ପାଦକ ଭାବେ କଳ୍ପନା ବିହାରୀ, ରାଜ୍ୟ କାରିଣୀ ସଭ୍ୟ ଭାବେ ବଙ୍ଗାରୁ ମାଝି, ପିୟୂଷ ଦାସ ଏବଂ କୋଷାଧ୍ୟକ୍ଷ ଭାବେ ବୈଦ୍ୟନାଥ ବେହେରା ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲାର ଜିଲା କମିଟି ଯୋଗଦେଇ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ ବେହେରା, ରାଷ୍ଟ୍ରୀୟ ସମ୍ପାଦକ ଯତୀନ୍ଦ୍ର ସାହୁ, ରାଷ୍ଟ୍ରୀୟ ସହସମ୍ପାଦକ ଛବିଲାଲ ନିଆଲ ବକ୍ତବ୍ୟ ଦେଇଥିଲେ। ଶେଷରେ ତରଣୀସେନ୍ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ବଲାଙ୍ଗୀର ଅଫିସ,୨୩।୯-** ବଲାଙ୍ଗୀର ଟାଉନ୍ ହାଲଠାରେ ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍ ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ସିଡିଏମ୍ଓ ସୁଜ୍ଞାନେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ସମ୍ପାଦକ ବିବେକାନନ୍ଦ ପଟେଲ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ନୂଆଁଖାଇ ତିହାର କିଭଳି ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରୁଛି ସେନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ । ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ପଙ୍କଜ ଜାଲ, ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ, ମାନସୀ ପାଣିଗ୍ରାହୀ, ନବୀନ କୁଅଁର, ନବୀନ କୁଅଁର, ବ୍ୟାସଦେବ ପୁରୋହିତ ଓ ଅନ୍ୟ କଳାକାରମାନେ ଯୋଗଦାନ କରି କୋଶଲୀ-ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଟାଉନ୍ ହଲରେ ଶତାଧିକ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଜୀବନ ବୀମା ବଲାଙ୍ଗୀର ଶାଖା ଅଭିକର୍ତ୍ତା ବାର୍ଷିକ ସମ୍ମିଳନୀ

# ଘରୋଇକରଣକୁ ତୀବ୍ର ବିରୋଧ ହେବ

**ବଲାଙ୍ଗୀର ଅଫିସ,୨୩।୯**

ସ୍ଥାନୀୟ ଭଗବତୀ ମଣ୍ଡପଠାରେ ଜୀବନ ବୀମା ବଲାଙ୍ଗୀର ଶାଖା ଅଭିକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସମ୍ବଲପୁର ଡିଭିଜିନାଲ କାଉନସିଲ (ଲିଆଫି) ଅଧୀନରେ ଥିବା ବଲାଙ୍ଗୀର ଶାଖାର ପାଟଣାଗଡ, ସୋନପୁର, ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର ଅଞ୍ଚଳର ଶତାଧିକ ଅଭିକର୍ତ୍ତା ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବଲାଙ୍ଗୀର ଶାଖା ସଭାପତି ଅସୀମ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ତଥା ଓଣ୍ଟୁ ବଲାଙ୍ଗୀର ଶାଖା ସାଧାରଣ ସମ୍ପାଦକ ସୁରୁଲାଲ ମଟାରୀ, ଜୀବନବୀମା ବଲାଙ୍ଗୀର ଶାଖା ବରିଷ୍ଠ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି ଏବଂ ମଣ୍ଡଳ କୋଷାଧ୍ୟକ୍ଷ ସଞ୍ଜିତ କୁମାର ନାଏକ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଅଭିକର୍ତ୍ତାମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ ମୁଖ୍ୟଅତିଥି ପଣ୍ଡା କହିଥିଲେ ଯେ, ଜୀବନ ବୀମା ନିଗମ ସ୍ଥାପନ ହେଲା ଦିନଠାରୁ ସରକାରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତାର ହାତ ବଢାଇଛି। କିନ୍ତୁ ସରକାର ଏବେ ଜୀବନବୀମା ନିଗମକୁ ଘରୋଇକରଣ କରିବା ପାଇଁ ହୀନଚକ୍ରାନ୍ତ କରୁଛନ୍ତି। ଆଗାମୀ ୪/୫ବର୍ଷ ମଧ୍ୟରେ ଏହାର ଘରୋଇକରଣ କରିବା ପାଇଁ ସରକାର ସ୍ଥିର କରିଥିବା ସେ ସୂଚନା ଦେଇଥିଲେ। ଫଳରେ ସମଗ୍ର ଦେଶର ଅଭିକର୍ତ୍ତା ତଥା ନିଗମ କର୍ମଚାରୀଙ୍କ ମଧ୍ୟରୁ ୭୦ ପ୍ରତିଶତ ଛଟେଇ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ବେଳ ଥାଉ ଥାଉ ଅଭିକର୍ତ୍ତାମାନେ ସଚେତନ ହୋଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡିବ। ସରକାରଙ୍କୁ ଚେତେଇ ଦେବାକୁ ପଡିବ ବୋଲି ମଧ୍ୟ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଓଣ୍ଟୁ ସମ୍ପାଦକ ମଟାରୀ କହିଥିଲେ ଯେ, ଅଭିକର୍ତ୍ତାମାନଙ୍କ କାମ ହେଲା ବ୍ୟକ୍ତିର ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା। ବ୍ୟକ୍ତିର ଆର୍ଥିକ ମାନଦଣ୍ଡରେ ସୁଧାର ଆସିଲେ ସମାଜ ସୁଧୁରିଥାଏ। ସମାଜ ସୁଧୁରିଲେ ଦେଶର ଆର୍ଥିକ ଅବସ୍ଥା ସୁଧୁରିବ ବୋଲି ସେ କହିଥିଲେ । ତେବେ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥ ପ୍ରତି ଅଣଦେଖା କରୁଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ସଂଗଠନର ପୂର୍ବତନ ସଭାପତି ସୁଶାନ୍ତ ଷଡଙ୍ଗୀ ଓ ଶମ୍ଭୁନାଥ ମିଶ୍ର ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀମା କର୍ମଚାରୀ ସଂଗଠନର ବରିଷ୍ଠ ସଭ୍ୟ ବିଭୂତି ପାଣିଗ୍ରାହୀ, ବୀମା ଅଧିକାରୀ ମହାସଂଘ ସଭ୍ୟ ଦଧିବାମନ ବାରିକ, ଉନ୍ନୟନ ଅଧିକାରୀ ବିଜୟ କୁମାର ଦାଶ, ସୋନପୁର ସାଟେଲାଇଟ ଶାଖାର ଅଭିକର୍ତ୍ତା ଡମ୍ବରୁଧର ମେହେର, ଡୁଙ୍ଗୁରିପାଲି ଶାଖାର ସୁନିଲ କୁମାର ମିତ୍ତଲ, ପାଟଣାଗଡ ଶାଖାର କହ୍ନେଇଲାଲ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଶଶିଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହିତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସର୍ବସମ୍ମତିକ୍ରମେ ଅସୀମ ପଟ୍ଟନାୟକ ପୁନର୍ବାର ଶାଖା ସଭାପତି ଓ ସରୋଜ କୁମାର ଭୋଇଙ୍କୁ ଶାଖା ସମ୍ପାଦକ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନାରେ ଶାଖାର ବ୍ରଜରାଜ ହୋତା, ପ୍ରତାପ ସାହୁ, ରାମଜୀ ପ୍ରସାଦ ମିଶ୍ର, ପ୍ରଭୁଦତ୍ତ ଦାଶ, ଚନ୍ଦ୍ରଶେଖର ଦଲେଇ, ସାଧୁରାମ ପୃଷ୍ଟି, ଜଗଦୀଶ ନାଏକ, କୃତ୍ତିବାସ କର୍ମୀ ସହଯୋଗ କରିଥିଲେ ।



ଜୀବନ ବୀମା ଅଭିକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିବା ଅଭିକର୍ତ୍ତା ।

### ପଟନିପିଟାରେ ପିଇବାକୁ ପାଣି ମିଳୁନି

**ଟିକ୍ରାପଡା,୨୩।୯ (ଡି.ଏନ.ଏ.)**

ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ସଦର ମହକୁମାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ପଟନିପିଟା ଗ୍ରାମରେ ଗୁରୁତର ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ଏକ କୂଅ ଖୋଳା ହୋଇଛି । ଏହି କୂଅ ଖୋଳା କାମ ଅଧାପନ୍ତରିଆ ଭାବେ ପଡି ରହିଛି। ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛି। ମୋଟର ବସିନାହିଁ, କିନ୍ତୁ ବିଦ୍ୟୁତ୍ ବିଲ୍ ଆସୁଛି । ଜଳଯୋଗାଣ ପାଇଁ ଗାଁ ଭିତରକୁ ପାଇପ ବିଛା ହୋଇଛି, କନ୍ତୁ ଷ୍ଟାଣ୍ଡ ପୋଷ୍ଟ ନାହିଁ । ପରିଚାଳନା କାର୍ଯ୍ୟ ଦେଖାଶୁଣା କରିବାକୁ ମଧ୍ୟ କେହି ନାହାନ୍ତି। କେନ୍ଦୁ କଟା ପୋଖରୀର ଅତିରିକ୍ତ ଜଳ କୂଅ ଭିତରକୁ ପ୍ରବେଶ କରୁଛି। ଫଳରେ କୂଅର ଜଳ ପ୍ରଦୂଷିତ ହେଉଛି। ଗାଁ ମଧ୍ୟରେ ଥିବା ୪ଟି ନଳକୂଅ ମଧ୍ୟରୁ ୨ଟି ଅଚଳ ଥିବା ବେଳେ ଅନ୍ୟ ୨ଟି ନଳକୂଅରୁ ପର୍ଯ୍ୟାପ୍ତ ଜଳ ବାହାରୁ ନାହିଁ । ଏ ନେଇ ବିଭାଗୀୟ ଯନ୍ତ୍ରୀ ପ୍ରଭାତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲା। ଆଇଏଫଡି ଯୋଜନାରେ ଅନୁମୋଦନ ହୋଇଥିବା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି । ୮ ଲକ୍ଷ ଟଙ୍କାର ରିଭାଇଜଡ ଏଷ୍ଟିମେଟ ଡିଆରଡିଏକୁ ପଠାଯାଇଛି । ଅତିରିକ୍ତ ରାଶି ଆସିବା ପରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି। ଗ୍ରାମର ମହେନ୍ଦ୍ର ଅମାତ, ମିତ୍ରଭାନୁ ଜୁଏଡ, ଶ୍ରୀରାମ ଡୁମୁଲିଆ, ସୁନା ଷାଣ୍ଡ, ମନିଜର ମହାନନ୍ଦ ପ୍ରମୁଖ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ପାଇଁ ଦାବି କରିଛନ୍ତି।

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜିଲା ଓକିଲ ସଂଘ ସଦସ୍ୟ

**ବଲାଙ୍ଗୀର ଅଫିସ,୨୩।୯**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘର ଏକ ଟିମ୍ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି । ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସଂଘ ସମ୍ପାଦକ ଅମନ ନାଗ, ପୂର୍ବତନ ସଂଘ ସଭାପତି ରାଧାକାନ୍ତ ମହାକୁର, ପ୍ରିୟରଞ୍ଜନ ବହିଦାର, ଅମୀୟ ମହାନ୍ତି ଓ ଦର୍ପଦଳନ ପଟ୍ଟନାୟକ ଭୁବନେଶ୍ୱର ଯାଇ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଓକିଲ ସଂଘ ପ୍ରତିନିଧିଙ୍କ ସାକ୍ଷାତ ସମୟରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ମଧ୍ୟ ଉପସ୍ଥିତ ଥିଲେ। ଓଡିଶାରେ ମିଶ୍ରଣ ପୂର୍ବରୁ ପୂର୍ବତନ ପାଟଣା ଷ୍ଟେଟ୍ (ଏବେ ବଲାଙ୍ଗୀର ଜିଲା)ରେ ବିଧିବଦ୍ଧ ଭାବେ ଏକ ହାଇକୋର୍ଟ କାର୍ଯ୍ୟକାରୀ ହେଉଥିଲା। ଓଡିଶାରେ ଏହା ମିଶ୍ରଣ ପରେ ଓଡିଶା ହାଇକୋର୍ଟ କାର୍ଯ୍ୟକାରୀ ହେବାରୁ ବଲାଙ୍ଗୀର ଠାରେ ଥିବା ହାଇକୋର୍ଟ ବିଲୀନ ହୋଇଯାଇଥିଲା। ସେହିଦିନ ଠାରୁ ପଶ୍ଚିମ ଓଡିଶାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ହୋଇଆସୁଛି । ଏ ଦିଗରେ ଯଶବନ୍ତ କମିଶନ ମଧ୍ୟ ଅନୁକୂଳ ସୁପାରିଶ କରିଛନ୍ତି ବୋଲି ବଲାଙ୍ଗୀର ଓକିଲ ସଂଘ ନେତୃତ୍ୱରେ ଦୀର୍ଘଦିନରୁ ଆନ୍ଦୋଳନ ଚାଲିଆସିଛି । ପଶ୍ଚିମ ଓଡିଶାର ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ । ଏଣୁ ସରକାର ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ଓକିଲ ସଂଘ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଥିଲେ। ତେବେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ବଲାଙ୍ଗୀର ଓକିଲ ସଂଘ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଣ୍ଟାବାଞ୍ଜି,୨୩।୯ (ଡି.ଏନ.ଏ.)**

ଓଡିଶା ଅଗ୍ନିଶମ କର୍ମଚାରୀମାନଙ୍କ ବିଭିନ୍ନ ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଫଳରେ କଣ୍ଟାବାଞ୍ଜି ଅଗ୍ନିଶମ କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ଏହି ବନ୍ଦ ପାଳନ ବେଳେ କୌଣସି କର୍ମଚାରୀ ନିଜର ଦାୟିତ୍ୱ ତୁଲାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଓଡିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ଓଡିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ କରାଯାଉ। ଓଡିଶା ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ ଆସୋସିଏସନକୁ ସରକାରୀ ପଞ୍ଜୀକରଣ କରାଯାଉ। ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା ଭୁକ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଜ ଜିଲା ଏବଂ ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି ପ୍ରଦାନ କରାଯାଉ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଓ ଅବସରକାଳିନ ଭତ୍ତା ଯଥା ଶିଘ୍ର ପ୍ରଦାନ କରାଯାଉ। ଅନ୍ୟନ୍ୟା ସରକାରୀ କର୍ମଚାରୀଙ୍କ ଭଳି ୮ଘଣ୍ଟା ଡ୍ୟୁଟିରେ ମୁତୟନ କରାଯାଉ। କେଉଁ କେଉଁ ଡ୍ୟୁଟି କରିବେ ତାହାର ବିଜ୍ଞପ୍ତି ଜାରି କରାଯାଉ। ଖାଲି ପଡିଥିବା ପଦ ଶୀଘ୍ର ପୂରଣ କରିବା ଦାବି ନେଇ କାର୍ଯ୍ୟ ବନ୍ଦ ଡାକରା ଦିଆଯାଇଛି।



ଅଗ୍ନିଶମ କାର୍ଯ୍ୟାଳୟରେ କାର୍ଯ୍ୟ ବନ୍ଦ ଡାକରା।

### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ହତ୍ୟାକାଣ୍ଡ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ଟିଟିଲାଗଡ, ୨୩।୯ (ଡି.ଏନ.ଏ.)**

ଟିଟିଲାଗଡ ସହର ଆଦିବାସୀ ପଡାରେ ଶନିବାର ରାତିରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ହୋଇଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏହି ଦାବିରେ ପଡାବାସୀ ରବିବାର ଟିଟିଲାଗଡ ଉପଜିଲାପାଳଙ୍କ ବାସଭବନ ସମ୍ମୁଖରେ ରାସ୍ତା ରୋକୋ କରିଛନ୍ତି। ସେମାନେ ଉପଜିଲାପାଳ ସୁଧାକର ନାୟକଙ୍କୁ ଭେଟି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ । ଉପଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ତେବେ ସୋମବାର ସୁଦ୍ଧା ତାଙ୍କୁ ଗିରଫ କରା ନ ଗଲେ ପୁଣି ରାସ୍ତାରୋକୋ କରାଯିବ ବୋଲି ପଡାବାସୀ ଚେତାବନୀ ଦେଇଛନ୍ତି। ପ୍ରକାଶଯୋଗ୍ୟ, ଶନିବାର ଗଣେଷ ମୂର୍ତ୍ତି ବିସର୍ଜନ ବେଳେ ପଡାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡୋଗୋଳ ଘଟିଥିଲା। ଏଥିରେ ବଳରାମ ହାତୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ହୋଇ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଛି। ଏ ନେଇ ଏକ ମାମଲା (ନଂ.୩୦୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।


**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)

No. 1482 **NOTICE** Date: 17.09.2018

**No. 443-E:-** This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.

*Sd./- Dean & Principal,*
*Government Medical College & Hospital, Balangir*
10126/11/0011/1819

**Government of Odisha**
**"e" Procurement Notice**
No.624-B
**WORKS DEPARTMENT**
**Bid Identification No. S.E.K.C., Keonjhar No. 16 / 2018-19**
e-mail : sekcpwd_keonjhar@yahoo.com

Letter No. 2908 Dt. 11.09.2018

1. Name of the work :- Construction of H.L. Bridge over river Sona at Joda in Keonjhar district under D.M.F for 2018-19
2. Estimated cost :- Rs. 398.71 Lakhs
3. Period of completion :- 11 (Eleven) Calendar Months
4. Date and Time of availability of Bid document in the portal :- From 11.00 Hours of 25.09.2018 to 16.00 Hours of 10.10.2018
5. Last date / Time for receipt of bids in the portal :- 16.00 Hours of 10.10.2018
6. Date of opening of Bid from Portal :- 12.00 Hours on 12.10.2018
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**.

**Sd./- P.C. Nayak**
**Superintending Engineer**
**Keonjhar (R&B) Circle, Keonjhar**
34004/11/0024/1819

**Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack**
**ODISHA STATE ROAD TRANSPORT CORPORATION, BHUBANESWAR**
No. 13194/OSRTC/ Bhubaneswar Dated 22.09.18

**CORRIGENDUM**
**Operation of OSRTC buses on Charter Basis**

In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:

1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.

All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.

*Sd./- General Manager (Admn.)*
*OSRTC, Bhubaneswar*

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
Phone : - 06842 254004/ FAX : - 06842 255054
Email: sernbphulbani@gmail.com
No.606-B
**INVITATION FOR BIDS (IFB)**
**Bid Identification No. SE-(R&B)-PLB- 05/2018-19**
No. 1148 Dated 18.09.2018

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 2 nos of Building work |
| 4 | Tender cost | :- | Rs. 10,000/- (through online) only |
| 5 | Class of Contractor | :- | "B" Class and 'A' Class |
| 6 | Date & Time of sale & receipt of bids | :- | 27.09.2018 to 10.10.2018 |
| 7 | Date of Opening of bid | :- | 11.00 AM of 11.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Er. Tushar Ranjan Parida**
**Superintending Engineer,**
**Phulbani (R&B) Circle, Phulbani**
34129/11/0007/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, ANGUL
No. 1532 Date: 15 / 09 / 2018
**GOVERNMENT OF ODISHA**
**e- Procurement Notice**
No.535-A
**Bid ID. E.E, M.I. Division, Angul No.-05/2018-19**
E-mail ID: eemidivision_angul@yahoo.com

| | | |
|---|---|---|
| Name of the work | : | Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover) |
| No. of Works | : | 1 (One) No. |
| Estimated Cost | : | Rs.84.00 Lakhs |
| Cost of Tender Paper | : | From Rs. 10,000 /- (Non-Refundable) to be paid electronically through the payment gateway of designated Banks |
| Period of Completion | : | 06(six) calendar months |
| Availability of bid documents for sale and receipt through On-line | : | From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**) |
| Date of opening of bid documents | : | On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website | : | **http:/dowrorissa.gov.in** |
| Name & Address of the OIT | : | Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com** |

Further details can be seen from the e-Procurement market place **http://tendersorissa.gov.in**.

**(Er. J. C. Nayak)**
**Executive Engineer**
**M.I. Division, Angul**
32284/11/0007/1819

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in
**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 7/2018-19**
No.607-B

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Cuttack(R&B)Circle**
34012/11/0016/1819

## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି, ନୂତନ କର୍ମକର୍ତ୍ତା ଚୟନ

**ଲାଞ୍ଜିଗଡ,୨୩।୯(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁର ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ପୂଜାକୁ ନେଇ ଅଞ୍ଚଳରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଥିବାବେଳେ ଏହାକୁ ଶୃଙ୍ଖଳାର ସହ ପାଳନ ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଲମ୍ବୋଦର ପତି ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ତୀର୍ଥ ଗହୀର, ସମ୍ପାଦକ ଭାବେ ଉପେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଭାବେ ବୀରେନ୍ କୁମାର ପଣ୍ଡା ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ଟିଡିସିସି ଅଧକ୍ଷ ଡମ୍ବରୁଧର ମାଝି, ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ଶିକ୍ଷାବିତ୍ ଚକ୍ରଧର ପଣ୍ଡା, ପ୍ରସନ୍ନ ପରିଡା, ଯୁବଲେଖକ ସୁଶୀଲ କୁମାର ବାଗ ପ୍ରମୁଖ ରହିଛନ୍ତି ।

### କେରଳରେ ଓଡିଆ ଶ୍ରମିକ ନିଖୋଜ

**ଭବାନୀପାଟଣା,୨୩।୯(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ପୋଖରୀଗୁଡା ଗାଁର ଦୁତିଆ ମାଝି (୪୩) କେତଲକୁ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିବା ଜଣାଯାଇଛି । ଏ ନେଇ ଦୁତିଆଙ୍କ ସ୍ତ୍ରୀ ହୁଲେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଛନ୍ତି । ପୋଖରୀଗୁଡା ଗାଁର ବତି ମାଝିଙ୍କ ପୁଅ ଦୁତିଆ ଗତ ଜୁଲାଇ ୧୭ ତରିଖରେ ସାଙ୍ଗମାନଙ୍କ ସହ ମିଶି କେତଲକୁ କାମ ଅନ୍ବେଷଣରେ ଯାଇଥିଲେ । ସେ କେରଳର ତ୍ରିଶୂଳ ସହରର ଆୟୂଷ ହୋଟେଲ୍‌ରେ ଜୁଲାଇ ୩୦ ତାରିଖରୁ କାମ କରୁଥିବା ଦୁତିଆ ପରିବାର ଲୋକଙ୍କୁ ଫୋନ୍‌ରେ ଜଣାଇଥିଲେ। ଏହା ପରେ ଆଉ ତାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ । ବହୁ ଦିନ ଧରି ତାଙ୍କ ଫୋନ୍ ବନ୍ଦ ରହିବାରୁ ପରିବାରବର୍ଗ ଦୁତିଆଙ୍କ ସାଙ୍ଗମାନଙ୍କ ସହ ଯୋଗାଯୋଗ କରିଥିଲେ । ମାତ୍ର ଦୁତିଆଙ୍କ ପତ୍ତା ମିଳୁ ନ ଥିବା ସାଙ୍ଗମାନଙ୍କଠାରୁ ଜାଣିବା ପରେ ପରିବାର ଲୋକ ଭାଙ୍ଗି ପଡିଛନ୍ତି । ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ପଚାରିବାକୁ ଘଟଣା ସମ୍ପର୍କରେ ଜିଲା ଶ୍ରମ ବିଭାଗକୁ ଅବଗତ କରାଯାଇଛି ବୋଲି କହିଛନ୍ତି । ତାଙ୍କ ସହ ଯାଇଥିବା ଲୋକଙ୍କ ସହ ଯୋଗାଯୋଗ କରାଯାଉଛି । ସେମାନଙ୍କ ସହ ଯୋଗାଯୋଗ ହେବା ପରେ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

### ମାନବିକତା ଦେଖାଇଲେ ସାମାଜିକ କର୍ମୀ

# ପୀଡ଼ିତା କୁମୁଦିନୀ ଡାକ୍ତରଖାନାରେ ଭର୍ତ୍ତି

**କୁନାଗଡ,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ମାଟିଗାଁ ଗ୍ରାମର କୁମୁଦିନୀ ପୂଝାରୀ (୨୩) ଗତ ୩ ବର୍ଷ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କ ହାତ, ଗୋଡ ଠିକ ଭାବରେ ଚଳ ପ୍ରଚଳ ହୋଇପାରୁନାହିଁ। ଫଳରେ ଦିନରାତି ସେ ଅତିକଷ୍ଟରେ ଅସହାୟ ଭାବରେ ଜୀବନ ଯାପନ କରୁଛନ୍ତି। ପୂର୍ବରୁ ତାଙ୍କ ବାପା ମଙ୍ଗଲି ଓ ମା' ଖିତିସୁତାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଏବେ ତାଙ୍କ ବୃଦ୍ଧା ଜେଜେମା ହେମ (୬୪) ସାହାର ପାଲଟିଛନ୍ତି। ବୃଦ୍ଧା ହେମ ତାଙ୍କୁ ନେବା ଆଣିବା କରିବା ସହ ମା' ଭଳି ଖୁଆଇ ସେବା କରୁଛନ୍ତି। ସରକାରୀ ସହାୟତା ବାବଦକୁ କେବଳ ୩ ଶହ ଟଙ୍କା ଭତ୍ତା ବୃଦ୍ଧା ହେମଙ୍କୁ ମିଳୁଥିବା ବେଳେ ରାଶନ କାର୍ଡଟିଏ ମଧ୍ୟ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ ଉଭୟଙ୍କ ପାଇଁ ଦୁଇ ଓଳି ଖାଇବା କଷ୍ଟକର ହୋଇପଡିଛି । ଏହି କ୍ଷେତ୍ରରେ କୁମୁଦିନୀଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଫଳରେ ଦିନକୁ ଦିନ ସେ ଶୁଖିଯିବା ସହ ହାତଗୋଡ ଅଚଳ ହେବାରେ ଲାଗିଛି। କୁମୁଦିନୀ ଓ ତାଙ୍କ ଜେଜେମା ହେମ ଏଭଳି ଅସହାୟ ଭାବେ ଜୀବନ ଯାପନ କରୁଥିବା ବିଷୟରେ ଜାଣିପାରି ରବିବାର ସାମାଜିକ କର୍ମୀ ସୁଖବିନ୍ଦର ସିଂହ ଓ ଅମିତ ପୁରୋହିତ ମାଟିଗାଁରେ ପହଞ୍ଚିଥିଲେ । ସେଠାରେ ସେମାନେ ତାଙ୍କ ଦୟନୀୟ ଅବସ୍ଥା ଦେଖିବା ସହ କୁମୁଦିନୀଙ୍କ କିପରି ଶୀଘ୍ର ଚିକିତ୍ସା ହୋଇପାରିବ ସେ ସମ୍ପର୍କରେ କୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ସାମାଜିକ କର୍ମୀ ଅମିତ କୁମୁଦିନୀଙ୍କ ଘର ପାଇଁ ଯାହାକିଛି ରାଶନ ଆବଶ୍ୟକ ହେବ ତାହା ସେ ନିଜ ଦୋକାନରୁ ଦେବେ ବୋଲି କହିଥିଲେ। ଅପରାହ୍ନରେ କୁନାଗଡ ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ସାମାଜିକ କର୍ମୀ ସୁଖବିନ୍ଦର ସିଂହ, ଅମିତ ପୁରୋହିତ ପ୍ରମୁଖ ମାଟିଗାଁକୁ ଯାଇ ରୋଗରେ ପୀଡିତା କୁମୁଦିନୀଙ୍କୁ ଚିକିତ୍ସା କରିବା ପାଇଁ କୁନାଗଡ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଏବେ କୁମୁଦିନୀଙ୍କ ଚିକିତ୍ସା ଚାଲିଛି। ଅନ୍ୟପକ୍ଷରେ ଏପରି ମାନବିକତା କାମ ଯୋଗୁ ସାମାଜିକ କର୍ମୀ ଓ ବିଜୁ ମହିଳା ଜନତା ଦଳଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।



ରୋଗରେ ପୀଡିତ କୁମୁଦିନୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

- ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ
- ପୂର୍ବରୁ ମା'ବାପାଙ୍କ ମୃତ୍ୟୁ ଘଟିଛି
- ବୃଦ୍ଧା ଜେଜେମା' ଭରସା

# ନୂଆଁଖାଇ ଭେଟ୍‌ଘାଟ ଉପଲକ୍ଷେ ମାରାଥନ ଦୌଡ଼ ପ୍ରତିଯୋଗିତା

**ରିଷିଡା,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡାସ୍ଥିତ ଜ୍ୟୋତି ବିକାଶ ଯୁବକ ସଂଘ ତରଫରୁ ରବିବାର ପୂର୍ବାହ୍ନରେ ନୂଆଁଖାଇ ଭେଟ ଉପଲକ୍ଷେ ମାରାଥନ୍ ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ବିଶିଷ୍ଟ ଯୁବନେତା ଶରତ କୁମାର ସାହୁ ଉଦଘାଟନ କରିଛନ୍ତି । ପିଇଟି ଲଳିତ କୁମାର ଗୌଡ ଓ ସୁଧୀର କୁମାର ପାତ୍ର ମାରାଥନ୍ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ । ରିଷିଡା ମାର୍କେଟଠାରୁ ବ୍ରାହ୍ମଣୀମୁଣ୍ଡା ପର୍ଯ୍ୟନ୍ତ ଏହି ଦୌଡ ହୋଇଥିଲା । ସଂଘ ସଭାପତି ଫକୀର ଚରଣ ସାହୁ, ସମ୍ପାଦକ ନରୋତ୍ତମ ସେଲମାଙ୍କ ସମେତ ସୁଶାନ୍ତ କୁମାର ପାତ୍ର, ପୀତବାସ ରଣା, ପୀତବାସ ସାହୁ, ଶେଷଦେବ ରଣା, କୈଳାଶ ଚନ୍ଦ୍ର ପାତ୍ର, ଟଙ୍କଧର ସାହୁ ପ୍ରମୁଖ ସହାୟତା କରିଥିଲେ ।


ମାରାଥନ୍ ଦୌଡ ପ୍ରତିଯୋଗିତାକୁ ମୁଖ୍ୟଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ଧର୍ମଗଡ଼ ଉପଖଣ୍ଡସ୍ତରୀୟ ମହା ଡାକମେଳା



ଉପଖଣ୍ଡସ୍ତରୀୟ ଡାକ ମେଳାରେ ମଞ୍ଚାସୀନ ଅତିଥି ।

**ଲଡୁଗାଁ,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ କୁସୁମଖୁଣ୍ଟିଠାରେ ଉପଖଣ୍ଡସ୍ତରୀୟ ଡାକ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ କଳାହାଣ୍ଡି ଡାକ ଅଧୀକ୍ଷକ ପଦ୍ମନାଭ ଦାସ ସଭାପତିତ୍ୱ କରିଥିବା ବେଳେ ଧର୍ମଗଡ ଉପଅଧୀକ୍ଷକ ମହନ ସୁନା, ନୂଆପଡା ଉପଅଧୀକ୍ଷକ ସୌମ୍ୟରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ଡାକ ବିଭାଗ ପକ୍ଷରୁ ମିଳୁଥିବା ଅନେକ ସୁବିଧା ଓ ସୁଯୋଗ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା। ମୁଖ୍ୟତଃ କିଛିଦିନ ତଳେ ଆରମ୍ଭ ହୋଇଥିବା ଡାକ ବିଭାଗର ନୂତନ ସେବା ଆଇପିପିବି ଉପରେ ଲୋକଙ୍କୁ ବୁଝାଇବା କରିବା ସହ ଇନସ୍ୟୁରେନ୍ସ, ସଞ୍ଚୟ ଖାତା, ଆର୍‌ଡି, ସୁକନ୍ୟା ସମୃଦ୍ଧି ଯୋଜନାର ଲାଭ କିପରି ଲୋକେ ନେଇ ପାରିବେ ସେ ଉପରେ ମୁଖ୍ୟ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୋସିଆ ସବ୍‌ପୋଷ୍ଟ ମାଷ୍ଟର ପରିଚାଳନା କରିଥିବା ବେଳେ ଚାହାରବାହାଲ ସବ୍‌ପୋଷ୍ଟ ମାଷ୍ଟର ଆଦିତ୍ୟ ରାଉତ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟପାଟଣା, କୋକସରା, ପର୍ଲା, ଆମପାଣି, କଳମପୁର ଓ ଅନ୍ୟ ବ୍ଲକରୁ ୬୦ରୁ ଉର୍ଦ୍ଧ୍ୱ ଡାକ କର୍ମଚାରୀ ଯୋଗଦେଇଥିଲେ।

## ଅସୁସ୍ଥ ସିଆର୍‌ପିଏଫ୍ ଯବାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଭବାନୀପାଟଣା,୨୩।୯(ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ଦୁଆରଶୁନି ଛକ ନିକଟସ୍ଥ ସିଆରପିଏଫ କ୍ୟାମ୍ପରେ ଅସୁସ୍ଥ ଥିବା ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ସୁରେଶ ନିମ୍ବାଳକରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ନିମ୍ବାଳକର ହାଠତ୍ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ । ପରେ ତାଙ୍କୁ ନେବା ବାଟରେ ସେ ଅଧିକ ଅସୁସ୍ଥ ହୋଇ ପଡିବାରୁ ପୁର୍ନବାର ଭବାନୀପାଟଣା ଡାକ୍ତରଖାନାକୁ ଫେରାଇ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଶନିବାର ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ନିଜ ଗାଁ ମହାରାଷ୍ଟ୍ରର ମହାଡି ଗ୍ରାମକୁ ପଠାଇ ଦିଆଯାଇଛି।

### ଫସଲ ବୀମା ପାଇବାରେ ବିଳମ୍ବ

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କର୍ଲାମୁଣ୍ଡା,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ୨୦୧୭ ଆର୍ଥିକ ବର୍ଷର ପ୍ରଧାନମନ୍ତ୍ରୀ ପସଲ ବୀମାର ରାଶି ପାଇବାରେ ଅହେତୁକ ବିଳମ୍ବ ହେଉଥିବା ନେଇ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ଅଭିଯୋଗ କରିଛି। ଏ ନେଇ ଶନିବାର କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚର ନେତୃତ୍ୱରେ ଚାଷୀମାନେ କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ରୋହିତନନ୍ଦଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମତେ ଏହି ବ୍ଲକର ଗଜବାହାଲ ପଞ୍ଚାୟତ ଧଅଁରାଖମନ ଗାଁର ଲାଲମନ ଭୋଇ, ଭୂବନ ପୁଟେଲ, ପୀତାମ୍ବର ପୁଟେଲ, କଅଁସିଲ ଗାଁର କୁଳମଣି ମାଝି, ହାଡିବନ୍ଧୁ ଗହୀର, ଭୋଜରାଜ ରାଉତ, ଜଗନ୍ନାଥ ପୁଟା, ବିକ୍ରମ ଭୋଇ, ଟିକେବୁଡୁ ଭୋଇ, ଗଣେଷ ପୁଟା, ଭଗତରାମ ଭୋଇ, ବାଳକୃଷ୍ଣ ପୁଟା, ହସ୍ତଶୀରା ମାଝି, ସାରଦା ଭୋଇ, ପୌରକେଲା ପଞ୍ଚାୟତ କୁନ୍ଦେଇପାଲି ଗାଁର ରୁପାଧର ସୁନା, ତ୍ରିଲୋଚନ ସୁନା, ନରେନ୍ଦ୍ର ସୁନା, ଧର୍ମାନନ୍ଦ ସୁନା, ଚଉବନ ସୁନା, ଭୋଜରାଜ ରଣା, ପ୍ରଦୀପ ଭୋଇ, ରିଷିଡା ପଞ୍ଚାୟତ ଅରୁଣ କୁମାର ରଣା, ସିଲେଟପଡାର ଜମୁନା ଜାନୀ ପ୍ରମୁଖ ଚାଷୀମାନେ ଟାଟା ଏଆଇଜି ଜେନେରାଲ ଇନ୍‌ସ୍ୟୁରାନସ୍ ଲିମିଟେଡ ବୀମା କମ୍ପାନୀରେ ଶହ୍ୟବୀମା ପ୍ରିମିୟମ ଜମା କରିଥିଲେ। ବ୍ଲକ ଅନ୍ୟ ଚାଷୀମାନେ ବୀମାରାଶି ପାଇଥିବା ବେଳେ ଉପୋରକ୍ତ ଚାଷୀମାନେ ଅଦ୍ୟାବଧି ବୀମାରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଦାବିପତ୍ର ପ୍ରଦାନରେ କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ମଧୁସୂଦନ ବାଗ, କୋଷାଧକ୍ଷ ପ୍ରଦୀପ ସାହୁ, ସଭ୍ୟ ବଳଦେବ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।


ତହସିଲ କାର୍ଯ୍ୟାଳୟ ମୁଖ୍ୟକିରାଣିଙ୍କୁ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଆବାସ ଯୋଜ୍‌ନାରୁ ବଁଚିତ୍ ଆଦିବାସୀ ପରିବାର

**ପଲମ,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଭୀମକେଲା ପଁନ୍‌ଚେତ ଫଲସାପଡା ଗାଁର ବାସିନ୍ଦା ହେଉଛନ୍ ଲୁଥୁ ମାଝି। ସେ ଝନେ ନିହାତି ଗରିବ୍ ଆଦିବାସୀ ଲୋକ୍ ଆଏ। କୁଲି ମଜୁରି କରି ନିଜର କୁଟୁମ୍ ପୁଷିଆସୁଛନ୍। ହେଲେ ଇ କୁଲି ମଜୁରି କରି ତାକର କୁଟୁମ୍ ପୁଷ୍‌ଲାବେଲେ ତାହାକୁ ବହୁତ୍ ଭିଡ ହେଉଛେ। ଏନ୍‌ତାଥି ଯଦି ଜରେତପେ କି ବେମାରସେମାର ହେଲେ କଥା ସଏଲା। ଜମିମାଡି କହେଲେ ୨୦ ଡିସିମିଲ। କୁଟୁମ୍ ଚଲାବାରେ ଅସ୍‌ବିଧା ହେଉଥିବାର ଲାଗି ଚାଷ୍‌ବାସ ସମିଆରେ ଦୁଇ ମାଏଝିମୁନୁଷ ଉନିଆ ସାହୁକାର ପାସେ ମଜୁରୀ କର୍‌ସନ୍। ୨ ପୁଓ ପ୍ରାଥମିକ ସ୍କୁଲରେ ପଢୁଥିଲା ବେଲେ ଟଁକା ପଏସା ଅଭାବ୍ ଲାଗି ତାହାକୁ ଟ୍ୟୁସନ ବି ପଢେଇ ନାଇଁ ପାରବାର। ଏନ୍‌ତାଥି ଫେନ୍ ଘରେ ବଢ଼ଲା ଝିଁକେ ବିହାକରବାର ସମିଆ ହେଲାନ। ଝାଁଟିମାଟି ଘରେ ରହୁଥିଲେ ବି ପରିବାରକେ ଆବାସ ଯୋଜ୍‌ନାରେ ପକା ଘର୍‌ଖଁଡେ ନାଇଁ ମିଲିପାରି। ଗଲା ଲଘୁଚାପ ବର୍‌ଷାରେ ତାକର କୁରିଆର ଫାଲେ ଭାଂଗି ଯାଇଛେ। ଏନ୍‌ତାଥି ପର୍‌ଶାସନ ଇ ଅସାହା ପରିବାରକେ ଘର୍ ଯୁଗାବାରଟା ତ ଡେନ୍‌କେ ଥାଉ ପଲିଥିନ୍ ଖଁଡେ ବି ନାଇଁଦେଇ। ଜୀବନ୍‌କେ ପାଏନ୍ ଛଡେଇ ପରିବାରଟା ବଡ଼ା ଗୁଲ୍‌ଗୁଲା ହେଇ ଭାଂଗା ଘରେ ଜୀବନ୍ ବିତଉଛନ୍। ଥାନୀୟ ସରପଁଚ୍‌କେ ବି ଗୁହାରି କରିଥିଲେ ହେଲେ କିଛି ଲାଭ୍ ନାଇଁହେଲା। ଇଆଡେ ଯେ ସରକାର ଗରିବ୍‌ଦୁଖିକର ଲାଗି ଯୋଜ୍‌ନା ଉପରେ ଯୋଜ୍‌ନା ତିଆର କରୁଛନ୍ ହେଲେ ଆଦିବାସୀମାନ୍‌କର ଦୁଖ୍ କେଭେ ନାଇଁ ମେଟ୍‌ବାର। ପକା ଘର ଥିଲା ଲୋକ୍ ଆବାସ ଯୋଜନାରେ ସାମିଲ ହେଇ ପକା ଉପରେ ପକା ବନଉଥିଲା ବେଲେ ଖଟିଖିଆ ନିହାତି ଗରିବ୍‌ମାନେ ଭାଂଗା ଦଦ୍‌ରା ଘରେ ଥିଲେ ବି ଯୋଜ୍‌ନାରୁ ବାଦ୍ ପଡୁଛନ୍। ଯାହାକେ ଯେତେ ଗୁହାରପାତ୍ କଲେ ହେଲେ ଗରିବ୍‌କର କଥା ଶୁନୁଛେ କିଏ। ପର୍‌ଶାସନିକ୍ ଉଦାସୀନତା ଆର୍ ନେତାକର ପାତରଅଁତର ନୀତିର ଲାଗି ଏନ୍‌ତା ହକ୍‌ଦର ଲୋକ୍ ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ ହେଉଛନ୍। ଇ ପରିବାର ଲାଗି ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ମାସିକ୍ ମିଲୁଥିବାର ୨୫ କେ.ଜି. ଚାଉଲ। ନର୍ଲା ବ୍ଲକ୍ ଅଧିକାରୀ ଆର୍ ଜିଲା ପର୍‌ଶାସନ୍ ଇ ଗରିବ୍ ପରିବାରକେ ଦୁରୁଷ୍‌ଟି ଦେଇ ସରକାରୀ ସୁବିଧା ସୁଯୋଗ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।


ନିଜର ଭଂଗା କୁରିଆ ଆଘେ କୁଟୁମ୍‌ବସିଆ ଲୁଥୁ ମାଝି।

**ନର୍ଲା ବ୍ଲକ୍**
- ଲଘୁଚାପ୍ ବର୍‌ଷାରେ ଘରର୍ ଫାଲେ ଭାଂଗି ଯାଇଛେ
- ଅଭାବ୍ ଲାଗି ୨ ପୁଓକୁ ଠିକ୍‌ରେ ପଢ଼େଇ ନାଇଁ ପାରବାର
- ହାତ୍ ଚଲ୍‌ଲେ ଚୁଲି ଜଲୁଛେ, ଜରେତପେ ପଡ଼ଲେ କଥା ସଏଲା

# ବାହାର ରାଜ୍ୟକୁ ଦାଦନ ଶ୍ରମିକଙ୍କ ସୁଅ

**କେସିଙ୍ଗା,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ତଥା କେସିଙ୍ଗା ବ୍ଲକ ବିଭିନ୍ନ ଅଞ୍ଚଳରୁ ନୂଆଁଖାଇ ସରିବା ପରେ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ସୁଅ ଛୁଟୁଛନ୍ତି। ପଶ୍ଚିମାଞ୍ଚଳର ଗଣପର୍ବ ନୂଆଁଖାଇ ପାଇଁ ଶ୍ରମିକମାନେ ପ୍ରତ୍ୟେକ ବର୍ଷ ପରି ନୂଆଁଖାଇବା ପାଇଁ ନିଜ ଗ୍ରାମକୁ ଆସିଥାନ୍ତି। ନୂଆଁଖାଇ ସରିବା ପରେ ବର୍ଷକ ଥରେ ପୁଣି ଶ୍ରମିକମାନେ କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଶ୍ରମିକ ରବିବାର ବିଶାଖାପାଟଣା-ଏଲଟିଟି ଦୃତଗାମୀ ଟ୍ରେନ ଯୋଗେ ଯାତ୍ରା କରିଥିଲେ। ସେହିପରି ଜିଲାର ଜୟପାଟଣା, ଧର୍ମଗଡ, କୁନାଗଡ, ଭବାନୀପାଟଣା, କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା ଏମ.ରାମପୁର ଅଞ୍ଚଳର ଶତାଧିକ ଶ୍ରମିକମାନେ ବାହାର ରାଜ୍ୟ ଯଥା ମୁମ୍ବାଇ, ହରିୟାଣା, ଗୁଜରାଟ, ମହାରାଷ୍ଟ୍ର, ନୂଆଦିଲ୍ଲୀ, ଆଗ୍ରା ଆଦି ବାହାର ରାଜ୍ୟକୁ ପ୍ରତ୍ୟେକ ରବିବାର, ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ବିଶାଖାପାଟଣାରୁ ମୁମ୍ବାଇ, ନିଜାମୁଦ୍ଦିନ ଇତ୍ୟାଦି ଦୃତଗାମୀ ଟ୍ରେନ ଯୋଗେ ଶ୍ରମିକମାନଙ୍କ ସୁଅ ଛୁଟୁଛନ୍ତି । ଚଳିତ ଖରିଫ ଋତୁରେ ଭଲ ବର୍ଷା ହୋଇଥିବାରୁ ଧାନ, କପା, ମକା, ଚିନାବାଦାମ ଆଦି ଫସଲକୁ ଘର ମୁଖିଆଙ୍କୁ ଚାଷ କାର୍ଯ୍ୟର ସମସ୍ତ ଭାର ଦାୟୀତ୍ୱ ଦେଇ ଯୁବ ଶ୍ରମିକମାନେ ଅଧିକାଂଶ ବାହାର ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକଙ୍କ ଘରେ ୧୦୦ ଦିନର ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରୁଥିବା ବେଳେ ଲୋକେ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଇ ମୃତ୍ୟୁମୁଖରେ ପଡୁଥିବା ଅନେକ ନଜିର ରହିଛି । ଦାଦନ ସମସ୍ୟା ରୋକିବା ପାଇଁ ସରକାର ଦୃଷ୍ଟି ଦେଲେ ଲୋକେ ଦାଦନ ଶ୍ରମିକ ଭାବରେ ବାହାର ରାଜ୍ୟକୁ ଯିବାରୁ ବଞ୍ଚିତ ହୁଅନ୍ତେ ।

**ସରିଲା ନୂଆଁଖାଇ**

## ଗାଁରେ ପହଞ୍ଚିଲା ଜଣେ ଦାଦନ ଶ୍ରମିକଙ୍କ ମୃତଦେହ

**ଲଡୁଗାଁ,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମାଝିଗୁଡା ଗ୍ରାମର ଜୟଶଙ୍କର ଠେଲା (୨୦) ନାମକ ଶ୍ରମିକଙ୍କ ହାଇଦ୍ରାବାଦରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ରବିବାର ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗତ ୬ ମାସ ତଳେ ମାଝିଗୁଡା ଗ୍ରାମର ଗଣପତି ଠେଲାଙ୍କ ପୁଅ ଜୟଶଙ୍କର ଗାଁ ପିଲାଙ୍କ ସହ ଦାଦନ ଶ୍ରମିକ ଭାବେ ହାଇଦ୍ରାବାଦ ଯାଇଥିଲେ। ସେ ହାଇଦ୍ରାବାଦର ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ । ଗତ ଶୁକ୍ରବାର କାମ କରିବାକୁ ଯାଇଥିବା ବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଏ ନେଇ ସାଥୀ ଶ୍ରମିକମାନେ ଫୋନ୍ ଯୋଗେ ଜୟଶଙ୍କର ପରିବାରକୁ ଖବର ଦେଇଥିଲେ । ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ମା'ବାପା ଭାଙ୍ଗି ପଡିଛନ୍ତି। ଜିଲାରେ ପ୍ରତି ମାସରେ ଦାଦନ ମୃତ୍ୟୁବରଣ କରୁଥିବା ବେଳେ କାମଧନ୍ଦା ଯୋଗାଇବାରେ ସରକାର ବିଫଳ ହୋଇଥିବା ଯୋଗୁ ଏଭିଳି ଘଟଣା ବାରମ୍ବାର ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି ।


କେସିଙ୍ଗା ରେଳୱେ ଷ୍ଟେଶନରୁ ଶତାଧିକ ଶ୍ରମିକମାନେ ବିଶାଖାପାଟଣା-ଏଲଟିଟି ଟ୍ରେନ ଯୋଗେ ମୁମ୍ବାଇ ଅଭିମୁଖେ ଯାତ୍ରା କରୁଛନ୍ତି ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ୍.ଏ.)୨୩।୯-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦଣ୍ଡିଆପାଲି ଛକରେ ରବିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିନାହିଁ। ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗ ହାଉସରେ ରଖାଯାଇଛି। ସୂଚନାନୁସାରେ ରବିବାର ଅପରାହ୍ନ ସାଢ଼େ ୧ଟାରେ ବୃଦ୍ଧା ଜଣକ ଦଣ୍ଡିଆପାଲି ଛକରେ ଠିଆ ହୋଇଥିବା ବେଳେ ତାଙ୍କୁ ଏକ ଅଜଣା ଭାରିଯାନ ଧକ୍କା ଦେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ପୋଲିସ ସହାୟତାରେ ବୃଦ୍ଧାଙ୍କୁ ଆର୍‌ଜିଏଚ୍ ନିଆଯାଇ ଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଲୋହାର ସମାଜ ବୈଠକ

**ରାଉରକେଲା ଅଫିସ,୨୩।୯-** ଦେଓଗାଁ ଲୋହାର ବସ୍ତିଠାରେ ରବିବାର ଲୋହାର ଜନ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜଗନ୍ନାଥ ଲୋହାର ଅଧକ୍ଷତା କରିଥିଲେ। ଆସନ୍ତା ଅକ୍ଟୋବର ୧୪ରେ ଅନୁଷ୍ଠିତ ହେବାକୁ ଥିବା ଲୋହାର ସମାଜ ସମ୍ମିଳନୀ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ, ଲୋହାର ଜାତିକୁ ଆଦିବାସୀ ଜନଜାତି ମାନ୍ୟତା ନେଇ ଦାବି କରାଯାଇ ଆସୁଛି। ତେବେ ଏ ଦିଗରେ ସରକାର ନୀରବ ରହିବା କାରଣରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗାମୀ ସମ୍ମିଳନୀରେ ଏହି ଦାବି ଉପରେ ଅଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସତ୍ୟନାରାୟଣ ଲୋହାର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଅଜୟ ଶର୍ମା, ଗୋବିନ୍ଦ ଲୋହାର, ଶୁକ୍ରା ଲୋହାର, ନୀତୀଶ ଲୋହାର, ବିକାଶ ଲୋହାର, ସୁରେଶ ଲୋହାର, ଆନନ୍ଦ ଶର୍ମା, ରଘୁନାଥ ଲୋହାର, ରାମପାଲ ଲୋହାର ଓ କ୍ରିଷ୍ଣା କଇଁଥା ପ୍ରମୁଖ ଉପସ୍ଥିତ ଥିଲେ।

### ୟୁଜିଆଇଇରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୩।୯-** ଉତ୍କଳମଣି ଗୋପବନ୍ଧୁ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ (ଜୁଜିଆଇଇ) ପରିସରରେ ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ସଂଯୋଜକ କୁନବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବରିଷ୍ଠ ବିଜେଡି ନେତା ତଥା ଆର୍‌ଡିଏ ଅଧକ୍ଷ ସାରଦା ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜୁ ଶ୍ରମିକ ସଂଗଠନର ଉପସଭାପତି ବୈଦ୍ୟନାଥ ମିଶ୍ର, ଶ୍ରୀଚରଣ ମହାନ୍ତି, ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ବିଭୂତି ପୁହାଣ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ରାଣାପ୍ରତାପ ସିଂ, ଜଶବିନ୍ଦର ସିଂ ଗୋଲ୍ଡି, ଶଙ୍କର ଜେନା, ମାନସ ମହାନ୍ତି, ସରୋଜ ପ୍ରଧାନ, ଅଜିତ ଖଣ୍ଡୁଆଲ, ସୁଶାନ୍ତ ପରିଡ଼ା, ଭରତ ଦାସ, ସୁଜିତ ସ୍ୱାଇଁ, ଅନୀଲ ସିଂ, ନିରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୯୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ନେଇ ସ୍ମାର୍ଟ ସିଟି ଓ ଆର୍‌ଏମ୍‌ସି ପକ୍ଷରୁ ଆୟୋଜିତ ସଫେଇ ଅଭିଯାନରେ ସାମିଲ ହକି ତାରକା ଦିଲୀପ ତିର୍କୀ, ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା ଓ ଅନ୍ୟମାନେ।

# ପ୍ଲାଷ୍ଟିକ ଫ୍ରି ଅଭିଯାନରେ ସଫେଇ

- ଆର୍‌ଏମ୍‌ସି, ସ୍ମାର୍ଟ ସିଟି ପକ୍ଷରୁ ମିଳିତ ପ୍ରୟାସ
- ଯୋଗଦେଲେ ପୂର୍ବତନ ହକି ତାରକା ଦିଲୀପ ତିର୍କୀ
- ପ୍ଲାଷ୍ଟିକ ବିରୋଧରେ ଲୋକଙ୍କୁ କରାଗଲା ସଚେତନ

**ରାଉରକେଲା ଅଫିସ,୨୩।୯**

ସହରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ନେଇ ରାଉରକେଲା ମହାନଗର ନିଗମ ଓ ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ସମ୍ଭବ ଅଭିଯାନକୁ ସଫଳ କରିବା ନେଇ ରବିବାର ଉଦିତନଗର ଆମ୍ବେଡକର ଛକରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ବିଶିଷ୍ଟ ହକି ତାରକା ତଥା ପୂର୍ବତନ ଏମ୍‌ପି ତଥା ହକି ତାରକା ଦିଲୀପ ତିର୍କୀ ଯୋଗଦେଇ କହିଲେ, ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରତି ବିପଦ ସୃଷ୍ଟି ହେଲାଣି। ଏହାକୁ ବର୍ଜନ କରିବା ନେଇ ସହରବାସୀ ସଚେତନ ହେବା ଆବଶ୍ୟକ। ବିଭିନ୍ନ କ୍ଷେତ୍ରରେ ବାଧକ ସାଜିଥିବା ଏହି ପ୍ଲାଷ୍ଟିକ ବର୍ଜନ ଅଭିଯାନକୁ ସଫଳ କରିବାକୁ ତିର୍କୀ ଆହ୍ୱାନ ଦେଇଥିଲେ। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ମହାନଗର ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ମିଳିମିଶି କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମହାନଗର ନିଗମ କମିଶନର ରଶ୍ମିତା ପଣ୍ଡା କହିଲେ, ସହରବାସୀ ଏହି ଅଭିଯାନରେ ସାମିଲ ହୋଇ ଏକ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ଗଠନ ଦିଗରେ ସହାୟତା ପ୍ରଦାନ କଲେ ଅଭିଯାନ ସଫଳ ହେବ। ଆସନ୍ତା ଅକ୍ଟୋବର ୨ରୁ ପଲିଥିନ ବ୍ୟାଗ, ପ୍ଲାଷ୍ଟିକ ଓ ଥର୍ମୋକୁଲ ସାମଗ୍ରୀ ଆଦି ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯିବ ବୋଲି ପଣ୍ଡା କହିଥିଲେ। ଏହି ସଫେଇ ଅଭିଯାନ ଆମ୍ବେଡକର ଛକରୁ ଆରମ୍ଭ ହୋଇ ଡେଲିମାର୍କେଟ ପର୍ଯ୍ୟନ୍ତ ଜାରି ରହିଥିଲା। ଏଥିରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ, ଫିଡ୍‌ବ୍ୟାକ୍ ଫାଉଣ୍ଡେଶନ, ବିଜୁ ଯୁବବାହିନୀର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ଗଠନ ନେଇ ସଚେତନତା କରାଯାଇଥିଲା। ବ୍ୟବସାୟୀଙ୍କୁ ପଲିଥିନ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାତୀୟ କ୍ରୀଡ଼ା ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ଆର୍‌ଏମ୍‌ସି ଉପାୟୁକ୍ତ ସୀତାଦେବୀ ମାଝି ଓ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯାନରେ ଯୋଗଦେଇଥିବା ଲୋକଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ମହାନଗର ନିଗମ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ସମ୍ଭବ ନାମରେ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହା ମାଧମରେ ସହରବାସୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି। ଏଥିସହ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ପରିଚାଳନା ନିୟମାବଳୀ ସମ୍ପର୍କରେ ମଧ୍ୟ ଅବଗତ କରାଯାଉଛି।

ଜିଲା କଂଗ୍ରେସ ବୈଠକ

# ବୁଥ୍ ସ୍ତରରେ ସଂଗଠନକୁ କ୍ରିୟାଶୀଳ କରାଯିବ

**ରାଉରକେଲା ଅଫିସ,୨୩।୯**

ସେକ୍ଟର-୨୧ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ରବି ରାୟ ଅଧକ୍ଷତା କରିଥିଲେ। ଏହି ଅବସରରେ ମୋ ବୁଥ୍ ମୋ ଗୌରବ, କଲେଜ ନିର୍ବାଚନ ଓ ଦଳୀୟ ଶୃଙ୍ଖଳା ନେଇ ଆଲୋଚନା କରାଯାଇଥିଲା। ବୁଥ୍ ସ୍ତରରେ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରାଯିବା ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ବ୍ଲକ କଂଗ୍ରେସ ଦାୟିତ୍ୱରେ ଥିବା ନେତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ବ୍ଲକ ସଭାପତି ସାଙ୍ଗଠନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ଏନେଇ ଜିଲା ମୁଖ୍ୟାଳୟ ତଥା ସଭାପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିଭଳି ଆଗାମୀ ଦିନରେ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନ ନେଇ ମଧ୍ୟ ଏଥିରେ ଆଲୋଚନା କରାଯାଇଥିଲା। ଛାତ୍ର କଂଗ୍ରେସ ସଂଗଠନକୁ ଶକ୍ତିଶାଳୀ କରି ଏଥିରେ ବିଜୟୀ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅବଶ୍ୟକ ସ୍ଥଳେ ଏନେଇ ସ୍ୱତନ୍ତ୍ର ତଦାରଖ କମିଟି ଗଠନ କରିବାକୁ ମତ ପ୍ରକାଶ ପାଇଥିଲା। ଦଳକୁ ଅଧିକ ସଂଗଠିତ କରିବାକୁ ହେଲେ ଶୃଙ୍ଖଳା ରକ୍ଷା ଦିଗରେ ସମସ୍ତଙ୍କୁ ନଜର ଦେବାକୁ ପଡ଼ିବ ବୋଲି କହିଥିଲେ ବରିଷ୍ଠ ନେତା। ଯଦି କେହି ଦଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ତାଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଥିଲା। ଆସନ୍ତା ଗାନ୍ଧୀ ଜୟନ୍ତୀକୁ ଜିଲା କଂଗ୍ରେସ ମହାସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବ୍ଲକ କମିଟି ନିଜ ଅଞ୍ଚଳରେ ଅନୁରୂପ ଭାବେ ଜୟନ୍ତୀ ଉତ୍ସବ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରାଜ୍ୟ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ପାଢ଼ୀ, ମହିଳା ସଭାନେତ୍ରୀ ପ୍ରଭାତୀ ମିଶ୍ର, ଅଜିତ ସାମଲ, ବରିୟମ ସିଂ, କୀର୍ତ୍ତନ ଦାସ, ଦୀନବନ୍ଧୁ ଭୋଳ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ ଓ ବରିଷ୍ଠ ନେତା ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପି ୧୯୯୩ ବ୍ୟାଚ୍ ଅଫିସର ରିୟୁନିୟନ ପକ୍ଷରୁ ସେକ୍ଟର-୩ ଥାନା ନିକଟରେ ବୃକ୍ଷରୋପଣ କରୁଛନ୍ତି।

# ଆର୍‌ଏସ୍‌ପି ଅଫିସର ୟୁନିୟନ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର

**ରାଉରକେଲା ଅଫିସ,୨୩।୯**

୧୯୯୩ରେ ରାଉରକେଲା ଇସ୍ପାତ କାରଖାନାରେ ମ୍ୟାନେଜମେଣ୍ଟ ଟ୍ରେନି ଓ ଜୁନିୟର ମ୍ୟାନେଜର ଭାବେ ଯୋଗଦେଇଥିବା ଅଫିସରମାନେ ରବିବାର ସିଲଭର ଜୁବୁଲି ପାଳନ କରିଛନ୍ତି। ଏହି ସମାବେଶରେ ଦେଶ ବିଦେଶ ସମେତ ଆର୍‌ଏସ୍‌ପିରେ କାର୍ଯ୍ୟରତ ଅଧିକାରୀ ଯୋଗଦେଇଥିଲେ। ଦୀର୍ଘ ୨୫ବର୍ଷର ସ୍ମୃତିକୁ ତାଜା କରିବାକୁ ଯାଇ ସକାଳେ ଏମାନେ ସେକ୍ଟର-୩ ଥାନା ପଛ ପାଖ ଖୋଲା ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଏଥିସହ ରାଉରକେଲା କ୍ଲବ ପରିସରରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ପରେ ଟ୍ରେନିଜ୍ ହଷ୍ଟେଲ ମେସ୍‌ରେ ଆୟୋଜିତ ସମାବେଶରେ ସେଦିନର ଟ୍ରେନିଜ୍‌ମାନେ ନିଜ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ସନ୍ଧ୍ୟାରେ ଆୟୋଜିତ ଗଜଲ ନାଇଟ୍ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିବାର ସହ ଉପଭୋଗ କରିଥିଲେ। ସମାବେଶକୁ ସଫଳ କରାଇବାରେ ଆର୍‌ଏସ୍‌ପିରେ କାର୍ଯ୍ୟରତ ଡିଜିଏମ୍ ଅନୁପ ଦତ୍ତ, ଶେଖର ନାରାୟଣ, ତପନ କାନେକର, ଡି.କେ. ଭଞ୍ଜ, ଜିତେନ ମହାନ୍ତି, କଲ୍ୟାଣ ସମଜଦାର ଓ ବିଜୟ ଯାଦବଙ୍କ ଉଲ୍ଲେଖନୀୟ ଅବଦାନକୁ ସମସ୍ତେ ପ୍ରଶଂସା କରିଥିଲେ।

ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ପ୍ରତିଯୋଗିତା

# ସ୍ୱର୍ଣ୍ଣ ବିଜେତା ସ୍ୱସ୍ତି ସିଂଙ୍କୁ ଶୁଭେଚ୍ଛାର ସୁଅ

**ରାଉରକେଲା ଅଫିସ,୨୩।୯**

ଗତ ୨୧ ତାରିଖରୁ ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଥିବା ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ରାଉରକେଲା ଝିଅ ସ୍ୱସ୍ତି ସିଂ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସ୍ୱସ୍ତିଙ୍କ ଏହି ସଫଳତା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପାନପୋଷ କ୍ରୀଡ଼ା ସଂଗଠନ ପକ୍ଷରୁ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା, ବିକ୍ରମ ସ୍ୱାଇଁ, ରୂପନାରାୟଣ ସିଂ, ଶରତ ସ୍ୱାଇଁ, କନ୍ୟାକୁମାରୀ ସାମଲ, ସସ୍ମିତା ବାରିକ ଓ ଅନ୍ୟ କର୍ମକର୍ତ୍ତା ତାଙ୍କ ସଫଳତା ନେଇ ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କ ଭଳି ଜଣେ ସୁନାମ ଧନ୍ୟ ସାଇକ୍ଲିଷ୍ଟଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରିବା ଉଚିତ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେହିଭଳି ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ସମେତ ନୃସିଂହ ସାହୁ, ଶରତ ଦାସ, ସଞ୍ଜୁକ୍ତା ଦାସ, ରାମଚନ୍ଦ୍ର ନାୟକ, ଦେବାଶିଷ ଜେନା, ଦେବଯାନୀ ଜେନା, ଲିଙ୍ଗରାଜ ଷଡ଼ଙ୍ଗୀ ଓ ଶ୍ରୀକାନ୍ତ ବିଶୋଇ ପ୍ରମୁଖ ସ୍ୱସ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଏସିଆନ ସାଇକ୍ଲିଂ ଚମ୍ପିୟନଶିପରେ ଭାଗନେବାକୁ ତାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ସେ ନିଶ୍ଚିତ ସଫଳତାର ଶୀର୍ଷ ଛୁଇଁପାରିବେ ବୋଲି ସହରର ଅନେକ ଅନୁଷ୍ଠାନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ, ସ୍ୱସ୍ତି ସେକ୍ଟର-୨୧ ଗୁରୁନାନକ ବିଦ୍ୟାଳରେ ପାଠ ପଢୁଥିବାବେଳେ ଗତ ଜୁନରୁ ଉପରୋକ୍ତ ପ୍ରତିଯୋଗିତା ନେଇ ନୂଆଦିଲ୍ଲୀଠାରେ ତାଲିମ ନେଉଥିଲେ। ଆର୍‌ଡିଏ ଅଧକ୍ଷ ସାରଦା ନାୟକ କହିଛନ୍ତି, ସ୍ୱସ୍ତି ନିଜ ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ଯୋଗୁ ଏଭଳି ସଫଳତାର ଅଧିକାରୀ ହେବା ସହ ରାଉରକେଲା ପାଇଁ ଗୌରବ ଆଣି ଦେଇଛନ୍ତି। ଭବିଷ୍ୟତରେ ସେ ଆହୁରି ସଫଳତା ଆଣନ୍ତୁ ବୋଲି ନାୟକ ଆଶା ବ୍ୟକ୍ତ କରିଛନ୍ତି।



ଟ୍ରାକ୍ ଏସିଆ କପ୍ ସାଇକ୍ଲିଂରେ ସ୍ୱର୍ଣ୍ଣପଦକ ବିଜେତା ସ୍ୱସ୍ତି ସିଂ।



ପାନପୋଷ କ୍ରୀଡ଼ା ଛାତ୍ରାବାସ ପରିସରରେ ଆୟୋଜିତ ଆନ୍ତଃ ଏକାଡେମୀ ହକି ପ୍ରତିଯୋଗିତାରେ ଯୋଗଦେଇଥିବା ଖେଳାଳି।

# ଆନ୍ତଃ ଏକାଡେମୀ ହକି ଲିଗ୍: ନୂଆଦିଲ୍ଲୀ ବିଜୟୀ

**ରାଉରକେଲା ଅଫିସ,୨୩।୯**

ପାନପୋଷ କ୍ରୀଡ଼ା ଛାତ୍ରାବାସ ପରିସରରେ ଆୟୋଜିତ ଆନ୍ତଃ ଏକାଡେମୀ ହକି ଲିଗ୍‌ର ୩ୟ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ସେଲ୍ ହକି ଏକାଡେମୀ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି। ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀର ଜାତୀୟ ହକି ଏକାଡେମୀ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପରିଚାଳିତ ସୁନ୍ଦରଗଡ଼ ଛାତ୍ରାବାସ ମଧ୍ୟରେ ଖେଳାଯାଇଥିଲା। ଆରମ୍ଭରୁ ପ୍ରଭାବ ବିସ୍ତାର କରିଥିବା ନୂଆଦିଲ୍ଲୀ ଦଳ ୭-୩ ଗୋଲରେ ବିଜୟୀ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ, ଜିଲା ପ୍ରଶାସନ ସହଯୋଗରେ ପାନପୋଷ କ୍ରୀଡ଼ା ସଂଗଠନ ପକ୍ଷରୁ ଆୟୋଜତ ଏହି ଟୁର୍ନାମେଣ୍ଟର ତୃତୀୟ ଦିନରେ ଅତିଥି ଭାବେ ବିରଞ୍ଚି ମିଶ୍ର, ନିଖିଳ କଳାକାର ପ୍ରଧାନ, ପ୍ରଦୀପ ମହାନ୍ତି ଓ ବୃଣ ଲୁଗୁନ ପ୍ରମୁଖ ଯୋଗଦେଇଥିଲେ। ଉଭୟ ମ୍ୟାଚ୍‌କୁ ସୁମନ ଚୌଧୁରୀ, ରୁବେନ ବିଲୁଙ୍ଗ, ଆକାଶ ଏକ୍କା, ବିରାଜ ଟପ୍ପୋ ଓ ରମନଦୀପ ଲାକ୍ରା ପରିଚାଳନା କରିଥିଲେ। ଆୟୋଜକ କମିଟି ଅଧକ୍ଷ ମିଲଟନ ବିଲୁଙ୍ଗ ଓ ସମ୍ପାଦକ ସୁଶାନ୍ତ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବିଜୁ ପଟ୍ଟନାୟକ ଗ୍ରାମୀଣ ହକି ଉଦ୍‌ଯାପିତ

# କ୍ରୀଡ଼ାର ବିକାଶ ଦିଗରେ ରାଜ୍ୟ ସରକାର ଆଗ୍ରହୀ

**ରାଉରକେଲା ଅଫିସ,୨୩।୯**

ଗତ ଦୁଇଦିନ ଧରି ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଚାଲିଥିବା ଗ୍ରାମୀଣ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ହକି ତରକା ତଥା ପୂର୍ବତନ ଏମ୍‌ପି ଦିଲୀପ ତିର୍କୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, ଆର୍‌ଡିଏ ଅଧକ୍ଷ ସାରଦା ନାୟକ, ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ବେହେରା କହିଥିଲେ, ୩ ରାଜ୍ୟର ଗ୍ରାମାଞ୍ଚଳ ହକି ପ୍ରତିଭାଙ୍କୁ ନେଇ ଏଭଳି ହକି ମହାକୁମ୍ଭ ଆୟୋଜନ କରାଯିବା କମ୍ ବଡ଼ କଥା ନୁହେଁ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଦକ୍ଷ ପ୍ରତିଭା ଲୋକଲୋଚନକୁ ଆସିପାରିବେ। ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନେଇ ଇତିମଧ୍ୟରେ ବହୁବିଧ ପଦକ୍ଷେପ ନେଇଛନ୍ତି। ଏମାନଙ୍କୁ ସହଯୋଗ ଦିଗରେ ସରକାର ଆଗ୍ରହୀ। ସୁନ୍ଦରଗଡ଼ ଜିଲା ଖେଳାଳିଙ୍କ ପାଇଁ ଆଜି ଓଡ଼ିଶା ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରିଛି। ଏହି ଧାରା ଅବ୍ୟାହତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟ ଅତିଥିମାନେ ବକ୍ତବ୍ୟ ରଖି ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା କହିଥିଲେ। ଆଗାମୀ ଦିନରେ ଏନେଇ ଆହୁରି ଅଧିକ ପ୍ରୟାସ ଜାରି ରହିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଅଧିକାରୀଙ୍କ ସମେତ ଏନ୍‌ଆଇଟି, ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ କୁତ୍ରା ବ୍ଲକ କହପାଣି ଓ ଲେଫ୍ରିପଡ଼ା ବ୍ଲକ ନ୍ୟୁ ଷ୍ଟାର କ୍ଲବ ମଧ୍ୟରେ ଖେଳାଯାଇଥିଲା। କହପାଣି କ୍ଲବ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୫ଲକ୍ଷ ଓ ରନର୍ସ ଅପ୍ ଦଳକୁ ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିଭଳି ୩ୟ ସ୍ଥାନରେ ରହିଥିବା ରାଜଗାଙ୍ଗପୁର କୁକୁଡ଼ାମୁଣ୍ଡାର ପାତ୍ରାଟୋଲିକୁ ୨ଲକ୍ଷ ଓ ୪ର୍ଥ ସ୍ଥାନରେ ରହିଥିବା ନୂଆଗାଁ ବ୍ଲକ ଜୋକେର୍ତା ଟିମକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।




ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ବିଜୁ ପଟ୍ଟନାୟକ ଗ୍ରାମୀଣ ହକି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଗଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ମୂର୍ତ୍ତି ବିସର୍ଜନ ବେଳେ ଗଣ୍ଡଗୋଳ ଘଟଣା : ପୁଣି ୨ ଗିରଫ

କୁତ୍ରା,୨୩।୯(ଡି.ଏନ.ଏ.)-କୁତ୍ରା ଥାନା ଅଧୀନ ଖତକୁରବାହାଲଠାରେ ଗଣେଶ ବିସର୍ଜନ ସମୟରେ ଗଣ୍ଡଗୋଳ ଘଟଣାରେ କୁତ୍ରା ପୋଲିସ ଏମଡି ଜାଭେଦ, ଏମଡି ସନୁ ନାମକ ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପ୍ରକାଶ ଯେ, ଗତ ୧୭ ତାରିଖ କୁତ୍ରା ଥାନା ଅଧୀନ ଖତକୁରବାହାଲ ମାଲିପଡାର ଗଣେଶ ବିସର୍ଜନ ଶୋଭାଯାତ୍ରା ବେଳେ ସେହି ଗ୍ରାମର କିଛି ଲୋକ ଗଣେଶ ମୂର୍ତ୍ତି ଉପରକୁ ଟେକା ମାଡ କରିବା ସାଙ୍ଗକୁ ଶୋଭାଯାତ୍ରାକାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଫଳରେ ଗଣେଶ ମୂର୍ତ୍ତି ସାମାନ୍ୟ ଭାଙ୍ଗିଯାଇଥିବାବେଳେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ପରେ ଗ୍ରାମବାସୀମାନେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଖତକରୁବାହାଲ କୁସୁମପଡାଠାରେ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଏସପି ସୌମ୍ୟ ମିଶ୍ର, ଏସଡିପିଓ ବିଜୟ ନନ୍ଦ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ ପରିଡା ଉପସ୍ଥିତ ରହି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା । ଏହି ଘଟଣାରେ କୁତ୍ରା ପୋଲିସ ଆଗରୁ ୫ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ପୁଣି ୨ଜଣଙ୍କୁ ଗିରଫ କରିଛି ।

■ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଉପରେ ୩ଦିନିଆ ତାଲିମ ଶିବିର

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ସୁନ୍ଦରଗଡ,୨୩।୯(ଡି.ଏନ୍.ଏ.)

ସ୍ଥାନୀୟ ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ରଠାରେ ଜିଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସର୍ବଶିକ୍ଷା ଅଭିଯାନ ତରଫରୁ ଅଙ୍ଗନୱାଡି ସୁପରଭାଇଜର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଆୟୁଷ ଡାକ୍ତର ତଥା ବିଆରଟି(ବ୍ଲକ ସମ୍ବଳ ସଂଯୋଜକ)ମାନଙ୍କ ଏକ ୩ଦିନିଆ ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ କାର୍ଯ୍ୟକୁ ଆତ୍ମ ସନ୍ତୋଷର ସହ ସମ୍ପାଦନ କଲେ ଏହା ନିଶ୍ଚିତ ଭାବେ ସଫଳ ହୋଇଥାଏ ବୋଲି କହିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଜରିଆରେ ସରକାରଙ୍କ ଦ୍ୱାରା ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା ତରଫରୁ ଦିଆଯାଇଥିବା ବିଭିନ୍ନ ସୁବିଧା ଓ ସୁଯୋଗ ଉପରେ ତାଲିମଦାତାମାନଙ୍କୁ ଶିବିରରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜାତୀୟ ପୁନର୍ବାସ କେନ୍ଦ୍ର ସହନିର୍ଦ୍ଦେଶକ ରାମକିଶୋର ଶର୍ମା ଓ ସାମାଜିକ ସୁରକ୍ଷା ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଅଧିକାରୀ ସନ୍ୟାସୀ ବେହେରା ସାଧନ କର୍ମୀ ହିସାବରେ ଯୋଗଦେଇଥିଲେ । ସାଧନ କର୍ମୀ ବେହେରା ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ବସ୍ ଗୁଡିକରେ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ସରକାରଙ୍କ ପରିବହନ ବିଭାଗ ତରଫରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି । ଆଇନ୍ ଅନୁଯାୟୀ ୨ଟି ଲେଖାଏଁ ସିଟ୍ ପାଇଁ ସାଧାରଣ ଯାତ୍ରୀଙ୍କଠାରୁ ଦିବ୍ୟାଙ୍ଗଙ୍କ ପାଇଁ ଟିକେଟ ମୂଲ୍ୟରୁ ୧୯ପ୍ରତିଶତ ଲେଖାଏଁ ଆଦାୟ କରାଯାଇଥାଏ । ମାତ୍ର ଦୁର୍ଭାଗ୍ୟର ବିଷୟ ଅନେକ ଯାତ୍ରୀବାହୀ ବସ୍‌ରେ ଭିନ୍ନକ୍ଷମ ଯାତ୍ରୀଙ୍କ ବସିବା ପାଇଁ ସିଟ ଖଣ୍ଡେ ମିଳୁ ନଥିବା ବେଳେ ସେମାନଙ୍କୁ ଅନେକ ଦୁର୍ବ୍ୟବହାରର ଶିକାର ହେବାକୁ ମଧ୍ୟ ପଡୁଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ତାଲିମ ପରେ ବ୍ଲକସ୍ତରରେ ମଧ୍ୟ ଦିବ୍ୟାଙ୍ଗଙ୍କ ପାଇଁ ଅଧିକାର ଅଧିନିୟମ -୨୦୧୬ ତଥା ସାମାଜିକ ସୁରକ୍ଷା ଉପରେ ସମସ୍ତ ପଞ୍ଚାୟତିରାଜ ସଭ୍ୟା, ସଭ୍ୟ, ଶିକ୍ଷକ, ଅଭିଭାବକ, ଆଶାକର୍ମୀମାନଙ୍କୁ ଏକ ଦିବସୀୟ କର୍ମଶାଳାରେ ସଚେତନ କରାଯିବ । ଏହି କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ଓ ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ସଂଯୋଜନା କରିଥିଲେ ।




ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ସହ ସାଧନକର୍ମୀ ଏବଂ ପ୍ରଶିକ୍ଷାର୍ଥୀ।

# ୮ ମାସ ହେଲା ଥାନାଧିକାରୀ ପଦ ଖାଲି

କୁଆଁରମୁଣ୍ଡା,୨୩।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ପିଏଲଏଫଆଇ ପ୍ରବଣ ଅଞ୍ଚଳ ବୀରମିତ୍ରପୁର ଥାନା। ଏଠାରେ ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ହେବ ଥାନାଧିକାରୀ ପଦ ଖାଲି ପଡ଼ିଛି । ଫଳରେ ଅଞ୍ଚଳରେ ଏକାଧିକ ଆପରାଧିକ କାର୍ଯ୍ୟକଳାପ ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜୁଆ, ସଟ୍ଟା ଇତ୍ୟାଦି ଦିନ ଦ୍ୱିପ୍ରହରରେ ପୋଲିସର ନାକ ତଳେ ଚାଲୁଛି । ହେଲେ ଲୋକ ଦେଖାଣିଆଭାବେ ଦାୟିତ୍ୱରେ ଥିବା ତଳିଆ ପୋଲିସ କର୍ମଚାରୀମାନେ ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଛି । ବଡ଼ ବଡ଼ ଅପରାଧିଙ୍କୁ ଛାଡି ଦେଇ ଛୋଟମାନଙ୍କୁ ଧରି ପୋଲିସ ବାହାବା ନେବାକୁ ଚେଷ୍ଟା କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଶୁକ୍ରବାର କୁମଝରିଆ ପଞ୍ଚାୟତର ଲାସେଠାରେ ହେଉଥିବା ଜୁଆ ଓ ସଟ୍ଟା ଖେଳ। ଏହି ଜୁଆ ଖେଳରେ ଜଡିତ ବହୁ ଜଣାଶୁଣା ଜୁଆଡି ଘଟଣାସ୍ଥଳରୁ ଫେରାର ହୋଇଯିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ପୂର୍ବରୁ ଗତ ପ୍ରାୟ ମାସକ ତଳେ ବୀରମିତ୍ରପୁର ଥାନା ନିକଟସ୍ଥ ଚୁଙ୍ଗି ଗେଟ୍ ନିକଟରେ ଏକ ଗଞ୍ଜେଇ ଗାଡିକୁ ପୋଲିସ ଜବତ କରିବାର ୨ଦିନ ପରେ ଘଟଣାକୁ ପର୍ଦ୍ଦାଫାସ କରାଇବା ଓ ଜବତ ଗଞ୍ଜେଇ ଗାଡିକୁ ବୀରମିତ୍ରପୁର ଥାନାକୁ ନ ନେଇ କୁଆଁରମୁଣ୍ଡା ଫାଣ୍ଡିକୁ ଆଣିବା ପଛରେ କି ରହସ୍ୟ ରହିଛି ତାହା ସାଧାରଣରେ ଭିନ୍ନ ଆଲୋଚନା ହେଉଛି । ଏପରିସ୍ଥଳେ ବୀରମିତ୍ରପୁର ଥାନା ଅଧିକାରୀ ପଦ ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ହେବ ଖାଲି ପଡ଼ିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିର କାରଣ ପାଲଟୁଛି । ଅନ୍ୟପକ୍ଷେ ଏହାର ସୁଯୋଗ ନେଇ ଦିନକୁ ଦିନ ଏହି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ସାଧାରଣରେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ଏହି ଅଞ୍ଚଳରେ ଯଥାଶୀଘ୍ର ଜଣେ ଦକ୍ଷ ଆଇଆଇସିଙ୍କ ନିଯୁକ୍ତିର ବନ୍ଦୋବସ୍ତ କରାଇବା ପାଇଁ ବୀରମିତ୍ରପୁର ଅଞ୍ଚଳବାସୀ ଦାବି କରିଛନ୍ତି ।



ଉଷ୍ରା ଗ୍ରାମରୁ ଜବତ ବିଦେଶୀ ମଦ ସହ ଦୁଇ ଅଭିଯୁକ୍ତ ।

# ବିଦେଶୀ ମଦ ଜବତ, ୨ ଗିରଫ

କୁଆଁରମୁଣ୍ଡା,୨୩।୯(ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଉଷ୍ରା ଗ୍ରାମରେ ଶନିବାର ପୋଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି । ଏଥିରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉଷ୍ରା ଗ୍ରାମର ରାମ ଲାକ୍ରା(୪୩) ଓ ସୁଖୁ ଲାକ୍ରା (୪୫)। ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏହି ଚଢାଉ କୁଆଁରମୁଣ୍ଡା ପାଣ୍ଡି ଅଧିକାରୀ ମନୋଜ ନାଏକଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏକ ପୋଲିସ ଟିମ୍ ଏଥିରେ ସହାୟତା କରିଥିଲେ । ସୂଚନାଯୋଗ୍ୟ, ରାମ ଓ ସୁଖୁ ଦୁହେଁ ମିଶି ଏକ ଘରେ ବିପୁଳ ପରିମାଣର ବିଦେଶୀ ମଦ ରଖିଥିବା ଖବରପାଇ ପୋଲିସ ଏହି ଚଢାଉ କରିଥିଲା ।

**ଫଟୋରେ ଖବର**




ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ଲୋକାର୍ପିତ ପରେ ପ୍ରଥମ କରି ଏକ ଟ୍ରକ୍ ସାହାଯ୍ୟରେ କୋଇଲା ପରିବହନ କରାଯାଉଛି ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ ,୨୩।୯(ଡି.ଏନ୍.ଏ.)

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଡକ ସୁରକ୍ଷା ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସୂଚନା ଦେବା ସହ ଗାଡି ଚଳାଚଳ ସମୟରେ ରାସ୍ତାର ନିୟମ ପାଳନ କରିବାକୁ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ରାସ୍ତାର ନିୟମ ପାଳନ କରିବାକୁ ଶପଥ ପାଠ କରାଇଥିଲେ। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସଚେତନତା ମାଧ୍ୟମରେ ହିଁ ସଡକ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଲଳିତ ରଞ୍ଜନ ସାହୁ କେବଳ ଛାତ୍ରୀଛାତ୍ର ନୁହେଁ ପ୍ରତ୍ୟେକ ନାଗରିକ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ ।

# କୀଟନାଶକ ପିଇ ବୃଦ୍ଧ ମୃତ

ବାଲିଶଙ୍କରା,୨୩।୯(ଡି.ଏନ.ଏ.)

ବନଡେଗା ଫାଣ୍ଡି ଅନ୍ତର୍ଗତ ଲୁଲକିଡିହି ସରୋଟୋଲ ଗ୍ରାମରେ ଜଣେ ବୃଦ୍ଧ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ଜଣଙ୍କ ହେଲେ ସରେଟୋଲା ଗ୍ରାମର ଡୁଲେ ଖଡିଆ (୬୦)। ପ୍ରକାଶ ଯେ, ଡୁଲେ ଶନିବାର ରାତି ପାଖାପାଖି ୮ଟା ସମୟରେ ଚାଷ କାମରେ ଲଗାଇବା ପାଇଁ ରଖିଥିବା କୀଟନାଶକକୁ ପିଇ ଦେଇଥିଲେ । ଘଟଣା ଜଣାପଡିବା ପରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣା ବିଷୟରେ ପୋଲିସ ଜାଣିବା ପରେ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ।

# ବଡଗାଁରେ ଚୋର ସକ୍ରିୟ: ପୋଲିସ ନିଷ୍କ୍ରିୟ

ବଡଗାଁ,୨୩।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳରେ ୩ମାସ ହେଲା କିଛି ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଚୋରୀ ଘଟଣା ଘଟି ଚାଲିଛି । ଚୋରଙ୍କୁ ଧରିବାରେ ପୋଲିସର ବିଫଳତାକୁ ଦେଖି ଲୋକେ ଚୋର ସକ୍ରିୟ, ପୋଲିସ ନିଷ୍କ୍ରିୟ ଥିବା ବାଟ ଘାଟରେ ଚର୍ଚ୍ଚା କରୁଛନ୍ତି । ୧୫ ତାରିଖ ବଡଗାଁ ପଞ୍ଚାୟତ ଗୋଦାମର ତାଲା ଭାଙ୍ଗି ଶତାଧିକ ଲିଟର କିରୋସିନ ଚୋରୀ ହୋଇଥିଲାବେଳେ ୫ଦିନ ପରେ ୨୧ତାରିଖ ପଞ୍ଚାୟତ ଅଫିସ ପରିସରରୁ ଗଭୀର ନଳକୂଅରେ ଲାଗିଥିବା ମୋଟର ଚୋରୀ ଉଦ୍ୟମ କରିଥିଲେ ମଧ୍ୟ ନେଇ ପାରିନାହାନ୍ତି । ସୂଚନାଯୋଗ୍ୟ ଯେ, ଚଳିତ ମାସ ଜରଙ୍ଗଲୋଇ ଗ୍ରାମର ଅଶୋକ ନାଏକଙ୍କ ଘର ସମ୍ମୁଖ ମୁଖ୍ୟ ଗେଟ ତାଲା ଭାଙ୍ଗି ଚୋର ପଶିଲା ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଟ୍ରାକ୍ଟରରୁ ବ୍ୟାଟେରୀ ଚୋରୀ କରିଥିଲେ । ପରେ ଘର ଲୋକଙ୍କ ଶବ୍ଦ ଶୁଣି ଉଠି ଯିବାରୁ ଚୋରମାନେ ଆଣିଥିବା ବାଇକ ଛାଡି ପଳାଇଥିଲେ । ପୋଲିସ ତଦନ୍ତରେ ବାଇକଟି ମୁଣ୍ଡା ଗାଁର ସୁମିତ୍ରା ମଗରଙ୍କର ବୋଲି ଜଣାପଡିଥିଲା । ଘଟଣା ପରେ ତାଙ୍କ ପୁଅ ଫେରାର ହୋଇଯାଇଥିଲେ। ଏହି ଘଟଣାର ୨ଦିନ ପରେ ଇତମା ଗ୍ରାମର ଭୋଳାନାଥ ସାହୁ, ସାଲବିରା ଗ୍ରାମର ପ୍ରକାଶ ମାଝୀ, ଲୁପ୍ତମଣୀ ସାଙ୍କ ଟ୍ରାକ୍ଟରରୁ ଚୋର ଦଳ ବ୍ୟାଟେରୀ କାଢ଼ି ନେଇଯାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ବଡଗାଁ ଦେଇ ଯାଇଥିବା ରାଜ୍ୟ ରାଜପଥ-୧୦ ପାର୍ଶ୍ୱ ପେଟ୍ରୋଲ ପମ୍ପ ଓ ଆଲୁଅ ଥିବା ସ୍ଥାନରେ ଅଟକି ରହୁଥିବା ଟ୍ରାକଟରରୁ ଚୋର ଦଳ ୪୦୭ମିନି ଟ୍ରକରେ ଆସି ବିଳମ୍ବିତ ରାତିରେ ଡିଜେଲ କାଢ଼ି ନେବା ସହ ଚକ ଖୋଲି ନେବା ଘଟଣାରେ ପୋଲିସକୁ ଚୋରମାନେ ଚୋରୀ କରୁଥିବାର ସିସି କ୍ୟାମେରା ଫୁଟେଜ୍ ଦେଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡିଛି । ୩ମାସ ମଧ୍ୟରେ ୪ଟି ଲୁଟ ଘଟଣାରେ ମଧ୍ୟ ପୋଲିସକୁ ସଫଳତା ମିଳିନାହିଁ। ଜରଙ୍ଗଲୋଇ ବ୍ୟାଟେରୀ ଚୋରୀ ଘଟଣାରେ ଚୋରମାନେ ବାଇକ ଛାଡି ଚାଲିଯିବାରୁ ଚୋର ସମ୍ପର୍କରେ ଜାଣି ପାରିଥିଲେ ମଧ୍ୟ ଅନ୍ୟ ଘଟଣା ଗୁଡିକରେ ପୋଲିସ ବିଫଳ ହୋଇଛି। ଏଥିପ୍ରତି ଜିଲା ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

■ ବଡଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

# ବିଜ୍ଞାନ ଦ୍ୱାରା ସୁନ୍ଦର ପୃଥିବୀର ପରିକଳ୍ପନା ସମ୍ଭବ

ବଡଗାଁ, ୨୩।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ୨)ରେ ଶନିବାର ବିଜ୍ଞାନ ମେଳା ୨୦୧୮ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବଡଗାଁ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ଓ ବ୍ଲକ ଅଞ୍ଚଳର ନିମନ୍ତ୍ରିତ ସ୍କୁଲ ଗୁଡିକର ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଉରକେଲା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ବରିଷ୍ଠ ପ୍ରଧ୍ୟାପକ ଡ. ସରୋଜ ପଟେଲ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ ଚୌଧୁରୀ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ ବାସ୍ତବ ଜୀବନରେ ବିଜ୍ଞାନର ସଦ୍ ବ୍ୟବହାର କରିବା ନେଇ କହିଥିଲେ। ସେହିପରି ପ୍ରତ୍ୟେକ ପ୍ରାକୃତିକ ରହସ୍ୟ ପଛରେ ଲୁକ୍କାୟିତ ରହସ୍ୟ ଉନ୍ମୋଚନ କରି ଏକ ସୁନ୍ଦର ପୃଥିବୀର ପରିକଳ୍ପନା ଓ ସର୍ଜନା କେବଳ ବିଜ୍ଞାନ ଦ୍ୱାରା ହିଁ ସମ୍ଭବ ବୋଲି ମୁଖ୍ୟ ଅତିଥି ପ୍ରଫେସର ଡ. ପଟେଲ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଗଡତୁମଲିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଶରତ ପଟେଲ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ସାଧନ ଉପରେ ଗୁରୁତ୍ୱାରୋପ କରିଥିଲେ । ବଡଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଦଶରଥ ନାଏକ ମୁଖ୍ୟବକ୍ତା ରୂପେ ଯୋଗଦେଇ ମାନବ ସେବାରେ ବିଜ୍ଞାନ ଓ ଏ ଦିଗରେ ବୈଜ୍ଞାନିକ ଗବେଷଣାକୁ ଆଗେଇ ନେବା ସଙ୍ଗେ ସଙ୍ଗେ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ବିଜ୍ଞାନ ପରିବାରର ସଂଗଠକ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଚନ୍ଦନ ବେଉରା ବିଜ୍ଞାନ ଉପରେ ରୁଚି ଓ ଆଗ୍ରହ ରଖି ବିଜ୍ଞାନ ମନସ୍କ ହେବା ପାଇଁ ମତ ରଖିଥିଲେ । ବିଜ୍ଞାନ ମେଳାର ଅନ୍ୟତମ ଆକର୍ଷଣ ବଡଗାଁ ଆଇଟିଆଇ ସୌଜନ୍ୟରେ ପ୍ରଦର୍ଶିତ ରୋଡ ସେଫଟି କର୍ମଶାଳା । ଏହା ବିଚାରକ ମଣ୍ଡଳୀ ଦ୍ୱାରା ପ୍ରଶଂସିତ ହୋଇଥିଲା । ଶ୍ରେଷ୍ଠ ୩ଟି ପ୍ରକଳ୍ପକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ବିଜ୍ଞାନ ମେଳାରେ କଲେଜ ସ୍ତରରେ ପ୍ରିୟଙ୍କା ପରୁଆ, ସୋନାଲି କାଣ୍ଡୁଲାନା, ସ୍ୱାଗତ ଗୁରୁ, ଆଦିତ୍ୟ ପାତ୍ର, ରାହୁଲ ଯାଦବ ପ୍ରଥମ, ଚୁମ୍‌କି ପଣ୍ଡା, ମାମା ତ୍ରିପାଠୀ, ସରିତା ଗିରି ଦ୍ୱିତୀୟ ଓ କାମିନୀ ଭୈସାଲ, ମାଧୁରୀ ଟପ୍ପୋ, ବୀଣା କିସାନ ଏବଂ ବର୍ଷାରାଣୀ ନାଏକ, ସି. ବାବୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ସ୍କୁଲ ସ୍ତରରେ କୁତ୍ରା ହାଇସ୍କୁଲର ନିଖିଲ କୁଜୁର, ବର୍ଣ୍ଣି ସାହୁ, ଦେଓକରଣପୁର ହାଇସ୍କୁଲର ସୁବ୍ରତ ହେସ୍, ନାଗା ଖାଲକୋ ପ୍ରଥମ, ବଡ଼ଗାଁ ହାଇସ୍କୁଲର ରୁମ୍‌କି ପଣ୍ଡା, ବଡଗାଁ ଅରବିନ୍ଦ ସ୍କୁଲର ଶାଶ୍ୱତ ନାୟକ ଦ୍ୱିତୀୟ, ପୂର୍ଣ୍ଣଚନ୍ଦ୍ର କୁଜୁର, ଆଦର୍ଶ ଲାକ୍ରା, ସରଗୁ କିସାନ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । ଶେଷରେ ବିଜ୍ଞାନ ପରିବାର ସହ ସଂଗଠକ ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର୍ ମନୋଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



କୃତୀ ପ୍ରତିଯୋଗୀଙ୍କ ସହିତ ଅତିଥି ।



ମୁଖ୍ୟଅତିଥି ପ୍ରାଧ୍ୟାପକ ଡ. ସରୋଜ ପଟେଲ ବିଜ୍ଞାନମେଳା ଉଦ୍‌ଘାଟନ କରୁଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୪/୨୦୧୮



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### ଟୋପି ପିନ୍ଧାକୁ ନେଇ ଚର୍ଚ୍ଚା

**ସଜନାଗଡ଼, ୨୩।୯(ଡି.ଏନ.ଏ.):** ସିପିଏମ୍‌ର ସମର୍ଥକଙ୍କୁ ଭାଜପା କର୍ମୀ ଦଳୀୟ ଟୋପି ପିନ୍ଧାଇବା ଘଟଣା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ସିପିଏମ କାର୍ଯ୍ୟାଳୟଠାରେ ତେଲିପାଳ ଗ୍ରାମର ସିପିଏମ୍‌ର ସମର୍ଥକମାନେ ରାସ୍ତାମୋରମ ପକା କାମ ପାଇଁ ଆଲୋଚନା କରିବା ସକାଶେ ଜଣେ ଭାଜପା କର୍ମୀଙ୍କ ପାଖକୁ ଯାଇଥିଲେ। ଉକ୍ତ କର୍ମୀ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସିପିଏମ ସମର୍ଥକଙ୍କୁ ଦଳର ଟୋପି ପିନ୍ଧାଇଥିଲେ। ପରଦିନ ଭାଜପା ଦଳର ମିଶ୍ରଣ ସଭା ଆୟୋଜନ ହେଉଥିବା ପ୍ରଚାରିତ ହୋଇଥିଲା। ସିପିଏମ୍‌ର ନେତୃବୃନ୍ଦ ଏହାକୁ ବିରୋଧ କରି ରବିବାର ଗଣମାଧମ ନିକଟରେ ପ୍ରତିକ୍ରିୟା ରଖିଛନ୍ତି। ସିପିଏମ ପକ୍ଷରୁ କୁହାଯାଇଛି ଯେ, ବଣସୀମା ଅଞ୍ଚଳର ୧୧ନଂ. ଜୋନ୍ ଅଧୀନ ତେଲିପାଳ ପଞ୍ଚାୟତ ଅନ୍ତାଡ଼ାହି ଗ୍ରାମର ଜଣେ ୱାର୍ଡମେମ୍ବରଙ୍କ ସହ ୧୨ଜଣ ସମର୍ଥକ ଗାଁ ରାସ୍ତା ସମସ୍ୟା ନେଇ ଭାଜପା କର୍ମୀଙ୍କ ପାଖକୁ ଯାଇଥିବା ବେଳେ ସେମାନଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦିଆଯାଇ ଭାଜପା ଟୋପି ପିନ୍ଧାଇ ଦିଆଯିବା ଦୁର୍ଭାଗ୍ୟଜନକ। ଏନେଇ ରବିବାର ନୀଳଗିରି ସିପିଏମ୍ ଅଫିସ୍‌ରେ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଭ୍ୟ ନିର୍ମଳ ନାୟକ ଏବଂ ଜିଲା ସମ୍ପାଦକ ଶିଶିର ଭୋଇଙ୍କ ଉପସ୍ଥିତିରେ ବୈଠକ ବସି ଏହାକୁ ନିନ୍ଦା କରାଯାଇଛି।

### ଦୁର୍ଘଟଣାରେ ପ୍ରଧାନ ଶିକ୍ଷକଙ୍କ ଜୀବନ ଗଲା

**ସଜନାଗଡ଼, ୨୩।୯(ଡି.ଏନ.ଏ.):** ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ନୂଆସାହି ଗ୍ରାମର ପ୍ରଧାନଶିକ୍ଷକ ସୋମନାଥ ପାତ୍ର (୪୪) ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତର ଥିବା ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଶନିବାର ସନ୍ଧ୍ୟାରେ ସେ କାମ ସାରି ଘରକୁ ଫେରୁଥିବା ବେଳେ ରେମୁଣା ଗୋଲେଇ ବିର୍ଲା ଟାୟାର୍ସ ମଝି ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଭଦ୍ରକ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିବା ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ରବିବାର ଅପରାହ୍ଣରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**କୁଆଁରମୁଣ୍ଡା, ୨୩।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ପ୍ରଜ୍ଞାନ ମିଶନ ଶାଖା ପକ୍ଷରୁ ରବିବାର ସକାଳ ୧୦ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କୁଆଁରମୁଣ୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମଦ ଭାଗବତ ଗୀତାର ଦ୍ୱାଦଶ ଅଧ୍ୟାୟ (ଅଭିଯୋଗ) ଉପରେ ଆଧାରିତ ୨୦ଟି ଶ୍ଳୋକକୁ ପ୍ରତିଯୋଗୀମାନେ ଆବୃତ୍ତି କରିଥିଲେ । ୧ମ ଶ୍ରେଣୀରୁ ସ୍ନାତକ ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ଦେଖି କରି କିମ୍ବା ମୁଖସ୍ତ କରି ଉକ୍ତ ଶ୍ଳୋକଗୁଡିକୁ ଆବୃତ୍ତି କରିଥିଲେ । ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ହେଉଛି ଭଗବାନଙ୍କ ଶାଶ୍ୱତସଂଗୀତକୁ ଆବୃତ୍ତି, ଅଧ୍ୟୟନ, ମନନ ଓ ଚିନ୍ତ ପୂର୍ବକ ନିଜ ବିଚାରର ପରିବର୍ତ୍ତନ ଦ୍ୱାରା ଜୀବନକୁ ସଂଗୀତମୟ କରିବା । ଏହି ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନେ ଆଗାମୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସୁନ୍ଦରଗଡ ଶାଖା ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିରୂପମା ଦାଶ ଯୋଗଦେଇ ଗୀତା ଆବୃତ୍ତି ପ୍ରତିଯୋଗିତାର ମୁଖ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଏଥିରେ ସମ୍ମାନୀୟ ଅତିଥି ଭାବେ ବେଦବ୍ୟାସ ଗୁରୁକୂଳ ଆଶ୍ରମର ସ୍ୱାମୀ ଜଗଦାନନ୍ଦ ସରସ୍ୱତୀ, ରାଉରକେଲା ସ୍ମୃତି ଗାୟତ୍ରୀ ଶକ୍ତିପୀଠର ନିତ୍ୟାନନ୍ଦ ଶତପଥୀ, ସାମାଜିକ କର୍ମୀ ନୀଳକଣ୍ଠ ମହାନ୍ତି, ଶିକ୍ଷାବିତ୍ ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏବିସିଡିଇ ଗ୍ରୁପରେ ପ୍ରଥମ, ଦ୍ୱିତୀୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏ ଗ୍ରୁପରେ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ କୁଆଁରମୁଣ୍ଡାର ଅନିଶା ବାରିକ ୧ମ ସ୍ଥାନ, ୨ୟ ସ୍ଥାନରେ ଅନନ୍ୟା ସ୍ୱାଇଁ ଓ ୩ୟ ସ୍ଥାନରେ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ସାଇ ସାଜନ ବେହେରା ହୋଇଥିଲେ। ସେହିପରି ବି ଗ୍ରୁପରେ ବୀରମିତ୍ରପୁର ଚଲସେରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବ୍ରଜେଶ ସାହୁ, ଛାତ୍ରୀ କ୍ରିଷ୍ଣା ମାଝୀ ଓ କୁଆଁରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସଞ୍ଚିତା ପାଲ, ସି ଗ୍ରୁପରେ କୁଆଁରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ମୋନାଲିସା ବେହେରା ପ୍ରଥମ, କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ରଶ୍ମୀତା ପଟେଲ ୨ୟ ଓ କଟାରୁ ୟୁଜି ହାଇସ୍କୁଲର ଛାତ୍ରୀ ଇସା ମହିମା କୁଜୁର ୩ୟ ସ୍ଥାନ ହାସଲ କରିଛନ୍ତି । ସେହିପରି ଯୁକ୍ତ ଦୁଇସ୍ତରୀୟ ଡି ଗ୍ରୁପରେ ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜର ଛାତ୍ର ପୂର୍ଣ୍ଣ ନାଏକ ପ୍ରଥମ, ବେଦବ୍ୟାସ ଗୁରୁକୂଳ ମହାବିଦ୍ୟାଳୟର ଛାତ୍ର ନାରାୟଣ ସୋନି ୨ୟ ଓ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ପ୍ରୀତି ସାହୁ ୩ୟ ହୋଇଛନ୍ତି । ଗ୍ରାଜୁଏଟ ସ୍ତରରେ ଇ ଗ୍ରୁପରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲାର ଛାତ୍ର ଶିବା କୁମ୍ଭାର ପ୍ରଥମ ହୋଇଛନ୍ତି ।



ଗୀତା ଆବୃତ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

### ରାସ୍ତାକଡ଼ରୁ ଯୁବତୀ ଉଦ୍ଧାର

**ସମ୍ବଲପୁର, ୨୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଜୁଜୁମୁରା ଥାନା ଭବାନୀପାଲି ଗ୍ରାମ ରାସ୍ତାରୁ ଜଣେ ଯୁବତୀଙ୍କୁ ଅସହାୟ ଅବସ୍ଥାରେ ରବିବାର ଭୋର ସକାଳୁ ଉଦ୍ଧାର କରାଯାଇଛି। ଜୁଜୁମୁରା ବ୍ଲକ୍ ଉପାଧ୍ୟକ୍ଷ ନିରଞ୍ଜନ ପଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଯୁବତୀଙ୍କୁ ସୁରକ୍ଷିତ ଏକ ଘରକୁ ନେଇ ଆଶ୍ରିତ କରାଇବା ପରେ ଖାଦ୍ୟପାନୀୟ ଯୋଗାଇ ଦେଇଥିଲେ। ପରେ ଜୁଜୁମୁରା ଥାନାକୁ ଖବର କରିଥିଲେ। ପୋଲିସ ଯୁବତୀଙ୍କୁ ନେଇ ଲିପିଣ୍ଡା ଷ୍ଟେ' ହୋମରେ ଥଇଥାନ କରିଛି। ଯୁବତୀଙ୍କ ନିକଟରୁ ପରିଚୟପତ୍ର ମିଳିଛି। ସେଥିରେ ନାମ 'ଅଞ୍ଜନା ମିଞ୍ଜ୍, ଘର ସୁନ୍ଦରଗଡ଼ ଉଲ୍ଲେଖ ରହିଛି। ଏହି ସୂଚନା ଆଧାରରେ ପୋଲିସ ପରିବାର ଲୋକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି।



ନୂଆଁଖାଇ ଭେଟଘାଟ ଅବସରରେ ଯୋଗଦେଇଥିବା ସୁନାରି ସମାଜର ପରିବାର ବର୍ଗ।

# ସୁନାରି ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

**ସୁନ୍ଦରଗଡ, ୨୩।୯(ଡି.ଏନ୍.ଏ.)**

ସ୍ଥାନୀୟ ଭାଗବତ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରଗଡ ସୁନାରି ସମାଜର ଚଳିତ ବର୍ଷର ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସଦର ଉପଖଣ୍ଡର ୯୫ଟି ସୁନାରି ପରିବାରର ପ୍ରାୟ ୨୫୦ଜଣ ଯୋଗଦେଇଥିଲେ। ସର୍ବ ପ୍ରଥମେ ସମାଜର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ଫଟୋଚିତ୍ରକୁ ପଞ୍ଚବାଦ୍ୟର ତାଳରେ ଏକ ଶୋଭାଯାତ୍ରାରେ ସୂର୍ଯ୍ୟ ନାରାୟଣ ସରାଫଙ୍କ ଘରୁ ଭାଗବତ ମନ୍ଦିରକୁ ଆଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ସମବେତ ପ୍ରାର୍ଥନାଗାନ କରାଯାଇଥିଲା । ସୁନାରି ସମାଜର ଉପାଦେଷ୍ଟା ବିଦ୍ୟାଧର ସରାଫ୍, ବିରଞ୍ଚି ସରାଫ୍, ରାଜକିଶୋର ମହାରଣା, କାର୍ଯ୍ୟନିର୍ବାହୀ କମିଟିର ବାସୁଦେବ ସରାଫ୍, ଭୋପାଲ ଚନ୍ଦ୍ର ସାହୁ, ଅପୂର୍ଣ୍ଣଚନ୍ଦ୍ର ସରାଫ, ପଦ୍ମଲୋଚନ ସରାଫ, ନରହରି ସାହୁ, ଅଜୟ ସାହୁ, ମୁକ୍ତି ନାରାୟଣ ସରାଫ୍, ଶାନ୍ତି ସରାଫ ଓ ଆଲ୍ଲା ସରାଫ୍ ପ୍ରମୁଖ ଯୋଗଦେଇ ନୂଆଁଖାଇ ଭେଟଘାଟର ମହତ୍ତ୍ୱ ଓ ଐକ୍ୟବଦ୍ଧତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟତଃ ସଭାକାର୍ଯ୍ୟ ପରେ ଶିଶୁମାନଙ୍କ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାହୁଲ ସରାଫ୍, ସୁଶାନ୍ତ ସରାଫ୍, ଅପୂର୍ଣ୍ଣଚନ୍ଦ୍ର ସରାଫ୍, ସୁମିତ୍ ସରାଫ,ସୁନୀତା ସରାଫ୍, ଅଦ୍ୱୈତ ସରାଫ ଓ ଜଗଦୀଶ ସରାଫ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ୨ ଛାତ୍ରୀଙ୍କ ସଲିଳ ସମାଧି

## ଜଣେ ଉଦ୍ଧାର

**ସଜନାଗଡ଼, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଅନ୍ତର୍ଗତ ବାଲିଗୋହିରୀ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବାଲିଗୋହିରୀ ଗ୍ରାମର ବସନ୍ତ କୁମାର ବେହେରାଙ୍କ ଝିଅ ବନଶ୍ରୀ (୧୨), କାହାଳିଆ ଗ୍ରାମର ପରମେଶ୍ୱର ମହାରଣାଙ୍କ ଝିଅ ଜ୍ୟୋତିରେଖା (୧୫) ଓ ମନୋରଞ୍ଜନ ବାରିକଙ୍କ ଝିଅ ଈଶ୍ୱରୀ (୧୫) ତିନିଜଣ ସାଙ୍ଗ ହୋଇ ପ୍ରତିଦିନ ଟ୍ୟୁଶନ ଯାଇଥାନ୍ତି। ରବିବାର ଟ୍ୟୁଶନ ସାରି ସମସ୍ତେ ବନଶ୍ରୀଙ୍କ ଘରକୁ ଯାଇଥିଲେ। ବନଶ୍ରୀ ଘର ପଛପଟେ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଦୁଇ ସାଙ୍ଗ ପୋଖରୀ ତୁଠରେ ବସିଥିଲେ। ଗାଧୋଇବା ବେଳେ ବନଶ୍ରୀଙ୍କ ଗୋଡ଼ ହଠାତ୍ ଖସିଯାଇଥିଲା। ସେ ପାଣି ଭିତରେ ବୁଡ଼ି ଯାଉଥିବା ଦେଖି ଦୁଇସାଙ୍ଗ ତାଙ୍କୁ ଉଦ୍ଧାର କରିବା ପାଇଁ ପୋଖରୀ ଭିତରେ ପଶିଯାଇଥିଲେ। ଦୁର୍ଭାଗ୍ୟବଶତଃ ଜ୍ୟୋତିରେଖା ଓ ଈଶ୍ୱରୀ ମଧ୍ୟ ପୋଖରୀ ମଧ୍ୟରେ ବୁଡିଯାଇଥିଲେ। ଈଶ୍ୱରୀ ପହଁରା ଜାଣିଥିବାରୁ କଳେବଳେ କୌଶଳରେ ଉପରକୁ ଉଠି ଆସିଥିଲେ। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକେ ପହଞ୍ଚି ପୋଖରୀ ମଧ୍ୟରୁ ବୁଡ଼ିଯାଇଥିବା ୨ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବନଶ୍ରୀ ୭ମ ଶ୍ରେଣୀରେ ପଢୁଥିବା ବେଳେ ଜ୍ୟୋତିରେଖା ୧୦ମ ଶ୍ରେଣୀ, ଈଶ୍ୱରୀ ୧୦ମ ଶ୍ରେଣୀରେ ପଢୁଥିଲେ।

# ବନ୍ୟା ସମୟରେ ଚିକିତ୍ସା ନ ପାଇ ୪ ବର୍ଷ ଝିଅର ମୃତ୍ୟୁ ଅଭିଯୋଗ

**କାଲିମେଳା, ୨୩।୯(ଡି.ଏନ.ଏ.)**

ମାଲାକନଗିରି ଜିଲା କାଲିମେଳା ବ୍ଲକରେ ୨ ଦିନ ତଳେ ବନ୍ୟା ଯୋଗୁ ଲୋକମାନେ ଘରୁ କୁଆଡେ ବାହାରି ପାରି ନ ଥିଲେ । ପାଣିର ସ୍ରୋତ ଏତେ ଅଧିକ ରହିଥିଲା ଯେ ଭୟରେ ଲୋକମାନେ ଘରୁ ବାହାରି ନ ଥିଲେ। ତେବେ ଏହି ବନ୍ୟା ପ୍ରଭାବରେ ଆଉ ଗୋଟିଏ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଗିରକାନପାଲି ଗ୍ରାମର ରାମ ପ୍ରସାଦ ଇସ୍ଲାବତଙ୍କ ୪ ବର୍ଷର ଝିଅ ବିଷ୍ଣୁଦେବୀ ଇସ୍ଲାବତକୁ ୩ ଦିନ ତଳେ ଜ୍ୱର ହୋଇଥିଲା । ଶନିବାର ସନ୍ଧ୍ୟା ୭ଟାରେ ଝିଅର ଅବସ୍ଥା ଗୁରୁତର ହୋଇପଡିଥିଲା। ତେବେ ଚାରିଆଡେ ପାଣିଥିବାରୁ ଝିଅକୁ ମେଡିକାଲ ନେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥିଲା । ପରେ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଳମ୍ବରେ ଆଣିଥିବା ବେଳେ ସେଠାରେ ତା'ର ଅବସ୍ଥା ଅଧିକ ଖରାପ ହୋଇପଡିଥିଲା । କାଲିମେଳା ଡାକ୍ତର ତାଙ୍କୁ ମାଲକାନଗିରି ସ୍ଥାନାନ୍ତର କରି ଦେଇଥିଲେ। ଝିଅକୁ ନେଉଥିବା ବେଳେ ଏମଭି–୭ ଗ୍ରାମ ପାଖରେ ତା'ର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ତାକୁ ସେଠାରୁ ଫେରାଇ ଆଣି ନିଜ ଘରକୁ ନେଇଯାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ବନ୍ୟା ପ୍ରଭାବରେ ଘରର କାନ୍ଥ ପଡ଼ି ଶିଶୁଗୁଡା ଗ୍ରାମର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା।

# ଫିଲ୍ମ ନିର୍ମାତା କଳ୍ପନା ଲାଜ୍‌ମୀଙ୍କ ପରଲୋକ

**ମୁମ୍ବାଇ:** ଫିଲ୍ମ ନିର୍ମାତା ତଥା ସ୍କ୍ରିନ୍‌ରାଇଟର କଳ୍ପନା ଲାଜ୍‌ମୀଙ୍କର ରବିବାର ପରଲୋକ ଘଟିଛି। ସେ 'ରୁଦାଲି', 'ଏକ୍ ପଲ୍', 'ଦାମନ୍' ଏବଂ 'ଚିନ୍‌ଗାରି' ଭଳି ଅନେକ ମହିଳା ଅଭିମୁଖୀ ଫିଲ୍ମ ନିର୍ମାଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇପଡ଼ିଥିଲା। ଲାଜ୍‌ମୀ ସ୍ଥାନୀୟ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର କିଡ୍‌ନୀଜନିତ ସମସ୍ୟା ଯୋଗୁ ସେ ଗତ ମଙ୍ଗଳବାର ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଲାଜ୍‌ମୀଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରିଚିତ ବ୍ୟକ୍ତିତ୍ୱ ହଁସଲ ମେହେଟା, ନନ୍ଦିତା ଦାସ, ସୋନି ରାଜଦାନ୍ ଏବଂ ରବିନା ଟଣ୍ଡନ୍ ଶୋକବ୍ୟକ୍ତ କରିଛନ୍ତି। ବିରଳ ସମ୍ବେଦନଶୀଳ କାହାଣୀକୁ ନେଇ ସେ ଫିଲ୍ମ ନିର୍ମାଣ କରୁଥିଲେ। ଭାରତୀୟ ସିନେମାକୁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ସୋନୋୱାଲ୍ ପ୍ରକାଶ କରିଛନ୍ତି।

ଲାଜ୍‌ମୀଙ୍କ ଅନ୍ତିମ ସଂସ୍କାର ଓଶିୱାରା ସମାଧିସ୍ଥଳରେ ରବିବାର ସମ୍ପନ୍ନ ହୋଇଛି। ଏହି ସମୟରେ ମହେଶ ଭଟ୍ଟ, ସୋନି ରାଜଦାନ୍, ଶବାନା ଆଜ୍‌ମୀ ଏବଂ ଶ୍ୟାମ୍ ବେନେଗାଲ୍‌ଙ୍କ ସମେତ ଅନେକ ଫିଲ୍ମଷ୍ଟାର ଉପସ୍ଥିତ ଥିଲେ।



**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)

No. 1482 **NOTICE** Date: 17.09.2018

**No. 443-E:-** This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.

*Sd./- Dean & Principal,*
*Government Medical College & Hospital, Balangir*
10126/11/0011/1819

**Government of Odisha**
**"e" Procurement Notice** No.624-B
**WORKS DEPARTMENT**
**Bid Identification No. S.E.K.C., Keonjhar No. 16 / 2018-19**
e-mail : sekcpwd_keonjhar@yahoo.com
Letter No. 2908 Dt. 11.09.2018

1. Name of the work :- Construction of H.L. Bridge over river Sona at Joda in Keonjhar district under D.M.F for 2018-19
2. Estimated cost :- Rs. 398.71 Lakhs
3. Period of completion :- 11 (Eleven) Calendar Months
4. Date and Time of availability of Bid document in the portal :- From 11.00 Hours of 25.09.2018 to 16.00 Hours of 10.10.2018
5. Last date / Time for receipt of bids in the portal :- 16.00 Hours of 10.10.2018
6. Date of opening of Bid from Portal :- 12.00 Hours on 12.10.2018
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**.

**Sd./- P.C. Nayak**
**Superintending Engineer**
**Keonjhar (R&B) Circle, Keonjhar**
34004/11/0024/1819

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, ANGUL**
No. 1532 Date: 15 / 09 / 2018
**GOVERNMENT OF ODISHA**
**e- Procurement Notice**
**Bid ID. E.E, M.I. Division, Angul No.-05/2018-19**
E-mail ID: eemidivision_angul@yahoo.com
No.535-A

| | | |
|---|---|---|
| Name of the work | : | Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover) |
| No. of Works | : | 1 (One) No. |
| Estimated Cost | : | Rs.84.00 Lakhs |
| Cost of Tender Paper | : | From Rs. 10,000 /- (Non-Refundable) to be paid electronically through the payment gateway of designated Banks |
| Period of Completion | : | 06(six) calendar months |
| Availability of bid documents for sale and receipt through On-line | : | From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**) |
| Date of opening of bid documents | : | On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website | : | **http:/dowrorissa.gov.in** |
| Name & Address of the OIT | : | Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com** |

Further details can be seen from the e-Procurement market place **http://tendersorissa.gov.in**.

**(Er. J. C. Nayak)**
**Executive Engineer**
**M.I. Division, Angul**
32284/11/0007/1819

**Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack**
**ODISHA STATE ROAD TRANSPORT CORPORATION, BHUBANESWAR**
No. 13194/OSRTC/ Bhubaneswar Dated 22.09.18
**CORRIGENDUM**
**Operation of OSRTC buses on Charter Basis**

In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:

1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.

All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.

*Sd./- General Manager (Admn.)*
*OSRTC, Bhubaneswar*

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
Phone : - 06842 254004/ FAX : - 06842 255054
Email: sernbphulbani@gmail.com
No.606-B
**INVITATION FOR BIDS (IFB)**
**Bid Identification No. SE-(R&B)-PLB- 05/2018-19**
No. 1148 Dated 18.09.2018

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 2 nos of Building work |
| 4 | Tender cost | :- | Rs. 10,000/- (through online) only |
| 5 | Class of Contractor | :- | "B" Class and 'A' Class |
| 6 | Date & Time of sale & receipt of bids | :- | 27.09.2018 to 10.10.2018 |
| 7 | Date of Opening of bid | :- | 11.00 AM of 11.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Er. Tushar Ranjan Parida**
**Superintending Engineer,**
**Phulbani (R&B) Circle, Phulbani**
34129/11/0007/1819

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in
**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 7/2018-19**
No.607-B

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Cuttack(R&B)Circle**
34012/11/0016/1819

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୪/୨୦୧୮



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ■ ବିମାନ ଯାତ୍ରାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

# 'ଡର ଲାଗିଲା କିନ୍ତୁ ବହୁତ ମଜା ଆସିଲା'

ଝାରସୁଗୁଡ଼ା ଅଫିସ,୨୩।୯

ଉଡାନ୍ ଯୋଜନାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଶନିବାର ଆରମ୍ଭ ହୋଇଥିଲା ଉଡ଼ାଣ। ପ୍ରଥମ ବିମାନଯାତ୍ରୀ ହୋଇଥିଲେ ସ୍ଥାନୀୟ ବେହେରାମାଲ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର। ଝାରସୁଗୁଡ଼ାରୁ ରାୟପୁର ପର୍ଯ୍ୟନ୍ତ ବିମାନରେ ଯାଇ ରବିବାର ଫେରିବା ପରେ ଆମେ ସଂଗ୍ରହ କରିଥିଲୁ ସେହି ଛାତ୍ରୀଛାତ୍ରଙ୍କ ପ୍ରତିକ୍ରିୟା ଏବଂ ବିମାନ ଯାତ୍ରାର ଅନୁଭୂତି। ପ୍ରାୟ ସମସ୍ତଙ୍କଠାରୁ ଶୁଣିବାକୁ ମିଳିଥିଲା ଗୋଟିଏ ପ୍ରକାର ଉତ୍ତର। ବିମାନ ଯାତ୍ରା ବେଳେ ସେମାନଙ୍କୁ ଟିକେ ଡର ଲାଗିଥିଲା କିନ୍ତୁ ବହୁତ ମଜା ଆସିଥିଲା ବୋଲି ସେମାନେ କହିଛନ୍ତି। ବିମାନରେ ପ୍ରଥମଥର ପାଇଁ ଯାତ୍ରୀ ହୋଇଥିବା ଏହି ଛାତ୍ରୀଛାତ୍ରମାନେ ବିମାନଯାତ୍ରା ନେଇ ଉତ୍ସାହିତ ଥିଲେ। ବିମାନରେ ବସିବା ପରେ ସାମାନ୍ୟ ଡର ଲାଗିଥିଲା। କିନ୍ତୁ ସାଙ୍ଗରେ ଯାଇଥିବା ଗାଇଡ୍ ଏବଂ ଏୟାର ହଷ୍ଟେସ୍‌ଙ୍କ ଉପସ୍ଥିତି ତାଙ୍କ ମନରେ ସାହସ ଜୁଟାଇଥିଲା। ଆକାଶରେ ବିମାନ ଉଡ଼ିବା ବେଳେ ସାଉଁଟିଥିବା ଅଦ୍ଭୁତ ଆନନ୍ଦ ବିଷୟରେ ପିଲାମାନେ ପ୍ରକାଶ କରିଛନ୍ତି। ଶନିବାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଉଡ଼ିବାର ଥିଲା ପ୍ରଥମ ବିମାନ। ଏୟାର ଓଡ଼ିଶାର ଏହି ବିମାନ ଝାରସୁଗୁଡ଼ାରୁ ରାୟପୁର ଯିବାକୁ ସ୍ଥିର ହୋଇଥିଲା। ତେବେ ପ୍ରଥମ ଯାତ୍ରୀ କିଏ ହେବ ତାକୁ ନେଇ ପ୍ରଶ୍ନ ରହିଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ପ୍ରଥମ ଉଡାନ୍ ଯାତ୍ରୀ ଭାବେ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ତଥା ଦିବ୍ୟାଙ୍ଗମାନଙ୍କୁ ବିମାନ ଯାତ୍ରାର ମଜା ଦେବାକୁ ପାଢ଼ୀ ଇଚ୍ଛା ପ୍ରକାଶ କରିଥିଲେ। ଏଥିରେ ସହମତି ପ୍ରକାଶ କରି ଜିଲାପାଳ ପଟ୍ଟନାୟକ ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲଙ୍କୁ ସୂଚିତ କରିଥିଲେ। ପ୍ରଥମ ଯାତ୍ରୀ ଭାବେ ବେହେରାମାଲ ଆଶ୍ରମ ସ୍କୁଲର ସପ୍ତମ ଶ୍ରେଣୀର ସତ୍ୟ ପ୍ରକାଶ ବାରିକ, ଜହନ୍ ନାୟକ, ଗୋପାଳ ବଗର୍ତ୍ତୀ, କବିତା ଓରାମ, ଲିପ୍‌ସା ବାଗ, ବନିତା ହେମ୍ବ୍ରମ୍, ପଞ୍ଚମ ଶ୍ରେଣୀର ସ୍ୱପ୍ନା ରୋହିଦାସ ଏବଂ ଝାଡ଼େଶ୍ୱରୀ ଦିବ୍ୟାଙ୍ଗ ସ୍କୁଲର କଳ୍ପନା ଖଡ଼ିଆଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଏସ୍କଟ ଭାବେ ଶିକ୍ଷୟତ୍ରୀ ଜୟନ୍ତୀ ପୂଝାରୀ, ନମିତା ନାଥ, ଶିକ୍ଷକ ହେମନ୍ତ ଧୁରୁଆଙ୍କୁ ଚୟନ କରାଯାଇଥିଲା। ବିଧିବଦ୍ଧ ଅନୁମତି ଏବଂ ଅନୁମୋଦନ ସହ ମାଗଣା ଯାତ୍ରାର ବ୍ୟବସ୍ଥା କରାଯାଇଥିଲା।

ଶନିବାର ସମସ୍ତ ପ୍ରସ୍ତୁତି ସହ ଛାତ୍ରୀଛାତ୍ର ଭିଏସ୍‌ଏସ୍ ବିମାନବନ୍ଦରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦର ଲୋକାର୍ପଣ ସହ ଆରମ୍ଭ କରିଥିଲେ ଉଡାନ୍ ଯୋଜନା। ପ୍ରଧାନମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇ ଉଡ଼ାଣ ଆରମ୍ଭ କରିଥିଲା ଏୟାର ଓଡ଼ିଶା ବିମାନ। ପ୍ରଥମଥର ପାଇଁ ଉଡ଼ାଜାହାଜରେ ବସୁଥିବାରୁ ଟିକେ ଡର ଲାଗିଥିଲା। ହେଲେ ବିମାନ ଉଡ଼ିବା ସହ ମଜା ବଢ଼ିଥିଲା। ଆକାଶରେ ବାଦଲ, ତଳେ ଥିବା କ୍ଷୁଦ୍ର କ୍ଷୁଦ୍ର ଘର, ଜମିବାଡ଼ି, ରାସ୍ତାଘାଟର ଦୃଶ୍ୟ ମନ ଭିତରେ ଅଦ୍ଭୁତ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ରାୟପୁରରେ ପହଞ୍ଚିବା ପରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାରେ ଛାତ୍ରୀଛାତ୍ର ବିଭୋର ହୋଇଯାଇଥିଲେ। ସେଠାରେ ପୁଣି ନୂଆ ରାୟପୁର ସହର ବୁଲିବାର ମଜା ଉଠାଇ ରବିବାର ସେମାନେ ଫେରିଥିଲେ।






ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ବିମାନରେ ବସିଛନ୍ତି (ବାମ)। ରାୟପୁର ବିମାନବନ୍ଦରରେ ଓହ୍ଲାଇବାର ଦୃଶ୍ୟ।

## ସଂକ୍ଷେପରେ

### ଜିଲା ଫୁଟବଲ ସୁପର ଲିଗ୍: ୨ ମ୍ୟାଚ୍ ଅମୀମାଂସିତ

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ଜିଲା ଫୁଟବଲ ସୁପର ଲିଗ୍‌ର ଅଷ୍ଟମ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ତେବେ ଉଭୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍ ବନ୍ଧପାଲି ଆଥ୍‌ଲେଟିକ କ୍ଲବ ଓ ବରାମୁଣ୍ଡା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିବାରୁ ଉଭୟ ଦଳକୁ ସମାନ ପଏଣ୍ଟ ମିଳିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସାରଶମାଲ ଓ ଡୁଙ୍ଗିଆଡେରା ମଧ୍ୟରେ ଖେଳାଯାଇଥିଲା। ଏଥିରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଏହି ମ୍ୟାଚ୍‌ରେ ମଧ୍ୟ ପଏଣ୍ଟ ଭାଗବଣ୍ଟା ହୋଇଥିଲା। ଅତିଥି ଭାବେ ପ୍ରଶାନ୍ତ ମହାନ୍ତି ଯୋଗଦେଇଥିଲେ। କ୍ରୀଡ଼ାସଂଘର ପ୍ରଜ୍ୱଳ ପଟେଲ, ଜୀବନ ମହାନ୍ତି, ଶଙ୍କର ପଟେଲ, ସୁଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୁଜିତ କୁଜୁର, ସଞ୍ଜୟ ରାୟ, ସଞ୍ଜୟ ଦାସ, ଅଜିତ କୁଜୁର, ଜେ. ରାଓ, ମାନସ ଆଚାର୍ଯ୍ୟ, ପି. ରାଜେଶ୍ୱର ରାଓ, ଗୋଡ଼େନ ଡସନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ,୨୩।୯-** ଝାରସୁଗୁଡ଼ା ସରବାହାଲ କୁମ୍ଭାରପଡ଼ାରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅର୍ଜୁନ ମହାନନ୍ଦଙ୍କ ଝିଅ ପ୍ରୀତି ମହାନନ୍ଦ (୧୮)। ପ୍ରୀତି ଘର କବାଟ ବନ୍ଦ କରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ନେଇ ଟାଉନଥାନା ପୋଲିସକୁ ଜଣାଇବା ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ କଳହରୁ ପ୍ରୀତି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଜଳାଶୟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଲଖନପୁର,୨୩।୯(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ଭଟଲି ଗ୍ରାମ କେଉଟରମୁଣ୍ଡା ବନ୍ଧ (ଜଳାଶୟ)ରୁ ରବିବାର ମଧ୍ୟାହ୍ନରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ଭଟଲି ଗ୍ରାମର ଗୋବିନ୍ଦ ଚାନ୍ଦ (୮୦)ଙ୍କର ବୋଲି ଜଣାପଡ଼ିଛି। କୁମ୍ଭାରବନ୍ଧ ଫାଣ୍ଡିରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ସକାଳ ସାଢ଼େ ୧୧ଟାରେ ଗୋବିନ୍ଦ ଜଳାଶୟକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏନେଇ ଗୋବିନ୍ଦଙ୍କ ବଡ଼ପୁଅ ସଚ୍ଚିନ୍ଦ୍ର ରବିବାର ସକାଳେ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗୋବିନ୍ଦଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ଜଳାଶୟରୁ ମୃତଦେହ ଉଦ୍ଧାର କରିଛି। ଏନେଇ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସରକାରୀ ସହାୟତା ପାଇଁ ଆର୍‌ଆଇ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅବସରରେ ମା' ସମଲେଶ୍ୱରୀଙ୍କ ସ୍ମାରକୀ ପ୍ରଦାନ କରାଯାଉଛି।

# ଜିଲା ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ଝାରସୁଗୁଡ଼ା ଅଫିସ,୨୩।୯

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଏବଂ ଭେଟଘାଟ ବିଶ୍ୱରେ ପରିଚିତ ହୋଇସାରିଛି। କୃଷିଭିତ୍ତିକ ଏହି ପର୍ବରେ ଭାଇଚାରାର ଅନୁଭୂତି, ପରମ୍ପରାର ଝଲକ ଏବଂ ସଂସ୍କୃତିର ମହକ ଦେଖିବାକୁ ମିଳେ। ପଶ୍ଚିମ ଓଡ଼ିଶାରୁ ଏହି ପର୍ବ ସାରା ବିଶ୍ୱକୁ ବ୍ୟାପିଛି। ବିଶ୍ୱର କୋଣ ଅନୁକୋଣରେ ଯେଉଁଠି ପଶ୍ଚିମ ଓଡ଼ିଶାର ଲୋକେ ରହୁଛନ୍ତି ସେଇଠି ପାଳନ ହେଉଛି ନୂଆଁଖାଇ ଭେଟଘାଟ ବୋଲି ଅତିଥିମାନେ କହିଛନ୍ତି। ରବିବାର ସତ୍‌ସଙ୍ଗ ଭବନଠାରେ ଜିଲା ବିଜେଡି ପକ୍ଷରୁ ପାଳିତ ହୋଇଛି ନୂଆଁଖାଇ ଭେଟଘାଟ। ଏଥିରେ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ଜିଲା ପର୍ଯ୍ୟବେକ୍ଷକ ରବି ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂ, ତାପସ ରାୟ ଚୌଧୁରୀ, ଗଙ୍ଗାଧର ଗଡ଼ନାୟକ, ହରିଶ ଗଣତ୍ରା, ସନ୍ଦୀପ ଅୱସ୍ଥୀ, ମନୋରଞ୍ଜନ ମହାପାତ୍ର, ଈଶ୍ୱର ରାଓ, ତ୍ରିନାଥ ଗୁଆଲ, ପ୍ରଶାନ୍ତ ଜେନା, ସୁକାନ୍ତୀ ଜୟପୁରିଆ, ତୁଲାରାମ ସେନାପତି, ପ୍ରଭାତ ପଟେଲ, ସାଧନା ସାମନ୍ତରାୟ, ଚୂଡ଼ାମଣି ସାହୁ, ସଞ୍ଜୟ ପଣ୍ଡା, ମିତ୍ରଭାନୁ ସାହୁ, ଜୟକୁମାରୀ ପଟେଲ, ଅରବିନ୍ଦ ବାରିକ, ରାଜେଶ ମିଶ୍ର, ଇଫ୍‌ତିକାର ଇମାନ ପ୍ରମୁଖ ଯୋଗଦେଇଥିଲେ।

# ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

■ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି
■ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)

ଅନ୍ଧବିଶ୍ୱାସର ଅର୍ଗଳିରେ ଶଢ଼ୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୁଲୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଫଟୋରେ ଖବର




ଦୁବାଇରେ ରହୁଥିବା ଓଡ଼ିଆମାନେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଉଦ୍‌ଘାଟନର ଖୁସି ମନାଉଛନ୍ତି।

## ■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ଦୋଷ ସ୍ୱୀକାର କଲେ ଯୁବକ

■ ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ଫାଶୀ ଦେବା ଲାଗି ଦାବି

ଫୁଲବାଣୀ ଅଫିସ/କୋଟଗଡ, ୨୩।୯

କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକ ପୋଲିସ ପାଖରେ ରବିବାର ଦୋଷ ସ୍ୱୀକାର କରିଛନ୍ତି। ପ୍ରଥମେ ଚକୋଲେଟ ଦେଇ ଭୁଲାଇ ନେବା ପରେ ବଳାତ୍କାର କରିବା ଏବଂ ଧରା ପଡିଯିବା ଭୟରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅପରପକ୍ଷେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ଘଣ୍ଟା ଧରି କୋଟଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିସହ ବଳାତ୍କାର କରିଥିବା ଯୁବକଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଲୋକେ ଅଡି ବସିଛନ୍ତି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ନାବାଳିକାର ପରିବାର ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଗଗନ ପ୍ରଧାନ ପୋଲିସକୁ କହିଛନ୍ତି, ସେ ନାବାଳିକାଙ୍କୁ ୨ ଥର ବଳାତ୍କାର କରିଛନ୍ତି। ଏହା ପରେ କାଳେ ନାବାଳିକା ଘଟଣା ବିଷୟରେ ଘର ଲୋକଙ୍କୁ କହି ଦେବେ ସେହି ଭୟରେ ତଣ୍ଟିଚିପି ମାରି ଦେଇଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ଏବଂ ଗଗନଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକୋ ଯୋଗୁ କୋଟଗଡରୁ ବାଲିଗୁଡା, ମୁନିଗୁଡା, ଭବାନୀପାଟଣା ଓ ରାୟଗଡାକୁ ଗାଡି ଚଳାଚଳ ବନ୍ଦ ରହିଥିଲା। ଏହି ଘଟଣାକୁ ନେଇ କୋଟଗଡର ସମସ୍ତ ଦୋକାନବଜାର ବନ୍ଦ ରହିଛି। ଏ ନେଇ ବାଲିଗୁଡା ଏସ୍‌ଡିପିଓ ନୀତିନ୍ କୁଶଲକର ଦାଗୁଡୁ କହିଛନ୍ତି, ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ଦିଆଯାଇଛି। ସେମାନେ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ଅଧିକ କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବାକୁ ଆମେ ଯୋଗାଯୋଗ କରିବୁ। ଆଇନ ଅନୁସାରେ ଦୋଷୀ ଦଣ୍ଡ ପାଇବେ।

ସୂଚନାଯୋଗ୍ୟ, ଶନିବାର ସମ୍ପୃକ୍ତ ନାବାଳିକା ଘର ପାଖରୁ କିଛି ଦୂରରେ ଥିବା ନାଳକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗଗନ ତାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଗଗନଙ୍କୁ ଗିରଫ କରିଥିଲା। ଥାନାରେ ଏ ନେଇ ନଂ. ୪୩/୧୮ରେ ମାମଲା ରୁଜୁ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ।**
**ବେପାରୀ ମନ ପାଣ୍ଠିରେ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ